

ତମନ୍ନାଙ୍କ ପ୍ରଶଂସାରେ ଶତମୁଖ ବିଜୟ

ପୃଷ୍ଠା ୧୪ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ◆ISSUE-163 ◆BHUBANESWAR ◆FRIDAY ◆8 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୬୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୮ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦



DSPL-446

ଆମ ଓଡ଼ିଶା ନବୀନ ଓଡ଼ିଶା

EMPOWERING FUTURE OF YOUTH WITH

NUA Odisha

Nutana Unnata Abhilasha



- MoU with NIOS for **12th Class Certificate for ITI Students**
- Launch of **New Age Skilling Courses**
- MoU with NASSCOM for **Digital Skilling**
- Launch of **Decentralised Skilling Programs in Districts**

**8th December 2023**

**e-SKILLING OPPORTUNITIES FOR 1,00,000 YOUTHS EVERY YEAR**
Online Courses through industry leaders like Microsoft, IBM, Coursera, NASSCOM, etc.

**20,000+ STUDENTS IN ITI TO GET 12TH CLASS CERTIFICATE ANUALLY**
- Along with ITI Certificate students get 12th class pass certificate
- Open avenues for higher education

**DECENTRALISED SKILLING IN 30 DISTRICTS FOR LOCAL YOUTH THROUGHOUT THE YEAR**
Skilling at the doorstep through District Skill Center

**5000+ ITI STUDENTS TO BE UPSKILLED IN NEW AGE TRADES**
Short term courses in addition to regular courses to enhance employability

**WSC SHAKTI**
Creating women leader through Executive MBA Programme & CoE for Girl Students

REGISTER AT

nua.skillodisha.gov.in

IBM | CISCO | Microsoft | AUTODESK
coursera | TATA STRIVE | TATA STEEL #WeAlsoMakeTomorrow
IT - ITeS SSC nasscom | BIRDGROUP Imagine. Innovate. Inspire!
NIIT FOUNDATION | SCMS

#NUAOdisha
#OdishaOnTheMove

OUTR | BPUT | VSSUT | SCTEVT | WSC

OIPR - 44011/13/0027/2324



SKILL DEVELOPMENT AND TECHNICAL EDUCATION DEPARTMENT, GOVT. OF ODISHA

## ■ ୪ କେନ୍ଦ୍ରମନ୍ତ୍ରୀଙ୍କୁ ଅତିରିକ୍ତ ଦାୟିତ୍ୱ

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି):** କେନ୍ଦ୍ରର ୪ ମନ୍ତ୍ରୀଙ୍କୁ ଗୁରୁବାର ବିଭିନ୍ନ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବିଧାୟକ ଭାବେ ନିର୍ବାଚିତ ହେବା ପରେ ଗତକାଲି ନରେନ୍ଦ୍ର ସିଂ ତୋମାର,ରେଣୁକା ସିଂ ସାରୁତା ଏବଂ ପ୍ରହ୍ଲାଦ ସିଂ ପଟେଲ ସେମାନଙ୍କ ପଦବୀରୁ ଇସ୍ତଫା ଦେଇଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେମାନଙ୍କ ଇସ୍ତଫା ଗ୍ରହଣ କରି ସାରିଥିଲା ବେଳେ ଗୁରୁବାର ଅନ୍ୟ ମନ୍ତ୍ରୀଙ୍କୁ ସେମାନଙ୍କ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡାଙ୍କୁ କୃଷି ଓ କୃଷକ କଲ୍ୟାଣ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା ବେଳେ ଶୋଭା କରନଲାଜେଙ୍କୁ ଖାଦ୍ୟ ପ୍ରକ୍ରିୟାକରଣ , ରାଜୀବ ଚନ୍ଦ୍ରଶେଖରଙ୍କୁ ଜଳଶକ୍ତି ଏବଂ ଡ. ଭାରତୀ ପ୍ରବୀଣ ପାୱାରଙ୍କୁ ଆଦିବାସୀ ବ୍ୟାପାର ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ■ ସମୀର ଶାହା ବିବିସିର ନୂଆ ଅଧ୍ୟକ୍ଷ

**ଲଣ୍ଡନ, ୭।୧୨ (ଏଜେନ୍ସି):** ଭାରତୀୟ ବଂଶୋଦ୍ଭବ ଡ. ସମୀର ଶାହା (୭୧) ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେସନ (ବିବିସି) ର ନୂଆ ଅଧ୍ୟକ୍ଷ ମନୋନୀତ



ହୋଇଛନ୍ତି। ବ୍ରିଟେନର ଋଷି ସୁନକ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ୧୯୫୨ରେ ମହାରାଷ୍ଟ୍ରର ଔରଙ୍ଗାବାଦରେ ଜନ୍ମିତ ସମୀର ଏବେ 'ଜୁନିପର କମ୍ୟୁନିକେସନ୍ସ'ର ସିଇଓ ଅଛନ୍ତି। ସେ ବିବିସିର ଅଧ୍ୟକ୍ଷ ଭାବେ ସପ୍ତାହକୁ ତିନି ଦିନ ପାଇଁ କାମ କରିବେ। ଏଥିପାଇଁ ତାଙ୍କୁ ବର୍ଷକୁ ୧.୬୭ କୋଟି ଟଙ୍କା ଦରମା ମିଳିବ। ଏହା ପୂର୍ବରୁ ଶାହା ବିବିସି ବୋର୍ଡର ନିର୍ଦ୍ଦେଶକ ଥିଲେ। ସେ ବିବିସିର ରାଜନୈତିକ ଏବଂ ସାମ୍ପ୍ରତିକ ଖବର ମାମଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଟେଲିଭିଜନ କ୍ଷେତ୍ରରେ ସେବା ପାଇଁ ୨୦୧୯ ରେ ତାଙ୍କୁ ମହାରାଣୀ ଏଲିଜାବେଥ୍ କମାଣ୍ଡର ଅଫ୍ ମୋଷ୍ଟ ଏକ୍ସିଲେଣ୍ଟ ଅର୍ଡର ଅଫ୍ ଦ ବ୍ରିଟିଶ ଏମ୍ପାୟାର (ସିବିଇ) ସମ୍ମାନ ପ୍ରଦାନ କରିଥିଲେ।

## ■ ବାରାଣସୀରେ ଆନ୍ଧ୍ର ପରିବାରର ୪ ସଦସ୍ୟଙ୍କ ଆତ୍ମହତ୍ୟା

**ବାରାଣସୀ, ୭।୧୨ (ଏଜେନ୍ସି):** ବାବା କାଶୀ ବିଶ୍ୱନାଥଙ୍କ ଦର୍ଶନ ପାଇଁ ଆନ୍ଧ୍ର ପ୍ରଦେଶରୁ ବାରାଣସୀ ଆସିଥିବା ଏକ ପରିବାରର ୪ ଜଣ ସଦସ୍ୟ ଗୁରୁବାର ସନ୍ଧ୍ୟାରେ ଆତ୍ମହତ୍ୟା କରିଛନ୍ତି। ସମସ୍ତେ ୩ ତାରିଖରୁ ଦଶାଶ୍ୱମେଧର କୈଳାସ ଭବନ ଦେବନାଥପୁରରେ ଥିବା ଧର୍ମଶାଳାର ତୃତୀୟ ମହଲାରେ ରହୁଥିଲେ। ଏମାନେ ୬ ତାରିଖରେ ପ୍ରକୋଷ୍ଠ ଖାଲି କରିବାର ଥିଲା। କିନ୍ତୁ କେହି ନ ଆସିବାରୁ ଧର୍ମଶାଳାର ଜଣେ ମହିଳା କବାଟ ବାଡ଼େଇ ଥିଲେ। କେହି ନ ଶୁଣିବାରୁ ଝରକା ବାଟେ ଦେଖିଥିଲେ। ଲାବଣିୟା (୪୫), କୋଣ୍ଡା ବର୍ପିୟ (୫୦), ଜୟରାଜ (୨୩) ଏବଂ ରାଜେଶ (୨୫) ଫାଶୀ ଦେଇଥିବା ଦେଖିବାକୁ ପାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଫରେନସିକ ଟିମ୍ ମାମଲାର ଯାଞ୍ଚ କରୁଛି। ପୁଲିସ ଆତ୍ମହତ୍ୟାର କାରଣ ଜାଣିବା ପାଇଁ ପ୍ରୟାସ କରୁଛି।

## ■ ଟନେଲ୍‌ରେ ପାଣି ପୁରାଇ ହମାସ୍‌ଙ୍କୁ ମାରିବ ଆଇଡିଏଫ୍

**ତେଲ୍ ଆଭିଭ୍,୭।୧୨(ଏଜେନ୍ସି):** ଗାଜାପଟିରେ ଇସ୍ରାଏଲ ସେନାର ଯୁଦ୍ଧ ଅଭିଯାନ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଗାଜାର ବହୁ ସହର ଧ୍ୱସ୍ତବିଧ୍ୱସ୍ତ ହୋଇସାରିଥିବା ପରେ ଏବେ ଏହାର ମୁଖ୍ୟ ସହର ଖାନ୍ ୟୁନୁସ୍ ସମେତ ଦକ୍ଷିଣ ଗାଜା ଉପରେ ଇସ୍ରାଏଲର ଆଇଡିଏଫ ସେନା ନିଶାଣ କରିଛି। ଗୁରୁବାର ମଧ୍ୟାହ୍ନରେ ଆଇଡିଏଫ ହମାସ୍‌ର ଟପ୍ ନେତା କୁହାଯାଉଥିବା ୟାହିଆ ସିନୱାର ଘରକୁ ଘେରି ନେଇଥିବା କୁହାଯାଇଛି। ଆଇଡିଏଫ୍ ସେନାର ଘନ ଘନ ଆକ୍ରମଣରେ ଗତ ୨୪ ଘଣ୍ଟା ମଧ୍ୟରେ ୩୫୦ ପାଲେଷ୍ଟନୀୟଙ୍କ ମୃତ୍ୟୁ ହୋଇଥିବା ପାଲେଷ୍ଟାଇନ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଇତିମଧ୍ୟରେ ଇସ୍ରାଏଲ ଆକ୍ରମଣରେ ଗାଜାରେ ୧୭,୫୦୦ ଲୋକଙ୍କ ମୃତ୍ୟୁ ହେବା ସହିତ ୫୦ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି। କିନ୍ତୁ ଆହତ ଲୋକଙ୍କ ପାଇଁ ଚିକିତ୍ସା ବ୍ୟବସ୍ଥା ଠପ୍ ହୋଇଯାଇଛି। ଏଭଳି ସ୍ଥିତିରେ ଉତ୍ତରଗାଜା ଛାଡି ଲୋକମାନେ ଦକ୍ଷିଣ ଗାଜା ପଳାଉଥିଲା ବେଳେ ସେଠାରେ ମଧ୍ୟ ଆକ୍ରମଣ କରିବାକୁ ଆଇଡିଏଫ ଉଦ୍ୟମ ଆରମ୍ଭ କରିଛି। ଏହାଛଡ଼ା ହମାସ୍ ଆତଙ୍କୀ ଯେଉଁସବୁ ଟନେଲରେ ଲୁଚି ରହିଛନ୍ତି ସେଗୁଡିକରେ ଇସ୍ରାଏଲ ସେନା ସମୁଦ୍ର ପାଣି ଭର୍ତ୍ତି କରି ସେମାନଙ୍କୁ ନିପାତ କରିବାକୁ ମଧ୍ୟ ପ୍ରସ୍ତୁତି ନେଇଛି। ତେବେ ଗାଜା ସ୍ଥିତିକୁ ନେଇ ଜାତିସଂଘ ଅଧ୍ୟକ୍ଷ ଘୋର ଉଦବେଗ ପ୍ରକାଶ କରିବା ସହିତ ଇସ୍ରାଏଲ ବିରୋଧରେ ବଡ଼ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

**ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଚୟନ ଆହ୍ୱାନପୂର୍ଣ୍ଣ**

# ଯୋଗ୍ୟତା ଭିତ୍ତିରେ ଅଶ୍ୱିନୀ ବୈଷ୍ଣବ ଅପ୍ରତିଦ୍ୱନ୍ଦ୍ୱୀ

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି)**









ପାଞ୍ଚ ରାଜ୍ୟର ବିଧାନସଭା ନିର୍ବାଚନ ମଧ୍ୟରୁ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ରାଜସ୍ଥାନ ଭଳି ତିନି ପ୍ରମୁଖ ରାଜ୍ୟରେ ବିଜେପିର ବିଜୟ ଦଳୀୟ ନେତାଙ୍କୁ ଉଲ୍ଲସିତ କରିଥିଲା। ଏହି ବିଜୟକୁ ନେଇ ସାଧାରଣ କର୍ମୀଙ୍କ ଠାରୁ କେନ୍ଦ୍ରୀୟ ନେତା ସମସ୍ତେ ଖୁସିରେ ବିଭୋର ହୋଇପଡ଼ିଥିଲେ। ହେଲେ ବିଜୟ ପରେ ଏହି ତିନି ରାଜ୍ୟର ନେତୃତ୍ୱ କିଏ ନେବ ତାହାକୁ ନେଇ ଏବେ ସୁଦ୍ଧା ସ୍ଥିତି ସ୍ପଷ୍ଟ ହୋଇ ନାହିଁ। ଗତ ୩ ତାରିଖରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲେ ହେଁ ବିଜେପି ହାଇକମାଣ୍ଡ ଏହି ତିନି ରାଜ୍ୟ ପାଇଁ କେଉଁ ନେତାଙ୍କ ମୁଣ୍ଡରେ କଳସ ଢାଳିବେ ତାହା ସ୍ଥିର ହୋଇପାରୁ ନାହିଁ। ବିଶେଷକରି ରାଜସ୍ଥାନ ସ୍ଥିତିକୁ ନେଇ ଅଧିକ ଟନାଘନା ଲାଗି ରହିଛି। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ବସୁନ୍ଧରା ରାଜେଙ୍କ ଠାରୁ ଆରମ୍ଭ କରି କିରୋଡ଼ି ଲାଲ ମିନା,ବାବା ବାଲକନାଥ ଏବଂ ଦିୟା କୁମାରୀଙ୍କ ଭଳି କିଛି ନେତାଙ୍କ ନାମ ଚର୍ଚ୍ଚାରେ ରହିଛି। କିନ୍ତୁ ଏଠାକାର ଜାତି ଏବଂ ସଂପ୍ରଦାୟଗତ ସମସ୍ୟା ସହିତ ବରିଷ୍ଠ ଏବଂ ଅଭିଜ୍ଞ ନେତାଙ୍କୁ ନେଇ ରାଜନୀତିକ କ୍ଷେତ୍ରରେ ଯେଉଁ ପ୍ରତିବନ୍ଧକ ରହିଛି ସେ ଦୃଷ୍ଟିରୁ କାହାରିକୁ ମୁଖ୍ୟମନ୍ତ୍ରୀ କରାଯିବା ସେନେଇ କେନ୍ଦ୍ରୀୟ ନେତାଙ୍କ ମଧ୍ୟରେ ଘନ ଘନ ବିଚାର ବିମର୍ଷ ଚାଲିଛି। ରାଜସ୍ଥାନରେ ଯଦି ଜାତିଗତ ଭିତ୍ତିରେ କୌଣସି ନେତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ତେବେ ସେଥିପାଇଁ ମଧ୍ୟ ସମସ୍ୟା ରହିଛି। ଦଳିତ ସମାଜରୁ କେହି ପ୍ରାର୍ଥୀ ହେଲେ ତାହାକୁ ଜାଠ ଏବଂ ରାଜପୁତଙ୍କ ପକ୍ଷରୁ ବିରୋଧ କରାଯିବାର ସମ୍ଭାବନା ରହିଛି। ସେହିପରି ଜାଠ କିମ୍ବା ରାଜପୁତ ସଂପ୍ରଦାୟର କେହି ପ୍ରାର୍ଥୀ ହେଲେ ଏହାକୁ ଦଳିତ ସମାଜ ମଧ୍ୟ ବିରୋଧ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବନି। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ବସୁନ୍ଧରା ରାଜେଙ୍କ ଗୋଷ୍ଠୀ ଜୋରଦାର ଲବି ଆରମ୍ଭ କରିଦେଇଥିଲା ବେଳେ ତାଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। କିନ୍ତୁ ନିର୍ବାଚନ ପୂର୍ବରୁ ବସୁନ୍ଧରାଙ୍କ ଗୋଷ୍ଠୀରେ ସାମିଲ ରହିଥିବା ଅନେକ ନେତା ବିଦ୍ରୋହ କରି ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିବାରୁ ଏହି ବିଷୟକୁ ଦଳୀୟ ହାଇକମାଣ୍ଡ ସହଜରେ ଗ୍ରହଣ କରିପାରିନାହାନ୍ତି। ତେଣୁ ବସୁନ୍ଧରାଙ୍କ ପ୍ରାର୍ଥୀତ୍ୱକୁ ବାଦ୍ ଦେଇ ବିକଳ୍ପ ଖୋଜା ଚାଲିଛି। କିନ୍ତୁ ଅନ୍ୟ କାହାରିକୁ ମୁଖ୍ୟମନ୍ତ୍ରୀ କରାଗଲେ ବସୁନ୍ଧରା ରାଜେଙ୍କ ସମର୍ଥକମାନଙ୍କ ମଧ୍ୟରେ ଯେଉଁ ସମସ୍ୟା ଦେଖାଯିବ ତାହାକୁ ମଧ୍ୟ ମୁକାବିଲା କରିବାକୁ ସେହି ପ୍ରାର୍ଥୀ ସମର୍ଥ ହେବା ଦରକାର ବୋଲି ମଧ୍ୟ ବିଚାର କରାଯାଉଛି। ଏହିସବୁ ବିଷୟକୁ ବିଚାରକୁ ନେଇ ବିଜେପି ହାଇକମାଣ୍ଡ ଜଣେ ଜଣେ ନିର୍ମଳ , ନିରପେକ୍ଷ ଏବଂ ନିର୍ବିବାଦୀୟ ବ୍ୟକ୍ତିତ୍ୱଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଅଭିଷିକ୍ତ କରିବାକୁ ଚିନ୍ତା କରୁଥିବା ବେଳେ ଏହିକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୀର୍ଷରେ ରହିଛନ୍ତି ବୋଲି ଜୋରଦାର ଆଲୋଚନା ଚାଲିଛି। ଏଥିନେଇ ପ୍ରଧାନମନ୍ତ୍ରୀ ମୋଦୀ ମଧ୍ୟ ପରୋକ୍ଷରେ ଇସାରା ଦେଇ ସାରିଥିବା କୁହାଯାଉଛି। ଅଶ୍ୱିନୀ ରାଜସ୍ଥାନର ବୈଷ୍ଣବ ବ୍ରାହ୍ମଣ ସମାଜରୁ ଆସିଥିଲେ ହେଁ ପଛୁଆବର୍ଗରେ ସାମିଲ ରହିଛନ୍ତି। ତାଙ୍କର ଶିକ୍ଷାଗତ ଯୋଗ୍ୟତା, କର୍ମ ଦକ୍ଷତା, ନିର୍ମଳ ଭାବମୂର୍ତ୍ତିକୁ ନେଇ ସେ ଜଣେ ସର୍ବଗୁଣ ସମ୍ପନ୍ନା ନେତା ବୋଲି ଦଳୀୟ ହାଇକମାଣ୍ଡ ବିଚାର କରୁଛନ୍ତି। ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ତାଙ୍କର ଘନିଷ୍ଠତା ମଧ୍ୟ ଅନ୍ୟ ଯେକୌଣସି ନେତାଙ୍କ ତୁଳନାରେ ଅଧିକ। ତାଙ୍କୁ ମୁଖ୍ୟମନ୍ତ୍ରୀ କରାଗଲେ ଅନ୍ୟ କୌଣସି ସଂପ୍ରଦାୟ ବିମୁଖ ହେବେ ନାହିଁ ଏବଂ ଅଶ୍ୱିନୀଙ୍କ ନିପୁଣତା ଓ ଦକ୍ଷତା ବସୁନ୍ଧରାଙ୍କ ଗୋଷ୍ଠୀକୁ ନିୟନ୍ତ୍ରଣ କରିବାକୁ ମଧ୍ୟ ସକ୍ଷମ ହେବ। ଏହାଦ୍ୱାରା ୨୦୨୪ ନିର୍ବାଚନକୁ ନେଇ ଦଳ ନିକଟରେ ଯେଉଁ ସଂଶୟ ରହିଛି ତାହା ମଧ୍ୟ ଦୂର ହୋଇଯିବ ବୋଲି ବିଚାର କରାଯାଉଛି। ତେଣୁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭାବେ ଅଶ୍ୱିନୀଙ୍କ ନାମ କୌଣସି ମୁହୂର୍ତ୍ତରେ ଘୋଷଣା କରାଯାଇପାରେ ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ଚାଲିଛି।

**ଆମେରିକା ଯିବା ପାଇଁ ଶ୍ୱଶୁର ଘରୁ ଟଙ୍କା ଆଣିଲେନି**

## ସ୍ତ୍ରୀ, ୨ ଶିଶୁଙ୍କୁ ବିଷ ଦେଇ ସ୍ୱାମୀର ଆତ୍ମହତ୍ୟା ଉଦ୍ୟମ

**କୁରୁକ୍ଷେତ୍ର, ୭।୧୨ (ଏଜେନ୍ସି)**



ହରିୟାଣା କୁରୁକ୍ଷେତ୍ରର ଶାନ୍ତି ନଗର ଗ୍ରାମରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଯୌତୁକ ଜୁଇରେ ଜଣେ ମହିଳା ଏବଂ ତାଙ୍କର ୨ ଶିଶୁଙ୍କ ଜୀବନ ଯାଇଛି। ବିବାହର କିଛି ବର୍ଷ ପରେ ସ୍ୱାମୀ ଆମେରିକା ଯିବା ପାଇଁ ରୀନା (୩୦)ଙ୍କୁ ବାପ ଘରୁ ଟଙ୍କା ଆଣିବାକୁ ବାଧ୍ୟ କରୁଥିଲେ। ଏଥିପାଇଁ ମାରଧାର କରୁଥିଲେ ଏବଂ ଉତ୍ପୀଡ଼ନ ଦେଉଥିଲେ। ଟଙ୍କା ଆଣିବାକୁ ମନା କରିଦେବାରୁ ଗୁରୁବାର ସକାଳେ ସ୍ୱାମୀ ରାକେଶ କୁମାର (୩୦) ଏବଂ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ରାକେଶ ଏଥିରେ ଉତ୍କ୍ଷିପ୍ତ ହୋଇ ସ୍ତ୍ରୀ, ୨ ବର୍ଷର ଝିଅ ରିୟା ଏବଂ ଦେଢ଼ ବର୍ଷର ପୁଅ କ୍ରିୟାଂଶକୁ ବିଷ ଦେଇ ହତ୍ୟା କରିଥିଲା। ପରେ ନିଜେ ଫାଶୀ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲା। ମାତ୍ର ପରିବାର ଲୋକ ତାଙ୍କୁ ଅଟକାଇ ଦେଇଥିଲେ। ପୀଡ଼ିତାଙ୍କ ଭାଇ ସଞ୍ଜୀବ କୁମାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଭଉଣୀର ଶ୍ୱଶୁର ସୁରେଶ କୁମାର, ଶାଶୁ ବାଲା ଦେବୀ, ଦେଢ଼ଶୁର ଶ୍ୟାମ ଲାଲ ଏବଂ ଦେଢ଼ଶାଶୁ ମମତା ତାଙ୍କୁ ଭଉଣୀଙ୍କୁ ନିର୍ଯାତନା ଦେଉଥିଲେ। ଅଭିଯୁକ୍ତ ନିଜକୁ ବଞ୍ଚାଇବା ପାଇଁ ଫାଶୀ ଲଗାଇବାର ବାହାନ କରିଥିଲା। ଝାନ୍‌ସାର ଥାନାଧିକାରୀ ପ୍ରଦୀପ କୁମାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ରାକେଶ ସହିତ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଇଛି। ଏବେ କରନାଲର କଳ୍ପନା ଚାୱଲା ମେଡିକାଲ କଲେଜ ଏବଂ ହସ୍ପିଟାଲରେ ରାକେଶର ଚିକିତ୍ସା ଚାଲିଛି।

**ଯୌତୁକ ନେଲା ଡାକ୍ତରାଣୀଙ୍କ ଜୀବନ**

## ମାଗିଥିଲେ ବିଏମ୍‌ଡବ୍ଲ୍ୟୁ କାର୍; ୧୫ ଏକର ଜମି

**ତିରୁଅନନ୍ତପୁରମ୍, ୭।୧୨ (ଏଜେନ୍ସି)**



ଯୌତୁକ ଜୁଇରେ ପ୍ରତି ବର୍ଷ ଅନେକ ମହିଳାଙ୍କ ଜୀବନ ଯାଉଛି। ଏହି ପ୍ରଥାକୁ ବନ୍ଦ କରିବା ପାଇଁ ଅନେକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଚାଲିଛି। ଏହା ସତ୍ତ୍ୱେ ଦେଶରେ ଯୌତୁକ ମାମଲା ବନ୍ଦ ହେବାର ନା ଧରୁନି। ଏବେ ଦେଶର ସବୁଠାରୁ ଶିକ୍ଷିତ ରାଜ୍ୟ କେରଳରୁ ଏହାର ନଗ୍ନ ଉଦାହରଣ ସାମ୍ନାକୁ ଆସିଛି। କେବଳ ଅଶିକ୍ଷିତ ବର୍ଗ ନୁହେଁ, ଶିକ୍ଷିତ ବର୍ଗ ମଧ୍ୟ ଯୌତୁକ ଯନ୍ତାରେ ପେଶି ହେଉଛନ୍ତି। ଏବେ ଯୌତୁକ ଦାବିରେ ଚିନ୍ତିତ ହୋଇ ତିରୁଅନନ୍ତପୁରମ୍‌ର ଜଣେ ମହିଳା ଡାକ୍ତର ଆତ୍ମହତ୍ୟା କରିଛନ୍ତି। ପୁରୁଷ ବନ୍ଧୁ ଡ. ଇଏ ରୁୱେସଙ୍କ ସହ ତାଙ୍କର ବିବାହ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଡାକ୍ତରଙ୍କ ପରିବାର ଯୌତୁକରେ ବିଏମ୍‌ଡବ୍ଲ୍ୟୁ କାର୍, ୧୫ ଏକର ଜମି ଏବଂ ୧୫୦ ଗୋଲ୍ଡ ସୋଭରେନ ଦାବି କରିଥିଲେ। ଏତେ ଯୌତୁକ ଦେଇପାରିବେ ନାହିଁ କହିବାରୁ ପୁଅ ଘର ଲୋକ ବିବାହ ଭାଙ୍ଗି ଦେଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସଂଖ୍ୟାଲଘୁ କମିଶନ ମଧ୍ୟ ଯାଞ୍ଚ କରିବାକୁ କହିଛନ୍ତି। ସୂଚନା ଅନୁଯାୟୀ ଡ. ଶାହାନା ତିରୁଅନନ୍ତପୁରମ୍ ସରକାରୀ ମେଡିକାଲ୍ କଲେଜ ସର୍ଜରୀ ବିଭାଗରେ ପିଜି କରୁଛନ୍ତି। ତାଙ୍କର ମାଆ ଏବଂ ଭାଉ-ଭଉଣୀ ଅଛନ୍ତି। ଶାହାନା ଏବଂ ରୁୱେସ ପରସ୍ପରକୁ ଭଲ ପାଉଥିଲେ। ରୁୱେସ ଶାହାନାଙ୍କୁ ସମର୍ଥନ ଦେଇ ନ ଥିଲେ। ଯୌତୁକରୁ ୫୦ ଗୋଲ୍ଡ ସୋଭରେନ, ୫୦ ଲକ୍ଷ ସମ୍ପତ୍ତି ଏବଂ ଏକ କାର୍ ଦେବାକୁ ଝିଅ ଘର ରାଜି ହୋଇ ଯାଇଥିଲେ। କିନ୍ତୁ ଏତିକିରେ ପୁଅ ଘର ଲୋକଙ୍କ ମନ ଭରି ନ ଥିଲା। ଦାବି ପୂରଣ ନ କଲେ ବିବାହ ହେବ ନାହିଁ ବୋଲି କହିଥିଲେ। ସୋମବାର ଶାହାନା ରାତି ଡ୍ୟୁଟି ଥିଲା। କିନ୍ତୁ ସେ ଡାକ୍ତରଖାନାକୁ ଯାଇ ନ ଥିଲେ। ସାଙ୍ଗମାନେ ଫୋନ୍ କଲେ ମଧ୍ୟ ଗ୍ରହଣ କରି ନ ଥିଲେ। ଘରେ ପହଞ୍ଚି ଦେଖିବାରୁ ସେ ଚେତା ହରାଇ ପଡ଼ି ଥିଲେ। ଡାକ୍ତରଖାନାରେ ନେବାରୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଆନେସ୍ଥେସିଆର ହାଇ ଡୋଜ୍ ନେଇଥିଲେ ବୋଲି କୁହାଯାଉଛି। ଘରୁ ଏକ ସୁଇସାଇଡ ନୋଟ୍ ମିଳିଛି। ଏଥିରେ 'ସମସ୍ତେ କେବଳ ଟଙ୍କା ଚାହାନ୍ତି' ବୋଲି ଲେଖାଯାଇଛି।

## ୮ ନୌସେନା ଅଧିକାରୀଙ୍କୁ ଭେଟିଲେ ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ,୭।୧୨(ଏଜେନ୍ସି)**

**କାତାର ମାମଲାରେ ହସ୍ତକ୍ଷେପ କଲେ ମୋଦୀ**

ଗୁଇନ୍ଦାଗିରି କରିବା ଅଭିଯୋଗରେ କାତାରରେ ଭାରତୀୟ ନୌସେନାର ୮ ପୂର୍ବତନ ଅଧିକାରୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା ବେଳେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହସ୍ତକ୍ଷେପ କରିଛନ୍ତି। ନିକଟରେ ଦୁବାଇରେ ଅନୁଷ୍ଠିତ ଜାତିସଂଘ ଜଳବାୟୁ ସମ୍ମିଳନୀରେ ମୋଦୀ ତାଙ୍କର କାତାର ପ୍ରତିପକ୍ଷ ଶେଖ ତମିମ୍ ବିନ ହମାଦଙ୍କୁ ଭେଟି ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାପରେ ବର୍ତ୍ତମାନ ଜେଲରେ ରହିଥିବା ଏହି ୮ ଭାରତୀୟ ଅଧିକାରୀଙ୍କୁ କାତାରରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଗତ ୩ ତାରିଖରେ ଭେଟିଛନ୍ତି ବୋଲି ଗୁରୁବାର ବୈଦେଶିକ ମନ୍ତ୍ରାଳୟ ପ୍ରବକ୍ତା ଅରିନ୍ଦମ ବାଗଚି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବନ୍ଦୀ ରହିଥିବା ଏହି ଅଧିକାରୀମାନଙ୍କ ପରିବାର ପକ୍ଷରୁ କାତାର ସରକାରଙ୍କୁ ଅପିଲ କରାଯାଇଥିଲା ବେଳେ ଇତିମଧ୍ୟରେ ଏହି ମାମଲା ଉପରେ ଦୁଇଥର ଶୁଣାଣି ଶେଷ ହୋଇଥିବା ସେ କହିଛନ୍ତି। ଏହାଛଡ଼ା ଏହି ଅଧିକାରୀଙ୍କ ମୁକ୍ତି ଲାଗି ଭାରତ ସରକାରଙ୍କ ପକ୍ଷରୁ ବିଭିନ୍ନ ଦିଗରେ ଆଇନଗତ ଏବଂ କୂଟନୀତିକ ସହାୟତା ଯୋଗାଇ ଦିଆଯାଉଛି ବୋଲି ଶ୍ରୀ ବାଗଚି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଭାରତୀୟ ନୌସେନାର ଏହି ୮ ପୂର୍ବତନ ଅଧିକାରୀ କାତାରରେ ଏକ କମ୍ପାନୀରେ କାର୍ଯ୍ୟ କରୁଥିଲା ବେଳେ ସେମାନେ ଇସ୍ରାଏଲକୁ ଗୁପ୍ତ ତଥ୍ୟ ଦେଇଥିବା କାତାର ଅଭିଯୋଗ କରିଥିଲା।

# ବିଜୟ ସତ୍ତ୍ୱେ ଅଶ୍ୱସ୍ତିକର ସ୍ଥିତିରେ ବିଜେପି

**ନୂଆଦିଲ୍ଲୀ, ୭।୧୨(ସମିସ)**







ନିକଟରେ ପ୍ରକାଶ ପାଇଛି ୫ ରାଜ୍ୟର ବିଧାନସଭା ଫଳାଫଳ। ଏହି ଫଳ ଜାତୀୟସ୍ତରରେ ଉଭୟ କଂଗ୍ରେସ ଓ ବିଜେପିକୁ ଯେତିକି ଆଶ୍ୱସ୍ତି ଦେଇଛି, ସେତିକି ଅଶ୍ୱସ୍ତିକର ପରିସ୍ଥିତି ସୃଷ୍ଟି କରିଛି। ଛତିଶଗଡ଼ ଓ ରାଜସ୍ଥାନ ବିଧାନସଭା ନିର୍ବାଚନରେ ପରାଜୟ କଂଗ୍ରେସ ପାଇଁ ଅଶ୍ୱସ୍ତିକର ହେଲେ ମଧ୍ୟ ସାମଗ୍ରିକ ଭାବରେ ୫ଟି ରାଜ୍ୟରେ ବିଜେପିଠାରୁ ଅଧିକ ୧୦ଲକ୍ଷ ଭୋଟ ପାଇବା

■ ବିଜେପିଠାରୁ କଂଗ୍ରେସକୁ ୧୦ ଲକ୍ଷ ଅଧିକ ଭୋଟ

■ ବିଜେପିର ୨ କେନ୍ଦ୍ରମନ୍ତ୍ରୀ, ୯ ସାଂସଦ ପରାଜିତ

■ କଂଗ୍ରେସଠାରୁ ବିଜେପିକୁ ମିଳିଛି ୧୬% ଅଧିକ ଆସନ

ଦଳକୁ ଆଶ୍ୱସ୍ତ କରିଛି। ଅନୁରୂପ ଭାବରେ ତିନି ରାଜ୍ୟରେ କ୍ଷମତା ଦଖଲ ସତ୍ତ୍ୱେ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଦଳର ୨୧ ଜଣ ସାଂସଦଙ୍କ ମଧ୍ୟରୁ ୯ ଜଣ ପରାଜୟ ବରଣ କରିବା ଘଟଣା ବିଜେପିର ଶୀର୍ଷ ନେତାଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି।

୨୦୨୪ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମଧ୍ୟପ୍ରଦେଶ, ତେଲଙ୍ଗାନା, ରାଜସ୍ଥାନ ଓ ଛତିଶଗଡ଼ ନିର୍ବାଚନ ବିଜେପି ଓ କଂଗ୍ରେସ ପାଇଁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ। ଏହି ଚାରିଟି ରାଜ୍ୟରେ ମୋଟ ୮୩ ଟି ଲୋକସଭା ଆସନ ମଧ୍ୟରୁ ୨୦୧୯ ନିର୍ବାଚନରେ ବିଜେପି ୬୫ ଆସନରେ ବିଜୟୀ ହୋଇଥିଲା। କେବଳ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ର ୬୫ ଆସନ ମଧ୍ୟରୁ ବିଜେପି ୬୧ଟି ଆସନ ଦଖଲ କରିଥିଲା। ତେଲଙ୍ଗାନାରୁ ପାଇଥିଲା ୪ଟି ଲୋକସଭା ଆସନ।



ମାତ୍ର ସଦ୍ୟ ଶେଷ ହୋଇଥିବା ବିଧାନସଭା ନିର୍ବାଚନ ଫଳାଫଳକୁ ତର୍ଜମା କଲେ ଏହି ସବୁ ରାଜ୍ୟରେ ଆଗାମୀ ଲୋକସଭା ନିର୍ବାଚନ ବିଜେପି କଠିନ ସମସ୍ୟା ସୃଷ୍ଟି କରିପାରେ। ନିର୍ବାଚନ କମିଶନଙ୍କ ରିପୋର୍ଟ ଅନୁସାରେ ୫ ରାଜ୍ୟର ବିଧାନସଭା ନିର୍ବାଚନରେ ବିଜେପିଠାରୁ କଂଗ୍ରେସ ୧୦.୫୫ ଲକ୍ଷ ଅଧିକ ଭୋଟ ପାଇଛି। ବିଭିନ୍ନ ରାଜ୍ୟୱାରୀ ଏହାର ପରିସଂଖ୍ୟାନ ଦେଖିଲେ ମଧ୍ୟପ୍ରଦେଶରେ ବିଜେପିଠାରୁ କଂଗ୍ରେସ ୮%, ଛତିଶଗଡ଼ରେ ୪% ଓ ରାଜସ୍ଥାନରେ ୨% କମ୍ ଭୋଟ ପାଇଛି। ଏହି ତିନି ରାଜ୍ୟରେ କଂଗ୍ରେସକୁ ୩.୯୮ କୋଟି ଭୋଟ ମିଳିଥିବାବେଳେ ବିଜେପି ପ୍ରାୟ ୫୦ ଲକ୍ଷ ଅଧିକ ଅର୍ଥାତ୍ ମିଳିଛି ୪.୪୯ କୋଟି ଭୋଟ ପାଇଛି। ତେବେ ତେଲଙ୍ଗାନାରେ କଂଗ୍ରେସ ଏ କ୍ଷେତ୍ରରେ ବିଜେପିକୁ ଢ଼େର ପଛରେ ପକାଇ ଦେଇଛି। ଏହି ରାଜ୍ୟରେ ବିଜେପି ଠାରୁ କଂଗ୍ରେସ ୬୦ ଲକ୍ଷ ଅଧିକ ଭୋଟ ସଂଗ୍ରହ କରିବାକୁ ସମର୍ଥ ହୋଇଛି। ଏହି ଆକଳନ ଯଦି ଲୋକସଭା ନିର୍ବାଚନରେ ପ୍ରତିଫଳିତ ହୁଏ, ତେବେ ୨୦୧୯ରେ ୪ ରାଜ୍ୟର ୮୩ ଲୋକସଭା ଆସନରୁ ମାତ୍ର ୬ଟିରେ ବିଜୟୀ ହୋଇଥିବା କଂଗ୍ରେସର ଆସନ ସଂଖ୍ୟା ୨୦ ଅତିକ୍ରମ କରିପାରେ ଓ ବିଜେପିର ଆସନ ସଂଖ୍ୟା୬୫ରୁ ୪୫କୁ ହ୍ରାସ ପାଇପାରେ ବୋଲି ରାଜନୈତିକ ତଥ୍ୟାଭିଜ୍ଞମାନେ ଆକଳନ କରିଛନ୍ତି।

୨୦୨୩ ଶେଷ ଭାଗରେ ଅନୁଷ୍ଠିତ ଏହି ୫ ରାଜ୍ୟର ନିର୍ବାଚନକୁ ୨୦୨୪ ସାଧାରଣ ନିର୍ବାଚନ ପୂର୍ବର ସେମିଫାଇନାଲ ଭାବରେ ଅନେକ ଅଭିହିତ କରିଛନ୍ତି। ବିଜେପି ଜାତୀୟ ନେତୃତ୍ୱ ଓ ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ ୨୦୨୪ ହ୍ୟାଟ୍ରିକ୍‌କ ନିଶ୍ଚିତ କରିଛି ବୋଲି କହିଛନ୍ତି। ମାତ୍ର ଏହି ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ୨୧ ସାଂସଦ ଓ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରୁ ୯ ଜଣଙ୍କ ପରାଜୟ ଦଳ ପାଇଁ ଚେତାବନୀ ସଦୃଶ ହୋଇଛି। ରାଜସ୍ଥାନରେ ୩, ତେଲଙ୍ଗାନାରେ ୩, ମଧ୍ୟପ୍ରଦେଶରେ ୨ ଓ ଛତିଶଗଡ଼ରେ ଜଣେ ବିଜେପି ସାଂସଦଙ୍କୁ ପରାଜୟ ଦେଖିବାକୁ ପଡ଼ିଛି। ପରାଜିତଙ୍କ ମଧ୍ୟରେ ୨ ଜଣ କେନ୍ଦ୍ରମନ୍ତ୍ରୀ ମଧ୍ୟ ରହିଛନ୍ତି।

ଅବଶ୍ୟ ବିଧାନସଭା ନିର୍ବାଚନ ଭୋଟହାର ପରବର୍ତ୍ତୀ ଲୋକସଭା ନିର୍ବାଚନରେ ଅବିକଳ ପ୍ରତିଫଳିତ ହୋଇ ନ ଥାଏ। ୨୦୧୮ ବିଧାନସଭା ନିର୍ବାଚନରେ ବିଜେପି ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ପରାଜିତ ହୋଇଥିବା ସତ୍ତ୍ୱେ ୨୦୧୯ ସାଧାରଣ ନିର୍ବାଚନରେ ୬୫ରୁ ୬୧ ଆସନ ଦଖଲ କରିବାକୁ ସକ୍ଷମ ହୋଇଥିଲା। ରାଜ୍ୟରେ କ୍ଷମତାସୀନ କଂଗ୍ରେସ ଶୋଚନୀୟ ଭାବରେ ପରାଜିତ ହୋଇଥିଲା। ଏହା ପୂର୍ବରୁ ୨୦୦୩ରେ ମଧ୍ୟ ସମାନ ସ୍ଥିତି ଦେଖା ଯାଇଥିଲା। ଏହି ୩ଟି ରାଜ୍ୟର ବିଧାନସଭା ନିର୍ବାଚନରେ କଂଗ୍ରେସ ପରାଜିତ ହୋଇଥିଲେ ହେଁ ୨୦୦୪ ଲୋକସଭା ନିର୍ବାଚନରେ ଅପ୍ରତ୍ୟାଶିତ ଭାବରେ ବେଶ୍ ଭଲ ପ୍ରଦର୍ଶନ କରିଥିଲା।

## ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ରେଭନ୍ତ ରେଡ୍ଡି



**ହାଇଦରାବାଦ, ୭।୧୨ (ଏଜେନ୍ସି)**

କଂଗ୍ରେସ ନେତା ଅନୁମୁଲା ରେଭନ୍ତ ରେଡ୍ଡୀ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ତାମିଲସାଇ ସୁନ୍ଦରରାଜନ ଗୁରୁବାର ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହା ସହିତ ସେ ରାଜ୍ୟର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଶପଥ ଗ୍ରହଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ରାଜ୍ୟର ଏବଂ ନାଗରିକଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି। ହାଇଦରବାବାଦର ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷୀ ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ପ୍ରମୁଖ ଯୋଗ ଦେଇଥିଲେ। ଏହା ସହିତ ପ୍ରାୟ ଲକ୍ଷେ ଲୋକ ଷ୍ଟାଡ଼ିୟମରେ ଉପସ୍ଥିତ ଥିଲେ। ରେଭନ୍ତଙ୍କ ସହିତ ୧୧ ଜଣ ମନ୍ତ୍ରୀ ଶପଥ ନେଇଛନ୍ତି। ଭଟ୍ଟି ବିକ୍ରମାର୍କ ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରେଭନ୍ତ ଶପଥ ନେବାର କିଛି ସମୟ ପରେ ନିଜର ଏକ ପ୍ରତିଶ୍ରୁତିକୁ ପୂରଣ କରିଛନ୍ତି। ଗୋଟିଏ ଫାଇଲରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୬ଟି ଗ୍ୟାରେଣ୍ଟିକୁ ଅନୁମତି ଦେଇଥିଲେ।

**୬ ଗ୍ୟାରେଣ୍ଟିକୁ ମୋହର**



ଅଷ୍ଟ୍ରେଲିଆନ୍ ଓପନ୍ ଖେଳିବେ ନାଡାଲ

▶କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-163 ◆BHUBANESWAR ◆FRIDAY ◆8 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୬୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୮ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦

### ନର୍ସି ମୋଞ୍ଜୀ ମ୍ୟାନେଜମେଣ୍ଟ ଇନଷ୍ଟିଚ୍ୟୁଟ୍ ପାଇଁ ଭିତ୍ତିପ୍ରସ୍ତର ରଖିଲେ ମୁଖ୍ୟମନ୍ତ୍ରୀ

# ଯୁବଗୋଷ୍ଠୀ ଆମର ଶକ୍ତି ଓ ସମ୍ବଳ



- ରାଜ୍ୟର କ୍ରମାଗତ ଅଭିବୃଦ୍ଧି ଯୁବଗୋଷ୍ଠୀଙ୍କ ପାଇଁ ସୁଯୋଗ ଆଣିଛି
- ୨୦୦୦ ପରଠାରୁ ଓଡ଼ିଶା ଉଚ୍ଚଶିକ୍ଷାରେ ରୂପାନ୍ତରଣ ଦେଖୁଛି

■ **ଭୁବନେଶ୍ୱର, ୭।୧୨ (ସମିସ):** ଯୁବଗୋଷ୍ଠୀ ହେଉଛନ୍ତି ଆମର ଶକ୍ତି, ଆମର ସମ୍ବଳ ଓ ଆମ ସୁନ୍ଦର ଭବିଷ୍ୟତର ଆଶା ଆଉ ଭରସା। ସେମାନଙ୍କୁ ଗୁଣାତ୍ମକ ବୃତ୍ତିଗତ ଶିକ୍ଷା ପ୍ରଦାନ ସହିତ ସେମାନଙ୍କ ନିଯୁକ୍ତି ଉପରେ ବ୍ୟାପକ ଗୁରୁତ୍ୱ ଦିଆଯାଉଛି। ସେଥିପାଇଁ ଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଆମେ ଉଚ୍ଚଶିକ୍ଷାରେ ବ୍ୟାପକ ରୂପାନ୍ତରଣ ଆଣିବା ପ୍ରକ୍ରିୟା ଜାରି ରଖିଛୁ। ପରିଣାମ ସ୍ୱରୂପ ଓଡ଼ିଶାର ଯୁବକ ଯୁବତୀମାନେ ଭାରତ ସମେତ ବିଦେଶରେ ନିଜ ଦକ୍ଷତାର ପରାକାଷ୍ଠା ପ୍ରତିପାଦନ କରି ରାଜ୍ୟକୁ ଗୌରବମଣ୍ଡିତ କରୁଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭୁବନେଶ୍ୱରର ଇନଫୋଭ୍ୟାଲିଠାରେ ଗୁରୁବାର ନାରସୀ ମୋଞ୍ଜୀ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମଗ୍ର ବିଶ୍ୱରେ ଭାରତ ଏକ ଅର୍ଥ ସମୃଦ୍ଧ ରାଷ୍ଟ୍ର ଭାବେ ୫ମ ସ୍ଥାନରେ ରହିଛି। ଆଉ କିଛି ବର୍ଷ ଭିତରେ ଭାରତ ତୃତୀୟ ସ୍ଥାନରେ ପହଞ୍ଚିବ। ଏହା କେବଳ ଆମର ଉଚ୍ଚଦକ୍ଷତା ସମ୍ପନ୍ନ ଯୁବଶକ୍ତିଙ୍କ ଯୋଗୁ ସମ୍ଭବ ହୋଇଛି। ବିଶ୍ୱରେ ଭାରତୀୟ ସିଇଓ ଏବଂ ମ୍ୟାନେଜମେଣ୍ଟ ଚିନ୍ତକମାନଙ୍କ ବର୍ଦ୍ଧିତ ସଂଖ୍ୟାରୁ ଏହା ସ୍ପଷ୍ଟ ହୋଇଯାଉଛି। ଭାରତର ଗୁଣାତ୍ମକ ଶିକ୍ଷାଦାନ କରୁଥିବା ମ୍ୟାନେଜମେଣ୍ଟ ଅନୁଷ୍ଠାନଗୁଡିକର ସାଧୁ ଉଦ୍ୟମ ଫଳରେ ଆମ ଦେଶର ଯୁବକ ଯୁବତୀମାନେ ଅନ୍ତର୍ଜାତୀୟସ୍ତରରେ ଗୁରୁତ୍ୱପୂର୍ଣ୍ଣ ▶ପୃଷ୍ଠା-୯

## ଓଡ଼ିଶାବାସୀଙ୍କ ସେବାରେ ନବୀନ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି: ଅମରୀଶ ପଟେଲ

ଓଡ଼ିଶାବାସୀଙ୍କ ସେବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ସେ ଯାହା କହନ୍ତି, ତାହା କରି ଦେଖାନ୍ତି; ଆଉ ଏହି ବାର୍ତ୍ତା ସମଗ୍ର ଦେଶରେ ପହଞ୍ଚି ସାରିଛି ବୋଲି କହିଛନ୍ତି ଏସ୍‌ଭିକେଏମ୍ ଚାନ୍‌ସେଲର ଅମରୀଶ ପଟେଲ।

ଭୁବନେଶ୍ୱରର ଇନଫୋଭ୍ୟାଲିଠାରେ ନାରସୀ ମୋଞ୍ଜୀ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଶ୍ରୀ ପଟେଲ କରିଛନ୍ତି ଯେ ଦେଶର ପ୍ରମୁଖ ରାଜ୍ୟମାନଙ୍କରେ ଆମ ବିଶ୍ୱବିଦ୍ୟାଳୟ ରହିଛି। ତେବେ ଭୁବନେଶ୍ୱରରେ ଶିକ୍ଷାଦାନ କରିବା ଆମ ପାଇଁ ଗୌରବର ବିଷୟ। ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟ ଆଡ଼କୁ ଟାଣି ନେଉଛି। ନବୀନ ପଟ୍ଟନାୟକ ଯେପରି ଭାବେ ଜଣେ ଲୋକପ୍ରିୟ ରାଜନେତାର ଆଖ୍ୟା ଅର୍ଜନ କରିଛନ୍ତି ତାହା ସମଗ୍ର ଦେଶରେ ବିରଳ। ଓଡ଼ିଶାରେ ଆମେ ଶିକ୍ଷାର ବ୍ୟବସାୟ କରିବାକୁ ଆସିନାହୁଁ ବରଂ ଜଣେ ଜଣେ ଦକ୍ଷ ମ୍ୟାନେଜମେଣ୍ଟ ବୃତ୍ତିଧାରୀ ସୃଷ୍ଟି କରିବା ଆମର ଲକ୍ଷ୍ୟ ହେବ ବୋଲି ଶ୍ରୀ ପଟେଲ କହିଛନ୍ତି।

### ଶିଳ୍ପସମୃଦ୍ଧ ଓଡ଼ିଶା ଆଡ଼କୁ ଆଉ ଏକ ପାଦ

# ୪୮୦୪ କୋଟିରେ ହେବ ୯ ଶିଳ୍ପ

- କେନ୍ଦ୍ରାପଡ଼ାରେ ବୟନ, ସୁନ୍ଦରଗଡ଼ରେ ପାଇପ ଶିଳ୍ପ
- ଯାଜପୁରରେ ଇସ୍ପାତ ଓ ଫେରୋଆଲଏଜ କାରଖାନା
- ଖୋର୍ଦ୍ଧାରେ ପ୍ଲାଷ୍ଟିକ, ଧାତବ ଓ କେମିକାଲ ପ୍ଲାଣ୍ଟ
- ବାଲେଶ୍ୱର, ଢେଙ୍କାନାଳ ଓ କେନ୍ଦୁଝରରେ ନୂଆ ଶିଳ୍ପ
- ୧୭୫୫୩ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି
- ୧୦ ଜିଲ୍ଲାରେ ଆହୁରି ସୁଦୃଢ଼ ହେବ ଶିଳ୍ପ ଭିତ୍ତିଭୂମି



■ **ଭୁବନେଶ୍ୱର, ୭।୧୨ (ସମିସ):** ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବାକୁ ରାଜ୍ୟ ସରକାରଙ୍କ ପ୍ରୟାସ ଫଳପ୍ରସୂ ହେବାରେ ଲାଗିଛି। ଶିଳ୍ପ ଅନୁକୂଳ ପରିବେଶ ପାଇଁ ଓଡ଼ିଶାରେ ନିବେଶ ନିମନ୍ତେ ନିବେଶକମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଏହି କ୍ରମରେ ଆଜି ରାଜ୍ୟ ସରକାର ୪୮୦୪.୩୫ କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକରେ ୧୭, ୫୫୩ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଗୁରୁବାର ଲୋକସେବା ଭବନରେ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିଅରାନ୍ସ ବୈଠକରେ ୧୦ଟି ଜିଲ୍ଲାରେ ପ୍ରତିଷ୍ଠା ହେବାକୁଥିବା ୧୯ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏଥିରେ ପୋଷାକ ଓ ବୟନଶିଳ୍ପ, ଇସ୍ପାତ ଡାଉନଷ୍ଟ୍ରିମ୍, ପେଣ୍ଟ୍, ପ୍ଲାଷ୍ଟିକ୍, ପ୍ୟାକେଜିଂ, ଖାଦ୍ୟ, ପାନୀୟ ଆଇଟି ଭିତ୍ତିଭୂମି, କୃଷି ପ୍ରକ୍ରିୟାକରଣ, ଅକ୍ଷୟ ଶକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପୁଞ୍ଜିନିବେଶ ହେବ। ୱେଲସନ୍ ଲିଭିଂ ଲିମିଟେଡ୍ ୨୦୦ କୋଟି ଟଙ୍କା ନିବେଶ କରି କେନ୍ଦ୍ରାପଡ଼ାରେ ପୋଷାକ ଓ ବୟନଶିଳ୍ପ କାରଖାନା ପ୍ରତିଷ୍ଠା କରିବ। ଏଠାରେ ୨୦୦୦ ଲୋକଙ୍କୁ ନିଯୁକ୍ତି ମିଳିବ। ଟାଟା ଷ୍ଟିଲ୍ ଡାଉନଷ୍ଟ୍ରିମ୍ ଲିମିଟେଡ୍ କଳିଙ୍ଗନଗରରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଇସ୍ପାତ ସେବା କେନ୍ଦ୍ର ପ୍ରତିଷ୍ଠା କରିବ। ଏଥିରେ ୭୩୫ କୋଟି ଟଙ୍କା ନିବେଶ ସହିତ ୩୩୫ ଲୋକଙ୍କୁ ନିଯୁକ୍ତି ଦେବ। ସେହିପରି ଇମ୍ଫା ଲିମିଟେଡ୍ ଯାଜପୁରରେ ୯୭୭.୪୩ କୋଟି ଟଙ୍କା ▶ପୃଷ୍ଠା-୯

### ବିବାହ ପ୍ରସ୍ତୁତି ବେଳେ ଅଗ୍ନିକାଣ୍ଡ

## ଜଳିଗଲା ଶିଶୁପୁତ୍ର

■ **ପଟ୍ଟାମୁଣ୍ଡାଇ, ୭।୧୨ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧୀନ ବଡ଼ପଡ଼ା ଦଳିତ ସାହିରେ ଅଗ୍ନିକାଣ୍ଡ ଘଟି ଜଣେ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୪ଜଣ ଆହତ ହୋଇଛନ୍ତି। ଆଜି ବିବାହ ଉତ୍ସବ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଏହି ଅଭାବନୀୟ ଘଟଣା ଘଟିଛି। ମୃତ ଶିଶୁ ହେଲେ, ପଟ୍ଟାମୁଣ୍ଡାଇ ମାଟିଆ ଗ୍ରାମର ପପୁ ମଳିକଙ୍କ ପୁଅ ଗୁଗୁଲ (୫)। ଆହତ ତପନ ମଳିକ, ତ୍ରିନାଥ ମଳିକଙ୍କ ସହ ଆଉ ୨ଜଣଙ୍କୁ ପଟ୍ଟାମୁଣ୍ଡାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ▶ପୃଷ୍ଠା-୯

## ମଦ ବ୍ୟବସାୟୀଙ୍କ ଘରେ ଟଙ୍କାର ପାହାଡ଼

■ **ଭୁବନେଶ୍ୱର/ସମ୍ବଲପୁର/ବଲାଙ୍ଗିର, ୭।୧୨ (ସମିସ):** ମଦ ବ୍ୟବସାୟୀ ରାଜକିଶୋର ଜୟସ୍ୱାଲ ଓ ତାଙ୍କ ସହ ଜଡ଼ିତ ବ୍ୟକ୍ତିଙ୍କ ଘରେ ଆୟକର ଚଢ଼ଉ ଦ୍ୱିତୀୟ ଦିନରେ ପହଞ୍ଚିଛି। ଗୁରୁବାର ବଲାଙ୍ଗୀର, ଟିଟିଲାଗଡ଼, ବୌଦ୍ଧ, ସୁନ୍ଦରଗଡ଼, ସମ୍ବଲପୁର ଆଦି ୬ଟି ସ୍ଥାନରେ ଚଢାଉ କରିଛି। ବର୍ତ୍ତମାନ ସୁଦ୍ଧା ସୁଦପଡ଼ା ଦେଶୀ ମଦଭାଟି ସହ ଅନ୍ୟାନ୍ୟ ସ୍ଥାନରୁ ୩୦୦ କୋଟିରୁ ଅଧିକ ଟଙ୍କା ଜବତ ହୋଇଥିବା ▶ପୃଷ୍ଠା-୯

- ୩୦୦ କୋଟି ଟପିଗଲାଣି ଜବତ ଟଙ୍କା ପରିମାଣ
- ଟ୍ରକରେ ବ୍ୟାଙ୍କକୁ ଆସିଲା ଟଙ୍କାଭର୍ତ୍ତି ଟ୍ରଙ୍କ-ବ୍ୟାଗ
- ଚଢାଉ ପରେ ଆୟକର ଡିଜିଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ





# ଉପକୂଳ ରାଜପଥ ନିର୍ମାଣରେ ଅହେତୁକ ବିଳମ୍ବ

## ରାଜ୍ୟସଭାରେ କ୍ଷୋଭ ପ୍ରକାଶ କଲେ ସାଂସଦ ମାନସ ମଙ୍ଗରାଜ

**ଭୁବନେଶ୍ୱର,୭ ।୧୨(ସମିସ):** ଉପକୂଳ ରାଜପଥ କାର୍ଯ୍ୟାନ୍ୱୟନରେ ଅହେତୁକ ବିଳମ୍ବକୁ ନେଇ ଆଜି ରାଜ୍ୟସଭାରେ କ୍ଷୋଭ ପ୍ରକାଶ କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ। କେନ୍ଦ୍ର ସରକାର ଗତ ୨୦୧୫ ମସିହାରେ ୩୪୬ କିଲୋମିଟର



ବିଶିଷ୍ଟ ଉପକୂଳ ରାଜପଥ ନିର୍ମାଣ ନେଇ କେନ୍ଦ୍ର ସରକାର ଘୋଷଣା କରିଥିଲେ। ମାତ୍ର ଇତିମଧ୍ୟରେ ୮ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ ନିର୍ମାଣରେ ଅହେତୁକ ବିଳମ୍ବତା ପ୍ରକାଶ ପାଇଛି। ଅତଏବ କେନ୍ଦ୍ର ସରକାର ତୁରନ୍ତ ଏନେଇ ଏକ ଡିପିଆର(ବିସ୍ତୃତ ପ୍ରକଳ୍ପ ରିପୋର୍ଟ) ଆଣିବା ସହ ଯଥାଶୀଘ୍ର ପ୍ରକଳ୍ପର ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଶ୍ରୀ ମଙ୍ଗରାଜ ଦାବି କରିଛନ୍ତି।

ଆଜି ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ଓଡ଼ିଶା ୪୮୦ କିଲୋମିଟର ସୁଦୀର୍ଘ ବେଳାଭୂମି ରହିଛି। ୨୦୧୫ ମସିହରେ କେନ୍ଦ୍ର ସରକାର ୩୪୬ କିଲୋମିଟର ବେଳେ ଦ୍ୱିତୀୟ ଭାଗଟି ରତନପୁରଠାରୁ ଦୀଘା ପର୍ଯ୍ୟନ୍ତ ସଂଯୋଗ କରୁଛି। ସମ୍ପୂର୍ଣ୍ଣ ପ୍ରକଳ୍ପଟି ୪ଟି ପ୍ୟାକେଜରେ ନିର୍ମାଣ ହେବାକୁ ସ୍ଥିର କରାଯାଇଥିଲା। ତେବେ ପ୍ରାରମ୍ଭରେ କେନ୍ଦ୍ର ସରକାର ସରକାର ପ୍ରଥମ ୨ଟି ପ୍ୟାକେଜ କୌଣସି ନିର୍ଦ୍ଦିଷ୍ଟ କାରଣ ନ ଦର୍ଶାଇ ଖାରଜ କରି ଦେଇଥିଲେ। ଉପରୋକ୍ତ ୨ଟି ପ୍ୟାକେଜକୁ ଅନୁମୋଦନ ମିଳିବା ପରେ କେନ୍ଦ୍ର

- **ଘୋଷଣାକୁ ୮ ବର୍ଷ ହେଲାଣି, ପ୍ରକଳ୍ପରେ ପଡ଼ିନାହିଁ ଖଣ୍ଡିଏ ଇଟା**
- **ତୁରନ୍ତ ଡିପିଆର ସହ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବାକୁ ଦାବି**

ଉପକୂଳ ରାଜପଥ ନିର୍ମାଣ ପାଇଁ ଘୋଷଣା କରିଥିଲେ। ଏହା ରାଜ୍ୟର ମୋଟ ୭ଟି ଉପକୂଳ ରାଜପଥକୁ ସଂଯୋଗ କରିଥାନ୍ତା। ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟର ସାମଗ୍ରିକ ବିକାଶ ବିଶେଷକରି ବାଣିଜ୍ୟ, ପର୍ଯ୍ୟଟନ, ଯୋଗାଯୋଗ ତଥା ଶିଳ୍ପ ବିକାଶ କ୍ଷେତ୍ରରେ ବ୍ୟାପକ ଉନ୍ନତି ସମ୍ଭବ ହୋଇପାରିବ। ମାତ୍ର ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଅହେତୁକ ବିଳମ୍ବ ହୋଇଛି। ଏହି ପ୍ରକଳ୍ପଟି ୨ ଭାଗରେ ବିଭକ୍ତ ହୋଇଛି। ପ୍ରଥମ ଭାଗଟି ରାମେଶ୍ୱରରୁ ରତନପୁରକୁ ସଂଯୋଗ କରୁଥିବା ପରିବେଶ ମନ୍ତ୍ରାଳୟ ପକ୍ଷରୁ ପରିବେଶ ମଞ୍ଜୁରୀ ନ ମିଳିବା ଯୋଗୁଁ ନିର୍ମାଣ ପୁନଶ୍ଚ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହୋଇଥିଲା। ତେବେ ଗତ ଅଗଷ୍ଟ ମାସରେ ପ୍ୟାକେଜକୁ ମଞ୍ଜୁରୀ ମିଳିସାରିଥିଲେ ହେଁ କେନ୍ଦ୍ର ସରକାର କାମ ଆରମ୍ଭ ନେଇ କୌଣସି ପଦକ୍ଷେପ ନେଇନାହାନ୍ତି। ଏହାକୁ ନେଇ ସାଂସଦ ଶ୍ରୀ ମଙ୍ଗରାଜ ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ର ସରକାର ତୁରନ୍ତ ପ୍ରକଳ୍ପ ପାଇଁ ଡିପିଆର ପ୍ରସ୍ତୁତ କରିବା ସହ ଯଥାଶୀଘ୍ର ଏହି ପ୍ରକଳ୍ପ ନିର୍ମାଣ ସାରିବାକୁ ସେ ଦାବି କରିଛନ୍ତି।

# ଟ୍ରେନ୍‌ରେ ମେଡିକାଲ ବଗି ସଂଯୋଗ କରାଯାଉ: ପ୍ରଶାନ୍ତ ନନ୍ଦ

**ଭୁବନେଶ୍ୱର, ୭।୧୨(ସମିସ):** ଦୂରଗାମୀ ଟେନ୍‌ରେ ଅନେକ ଯାତ୍ରୀ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଶିଶୁ, ବରିଷ୍ଠ ନାଗରିକ, ମହିଳା ଏବଂ ଦୂରୋରୋଗ୍ୟ ବ୍ୟାଧିରେ ପୀଡିତ ରୋଗୀ ଦୁର୍ଦ୍ଦଶା ଭୋଗୁଛନ୍ତି।



ତେଣୁ ୧୮ ଘଣ୍ଟାରୁ ଅଧିକ ସମୟ ଯାତ୍ରା କରୁଥିବା ଦୂରଗାମୀ ଟ୍ରେନ୍‌ରେ ଗୋଟିଏ ମେଡିକାଲ ଭ୍ୟାନ୍ ସଂଯୋଗ କରି ତାହା ମଧ୍ୟରେ ଅନ୍ତତଃ ଦୁଇଟି ଆଇସିୟୁ ଭେଣ୍ଟିଲେଟର, ଅକ୍ସିଜେନ୍, ଡାକ୍ତର ଏବଂ ନର୍ସ ବ୍ୟବସ୍ଥା କରିବା ଲାଗି ବିଜେଡି ସାଂସଦ ପ୍ରଶାନ୍ତ ନନ୍ଦ ଦାବି କରିଛନ୍ତି। ଆଜି ରାଜ୍ୟସଭାରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଶ୍ରୀ ନନ୍ଦ କହିଛନ୍ତି ଯେ ଦୀର୍ଘ ସମୟ ଧରି ହଜାର ହଜାର ଯାତ୍ରୀ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଯାତ୍ରୀଙ୍କର ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଥାଏ। ଏକଦା ରାଜଧାନୀ ଏକ୍ସପ୍ରେସରେ ଦିଲ୍ଲୀ ଯାତ୍ରା କରୁଥିବା ସମୟରେ ଜଣେ ୩୮ ବର୍ଷ ବୟସ୍କ ଯୁବ ଯାତ୍ରୀ ହୃଦଘାତର ଶିକାର ହୋଇଥିଲେ। ସୌଭାଗ୍ୟବଶତଃ ସେହି ବଗିରେ ଥିବା ଜଣେ ଡାକ୍ତର ତାଙ୍କ ଜୀବନ ବଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ। ହେଲେ ଅମ୍ଳଜାନ୍ ବ୍ୟବସ୍ଥା ନ ଥିବାରୁ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ହୋଇଥିଲା। ଲକ୍ଷ ଲକ୍ଷ ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ରେଳ ମନ୍ତ୍ରୀ ଦୂରଗାମୀ ଟ୍ରେନ୍‌ରେ ମେଡିକାଲ ଭ୍ୟାନ୍ ସଂଯୋଗ ପାଇଁ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ନନ୍ଦ ଦାବି କରିଛନ୍ତି।

# ଧାନର ଏମ୍‌ଏସ୍‌ପି ବଢୁ, ଠିକ୍ ସମୟରେ ଫସଲ ବୀମା ମିଳୁ: ସସ୍ମିତ

**ଭୁବନେଶ୍ୱର,୭।୧୨(ସମିସ):** ଆମର ଚାଷୀ ଭାଇ ଭଉଣୀମାନେ ଅନ୍ନଦାତା ସାଜି ଦେଶବାସୀଙ୍କ ଖାଦ୍ୟର ଅଭାବ ଦୂର କରୁଛନ୍ତି। ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ ପାଇଁ ଅନାହାର ମୃତ୍ୟୁ ରୋକାଯାଇ ପାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚାଷୀମାନଙ୍କ ସମସ୍ୟା ଦୂର ପାଇଁ ବାରମ୍ବାର କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। କିନ୍ତୁ କେନ୍ଦ୍ର ସରକାର ଚାଷୀଙ୍କ ଦୁଃଖ ଦୂର କରିବା ବଦଳରେ ସେମାନଙ୍କ ସମସ୍ୟାକୁ ଆହୁରି ବଢ଼ାଇ ଦେଉଛନ୍ତି ବୋଲି ରାଜ୍ୟସଭାରେ କହିଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର। ଆଜି ରାଜ୍ୟସଭାରେ ବିଜେଡି ସାଂସଦ ଡ଼ ସସ୍ମିତ ପାତ୍ର ସ୍ୱତନ୍ତ୍ର ଆଲେଖ୍ୟ ଜରିଆରେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ସ୍ୱାମୀନାଥନ୍ ଆୟୋଗ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କ୍ୱିଣ୍ଟାଲ ପିଛା ୨୯୩୦ ଟଙ୍କା ଧାର୍ଯ୍ୟ କରିବା ଲାଗି ସୁପାରିଶ କରିଥିଲେ। ଧାନର ଏମ୍‌ଏସ୍‌ପି



ଅତିକମ୍‌ରେ ଦେଢ଼ ଗୁଣା ବୃଦ୍ଧି କରିବା ଆବଶ୍ୟକ। ଏଥିପାଇଁ ଓଡ଼ିଶା ସରକାର ୨୦୧୭ ମାର୍ଚ୍ଚ ୨୫ ତାରିଖରେ ଓଡ଼ିଶା ବିଧାନସଭାରେ ସର୍ବସମ୍ମତି କ୍ରମେ ଏ ନେଇ ସଂକଳ୍ପ ପାରିତ କରିଛନ୍ତି। ଏମ୍‌ଏସ୍‌ପି ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକାଧିକ ଥର କେନ୍ଦ୍ର ସରକାରଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ ନକରିବା ଅତ୍ୟନ୍ତ ପରିତାପର ବିଷୟ ବୋଲି ଡ଼ ପାତ୍ର କହିଛନ୍ତି। ଓଡ଼ିଶାର କୃଷକମାନଙ୍କ କଲ୍ୟାଣ ସୁନିଶ୍ଚିତ କରିବା ଲାଗି ସ୍ୱାମୀନାଥନ୍ ଆୟୋଗର ସୁପାରିସକୁ କାର୍ଯ୍ୟକାରୀ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଉପରୋକ୍ତ ସମସ୍ୟା ଦୂର କରିବା ପାଇଁ କେନ୍ଦ୍ର ସରକାର ଅବିଳମ୍ବେ ପଦକ୍ଷେପ ନେବା ଆବଶ୍ୟକ ବୋଲି ଡ଼ ପାତ୍ର ଦାବି କରିଛନ୍ତି।

● ସୀମାନ୍ତରେ ମାଓଦମନ ଅଭିଯାନ

# ୭ ମାଓବାଦୀ ଗିରଫ

**ମାଲକାନଗିରି,୭ ।୧୨(ସମିସ):** ମାଲକାନଗିରି ସୀମାନ୍ତ ଛତିଶଗଡ଼ ଦନ୍ତେବାଡ଼ା ଜିଲ୍ଲାରେ ଚାଲିଥିବା ମାଓ ଦମନ ଅଭିଯାନକୁ ଆଜି ଏକ ବଡ଼ ସଫଳତା ମିଳିଛି। ଅପରେସନ୍ ବେଳେ ସୁରକ୍ଷା କର୍ମୀଙ୍କ ହାତରେ ଆଜି ୯ ମାଓବାଦୀ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ଥିବାରୁ ସେମାନଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯିବା ପରେ ସୁଧାର ଗୃହକୁ ପଠାଇ ଦିଆଯାଇଛି। ବାକି ୭ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ, ଦଶ୍ରୁ ଓୟାମ୍, ସନ୍ତୋଷ ମାଣ୍ଡାଭି, ଗୋପୀ କୁଞ୍ଜାମ, ଛୋଟୁ ଓୟାମ, ରାକେଶ କୋଡିଆମ୍, ଲାଲୁ କଡତି ଓ ମଣିରାମ ଓୟାମ। ସୂଚନାନୁଯାୟୀ, ଦନ୍ତେବାଡ଼ା ଜିଲ୍ଲା ଅନ୍ତର୍ଗତ ଚିଡ୍ରାପାଲ ଗ୍ରାମ ନିକଟ ଜଙ୍ଗଲରେ ମାଓ କମାଣ୍ଡର୍ ସୋନୁ ସହ ୨୦ରୁ ୨୫ ମାଓବାଦୀ ଏକ କ୍ୟାମ୍ପ୍ କରି ରହିଥିବା ନେଇ ଜିଲ୍ଲା ପୁଲିସକୁ ସୂଚନା ମିଳିଥିଲା। ସୂଚନା ପାଇ ଡିଆର୍‌ଜି, ବସ୍ତର୍ ଫାଇଟର୍ସ, ସିଆରପିଏଫ୍‌ର ଯବାନମାନେ ମିଳିତ ଭାବେ ସେଠାରେ ଖାନତଲାସି କରିଥିଲେ। ଏହି ସମୟରେ ଯବାନମାନଙ୍କୁ ଦେଖି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସେମାନେ ଦୌଡ଼ି ପଳାଉଥିବା ବେଳେ ୯ ଜଣଙ୍କୁ ସୁରକ୍ଷା କର୍ମୀ କାବୁ କରିନେଇଥିଲେ। ପଚରାଉଚରା ବେଳେ ସେମାନେ ମାଓବାଦୀ ବୋଲି ସ୍ୱୀକାର କରିଥିଲେ।

## ଓଡ଼ିଶା ବିକାଶ କନ୍‌କ୍ଲେଭ୍‌ରେ '୨୦୩୬ରେ ଓଡ଼ିଶା' ମାନସମନ୍ଥନ

# ଡେମୋଗ୍ରାଫିକ୍ ଇଣ୍ଟେଲିଜେନ୍ସ ୟୁନିଟ୍ ସ୍ଥାପନରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର,୭ ।୧୨(ସମିସ):** ୧୯୩୬ ମିସିହାରେ ଓଡ଼ିଶା ଗଠନ ପରେ ରାଜ୍ୟର ବଜେଟ ମାତ୍ର ୧ କୋଟି ଟଙ୍କା ଥିଲା। ହେଲେ ଏବେ ଏହା ୨ଲକ୍ଷ ୪୫ ହଜାର କୋଟିରେ ପହଞ୍ଚିଛି। ପୂର୍ବରୁ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଅର୍ଥ ବ୍ୟୟବରାଦ କରିବା ପାଇଁ ଅର୍ଥ ନ ଥିଲେ। ବର୍ତ୍ତମାନ ଏହି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୨୦୩୬କୁ ଲକ୍ଷ୍ୟ ରଖି ରାଜ୍ୟର ବିକାଶ ନକ୍ସା ପ୍ରସ୍ତୁତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା (ସ୍ୱତନ୍ତ୍ର ପ୍ରକଳ୍ପ) ଡକ୍ଟର ଆର୍ ବାଲକ୍ରିଷ୍ଣନ କହିଛନ୍ତି। ଆଗାମୀ ୨୦୩୬ ବେଳକୁ ଓଡ଼ିଶା ପାଳିବ ୧୦୦ବର୍ଷ ପୂର୍ତ୍ତି। ସେତେବେଳକୁ ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ବିକାଶ ଓ ଆହ୍ୱାନକୁ ନେଇ ସିୱାଇଏସଡି ପକ୍ଷରୁ ଆୟୋଜିତ ଦୁଇଦିନିଆ ଓଡ଼ିଶା ବିକାଶ କନକ୍ଲେଭ ଚତୁର୍ଥ ସଂସ୍କରଣ ଯୋଗ ଦେଇ ବାଲକ୍ରିଷ୍ଣନ କହିଛନ୍ତି ଯେ ରାଜ୍ୟ ଗରିବୀ ଓ ଅବିକଶିତ ଅବସ୍ଥାରୁ ବିକଶିତ ସ୍ତରରେ ପହଞ୍ଚିଛି। ପୂର୍ବରୁ କଟ୍-ଅପ ଅଞ୍ଚଳ କୁହାଯାଉଥିବା ସ୍ଥାନକୁ ଗୁରୁପ୍ରିୟା ସେତୁ ମାଧ୍ୟମରେ ମୁଖ୍ୟସ୍ରୋତ ସହ ଯୋଡ଼ାଯାଇଛି। ଏବେ ଏହା ସ୍ୱାଭିମାନ ଅଞ୍ଚଳରେ ପରିଣତ ହୋଇଛି ବୋଲି ସେ କହିଛନ୍ତି। ଏହା ବ୍ୟତୀତ ଓଡ଼ିଶା ଗୋଟିଏ ରାଜ୍ୟ, ଯେଉଁଠାରେ କୋଭିଡ୍ ସମୟରେ ଜାତୀୟ ରାଜପଥରେ ଲୋକେ ଚାଲି ଚାଲି ଯାଇନାହାନ୍ତି। ପ୍ରବାସୀ ଶ୍ରମିକମାନଙ୍କୁ ରାଜ୍ୟ ସୀମାପାଖରୁ ଗାଡ଼ି ଯୋଗେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯିବା ସହିତ ଆବଶ୍ୟକୀୟ ଡାକ୍ତରୀ ଚିକିତ୍ସା ଯୋଗାଇ ଦିଆଯାଇଛି। ଏହା ହିଁ ଓଡ଼ିଶା ରାଜ୍ୟର ପରିଚୟ ବୋଲି ସେ କହିଛନ୍ତି। ୨୦୧୬ରେ ଓଡ଼ିଶା ୮୦ ବର୍ଷର ବଜେଟ୍ ପ୍ରସ୍ତୁତ




କରିଥିବା ବେଳେ ସେବେଠାରୁ ଓଡ଼ିଶା ୨୦୩୬କୁ ଲକ୍ଷ୍ୟ କରି ଯୋଜନା ପ୍ରସ୍ତୁତ କରୁଛି ବୋଲି ସେ କହିଛନ୍ତି। ଏଥିପାଇଁ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା 'ଡେମୋଗ୍ରାଫିକ୍ ଇଣ୍ଟେଲିଜେନ୍ସ ୟୁନିଟ୍' ଖୋଲିବା ସହ ଯୋଜନା ପ୍ରଣୟନ କରୁଛି ବୋଲି ସେ କହିଛନ୍ତି।

ସିୱାଇଏସଡି ପ୍ରତିଷ୍ଠାତା ଜଗଦାନନ୍ଦଙ୍କ ସଞ୍ଚାଳନାରେ ଆୟୋଜିତ ଏହି ଖୋଲା ଅଧିବେଶନରେ ଅନ୍ୟତମ ଅତିଥି ଭାବେଯୋଗ ଦେଇ ପ୍ରଫେସର ଡକ୍ଟର ଅମିତାଭ କୁଣ୍ଡୁ ଓଡ଼ିଶାରେ ପରିବର୍ତ୍ତନଶୀଳ ଜନସଂଖ୍ୟା ଓ ସମ୍ଭାବ୍ୟ ଆହ୍ୱାନ ଗୁଡ଼ିକ ବାବଦରେ ସୂଚିତ କରାଇଥିଲେ। ବିଶେଷ କରି ବର୍ତ୍ତମାନର ଜନସଂଖ୍ୟା ଦୃଷ୍ଟିରୁ ସୃଷ୍ଟି ହେଉଥିବା ତାରତମ୍ୟ ଆଗାମୀ ଦିନରେ ଏକ ଆହ୍ୱାନ ହେବ ବୋଲି କହିଥିଲେ। ତାଙ୍କ ମତରେ ପରିବର୍ତ୍ତନଶୀଳ ଏହି ଜନସଂଖ୍ୟାକୁ ଦୃଷ୍ଟି ଦେଇ

- **ପରିବର୍ତ୍ତନଶୀଳ ଜନସଂଖ୍ୟା ଆଧାରରେ ରାଜ୍ୟ ବିକାଶକୁ ଗୁରୁତ୍ୱ**
- **ବୟସ୍କଙ୍କ ଅଭିଜ୍ଞତା ଓ ଅନୁଭବକୁ କାମରେ ଲଗାଯିବା ଜରୁରୀ**

ରାଜ୍ୟରେ ଥିବା ଆଞ୍ଚଳିକ ବୈଷମ୍ୟ ପ୍ରତିହତ ଜରୁରୀ ବୋଲି ପ୍ରଫେସର କୁଣ୍ଡୁ ପରାମର୍ଶ ଦେଇଥିଲେ। ରାଜ୍ୟରେ ଅଧିକ ବୟସର ମହିଳା, ବିଧବା ଓ ବୃଦ୍ଧାଙ୍କ ରୋଜଗାର ଦେଶର ସବୁଠୁ କମ ବୋଲି ସେ କହିବା ସହିତ ସେମାନଙ୍କୁ ହିତାଧୀକାରୀ ଭାବେ କେବଳ ବିବେଚନା ନ କରି ସେମାନଙ୍କ ଜ୍ଞାନ ଓ ଅନୁଭବକୁ ଉପଯୋଗ କରାଯିବା ଦିଗରେ ନୀତି ପ୍ରସ୍ତୁତ ହେଉ ବୋଲି ମତ ରଖିଥିଲେ। କୋଭିଡ ସମୟରେ ରାଜ୍ୟର ଯେଉଁ ପ୍ରବାସୀ ଶ୍ରମିକମାନେ ଓଡ଼ିଶା ଫେରି ଆସିଥିଲେ ସେମାନେ ଆଉ ବାହାରକୁ ଯାଉ ନାହାନ୍ତି। ଅଣକୁଶଳୀ ପ୍ରବାସୀ ଶ୍ରମିକଙ୍କ ସଂଖ୍ୟା ବଢୁଛି। ତେଣୁ ରାଜ୍ୟରେ କୃଷି ଭିତ୍ତିକ ଶିଳ୍ପ ଓ ଶିଳ୍ପୋଦ୍ୟୋଗୀର ବିକାଶ ଜରୁରୀ ବୋଲି କନକ୍ଲେଭରେ ଦର୍ଶାଯାଇଛି।

ସେହିପରି ନୀତି ଆୟୋଗର ସହକାରୀ ପରାମର୍ଶଦାତା ଡକ୍ଟର ମୁନିରାଜୁ ଏସବିୟୁଏନଏଫ୍‌ପିଏ ଭାରତର ଆବାସିକ ପ୍ରତିନିଧି ଆଣ୍ଡ୍ରିଆ ୱାଜନର ଏହି ମଞ୍ଚ ମହିଳା ମାନଙ୍କ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ଦର୍ଶାଇ ମହିଳା ଓ ବରିଷ୍ଠ ନାଗରିକଙ୍କୁ କାମରେ ଲଗାଯିବା ଜରୁରୀ ବୋଲି କହିଛନ୍ତି। ରାଜ୍ୟ ସରକାର ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରେ ନେଇଥିବା ପଦକ୍ଷେପ ଓ ସଫଳତାକୁ ଆବାସିକ ପ୍ରତିନିଧି ପ୍ରଶଂସା କରିଥିଲେ। ଦୁଇଦିନ ବ୍ୟାପୀ ଆୟୋଜିତ ଚତୁର୍ଥ ଓଡ଼ିଶା ବିକାଶ କନକ୍ଲେଭର ବିଭିନ୍ନ ଅଧିବେଶନରେ ପ୍ରବାସୀ ଶ୍ରମିକ, ସହରୀକରଣ, ସ୍ୱାସ୍ଥ୍ୟ ଓ ପୁଷ୍ଟି, ବୟସ୍କଙ୍କ ସଂଖ୍ୟା, ବିଦ୍ୟାଳୟ ଶିକ୍ଷା, ଯୁବ ଦକ୍ଷତା ଓ ରୋଜଗାର, ସିଏସଆର ଏବଂ ଡିଜିଟାଲ ପ୍ରଯୁକ୍ତି ଓ ବିକାଶକୁ ନେଇ ଦଳଗତ ଆଲୋଚନା ହୋଇଥିଲା।

# ୫ ପିକ୍‌ଅପ୍‌ରୁ ୫୬ ଗୋରୁ ଉଦ୍ଧାର

**ଶୁଳିଆପଦା,୭।୧୨(ସମିସ):** ଶୁଳିଆପଦା ଥାନା ପୁଲିସ୍ ମଙ୍ଗଳବାର ୫ଟି ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ମୋଟ ୧୩ ଜଣକୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ, ୱାଲିଗଞ୍ଜର ଦେବାଶିଷ ପାଣିଗ୍ରାହୀ, ମଧୁବନର

**ଜେଲ୍ ଗଲେ ୧୩**

ରବି ମହାନ୍ତ, ହଦହଦିଆର ଦୟାନିଧି ଦାସ, କାଗୁଆଲବନ୍ଧର ଶିବ ବିନ୍ଧାଣି, କଦଳିଆପାଳର ପୂର୍ଣ୍ଣଚନ୍ଦ୍ର ସିଂ, ପ୍ରଭାକର ସୋରେନ୍ ଓ ସୁନ୍ଦର ମୋହନ ସୋରେନ୍, ବାଲିଯୁଡାର ଦୀନବନ୍ଧୁ ସିଂ, ଡାକ ସିଂ ଓ ଆକାଶ ମହାନ୍ତ, ସିନ୍ଦୂରଗୌରାର ପ୍ରଶାନ୍ତ ମହାନ୍ତ, ହରିପୁରର ଅଜିତ ଡୁଳ, ବାଘଡ଼ା ପଞ୍ଚାୟତର ଚାଉଳ ଦହଣୀର ନାଣ୍ଟୁ ଓରଫ ସୁଜିତ ମହାପାତ୍ର। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଉଦ୍ଧାର ହୋଇଥିବା ୫୬ଗୋରୁଙ୍କୁ ଝାଡ଼ଖଣ୍ଡ ରାଜ୍ୟର ଚକୁଳିଆସ୍ଥିତ ଗୋଶାଳାକୁ ପଠାଇ ଦିଆଯାଇଛି। ସୂଚନାଯୋଗ୍ୟ, ମଙ୍ଗଳବାର



ରାତିରେ ଗୋ-ଚାଲାଣ ନେଇ ଶୁଳିଆପଦା ଆଇଆଇସି ସୁମିତ୍ ସୋରେନ୍‌ଙ୍କୁ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଆଇଆଇସି ଶ୍ରୀ ସୋରେନ୍ ସଦଳବଳେ ବାଘଡ଼ା ପଞ୍ଚାୟତ ସୀମାନ୍ତବର୍ତ୍ତୀ ନେଙ୍କଡ଼ାଗୁଞ୍ଜାରେ ଡେରା ପକାଇଥିଲେ। ଦୀର୍ଘ ସମୟ ଧରି ସେଠାରେ ଜଗି ରହିବା ପରେ ବିଳମ୍ବିତ ରାତିରେ ପୁଲିସ୍ ୫ଟି ଯାକ ଭ୍ୟାନ୍‌କୁ ଧରିବାକୁ ସକ୍ଷମ ହୋଇଥିଲା।

# ଚିଟ୍‌ଫଣ୍ଡ ଠକେଇ ମାମଲାରେ ଅଙ୍ଗନବାଡ଼ି କର୍ମୀ ଗିରଫ

**ତେଲକୋଇ,୭।୧୨(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ପୁରୁଜୁଡ଼ା ପଞ୍ଚାୟତ ମୁଖ୍ୟାଳୟ ୩ ନମ୍ବର ଅଙ୍ଗନବାଡି କେନ୍ଦ୍ରର କର୍ମୀଙ୍କୁ ଚିଟ୍‌ଫଣ୍ଡ ଠକେଇ ମାମଲାରେ ସିବିଆଇ ଗିରଫ କରିଛି। ସେ ହେଲେ, ଇନ୍ଦୁମତି ନାୟକ। ସେ ଆଦର୍ଶ ଗ୍ରୁପ୍ ନାମକ ଚିଟ୍‌ଫଣ୍ଡ ସଂସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କର୍ମଚାରୀ



ଭାବେ କାର୍ଯ୍ୟ କରୁଥିବା ବେଳେ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ କିଛି ବର୍ଷ ତଳେ ସିବିଆଇ ରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାକୁ ଆଧାର କରି ସିବିଆଇ ତେଲକୋଇ ପୁଲିସ ସହାୟତାରେ ଅଭିଯୁକ୍ତା ଅଙ୍ଗନବାଡ଼ି କର୍ମୀ ଇନ୍ଦୁମତି ନାୟକଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

# ହାତୀ ଆକ୍ରମଣରେ ଦୁଇ ମୃତ

**ଅନୁଗୋଳ ସହର, ୭।୧୨ (ସମିସ):** ଅନୁଗୋଳ ଜିଲ୍ଲାରେ ଆଜି ହାତୀ ଆକ୍ରମଣରେ ୨ ଜଣ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ,ଶରଧାପୁରୁ ଗ୍ରାମର ରେଙ୍କୁ ନାଏକଙ୍କ ପୁଅ ଗୁରୁ ନାଏକ(୧୯) ଏବଂ ଛେଳିଆପଡ଼ାର ଅଇଁଠୁ ପ୍ରଧାନ। ପୃଥକ୍ ପୃଥକ୍ ସ୍ଥାନରେ ଏହି ଘଟଣା ଘଟିଥିଲେ ହେଁ ଦୁହିଁଙ୍କୁ ଗୋଟିଏ ହାତୀ ମାରିଥିବା ସୂଚନା ମିଳିଛି। ସୂଚନାନୁସାରେ, ଶରଧାପୁରୁ ଗ୍ରାମର କୁସୁମ ପାହାଡ଼ ତଳେ ଗୁରୁ ନାଏକଙ୍କ ପରିବାର ରୁହନ୍ତି। ଗୁରୁ ନିଜ ଗାଁରେ ଥିବା ଦୋକାନକୁ ସଉଦା କିଣିବାକୁ ଆଜି ରାତି ପ୍ରାୟ ୯ଟା ୩୦ରେ ଯାଉଥିବା ବେଳେ ହାତୀ ହାବୁଡରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ କଚାଡ଼ି ମାରି ଦେଇଥିଲା। ଖବର ପାଇ ଗାଁ ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାକୁ ନେଇ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି ଛେଳିଆପଡ଼ାର ଅଇଁଠୁ ରାତିରେ ନିଜ ବଗିଚାରେ ଶୋଇଥିବା ବେଳେ ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ବିଜେପି ଦଳୀୟ କାର୍ଯ୍ୟକ୍ରମରେ ସାମିଲ; ଶିକ୍ଷକ ନିଲମ୍ବିତ

**ଉଦଳା, ୭।୧୨(ସମିସ):** ବିଜେପିର ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ଜଣେ ସରକାରୀ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ସମ୍ପୃକ୍ତ ଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ସେ ହେଲେ, ଉଦଳା ବ୍ଲକ୍ ଦୁଗୁଧା ପଞ୍ଚାୟତ ଶିଆଳିଆ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମୁକ୍ତିକାନ୍ତ ନାଏକ। ମୁକ୍ତିକାନ୍ତ ବିଭିନ୍ନ ସମୟରେ ରାଜନୈତିକ ଦଳର କାର୍ଯ୍ୟକ୍ରମରେ ସାମିଲ ହୋଇଆସୁଥିଲେ। ସେ ବିଜେପିର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଫଟୋ ଭାଇରାଲ ହେବା ସହ ଏନେଇ ଉଦଳା ବିଇଓ ନୀତିଶ କୁମାର ଘୋଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଇଓ ଉକ୍ତ ଅଭିଯୋଗ ଆଧାରରେ ଶ୍ରୀ ନାଏକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରୀ କରିଥିଲେ। ହେଲେ ଶ୍ରୀ ନାଏକ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ

**ବ୍ରହ୍ମପୁର, ୭ ।୧୨(ସମିସ):** ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ଶୁଣାଣି କରି ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ପ୍ରଭାତ କୁମାର ରାଜଗୁରୁ ଗୁରୁବାର ଅଭିଯୁକ୍ତ ରଞ୍ଜିତ ନାୟକ(୨୮)କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୧୩ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୮ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରଞ୍ଜିତର ଘର ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ଼ ଗ୍ରାମରେ। ୨୦୧୯ ମସିହାରେ ରଞ୍ଜିତ ବୁଗୁଡ଼ା ଥାନା ଅଞ୍ଚଳର ୧୫ବର୍ଷୀୟା ଜଣେ ନାବାଳିକାଙ୍କୁ ଭୁବନେଶ୍ୱର ନେଇ ଯାଇଥିଲା। ସେଠାରେ ୧୦ଦିନ ଧରି ତାଙ୍କୁ ଦୁଷ୍କର୍ମ କରିବା ପରେ ନାବାଳିକାଙ୍କୁ ତାଙ୍କ ଘରେ ଛାଡ଼ି ଦେଇଥିଲା। କିଛି ଦିନ ପରେ ନାବାଳିକାଜଣକ ଗର୍ଭବତୀ ହୋଇଯିବାରୁ ପରିବାରଲୋକ ଏ ସଂପର୍କରେ ତାଙ୍କୁ ପଚରାଉଚରା କରିବାରୁ ରଞ୍ଜିତର ପାଶବିକତା ପଦାକୁ ଆସିଥିଲା। ନାବାଳିକାର ପରିବାରଲୋକ ଏ ସଂପର୍କରେ ବୁଗୁଡ଼ା ଥାନାରେ ଅଭିଯୋଗ କରିବାରୁ ପୁଲିସ ଏକ ମାମଲା ରୁଜୁ କରି ରଞ୍ଜିତକୁ ଆସିକାରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ଲୋକକଥା



ରାଜପଥ ସତେ ଯମପଥ ଭଳି
ଜୀବନ ଘୋଷାରି ନଉଛି,
ବ୍ୟବସ୍ଥା ତ୍ରୁଟିରୁ ନିତିନିତି କେତେ
ସଂସାର ଉଜୁଡ଼ି ଯାଉଛି !
ବିଭାଗ ତ ଆଖି ବୁଜିଛି,
ନାଁ ରାଜପଥ; ହିଡ଼ ପଥଠାରୁ
ଆହୁରି କଦର୍ଯ୍ୟ ହୋଇଛି !!

**ବିପଦରେ ଅଲିଭ୍-ରିଡ୍‌ଲେ**

# ନିଷିଦ୍ଧାଞ୍ଚଳରେ ଶହଶହ ଟ୍ରଲର୍

**ରାଜନଗର,୭ ।୧୨(ସମିସ):** ବିରଳ ଅଲିଭ୍-ରିଡ୍‌ଲେଙ୍କ ସୁରକ୍ଷିତ ଅଣ୍ଡାଦାନ ପ୍ରକ୍ରିୟା ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ବନ ବିଭାଗ ପାଖରେ ପାଟ୍ରୋଲିଂ ପାଇଁ ଉପଯୁକ୍ତ ବୋଟ୍ ନଥିବାରୁ କଇଁଛଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଅଲିଭ୍-ରିଡ୍‌ଲେଙ୍କ ଆଗମନ, ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟାକୁ ସୁରକ୍ଷିତ କରିବା ପାଇଁ ଧାମରାରୁ ଦେବୀ ମୁହାଣ ପର୍ଯ୍ୟନ୍ତ ନଭେମ୍ବର ୧ରୁ ମେ' ୩୧ ଯାଏଁ କୂଳଠାରୁ ୨୦ କିମି ପର୍ଯ୍ୟନ୍ତ ମାଛଧରା ବୋଟ୍ ଓ ଟ୍ରଲର୍ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଛି। ମତ୍ସ୍ୟଜୀବୀ ଯେପରି କ୍ଷତିଗ୍ରସ୍ତ ନ ହେବେ, ସେ ବ୍ୟବସ୍ଥା ମଧ୍ୟ ସରକାର କରିଛନ୍ତି। ସରକାର ଏହି ୭ମାସ ପାଇଁ ମତ୍ସ୍ୟଜୀବୀଙ୍କୁ କ୍ଷତିପୂରଣ ରାଶି ମଧ୍ୟ ଦେଉଛନ୍ତି। କିନ୍ତୁ ଏତେ ସବୁ ପରେ ବି ଟ୍ରଲର୍ ମାଫିଆଙ୍କ ପାଇଁ ଅମରାବତୀ ପାଲଟିଛି ଗହୀରମଥା। ବେଧଡ଼କ ଭାବେ ଶହଶହ ଟ୍ରଲର୍ ବାବୁବାଲି ନିକଟରେ ମାଛ ଧରୁଛନ୍ତି। ସୁରକ୍ଷା ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ବନ ବିଭାଗ, ମତ୍ସ୍ୟ ବିଭାଗ ଓ ତଟରକ୍ଷୀ ବାହିନୀ ମିଳିତ ଭାବେ ପାଟ୍ରୋଲିଂ କରୁଛନ୍ତି। କିନ୍ତୁ ୨ଟି ହାଇସ୍ପିଡ୍ ପାଟ୍ରୋଲିଂ ବୋଟ୍ ଖରାପ ହୋଇପଡ଼ିଥିବାରୁ ପର୍ଯ୍ୟାପ୍ତ ପାଟ୍ରୋଲିଂ ହୋଇପାରୁନାହିଁ।

ଅତିଥି କଇଁଛଙ୍କ ସୁରକ୍ଷା ପାଇଁ ୨୦୧୫ରେ ଅଣାଯାଇଥିବା ୫୪୦ ହର୍ସପାୱାର ବିଶିଷ୍ଟ ଦୁଇଟି



ହାଇସ୍ପିଡ୍ ବୋଟ୍ ଏବେ ସଂପୂର୍ଣ୍ଣ ଅଚଳ ହୋଇପଡ଼ିଛି। ୨ ବର୍ଷ ହେଲା 'ଗହୀରମଥା-୧' ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ି ରହିଛି। 'ଗହୀରମଥା-୨'ର ଗୋଟିଏ ଇଂଜିନ୍ ଖରାପ ସତ୍ତ୍ୱେ ଅନ୍ୟ ଇଂଜିନ୍‌ରେ କାମ ଚଳୁଥିଲା। ମାତ୍ର ୪ମାସ ହେଲା ତାହା ବି ଖରାପ ହୋଇଯାଇଛି। ଫଳରେ ବୋଟ୍‌ଟି ଆଉ ଷ୍ଟାର୍ଟ ବି ହେଉନି। ସ୍ଥାନୀୟ ଅଞ୍ଚଳରେ ଏହାକୁ ମରାମତି କରିବା ପାଇଁ ମେକାନିକ୍ କିମ୍ବା ଏହାର ପାର୍ଟ୍ସ ମିଳୁ ନଥିବାରୁ ସ୍ପିଡ୍‌ବୋଟ୍ ଦୁଇଟି ଗଡ଼ିବାର ସମ୍ଭାବନା ଆଉ ପ୍ରାୟତଃ ନାହିଁ। ଏବେ ବନ ବିଭାଗ ପାଖରେ ଥିବା ୪୫୦ହର୍ସପାୱାର ବିଶିଷ୍ଟ ଗୋଟିଏ ମାତ୍ର ଅଲିଭିଆ ଟ୍ରଲର୍‌ରେ ଯାହିତାହି ପାଟ୍ରୋଲିଂ କରାଯାଉଛି। କିନ୍ତୁ ମାଫିଆଙ୍କୁ ରୋକିବାରେ ତାହା ପର୍ଯ୍ୟାପ୍ତ ହେଉନାହିଁ।

ଗତ ୨୧ତାରିଖ ଦିନ ଶାସନପେଟାରେ ଅନୁଷ୍ଠିତ କଇଁଛ ସୁରକ୍ଷା ସଚେତନତା ବୈଠକରେ ମତ୍ସ୍ୟବୀମାନେ ମାଦଳିମାଉଥ୍ ନିକଟରେ ମହାନଦୀରେ ସଂଖ୍ୟାଧିକ ଟ୍ରଲର ଦିନରେ ଲଙ୍ଗର କରି ରହୁଛନ୍ତି ଓ ରାତିରେ ନିଷିଦ୍ଧାଞ୍ଚରେ ମାଛ ଧରୁଛନ୍ତି ବୋଲି ଅଭିଯୋଗ ଆଣିଥିଲେ। ବନ ବିଭାଗ ନିଷିଦ୍ଧାଞ୍ଚଳରେ ଶହଶହ ଟ୍ରଲର୍ ମାଛ ଧରୁଥିବା ଜାଣିଥିଲେ ମଧ୍ୟ ପାଖରେ ପାଟ୍ରୋଲିଂ ପାଇଁ ଟ୍ରଲର ନ ଥିବାରୁ ବନ ବିଭାଗ ହାତବାନ୍ଧି ବସିଛି। ଧାମରା ପୋର୍ଟ ଗୋଟିଏ ଟ୍ରଲର ଓ ବନ ବିଭାଗ ଆଉ ଏକ ଟ୍ରଲର ଭଡ଼ାରେ ଆଣିଥାଏ। କଇଁଛ ଋତୁ ଆରମ୍ଭ ହେବାରେ ମାସେ ପୂରିବାକୁ ବସିଥିବା ବେଳେ ୨ଟି ଟ୍ରଲର କାହିଁକି ପାଟ୍ରୋଲିଂରେ ସାମିଲ ହୋଇପାରିଲା ନାହିଁ, ସେନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବନ ବିଭାଗ ପାଟ୍ରୋଲିଂ ଟିମ୍ ବାବୁବାଲିଠାରେ ରହି ଅଲିଭିଆରେ ପାଟ୍ରୋଲିଂ କରୁଛନ୍ତି। ଚଳିତ କଇଁଛ ଋତୁରେ ୫ ନଭେମ୍ବରରେ ସାଇଶଙ୍କର, ୧୯ ନଭେମ୍ବରରେ ମା' କମଳା, ୨୨ ନଭେମ୍ବରରେ ଏବି ପାରୁଲ ଓ ୨୩ ନଭେମ୍ବରରେ ଦୀପିକା ନାମକ ଟ୍ରଲରକୁ ବାବୁବାଲି ନିକଟ ସମୁଦ୍ରରେ ଜବତ କରାଯାଇଛି। ୫ଟି ଟ୍ରଲରରୁ ୪୬ଜଣ ମତ୍ସ୍ୟଜୀବୀଙ୍କୁ ଆଜି ସୁଦ୍ଧା ଗିରଫ କରାଯାଇଛି।

ଏ ସଂପର୍କରେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କୁ ପଚାରିବାରୁ ସେ କହିଛନ୍ତି, ବାତ୍ୟା ମିଗଜୋମ୍ ପ୍ରଭାବ ଯୋଗୁଁ ୩ଦିନ ହେଲା ସମୁଦ୍ର ଭିତରେ ପାଟ୍ରୋଲିଂ ହୋଇପାରିନଥିଲା। ଏ ସମୟରେ କ'ଣ ହୋଇଛି ଆମେ ଖବର ପାଇନୁ।

## ନିରୁଦ୍ଦିଷ୍ଟ



ସୋର ଥାନା ଅନନ୍ତପୁର ପଞ୍ଚାୟତ ଅଇଁରୀ ଗ୍ରାମର ଶିବାନନ୍ଦ ଦାସ। ଆଜକୁ କୋଡିଏ ବର୍ଷ ପୂର୍ବେ ଘରୁ କାହାକୁ କିଛି ନ କହି କୁଆଡେ ନିଖୋଜ ହୋଇଯାଇଛନ୍ତି। ତାଙ୍କର ବୟସ ୫୩ ବର୍ଷ, ଗୌର ବର୍ଣ୍ଣ, ଉଚ୍ଚତା ୫ ଫୁଟ ୬ ଇଞ୍ଚ,ମଧ୍ୟମ ସ୍ୱାସ୍ଥ୍ୟ ଏବଂ ଲମ୍ବା ମୁହଁ ଅଟେ। ଯଦି କେହି ସହୃଦୟ ବ୍ୟକ୍ତି ତାଙ୍କର ସନ୍ଧାନ ପାଆନ୍ତି ତାହେଲେ ୮୯୫୪୮୮୫୨୭୫ ନମ୍ବରରେ ଯୋଗାଯୋଗ କରିବାକୁ ତାଙ୍କ ଭାଇ ନିଗମାନନ୍ଦ ଦାସ ଅନୁରୋଧ କରିଛନ୍ତି।

# ଅଗ୍ନି-୧ ର ବ୍ୟାବହାରିକ ପରୀକ୍ଷଣ ସଫଳ

**ବାଲେଶ୍ୱର,୭।୧୨(ସମିସ):** ଭଦ୍ରକ ଚାନ୍ଦବାଲି ନିକଟ ଏପିଜେ ଅବଦୁଲ କଲାମ ଦ୍ୱୀପର ଉତ୍କ୍ଷେପଣ କେନ୍ଦ୍ର-୪ରୁ ଗୁରୁବାର ଅପରାହ୍ଣରେ ମଧ୍ୟମ ଦୂରଗାମୀ ବାଲାଷ୍ଟିକ କ୍ଷେପଣାସ୍ତ୍ର ଅଗ୍ନି - ୧ର ସଫଳ ପରୀକ୍ଷଣ ହୋଇଛି। ଅଗ୍ନି-୧ର ଲକ୍ଷ୍ୟଭେଦ କ୍ଷମତା ୭ ଶହରୁ ୯ ଶହ କିମି ହୋଇଥିବା ବେଳେ ଏହି କ୍ଷେପଣାସ୍ତ୍ର ପାଖରେ ୧ ହଜାର କେଜି ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ଏହାର ଲମ୍ବ ୧୫ମିଟର ଓ ଓଜନ ୧୨ ଟନ୍ ବୋଲି ଜଣାଯାଇଛି। ଏହି କ୍ଷେପଣାସ୍ତ୍ରକୁ ଇଣ୍ଟିଗ୍ରେଟେଡ୍ ଗାଇଡେଡ୍ ମିସାଇଲ ଡେଭଲପମେଣ୍ଟ ପ୍ରୋଗ୍ରାମ୍ (ଆଇଜିଏମଡିପି) ଦ୍ୱାରା ବିକଶିତ କରାଯାଇଛି। ୧୯୮୯ ମସିହାରେ ଏହାର ପ୍ରଥମ ପରୀକ୍ଷଣ କରାଯାଇଥିଲା। ଆଜି ରଣନୀତିକ ବାହିନୀ କମାଣ୍ଡ ଅଧୀନରେ ଏହାକୁ ବ୍ୟବହାରକାରୀ ପ୍ରଶିକ୍ଷଣ ପାଇଁ ଉତ୍କ୍ଷେପଣ କରାଯାଇଥିଲା। ଏହା ସଫଳତାର ସହ ସମସ୍ତ ପରିଚାଳନାଗତ ଏବଂ ବୈଷୟିକ ମାପଦଣ୍ଡକୁ ପ୍ରମାଣିତ କରିଥିଲା। ପରୀକ୍ଷଣ ବେଳେ ପ୍ରତିରକ୍ଷା ବିଭାଗର ବରିଷ୍ଠ ବୈଜ୍ଞାନିକ, ଅଧିକାରୀ ଓ ଇଞ୍ଜିନିୟର୍‌ମାନେ ଉପସ୍ଥିତ ରହି ଅଗ୍ନି କ୍ଷେପଣାସ୍ତ୍ରର ଗତିବିଧି ଲକ୍ଷ୍ୟ କରିଥିଲେ।

# ୩ ଦିନରେ ତାପମାତ୍ରା ୫ଡିଗ୍ରୀ ଖସିବ

**ଭୁବନେଶ୍ୱର, ୭।୧୨(ସମିସ):** ଆସନ୍ତା ୨-୩ ଦିନ ମଧ୍ୟରେ ରାଜ୍ୟର ତାପମାତ୍ରା ୫ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ଯୋଗୁଁ ପାଣିପାଗରେ ଅସଂଗତି ଘଟିଥିଲା। ତେବେ ବାତ୍ୟା ଦୁର୍ବଳ ହୋଇଯାଇଥିବା ଯୋଗୁଁ ଏବେ ରାଜ୍ୟକୁ ଥଣ୍ଡା ଓ ଶୁଷ୍କବାୟୁ ପ୍ରବାହିତ ହେବ। ଏଥିପାଇଁ ଥଣ୍ଡାର ପ୍ରକୋପ ବଢ଼ିବ ବୋଲି ଜଣାପଡ଼ିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ଦୁର୍ବଳ ହୋଇ ବର୍ତ୍ତମାନ ଦକ୍ଷିଣ-ଛତିଶଗଡ଼ ଏବଂ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ ରୂପରେ ରହିଛି। ଏହାସହ ଜଡ଼ିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୩.୧ କିମି ଉଚ୍ଚତା ଯାଏଁ ବ୍ୟାପିଛି। ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ କୋହଲା ପାଗ ଲାଗି ରହିଛି। ବୁଧବାର ସୁଦ୍ଧା ରାଜ୍ୟର ଅଧିକାଂଶ ସ୍ଥାନରେ ମଧ୍ୟମଧରଣର ବର୍ଷା ହୋଇଛି। କୋରାପୁଟର କୋଟପାଡ଼ରେ ସର୍ବାଧିକ ୬୪ମିମି ବର୍ଷା ହୋଇଥିବା ବେଳେ ହିଞ୍ଜିଳିରେ ୫୯, ଆସ୍କାରେ ୫୫.୮ ଓ ନୂଆପଡ଼ା ୪୪.୮ମିମି ବର୍ଷା ରେକର୍ଡ ହୋଇଛି।

**୭୦ ଡଲାର ତଳେ ଅଶୋଧିତ ତୈଳ ଦର**

# କମୁନି ପେଟ୍ରୋଲ, ଡିଜେଲ

**ଭୁବନେଶ୍ୱର,୭।୧୨(ଏଜେନ୍ସି):** ଦେଶରେ ଦୀର୍ଘ ଦିନ ହେବ ତେଲ ଦର ଖୁବ୍ ଉଚ୍ଚ ସ୍ତରରେ ରହିଛି। ପ୍ରାୟ ସବୁ ରାଜ୍ୟରେ ପେଟ୍ରୋଲ ଲିଟର ପିଛା ୧୦୦ ଟଙ୍କା ଟପିଥିବାବେଳେ ଡିଜେଲ ମୂଲ୍ୟ ୯୦ ଟଙ୍କା ଉପରେ ରହିଛି। ଘରୋଇ ବଜାରରେ ତେଲ ଦରକୁ ନେଇ ଖାଉଟିଙ୍କ ଅସନ୍ତୁଷ୍ଟ ଚରମସୀମାରେ ପହଞ୍ଚିଛି। ବିଶ୍ୱ ବଜାରରେ ଅଶୋଧିତ ତେଲ ଦର କମୁଥିଲେ ସୁଦ୍ଧା ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦର କମିବାର ନାମ ଧରୁନାହିଁ। ବର୍ତ୍ତମାନ ବଜାରରେ ଅଶୋଧିତ ତେଲ ଦର ୭୦ ଡଲାର ତଳକୁ ଖସିଆସିଛି। ୨୦୦୮ରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ରେକର୍ଡ ୧୨୩.୫୮ ଡଲାର ରହିଥିଲା। ବର୍ତ୍ତମାନ ଦର ସେହି ରେକର୍ଡ ସ୍ତରଠାରୁ ପାଖାପାଖି ଅଧାକୁ ଖସିଯାଇଥିଲେ ସୁଦ୍ଧା ସରକାର ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ହ୍ରାସ ଘଟାଇ ଖାଉଟିଙ୍କୁ କୌଣସି ରିଆତି ଦେବାକୁ ନାରାଜ। ଅପରପକ୍ଷେ ବର୍ତ୍ତମାନ ଚାହିଦାରେ ହ୍ରାସ ଏବଂ ଅତ୍ୟଧିକ ଯୋଗାଣ ଜନିତ ପରିସ୍ଥିତି ଯୋଗୁ ବିଶ୍ୱ ବଜାରରେ ଅଶୋଧିତ ତେଲ ଦରରେ ବୃହତ୍ ହ୍ରାସ ଘଟିଛି।

ତେଲ ଦର ବଢ଼ିବା ଯୋଗୁ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀ ମୂଲ୍ୟ ମହଙ୍ଗା ହେଉଛି। ଏହି ମହଙ୍ଗା ମାଡ଼ରେ ଖାଉଟି ଅଣନିଶ୍ୱାସୀ ହୋଇପଡ଼ିଲେଣି। ଶେଷ ଥର ପାଇଁ ୨୦୦୮ ଜୁଲାଇ ୧୧ରେ ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ସର୍ବାଧିକ ୧୪୭.୦୨ ଡଲାର ରହିଥିଲା। ସେତେବେଳେ ପେଟ୍ରୋଲ ଲିଟର ପିଛା ୪୫ ଟଙ୍କା ୫୬ ପଇସା ଏବଂ ଡିଜେଲ ୩୪ ଟଙ୍କା ୮୬ ପଇସା ରହିଥିଲା। ବର୍ତ୍ତମାନ ଲଣ୍ଡନ୍ ଏକ୍ସଚେଞ୍ଜଠାରେ ବ୍ରେଣ୍ଟ କ୍ରୁଡ ଦର ବ୍ୟାରେଲ ପିଛା ୧.୦୬% ହ୍ରାସ ସହ ୭୬.୫୧ ଡଲାରକୁ ଖସିଆସିଛି। ସେହିପରି ଆମେରିକୀୟ ମର୍କାଣ୍ଟାଇଲ ଏକ୍ସଚେଞ୍ଜରେ ୱେଷ୍ଟ ଟେକ୍ସାସ୍ ଇଣ୍ଟର ମିଡିଏଟ୍(ଡବ୍ଲ୍ୟୁଟିଆଇ) କ୍ରୁଡ୍ ବ୍ୟାରେଲ ପିଛା ୧% ହ୍ରାସ ଘଟି ୬୯.୩୮ ଡଲାରରେ କାରବାର କରୁଛି। ଏହି ସମୟରେ ଘରୋଇ ବଜାରରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୩୭ ପଇସା ଏବଂ ଡିଜେଲ ୯୪ ଟଙ୍କା ୮୬ ପଇସା ରହିଛି। ୨୦୧୪ରେ ଯେତେବେଳେ ମୋଦୀ ସରକାର କ୍ଷମତାକୁ ଆସିଲେ ସେତେବେଳେ ଅଶୋଧିତ ତେଲ ବ୍ୟାରେଲ ପିଛା ୧୦୭ ଡଲାର ରହିଥିଲା। ତେବେ ସେତେବେଳେ ପେଟ୍ରୋଲ ଲିଟର ପିଛା ୭୧ ଟଙ୍କା ୪୧ ପଇସା ରହିଥିଲା। ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର ବର୍ତ୍ତମାନ ସମୟ ପାଇଁ ଦେଶରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ହ୍ରାସ ଘଟାଇପାରନ୍ତି ବୋଲି ଖାଉଟି ଆଶାବାଦୀ।



**ଭାଙ୍ଗୁନି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଙ୍କ କୁମ୍ଭକର୍ଣ୍ଣ ନିଦ୍ରା**

ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲିୟମ୍ ଡିଲର୍ସ ଆସୋସିଏସନ୍‌ର ମହାସଚିବ ସଞ୍ଜୟ ଲାଠ୍ କୁହନ୍ତି, ଓପେକ୍ ପ୍ଲସ୍ ରାଷ୍ଟ୍ର ସମୂହ ଉତ୍ପାଦନ ହ୍ରାସ ଘଟାଇବା ନେଇ ନେଇଥିବା ନିଷ୍ପତ୍ତିକୁ କିଭଳି କାର୍ଯ୍ୟକାରୀ କରୁଛନ୍ତି ତାହା ଏବେ ଦେଖିବାର କଥା। ଅପରପକ୍ଷେ ବର୍ତ୍ତମାନ ଅନ୍ତର୍ଜାତୀୟ ବଜାରରେ ତୈଳ ଯୋଗାଣ ବଢ଼ିଥିବାବେଳେ ଚାହିଦାରେ ବଡ଼ ଧରଣର ହ୍ରାସ ହୋଇଛି। ତେଣୁ କ୍ରୁଡ୍ ମୂଲ୍ୟ ନିମ୍ନଗାମୀ ହେଉଛି। ନିକଟରେ ବିଜେପି ୩ ରାଜ୍ୟରେ ବିଧାନସଭା ନିର୍ବାଚନରେ ବିଜୟ ହାସଲ କରିବା ପରେ ଆଗକୁ ୨୦୨୪ ସାଧାରଣ ନିର୍ବାଚନ। ତେବେ ଶାସକ ଦଳ କ୍ରମାଗତ ତୃତୀୟ ଥର କ୍ଷମତା ହାସଲ କରିବାକୁ ଅନେକ ଜନପ୍ରିୟ ନିଷ୍ପତ୍ତି ନେଇପାରେ। ଅଶୋଧିତ ତୈଳ ମୂଲ୍ୟରେ କ୍ରମାଗତ ହ୍ରାସ ପରେ ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ପ୍ରଦାନ କରିବାକୁ ସରକାର ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ହ୍ରାସ କରିବା ସମ୍ଭାବନା ରହିଛି। ଅପରପକ୍ଷେ ସାଉଦି ଆରବ ଏହାର ଏସୀୟ କ୍ରେତାଙ୍କୁ ଶସ୍ତା ମୂଲ୍ୟରେ ତେଲ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛି। ଗତ ୭ ମାସ ମଧ୍ୟରେ ପ୍ରଥମ ଥର ପାଇଁ ସାଉଦିଆରବ ଏହାର ଅଶୋଧିତ ତୈଳ ମୂଲ୍ୟ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ଏହି ଅନୁଯାୟୀ, ଆସନ୍ତା ଜାନୁୟାରୀରେ ସାଉଦି ଆରବ ଏସୀୟ କ୍ରେତାଙ୍କୁ ଶସ୍ତା ମୂଲ୍ୟରେ ଅଶୋଧିତ ତୈଳ ଯୋଗାଇଦେବ। ଏଥିରୁ ଭାରତକୁ ମଧ୍ୟ ଲାଭ ମିଳିବ ବୋଲି ବିଶ୍ୱାସ କରାଯାଉଛି।

**ଉତ୍ପାଦନ ଓ ବଜାର ସୃଷ୍ଟି ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ**

# ଏସ୍‌ଏଚ୍‌ଜିଙ୍କ ଆର୍ଥିକ ମେରୁଦଣ୍ଡ ସୁଦୃଢ଼ କରିବ ଝୋଟ

- ଚାଷୀଙ୍କଠାରୁ ଏମ୍‌ଏସ୍‌ପିରେ ଝୋଟ କିଣିବାକୁ ନିର୍ଦ୍ଦେଶ
- ଆସନ୍ତାବର୍ଷ ଦୁଇଗୁଣା ଜମିରେ ଚାଷ କରାଯିବା ଲକ୍ଷ୍ୟ

**ଭୁବନେଶ୍ୱର,୭।୧୨(ସମିସ):** ପ୍ଲାଷ୍ଟିକ୍‌ର ବିକଳ୍ପ ରୂପେ ଝୋଟ ତନ୍ତୁରୁ ପ୍ରସ୍ତୁତ ହେଉଥିବା ବିଭିନ୍ନ ସାମଗ୍ରୀର ବଜାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ରାଜ୍ୟରେ ଝୋଟ ଚାଷର ଚାହିଦା ବଢ଼ିବାରେ ଲାଗିଛି। ତେଣୁ ଏଥିରୁ ବିଭିନ୍ନ ମୂଲ୍ୟଯୁକ୍ତ ଦ୍ରବ୍ୟ ପ୍ରସ୍ତୁତ କରିବା ଓ ଏଥିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଅଧିକ ସଂଖ୍ୟାରେ ସାମିଲ କରାଯିବା ଆବଶ୍ୟକ ରହିଛି। ଆଜି କୃଷି ଭବନରେ ଝୋଟ ଚାଷ ସମ୍ପର୍କିତ ଏକ ସମୀକ୍ଷା ବୈଠକରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଶ୍ରୀ ସ୍ୱାଇଁ କହିଛନ୍ତି, ଝୋଟର ଉତ୍ପାଦନ ବୃଦ୍ଧି ସହ ବଜାର ସୃଷ୍ଟି କରିପାରିଲେ, ଗ୍ରାମାଞ୍ଚଳରେ ଚାଷ କରୁଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ରୋଜଗାରକ୍ଷମ ହେବା ସହ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିବେ। ଏହି ପରିପ୍ରେକ୍ଷୀରେ ଝୋଟର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧିର ଆବଶ୍ୟକତା ରହିଛି। ଝୋଟଚାଷ ହେଉଥିବା ଜିଲ୍ଲାର ଚାଷୀମାନଙ୍କଠାରୁ ସେମାନଙ୍କ ଉତ୍ପାଦିତ ଝୋଟକୁ ଏମ୍‌ଏସ୍‌ପି ଦରରେ କିଣିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବା ପାଇଁ ଭାରତୀୟ ଝୋଟ ନିଗମକୁ ପରାମର୍ଶ ଦେଇଛନ୍ତି। ଏଥିସହ ବାଲିଆପାଳ ଝୋଟ ସଂଗ୍ରହ କେନ୍ଦ୍ରକୁ ତୁରନ୍ତ କାର୍ଯ୍ୟକ୍ଷମ କରି ବାଲେଶ୍ୱର ଜିଲ୍ଲାର ଚାଷୀଙ୍କଠାରୁ ଝୋଟ କ୍ରୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆଗାମୀ ବର୍ଷରେ ରାଜ୍ୟରେ ଦ୍ୱିଗୁଣିତ ଜମିରେ ଝୋଟ ଚାଷ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

ଏଥିସହ ରାଜ୍ୟର ଝୋଟ ଚାଷୀମାନଙ୍କୁ ବାହାର ରାଜ୍ୟରେ ବୈଜ୍ଞାନିକ ପ୍ରଣାଳୀରେ ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ତାଲିମ ପ୍ରଦାନ କରିବାକୁ ଅଗ୍ରାଧିକାର ଦେବାକୁ ମନ୍ତ୍ରୀ କହିଥିଲେ। ଉନ୍ନତମାନର ବିହନ ସମେତ ଚାଷୀମାନଙ୍କୁ ଧାଡ଼ିବୁଣା, ଘାସବଛା ଯନ୍ତ୍ର ଏବଂ ନଳିତାରୁ ତନ୍ତୁ ବାହାର କରିବା ନିମନ୍ତେ ରେଟିଙ୍ଗ୍ ଟ୍ୟାଙ୍କ ପ୍ରଭୃତି ଚାଷୀମାନଙ୍କୁ ସଠିକ୍ ଭାବରେ ଯୋଗାଇଦେବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଝୋଟ ଫସଲ ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣରେ ଶ୍ରମ ଲାଘବ ନିମନ୍ତେ କୃଷି ଯାନ୍ତ୍ରିକୀକରଣକୁ ବ୍ୟାପକ କରାଗଲେ, ଅଧିକ ଚାଷୀ ଝୋଟ ଚାଷ ପ୍ରତି ଆଗ୍ରହୀ ହେବେ ବୋଲି ସେ କହିଥିଲେ। ଏହି ଅବସରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଲେ, ଝୋଟର ଉତ୍ପାଦନ ବୃଦ୍ଧି ନିମନ୍ତେ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଅଧିକ ଅମଳକ୍ଷମ ଝୋଟ ବିହନ ଯୋଗାଇ ଦିଆଯିବ ସହ ଅନେକ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି। ବୈଠକରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଓଡ଼ିଶା ରାଜ୍ୟ ବିହନ ନିଗମର ପରିଚାଳନା ନିର୍ଦ୍ଦେଶକ ଭବେଶ କୁମାର ନାୟକ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ, ଭାରତୀୟ ଝୋଟ ନିଗମର ଜୋନାଲ ଓ ଆଞ୍ଚଳିକ ପ୍ରବନ୍ଧକ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିବାବେଳେ ଝୋଟ ଚାଷ ହେଉଥିବା ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀମାନେ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ।

# ମା' ତାରିଣୀ ମନ୍ଦିର ହୁଣ୍ଡିରୁ ମିଳିଲା ୧୯.୬୧ ଲକ୍ଷ

**ଘଟଗାଁ, ୭।୧୨ (ସମିସ):** ଘଟଗାଁ ମା' ତାରିଣୀ ମନ୍ଦିର ପରିସରରେ ଥିବା ୧୩ଟି ହୁଣ୍ଡିର ଗଣତି ହୋଇଛି। ଏଥିରୁ ୧୯ଲକ୍ଷ ୬୧ହଜାର ୪୯୦ ଟଙ୍କା ମିଳିଛି। ସେହିପରି ୮୬ଗ୍ରାମ ୧୧୦ ମିଲିଗ୍ରାମ ସୁନା ଓ ୫୭୯ଗ୍ରାମ ୯୭୦ ମିଲିଗ୍ରାମ ରୁପା ମଧ୍ୟ ମିଳିଛି। ମା' ତାରିଣୀ ମନ୍ଦିର ଦାୟିତ୍ୱରେ ଥିବା ଡିଭିଜିନାଲ ନିରୀକ୍ଷକ ଦକ୍ଷିଣେଶ୍ୱର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର ଓ ପୁଲିସ କର୍ମଚାରୀଙ୍କ ଉପସ୍ଥିତରେ ହୁଣ୍ଡିଗୁଡ଼ିକ ଖୋଲାଯାଇଥିଲା। ମନ୍ଦିର କର୍ମଚାରୀ ହରେକୃଷ୍ଣ ବେହେରା, ଶରତ ବେହେରା, ମହେଶ୍ୱର ସାହୁ, ମହେଶ୍ୱର ଦେହୁରୀ, ରଞ୍ଜନ କୁମାର ସାହୁ, ଗଗନ ବଳ, ନବୀନ ମହନ୍ତ, ଦେବଦତ୍ତ ବଳ, ଚନ୍ଦ୍ରା ମୁଖି, ନାରାୟଣ ମୁଖି, ସନାତନ ନାଏକ, ଚକ୍ରଧର ନାଏକ, ଅରୁଣ ନାଏକ, ଶଙ୍କର୍ଷଣ ନାଏକ, ହରିହର ମହନ୍ତ ସମେତ ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ବ୍ୟାଙ୍କ କର୍ମଚାରୀ ପ୍ରମୁଖ ଏଥିରେ ସହାୟତା କରିଥିଲେ।



# ଗାଡ଼ି ଧକ୍କାରେ ଯୁବକ ମୃତ

**କୁଆଖିଆ,୭।୧୨(ସମିସ):** ୧୬ନଂ ଜାତୀୟ ରାଜପଥର କୁଆଖିଆ ବଜାର ସତ୍‌ସଙ୍ଗ ବିହାର ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଆଜି ସକାଳ ପ୍ରାୟ ୮ଟା ସମୟରେ ସତସଙ୍ଗ ବିହାର ନିକଟରେ ବାଇକ୍ ଆରୋହୀ ଯୁବକଙ୍କୁ ଏକ ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ଘଟଣାସ୍ଥଳରେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ରାଜପଥ ପାଟ୍ରୋଲିଂ ପୁଲିସ୍ ପହଞ୍ଚି ମୃତ ଯୁବକଙ୍କୁ ଯାଜପୁର ମୁଖ୍ୟ ମେଡ଼ିକାଲ ପଠାଇଥିଲା। ମୃତ ଯୁବକ ଜଣକ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ଥାନା ଲକ୍ଷ୍ମୀନାରାୟଣପୁର ନୋଳସାହି ଅଞ୍ଚଳର ପରେଶ କୁମାର ଦାଶ (୨୪) ବୋଲି ଜଣାପଡ଼ିଛି। ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ପରେଶ କେନ୍ଦୁଝରର ଆନନ୍ଦପୁର ମଣିପୁରମ ଗୋଲ୍ଡ ଲୋନ୍‌ରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ମଙ୍ଗଳବାର ଦିନ ସାଙ୍ଗ ବାହାଘର ପାଇଁ ଛୁଟି ନେଇଯାଇଥିଲେ। ଆଜି ସେ ବାହାଘର ସାରି କର୍ମସ୍ଥଳୀ ଆନନ୍ଦପୁରକୁ ବାଇକ୍‌ରେ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। କୁଆଖିଆ ବଜାର ସତ୍‌ସଙ୍ଗ ବିହାର ନିକଟରେ ତାଙ୍କ ବାଇକ୍‌କୁ କୌଣସି ଏକ ଗାଡ଼ି ଧକ୍କା ଦେଇଥିଲା। ଏଥିରେ ତାଙ୍କର ମୃତ୍ୟୁ ଘଟିଥିଲା।






# ଗୋଷାଣିରେ ମହାବଳର ପଇଁତରା !

**ଗୋଷାଣି, ୭।୧୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦର ମହକୁମାରେ ବାଘର ପାଦଚିହ୍ନ ଠାବ ହେବା ସଂକ୍ରାନ୍ତ ଏକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଦେଖାଦେଇଛି। ଫଟୋ ପୋଷ୍ଟ କରିଥିବା ବ୍ୟକ୍ତିଜଣଙ୍କ ସେଥିରେ ଉଲ୍ଲେଖ କରିଛନ୍ତି ଯେ ଗୋଷାଣି ଗ୍ରାମର ମିଶନ୍ ଶକ୍ତି କାଫେ ସମ୍ମୁଖରୁ ଏହି ପାଦ ଚିହ୍ନ ମିଳିଛି। ତେବେ ପ୍ରକୃତରେ ଏହା ବାଘ ନା ଅନ୍ୟ କୌଣସି ବନ୍ୟଜନ୍ତୁର, ତାହା ସ୍ପଷ୍ଟ ହୋଇ ନଥିଲେ ହେଁ ଦୁଇ ମାସରୁ ଊର୍ଦ୍ଧ୍ୱ ହେଲା ଏଠାରେ ଏକ ମହାବଳ ଘୂରି ବୁଲୁଥିବାରୁ ଲୋକଙ୍କ ଭିତରେ ଛନକା ପଶିଛି। ଏ ସଂପର୍କରେ ଗାରବନ୍ଧ ବନପାଳ ଦୁର୍ଯ୍ୟୋଧନ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଭାଇରାଲ ଫଟୋ ପାଦଚିହ୍ନଟି ହେଟାବାଘ କିମ୍ବା ବଡ଼ ପ୍ରଜାତିର ବିଲୁଆର ହୋଇପାରେ, କିନ୍ତୁ ଏହା ମହାବଳ ବାଘର ନୁହେଁ ବୋଲି ସ୍ପଷ୍ଟ କରିଛନ୍ତି। କିଛି ଦିନ ପୂର୍ବରୁ ଯେଉଁ ମହାବଳ ବାଘ ଗଜପତିରେ ବୁଲୁଥିଲା, ତା'ର ପାଦ ଚିହ୍ନ ଓସାର ଓ ଲମ୍ବ ଯଥାକ୍ରମେ ୧୭ ଓ ୧୪ ସିଏମ ରହିଥିଲା। ଫଟୋରେ ଦେଖାଦେଉଥିବା ପାଦ ଚିହ୍ନର ଓସାର ଓ ଲମ୍ବ ଏହାଠାରୁ ବହୁ ଛୋଟ ବୋଲି ସେ କହିଛନ୍ତି। ତେଣୁ ଭାଇରାଲ ଫଟୋ ଏବଂ ଗୁଜବକୁ ନେଇ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି।








**୮ ଜିଲ୍ଲାରେ ବର୍ଷା କ୍ଷୟକ୍ଷତି ଆକଳନ**

# ୧୨ ତାରିଖ ଯାଏଁ କୃଷି ଅଧିକାରୀଙ୍କ ଛୁଟି ବାତିଲ୍

**ଭୁବନେଶ୍ୱର, ୭।୧୨(ସମିସ):** ଆସନ୍ତା ୧୨ ତାରିଖ ମଧ୍ୟରେ ବାତ୍ୟା କ୍ଷୟକ୍ଷତି ଜନିତ ରିପୋର୍ଟ ପ୍ରଦାନ କରିବାକୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ କୃଷି ବିଭାଗ ପକ୍ଷରୁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାର କୃଷି ଅଧିକାରୀମାନଙ୍କୁ ରାଜସ୍ୱ ବିଭାଗ ଅଧିକାରୀଙ୍କ ସହ ଯୁଗ୍ମ ଭାବେ ସର୍ଭେ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଏହି ଜିଲ୍ଲାର କୃଷି ବିଭାଗ ଅଧିକାରୀମାନଙ୍କ ଛୁଟି ବାତିଲ କରାଯାଇଛି।




ସକାଳ THE SAKALA



ଧାନ କିଆରିରେ ପାଣି ଭର୍ତ୍ତି

# ଚାଷୀଙ୍କ ମୁହଁରୁ ହସ ଛଡ଼େଇ ନେଲା ଅଦିନିଆ ବର୍ଷା





**ରାଉରକେଲା, ୭।୧୨(ସମିସ)**

ଲଘୁଚାପ ଜନିତ ଅଦିନିଆ ବର୍ଷା ଚାଷୀଙ୍କ ମୁହଁରୁ ହସ ଛଡ଼େଇ ନେଇଛି। ବହୁତ କଷ୍ଟରେ କିଛି ମାତ୍ରାରେ ଚାଷ ହୋଇଛି କିନ୍ତୁ ତାହା ମଧ ଅଦିନିଆ ବର୍ଷା ଯୋଗୁଁ ନଷ୍ଟ ହେବାର ଆଶଙ୍କା ଦେଖା ଦେଇଥିବାରୁ ଚାଷୀକୁଳ ହତାଶରେ ରହିଛନ୍ତି। ବୁଧବାର ଠାରୁ ଆରମ୍ଭ ହୋଇଥିବା ଏହି ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଥିବା ଜଣାପଡ଼ିଛି। ସାଇକୋଲନ 'ମିଚାଉଙ୍ଗ'ର ପ୍ରଭାବରେ ଅଦିନିଆ ଲଗାଣ ବର୍ଷା ରାଉରକେଲା ସମେତ ସମଗ୍ର ସୁନ୍ଦରଗଡ଼ ଜିଲ୍ଲାରେ ବୁଧବାର ବିଳମ୍ବିତ ରାତିରୁ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ଗୁରୁବାର ସକାଳୁ ଏହି ବର୍ଷା ମୁଷଳ ଧାରାରେ ହେବା ସହ ଦିନ ତମାମ ମଧ ଲାଗି ରହିଥିଲା। ଏହା ସାଙ୍ଗକୁ କୋହଲା ପାଗ ସାଧାରଣ ଜୀବନଯାତ୍ରାକୁ ବାଧାପ୍ରାପ୍ତ କରିଥିଲା। ଫଳରେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେପଟେ ଏହି ଲଘୁଚାପ ଜନିତ ଲଗାଣ ବର୍ଷା ଚାଷୀଙ୍କ ମୁହଁରୁ ହସ ଛଡେଇ ନେଇଥିବା ଜଣାପଡ଼ିଛି। ଏବେ ଧାନ ପାଚି ଅମଳ ସମୟ ହୋଇଥିବାରୁ ଚାଷୀମାନେ ଧାନ କାଟିବା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ଆଜିର ଲଘୁଚାପ ବର୍ଷା ଯୋଗୁଁ ଧାନ ବିଲରେ ପାଣି ଜମି ଯାଇଛି। ଫଳରେ ପାଣିରେ ବୁଡି ଧାନ ପଚି ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ଯାହା ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଦିନିଆ ଲଗାତାର ପ୍ରବଳ ବର୍ଷା ଯୋଗୁଁ ଆମ ଚାଷୀ ଭାଇମାନଙ୍କର ଅପୂରଣୀୟ କ୍ଷତି ଘଟିଛି। ଏହି ଲଗାଣ ବର୍ଷା ଯୋଗୁଁ ଧାନ ବିଲରେ ପାଣି ଜମି ରହି ୧୦୦ ପ୍ରତିଶତ କ୍ଷତି ହେବାର ଆଶଙ୍କା ଦେଖାଦେଇଛି। ଅଧିକାଂଶ ବିଲରେ କଟା ହୋଇଥିବା ଧାନ ଗୁଡିକ ପାଣିରେ ବୁଡିରହିଛି। ସେହିପରି କଟା ହୋଇ ନ ଥିବା ଧାନଗୁଡିକ ମଧ ପାଣିରେ ବୁଡ଼ି ରହିଛି। ତେବେ ଯଦି ଏହି ଧାନକୁ ଶୀଘ୍ର ନିଆ ନ ଯାଏ ତେବେ ଏହି ଅଧାଭିଜା କଟା ଧାନ ସବୁ ପଚି ନଷ୍ଟ ହେବାର ସମ୍ଭାବନା ରହିଛି। ତେବେ କିଛି ଚାଷୀ ତରବରିଆ ଭାବେ କଟା ହୋଇଥିବା ଧାନକୁ ଗଦା କରିଦେଇଛନ୍ତି। ହେଲେ ସେଥିରେ ପ୍ଲାଷ୍ଟିକ ପାଲ ଢାଙ୍କି ନ ଥିବାରୁ ସେଥିରେ ଫିମ୍ପି ଲାଗିଯିବାର ଆଶଙ୍କା ରହିଛି। ସୂଚନାଯୋଗ୍ୟ ଯେ ଚଳିତବର୍ଷ ଚାଷ କାର୍ଯ୍ୟ ଆରମ୍ଭ ହେବା ଆଗରୁ ଠିକ୍ ସମୟରେ ମୌସୁମୀ ଆଗମନ ହୋଇଥିଲା। ଯାହାକୁ ନେଇ ଏବର୍ଷ ଭଲ ବର୍ଷା ହେବ ବୋଲି ଆଶା କରି ଚାଷୀମାନେ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ଧାନ ସମେତ ହରଡ଼, ମକା, ଚିନା ବାଦାମ ଇତ୍ୟାଦି ଚାଷ କରିଥିଲେ ଚାଷୀ। କିନ୍ତୁ ଚାଷ କାର୍ଯ୍ୟ ଆଗେଇବା ପରେ ଆଉ ବର୍ଷାର ଦେଖା ନ ଥିଲା। ବର୍ଷାର ଲୁଚକାଳି ଯୋଗୁଁ ଚାଷୀ ଭାଙ୍ଗି ପଡ଼ିଥିଲା। ବର୍ଷା ଅଭାବରୁ ବହୁତ ଚାଷ ଜମି ଫାଟି ଆଁ କରିଥିଲା। ଠିକ ସମୟରେ ବର୍ଷା ନହେବାରୁ ମରୁଡ଼ି ହେବାର ଆଶଙ୍କା ଥିଲା। ପ୍ରାୟ ପ୍ରତିବର୍ଷ ଜୁନ, ଜୁଲାଇ ମାସରେ ଧାନ ରୁଆ କାର୍ଯ୍ୟ ଶେଷ ହୋଇଯାଇଥାଏ। କିନ୍ତୁ ଏବର୍ଷ ତାହା ସ୍ଥିତି ସମ୍ପୂର୍ଣ୍ଣ ଅଲଗା ଥିଲା। ସହ ସହ ଜମି ପଡ଼ିଆ ରହିଥିଲା। କିନ୍ତୁ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଲଘୁଚାପ ଜନିତ ବର୍ଷା ହେବାରୁ ଚାଷୀଙ୍କ ମୁହଁରେ ପୁଣି ଥରେ ହସ ଫୁଟିଥିଲା। ଏପରି ପରିସ୍ଥିତିରେ ଅଦିନିଆ ବର୍ଷା ଯୋଗୁଁ ତାହା ନଷ୍ଟ ହେବାକୁ ବସିଲାଣି। ଫଳରେ ଚାଷୀ ମୁଣ୍ଡରେ ହାତ ଦେଇ ବସିଲାଣି। ସୁନ୍ଦରଗଡ଼ ଜିଲ୍ଲାର କୁଆଁରମୁଣ୍ଡା, ବିଶ୍ରା, ଲାଠିକଟା ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ ଏଠାରେ ପ୍ରାୟତଃ ଚାଷ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ବିଶ୍ରା ବ୍ଲକର ୧୫ଟି ପଞ୍ଚାୟତ ଏବଂ ନୂଆଗାଁର ୨୯ ପଞ୍ଚାୟତରେ ଧାନବିଲ ଗୁଡ଼ିକ ଖାଲିଆ ଅଞ୍ଚଳ ଥିବାରୁ ବିଲରେ ପାଣି ଜମି ରହିଥିବାରୁ ବିଶେଷ ଭାବରେ ଧାନଚାଷ କ୍ଷତିଗ୍ରସ୍ତ ହେବାର ଆଶଙ୍କା କରାଯାଇଛି। ବ୍ୟାଙ୍କ ତଥା ଲ୍ୟାମ୍ପରୁ ଋଣ ନେଇ ଚାଷୀ ଚାଷ କରିଥିବା ବେଳେ ଲଘୁଚାପ ଜନିତ ଲଗାଣ ବର୍ଷାରେ ବିଲରେ ପାଣି ଜମି ରହିବା ଯୋଗୁଁ ଚିନ୍ତାରେ ପଡ଼ି ଯାଇଛନ୍ତି ଚାଷୀ। ପାଣିରେ ବୁଡି ରହିଥିବା ଧାନ ପଚି ନଷ୍ଟ ହେବାର ସମ୍ଭାବନା ରହିଥିବାରୁ ବ୍ୟାଙ୍କ ଋଣ କିପରି କିପରି ପରିଶୋଧ କରିବେ ତାକୁ ନେଇ ଚିନ୍ତାରେ ଚାଷୀକୁଳ।

ସୂଚନାଯୋଗ୍ୟ ଯେ ଜୁନ ମାସରେ ୧୦୬.୫ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଜୁଲାଇମାସରେ ୨୭ ତାରିଖ ସୁଦ୍ଧା ୧୧୪.୫ ମିମି ବର୍ଷା ହୋଇଛି। ଯାହା ଧାନ ଚାଷ ପାଇଁ ପର୍ଯ୍ୟାପ୍ତ ନ ଥିଲା। ଏହି ବ୍ଲକରେ ମୋଟ ୨୮ ହଜାର ୯୦୦ ହେକ୍ଟର ଚାଷ ଜମି ଥିବା ବେଳେ ସେଥି ମଧ୍ୟରୁ ୨୧ ହଜାର ୬୦୦ ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଥିଲା। ପ୍ରଥମେ ନିଅଣ୍ଟିଆ ବର୍ଷା, ପରିବର୍ତ୍ତନଶୀଳ ଜଳବାୟୁ ଆଉ ଏବେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ପାଚିଲା ଧାନ ପଚିଯିବାର ଆଶଙ୍କା ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ତେବେ ସଠିକ ଧାନଚାଷ ନଷ୍ଟ ନେଇ ବିଭାଗୀୟ ଅଧିକାରୀ ସଠିକ ଭାବେ ସର୍ଭେ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ଚାଷୀ ମହଲରେ ଦାବି ହେଉଛି।

ଲହୁଣୀପଡ଼ା : ଲଘୁଚାପ ଜନିତ ଅଦିନିଆ ବର୍ଷା ଯୋଗୁଁ ଧାନ ଚାଷ ନଷ୍ଟ ହେବାର ଆଶଙ୍କା ଦେଖା ଦେଇଥିବାରୁ ଚାଷୀକୁଳ ହତାଶରେ ରହିଛନ୍ତି। ଲହୁଣୀପଡ଼ା ଅଞ୍ଚଳରେ ୧୨ ହଜାର ୩ ଶହ ୩୭ ହେକ୍ଟର ଜମିରେ ଧାନ ଚାଷ ହୋଇଥିବା ଜଣାପଡ଼ିଛି। ବାତ୍ୟା ଜନିତ ବର୍ଷା ଲହୁଣୀପଡ଼ା ବ୍ଲକ ରେ ୩୨.୭ ମିଲିମିଟର ରେକର୍ଡ କରାଯାଇଛି। ଲହୁଣୀପଡ଼ା ବ୍ଲକରେ ପ୍ରାୟ ପାଚିଲା ଧାନ ୭୫ ପ୍ରତିଶତ ଧାନ ଅମଳ ସରିଥିଲା ବେଳେ ତଳୁଆ ଜମି ଗୁଡିକରେ କେବଳ ପାଚିଲା ଧାନ ବାତ୍ୟା ଜନିତ ବର୍ଷା ଯୋଗୁଁ ଚାଷୀଙ୍କୁ କ୍ଷତି ପହଞ୍ଚାଇବା ଅନୁମାନ କରାଯାଉଛି। ଧାନ ଅମଳ ସମୟରେ ଏପରି ଅଦିନିଆ ବର୍ଷା ଯୋଗୁଁ ପାଚିଲା ଧାନରୁ ଗଜା ହେବା ଆଶଙ୍କା ଦେଖାଦେଇଛି। ବିଲରେ ଅନେକ କଟା ଧାନ ଗଛ ପଡ଼ିଥିବାରୁ ଚାଷୀଙ୍କ କ୍ଷତି ସାଧନ ହେବା ସମ୍ଭାବନା ଦେଖାଦେଇଛି। ବର୍ଷା ଯୋଗୁଁ ଧାନ ବିଲରେ କାଟି ରଖିଥିବା ଧାନକୁ ମଧ ଅମଳ କରିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଉଛି।

## ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଶିଳାନ୍ୟାସ



**ରାଉରକେଲା, ୭।୧୨(ସମିସ):** ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିକାଶ ପ୍ରକ୍ରିୟା ଦିନକୁ ଦିନ ତ୍ୱରାନ୍ୱିତ ହେଉଛି ଏବଂ ଅନେକ ନୂତନ ଯୋଜନା ମଧ କାର୍ଯ୍ୟକାରୀ ହେଉଛି। ଆଞ୍ଚଳିକ ବିକାଶ ପ୍ରକ୍ରିୟାରେ ଅର୍ଥ ପ୍ରତିବନ୍ଧକ ସାଜିବ ନାହିଁ ବୋଲି ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମତବ୍ୟକ୍ତ କରିଛନ୍ତି। ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେକ୍ଟର -୧ ର ବିଭିନ୍ନ ଉନ୍ନତିମୂଳକ ନିର୍ମାଣ କାର୍ଯ୍ୟପାଇଁ ଆୟୋଜିତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଥିଲେ ଯେ ବିଭିନ୍ନ ବସ୍ତି ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ଗୁଡ଼ିକର ସଫଳ ରୂପାୟନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଅର୍ଥ ବରାଦ ହେଉଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ ଓ ସମର୍ଥକ ଆବଶ୍ୟକ। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବିଧାୟକ ପଶ୍ଚିମ ଓଡ଼ିଶା ବିକାଶ ପାଣ୍ଠିରୁ ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବିଭିନ୍ନ କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ। ସେ ଗୁଡ଼ିକ ମଧ୍ୟରେ ସେକ୍ଟର -୧, ବି ବ୍ଲକ୍‌ସ୍ଥିତ ହନୁମାନ ମନ୍ଦିରର ଉନ୍ନତିକରଣ ପାଇଁ ୨ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟଅଟକଳ ରଖାଯାଇ ଥିବା ବେଳେ ଗଞ୍ଜୁ ବସ୍ତିରେ ମୁଖ୍ୟମନ୍ତ୍ରୀ ସଭାଘର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିଭଳି ଉକ୍ତ ବସ୍ତିରେ ୩ଟି ରାସ୍ତା ନିର୍ମାଣ ପାଇଁ ଯଥାକ୍ରମେ ୩ ଲକ୍ଷ ଟଙ୍କା, ୫ ଲକ୍ଷ ଟଙ୍କା ଓ ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହି ଉନ୍ନତିମୂଳକ ନିର୍ମାଣ କାର୍ଯ୍ୟ ଗୁଡ଼ିକ ଯେପରି ଧାର୍ଯ୍ୟ ମଧ୍ୟରେ ଶେଷ ହୋଇ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ ହୋଇପାରିବ ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଜେଡି ବରିଷ୍ଠ ସଦସ୍ୟ ପ୍ରବୀର ମାଝୀ, ସମ୍ପଦ ନାୟକ, ନରେନ୍ଦ୍ର ଶତପଥୀ, ରୁଫିକା ଧନୱାର, ସୂର୍ଯ୍ୟନାରାୟଣ ଦାସ, ବିକାଶ ଚୌଧୁରୀ, ସତ୍ୟ ନାରାୟଣ ସାହୁ, ଭୂଷଣ ସେଠୀ, ପ୍ରଭାତ ମହାନ୍ତି, ଜୟନ୍ତୀ ନାୟକ, ସବିତା ଜେନା ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ପକ୍ଷରୁ ୧୨୯ଟି ସହାୟକ ଉପକରଣ ବଣ୍ଟନ



**ରାଉରକେଲା, ୭।୧୨(ସମିସ):** ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ଅଧୀନରେ ଥିବା ବରସୁଆଁ ଆଇରନ୍ ମାଇନ୍ସ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆରଏସ୍‌ପି) ଦ୍ୱାରା ଉଭୟ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କୁ ନେଇ ୫୯ ଜଣ ହିତାଧିକାରୀଙ୍କୁ ୧୨୯ ଟି ସହାୟକ ଉପକରଣ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଆରଏସ୍‌ପି ଓ ଆଲିମକୋ (ଆର୍ଟିଫିସିଆଲ୍ ଲିମ୍ବସ୍ ଉତ୍ପାଦନ ନିଗମ) ର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଉପଲକ୍ଷେ କୋଇଡ଼ା ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିଲା। ଏହି ଅବସରରେ କୋଇଡ଼ା ବିଡିଓ ରଶ୍ମୀରେଖା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ୫୯ ଜଣ ଉଭୟ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକ ହିତାଧିକାରୀଙ୍କୁ ୧୨୯ ଟି ସହାୟକ ଉପକରଣ ବଣ୍ଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କୋଇଡ଼ା ବ୍ଲକର ତହସିଲଦାର ଏକେ ଆଚାର୍ଯ୍ୟ, କମଲ ଲାକ୍ରା, ସୁରେଶ ନାୟକ, ବି ଆଇଏମ୍, କେଆଇଏମ ଓ ଟିଆଇଏମ୍ ର କାର୍ମିକ ଓ ପ୍ରଶାସନ ବିଭାଗର ମହାପ୍ରବନ୍ଧକ ଏନସି ପଣ୍ଡାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ ଉପସ୍ଥିତ ଥିଲେ। ଉପକରଣ ଗୁଡ଼ିକ ମଧ୍ୟରେ ଏମ୍‌ଟିସି, ଟ୍ରାଇ ସାଇକେଲ, ହୁଇଲ ଚେୟାର, ଏଲବୋ କ୍ରଚ୍, ୱାକିଂ ଷ୍ଟିକ୍, ଆକ୍ସିଲା କ୍ରଚ୍, ସ୍ମାର୍ଟ କେନ୍, ଶ୍ରବଣ ଉପକରଣ ଇତ୍ୟାଦି ଅନ୍ତର୍ଭୁକ୍ତ ଥିଲା। ରାଷ୍ଟ୍ରୀୟ ବୟଶ୍ରୀ ଯୋଜନା ଅଧୀନରେ ବଣ୍ଟନ କରାଯାଉଥିବା ଉତ୍ପାଦଗୁଡ଼ିକ ହେଉଛି ସିଲିକନ୍ ଫୋମ୍ କୁଶନ, ସିଟ୍ ସହ ଚାଲିବା ଷ୍ଟିକ୍, ଆଣ୍ଠୁ ବନ୍ଧନୀ, ଚାଲିବା ଷ୍ଟିକ୍, ଟେଟ୍ରା ପୋଡ୍, ଏଲ୍‌ଏସ୍ ବେଲ୍ଟ, କମୋଡ୍ ସହିତ ହ୍ୱିଲ ଚେୟାର, ଚେୟାର ଷ୍ଟୁଲ୍ କମୋଡ୍ ଇତ୍ୟାଦି। ଓଡ଼ିଶା ଗ୍ରୁପ ଅଫ୍ ମାଇନ୍ସ, ସେଲ ଆରଏସ୍‌ପି ଓ ଆଲିମକୋ ମଧ୍ୟରେ ୧୭ ଲକ୍ଷ ଟଙ୍କାର ଉପକରଣ ପ୍ରଦାନ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଉପକରଣଗୁଡ଼ିକ ସୁନ୍ଦରଗଡ଼ ଜିଲ୍ଲାର କୋଇଡ଼ା ଏବଂ ଲହୁଣୀପଡ଼ା ବ୍ଲକ ଏବଂ କେନ୍ଦୁଝର ଜିଲ୍ଲାର ବୋଲାଣୀ ବେଲାଗୁଡ଼ା ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ବଣ୍ଟନ କରାଯିବ।

## 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା ସାଂସ୍କୃତିକ କାର୍ଯ୍ୟକ୍ରମ




**ରାଉରକେଲା, ୭।୧୨(ସମିସ):** ରାଜ୍ୟ ସରକାରଙ୍କ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଦେଓଗାଁସ୍ଥିତ ଗାନ୍ଧୀ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷା ଚନ୍ଦ୍ରିକା ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଘୁନାଥପାଲୀ ନିର୍ବାଚନମଣ୍ଡଳୀର ପ୍ରାକ୍ତନ ବିଧାୟକ ରବି ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୯୮୦ ମସିହାରେ ମହବିଦ୍ୟାଳୟ ପ୍ରତିଷ୍ଠା ଠାରୁ ଆରମ୍ଭ କରି ଏହାର ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ଦେହୁରୀଙ୍କୁ ଅଧକ୍ଷା ଶ୍ରୀମତୀ ପଟ୍ଟନାୟକ ଉପଢୌକନ ଓ ସ୍ମାରକୀ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଡ. ଅଶୋକ କୁମାର ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଶ୍ରୀ ଦେହୁରୀ ପୁରସ୍କୃତ କରିଥିଲେ। ସାଂସ୍କୃତିକ କ୍ଲବର ନୋଡାଲ ଅଫିସର ଅଧ୍ୟାପିକା ବନଜା ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସାଂସ୍କୃତିକ କ୍ଲବର ସଦସ୍ୟ ଦୀପକ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟସ୍ତରୀୟ ଚାମ୍ପିଅନସିପ୍‌ରେ ବିଜୟୀଙ୍କୁ ସମ୍ବର୍ଦ୍ଧନା




**ରାଉରକେଲା, ୭।୧୨(ସମିସ):** ତାମିଲନାଡୁର କୋଭିଲପଟ୍ଟିରେ ଆୟୋଜିତ ହୋଇଥିବା ପ୍ରଥମ ହକି ଇଣ୍ଡିଆ ଏକାଡେମୀର ଜାତୀୟ ଚାମ୍ପିଅନସିପରେ ସ୍ୱର୍ଣ୍ଣପଦକ ଜିତିଥିବା ସେଲ ହକି ଏକାଡେମୀର ଜୁନିଅର ଏବଂ ସବ୍-ଜୁନିୟର କ୍ୟାଡେଟ୍ ମାନଙ୍କୁ ଡିସେମ୍ବର ୫ ତାରିଖ ଦିନ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି।

ସହର ପ୍ରଶାସନ ଓ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ ଉକ୍ତ ସମାରୋହରେ ସଭାପତିତ୍ୱ କରିଥିଲେ ଏବଂ ଚିତ୍ତାକର୍ଷକ ପ୍ରଦର୍ଶନ ପାଇଁ ଦଳକୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଏଚଏ, ପିଏଚ୍‌ଏସ, ଏସଡବ୍ଲୁ ଓ କ୍ରୀଡ଼ା ଏବଂ ବିମାନବନ୍ଦର ବିଭାଗର ମହାପ୍ରବନ୍ଧକ ଆରକେ ବର୍ମା ଏବଂ ହକି ଏକାଡେମୀର ଅନ୍ୟ ବରିଷ୍ଠ ଅଧିକାରୀ, କୋଚ୍‌ଙ୍କ ସମେତ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ରଘୁନନ୍ଦନ ପାଢ଼ୀ ସଂଯୋଜନା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସବ୍-ଜୁନିଅର୍ ବର୍ଗରେ, ସେଲ୍‌ଫ ହକି ଏକାଡେମିର କ୍ୟାଡେଟମାନେ ସ୍ମାର୍ଟହକି ଏକାଡେମୀ ରାୟପୁରକୁ ଫାଇନାଲରେ ୪-୧ ଗୋଲ କରି ଚାମ୍ପିଅନସିପ୍ ଟାଇଟଲ୍ ହାସଲ କରିଥିଲେ। ଆନନ୍ଦ ହସ୍ତି, ବିଶାଲ କଇଥା ଏବଂ ମନୀଷ କୁଜୁର ସେଲ ହକି ଏକାଡେମି ପାଇଁ ଗୋଲ ସ୍କୋର କରିଥିଲେ। ଜୁନିଅର ବର୍ଗରେ ସମୀର ଏକ୍କା, ନବୀନ ଲାକ୍ରା ଏବଂ ଅମିତ ଟପ୍ପୋଙ୍କ ଲଗାତାର ଗୋଲ ପରେ ଓଡ଼ିଶା ନାଭାଲ ଟାଟା ହକିର ଉଚ୍ଚ ପ୍ରଦର୍ଶନ ଦଳ ଉପରେ ସେଲ ହକି ଦଳ ରୋମାଞ୍ଚକର ୩-୨ ଗୋଲରେ ବିଜୟୀ ହୋଇ ଚାମ୍ପିଆନ୍ସ ଟ୍ରଫି ହାସଲ କରିଥିଲା।

## ବ୍ଲକ୍‌ସ୍ତରୀୟ ରାଷ୍ଟ୍ରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ରାଉରକେଲା, ୭।୧୨(ସମିସ):** ବୀରମିତ୍ରପୁର ସରକାରୀ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ କୁଆଁରମୁଣ୍ଡା ବ୍ଲକ ଓ ବୀରମିତ୍ରପୁର ପୌରପାଳିକା ଅଧୀନରେ ଥିବା ୧୭୨ ସ୍କୁଲର ମୋଟ ୨୦୦ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ୬ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଛି। କୁଆଁରମୁଣ୍ଡା ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବିଜ୍ଞାନ ମେଳାକୁ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଶିକ୍ଷାଧିକାରୀ ନିର୍ମଳା ପଣ୍ଡା, ଡୋରଥିଆ ଟପ୍ପୋ, ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବାନି ମୁଣ୍ଡା, ହରିହର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୀମା ସୁଜାତା ତୀର୍କୀ, ବୀରମିତ୍ରପୁର ଅତିରିକ୍ତ ତହସିଲଦାର ପଦ୍ମିନୀ ନାଏକ, ସୁନୀଲ ତିୱାରୀ, ଅବସରପ୍ରାପ୍ତ ଏବିଓ ମୋହନ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବାନିମୁଣ୍ଡା ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଶା ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୌରାଧକ୍ଷ ସନ୍ଦୀପ ମିଶ୍ର, ସମ୍ମାନିତ ଅଧିକାରୀ କୁଆଁରମୁଣ୍ଡା ଅଧକ୍ଷା ଜ୍ୟୋତି କେରକେଟ୍ଟା, ବିଡିଓ ଗଙ୍ଗାରାମ ବୁଡ଼େକ, ଡା ସୌରଭ ମିଞ୍ଜ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ସିଆରସିସି କିଶୋର ମୁଦୁଲି, ରାଜେଶ ଦାଶ, ମନୋରଞ୍ଜନ ନାଏକ, ବିକାଶ ସା, ବିଭୀଷଣ ତନ୍ତୀ, ରୋହିତ ତ୍ରିପାଠୀ ସୁଜାତା ସୁନ୍ଦରୀ ଦାଶ, ସନ୍ଦୀପ ଆଚାର୍ଯ୍ୟ, ନିରଞ୍ଜନ ବେଦାନ୍ତ, ସୁଦର୍ଶନ ବଡ଼ାଇକ ପ୍ରମୁଖ ସହାୟତା କରିଥିଲେ।

ପ୍ରହସନ ପାଲଟିଛି ସଚେତନତା

# ସହରରେ ବଢୁଛନ୍ତି ନାବାଳକ ବାଇକ୍ ଚାଳକ

**ରାଉରକେଲା, ୭।୧୨(ସମିସ)**

ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶୂନ୍ୟ ମୃତ୍ୟୁସପ୍ତାହ ପାଳନ କରାଯାଉଛି। ଅଧିକାଂଶ ଦୁର୍ଘଟଣା ପଛରେ ନାବାଳକ ବାଇକ୍ ଚାଳକମାନେ ମୁଖ୍ୟ ସମସ୍ୟା ହୋଇ ଛିଡ଼ା ହୋଇଛି। ପ୍ରତିବର୍ଷ ରାଉରକେଲା ସହରରେ ନାବାଳକ ବାଇକରଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସେମାନଙ୍କ ସଂଖ୍ୟା ହ୍ରାସ ପାଇଁ ବିଭାଗ ପକ୍ଷରୁ ସେମିତି କିଛି ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉ ନାହିଁ। ସବୁ ଜାଣି ଶୁଣି ଆଞ୍ଚଳିକ ପରିବହନ ବିଭାଗ ଓ ପୁଲିସ ବିଭାଗ ଏନେଇ ଚୁପ୍ ରହିବାକୁ ନେଇ ଅସନ୍ତୋଷ ତେଜୁଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଚଳିତ ମାସ ୧ରୁ ୭ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯାଉଛି। ଦୁର୍ଘଟଣାକୁ ହ୍ରାସ କରିବା ପାଇଁ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏଥିରେ ସରକାରୀ, ବେସରକାରୀ ସ୍କୁଲ, କଲେଜର ଛାତ୍ରଛାତ୍ରୀଙ୍କୁ ସାମିଲ୍ କରାଯାଉଛି। ଏହା ସତ୍ତ୍ୱେ ସହରରେ ନାବାଳକ ବାଇକ ଚାଳକଙ୍କ ସଂଖ୍ୟା ବୃଦ୍ଧି ହେବା ସମସ୍ତଙ୍କୁ ଚକିତ କରିଛି। ବିଭିନ୍ନ ସମୟରେ ସହରରେ ନାବାଳକ ମାନେ ବୁଲେଟ,



କେଟିଏମ୍, ପଲସର୍, ହୋଣ୍ଡା ସିଭି ଆର୍, ଆରୱାନ ଫାଇପ, ନିଞ୍ଜା ଭଳି ଦ୍ରୁତଗାମୀ ବାଇକ ଚଢ଼ି ବେପରୁଆ ଭାବେ ବୁଲୁଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କଲେଜ, ସ୍କୁଲ ପଢୁଆ ଛାତ୍ରଛାତ୍ରୀ ଅଛନ୍ତି। ଏପରିକି ସେମାନେ ହେଲମେଟ ମଧ ପିନ୍ଧୁ ନାହାଁନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଖରେ ଡ୍ରାଇଭିଂ ଲାଇସେନ୍ସ ନାହିଁ। ଆଉ କିଛି ଛାତ୍ରଛାତ୍ରୀ ଗୋଟିଏ ସ୍କୁଟି କିମ୍ବା ବାଇକରେ ତିନି ଜଣ ଲେଖାଏଁ ବସି ଯାଉଛନ୍ତି। ରାଉରକେଲା ସହରର ଛେଣ୍ଡ ଛକ, ଡିଏଭି ଛକ, ଉଦିତନଗର ଛକ, ଆମ୍ବେଦକର ଛକ, ବାଜି ରାଉତ ଛକ, ହନୁମାନ ବାଟିକା ଛକ, ପାନପୋଷ ଛକ, ବିଶ୍ରା ଛକ ସମେତ ଅନ୍ୟ ଛକ ଦେଇ ବହୁ ସ୍କୁଲ, କଲେଜ ଛାତ୍ରଛାତ୍ରୀ ପ୍ରତିଦିନ ବେପରୁଆ ଭାବେ ଯାତାୟାତ କରୁଛନ୍ତି। ସବୁ ଦେଖି ବି ସେଠାରେ ଥିବା ଟ୍ରାଫିକ ପୁଲିସ ନୀରବ ରହୁଛନ୍ତି। ସେମାନଙ୍କୁ ଅଟକାଇ ସଚେତନତା ସୃଷ୍ଟି କରୁ ନାହାନ୍ତି। କେବଳ ଏତିକି ନୁହେଁ, ପରିବହନ ବିଭାଗ ହେଉ କି ପୁଲିସ ପ୍ରଶାସନ, ସେମାନଙ୍କ ପକ୍ଷରୁ ଏନେଇ ସ୍କୁଲ, କଲେଜରେ ଯେମିତି ସଚେତନତା ସୃଷ୍ଟି କରାଯିବା କଥା ତାହା କରା ଯାଉନି। ଫଳରେ ନାବାଳକ ଛାତ୍ରଛାତ୍ରୀ କିମ୍ବା ସେମାନଙ୍କ ଅଭିଭାବକ ଏନେଇ ସଚେତନ ହେଉ ନାହାଁନ୍ତି। ଏନେଇ ପ୍ରତ୍ୟେକ ଦିନ ସଚେତନ ସୃଷ୍ଟି କରିବାକୁ ସହରବାସୀ ଦାବି କରିଛନ୍ତି।



### ପ୍ରଥମ ଇସ୍ପାତ ନାଟକ ମହୋତ୍ସବର ସପ୍ତମ ସନ୍ଧ୍ୟା

# ମହୁମାଛି ପକ୍ଷରୁ 'ଅପରାହ୍ଣର ଆକାଶ' ମଞ୍ଚସ୍ଥ



**ରାଉରକେଲା, ୭।୧୨(ସମିସ)**

ଏକତ୍ର ରାଉରକେଲା ଦ୍ୱାରା ଆୟୋଜିତ ପ୍ରଥମ ଇସ୍ପାତ ନାଟ୍ୟ ମହୋତ୍ସବ ୨୦୨୩ ସପ୍ତମ ସନ୍ଧ୍ୟାରେ ନାଟ୍ୟାନୁଷ୍ଠାନ ମହୁମାଛି ତରଫରୁ ନାଟକ 'ଅପରାହ୍ଣର ଆକାଶ' ମଞ୍ଚସ୍ଥ ହୋଇଥିଲା। ନାଟ୍ୟକାର ଲଲାଟେନ୍ଦୁ ରଥଙ୍କ ରଚନା ଓ ନିର୍ଦ୍ଦେଶନାରେ ମଞ୍ଚସ୍ଥ ହୋଇଥିବା ଏହି ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଗୁଲାପ ଶର୍ମା ଓ ପ୍ରମୋଦ ସାହୁ। ଆଜିର ଏହି ନାଟକ ସନ୍ଧ୍ୟାକୁ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଉତ୍ତମ ଚରଣ ଜେନା ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ମହୁମାଛି ନାଟ୍ୟାନୁଷ୍ଠାନର ପ୍ରତିଷ୍ଠାତା, ପ୍ରତିଧ୍ୱନିର ଉପଦେଷ୍ଟା ଙ୍ଗ ଲଲାଟେନ୍ଦୁ ରଥ ମୁଖ୍ୟ ଅତିଥି, ସମାଜସେବୀ ପ୍ରଶାନ୍ତସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏକତ୍ରର ଅନ୍ୟତମ ଉପଦେଷ୍ଟା ଡା କୃପାସିନ୍ଧୁ ନାୟକ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ତଥା ସଦସ୍ୟ ଦିଲୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟକ ଡ଼ା ଜେନା ଓ ମୁଖ୍ୟଅତିଥି ଶ୍ରୀ ରଥ ଜଣେ ବ୍ୟକ୍ତିର ପରିଣତ ବୟସରେ ନିସଙ୍ଗତା କିପରି ଏକ ବ୍ୟାଧି ସେ ବିଷୟରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଶ୍ରୀ ସେଠୀ ନାଟକର ପ୍ରତ୍ୟେକ କଳାକାରମାନେ ଅଭିନୟ ମାଧ୍ୟମରେ ସମାଜକୁ ଦିଗଦର୍ଶନ ଦେଇଥାନ୍ତି ବୋଲି ମତବ୍ୟକ୍ତ କରିବା ସହ ଅନୁଷ୍ଠାନର ଉଦ୍ୟମକୁ ସାଧୁବାଦ ଦେଇଥିଲେ। ଏହି ଅବସରରେ ସହର ସେବା ପ୍ରଶାସନର ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ, ସଭାପତି ରାଜୀବ ପାଣି, ସମ୍ପାଦକ ସୁଦେଶ ନାୟକ, ଡା. ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଆଲୋକ ବୋଷ, ସୁମନ ଦତ୍ତ, ପ୍ରଜ୍ଞାନନ୍ଦ ମହାନ୍ତି, ସରୋଜ ଶଙ୍ଖୁଆ, କନକଲତା ଦାସ, ଆନନ୍ଦ ଚନ୍ଦ୍ର ମହାନ୍ତି, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ, ଶରତ ଦାସ, ଡ. କିଶୋରୀ ଦାଶ, ଜୟନ୍ତ ମିଶ୍ର, ରମେଶ ମହାନ୍ତି, ଅକ୍ଷୟ ଧଳ, ପ୍ରକାଶ ସାହାଣୀ, ବିମାନ ମାଇତି, ରାଜକିଶୋର ପ୍ରଧାନ, ରାଧାକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଝିଲିମା ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। ପ୍ରଶାନ୍ତ ପତିଙ୍କ ଦ୍ୱାରା ପ୍ରଯୋଜିତ ଏହି ନାଟକରେ ଅସୀମ ବେହେରା ଏକକ ଅଭିନୟ କରିଥିଲେ। ପ୍ରଳୟ ଶତପଥୀ ମଞ୍ଚସଜ୍ଜା ଦାୟିତ୍ୱ ତୁଲାଇଥିଲେ। ନିଜ ଲୋକ ହାତ ଛାଡିଦେଲେ କିପରି ବୟସର ଅପରାହ୍ଣରେ ବୃଦ୍ଧାଶ୍ରମ ଏକମାତ୍ର ସାହାରା ହୋଇଥାଏ, ତାକୁ ନେଇ ଗତିଶୀଳ ହୋଇଥିଲା ନାଟକ 'ଅପରାହ୍ଣର ଆକାଶ'। ନାଟକର କାହାଣୀ ଥିଲା ଏମିତି। ମଣିଷ ଯେମିତି ଜୀବନଟିଏ ଚାହୁଁ ଥାଏ, ଅନେକ ସମୟରେ ସେଇଟା ତାକୁ ମିଳେନା। ସ୍ୱପ୍ନ ସବୁ ଅଧୁରା ହୋଇଯାଏ। ବାଟ ଚାଲୁଚାଲୁ ହାତ ଛାଡ଼ିଦେଇ ଅନ୍ୟମାନେ ତା ଜୀବନରୁ ଗୋଟି ଗୋଟି ହୋଇ ଚାଲିଯାଆନ୍ତି। ଜୀବନ ରାସ୍ତାରେ ସେ ନିଃସଙ୍ଗ ହୋଇଯାଆନ୍ତି। ଅସହାୟ ହୋଇଗଲେ କେହି ସହଯୋଗର ହାତ ବଢ଼ାଇ ନଥାନ୍ତି। ବୟସର ବୋଝରେ ଚାପିହୋଇ ନିଜର ନା' ଘରଦ୍ୱାର ର ଯତ୍ନ ନେଇପାରନ୍ତି। ସେତେବେଳେ ଖୋଜା ହୁଏ ନିର୍ଭରଯୋଗ୍ୟ ଆଶ୍ରୟ। ବାଧହୋଇ ବୃଦ୍ଧାଶ୍ରମକୁ ଆପଣାଇବାକୁ ପଡ଼େ। ନାଟକର ରୂପ ସଜ୍ଜାରେ ହରିହର ବଳ, ଶବ୍ଦ ଓ ଆଲୋକରେ ସାନୁ ଶ୍ରୀଲାଇଟ୍ସ ତଥା କଲ୍ୟାଣୀ ଦାସ ଓ ରୁନୁ ବେକ୍ ପରିଚାଳନାରେ ସହଯୋଗ କରିଥିଲେ। ନାଟକ ପରେ ନାଟକ ସମ୍ପର୍କରେ ଦର୍ଶକଙ୍କ ମତାମତ ସଂଗ୍ରହ କରାଯାଇଥିଲା। ଡକ୍ଟର ଯୋଗେଶ ପଟେଲ, ଡକ୍ଟର ପ୍ରଶାନ୍ତ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ସେମାନଙ୍କର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ପ୍ରିୟଦର୍ଶିନୀ ମହିଳା କଲେଜରେ 'ନୂଆ-ଓ' ଯୁବ ଓଡ଼ିଶା' ନବୀନ ଓଡ଼ିଶା କାର୍ଯ୍ୟକ୍ରମ



**ରାଉରକେଲା, ୭।୧୨(ସମିସ):** ସ୍ଥାନୀୟ ଲାଠିକଟା ବ୍ଲକ ଅଧୀନ ଜଳଦାସ୍ଥିତ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ପକ୍ଷରୁ ସମନ୍ୱିତ ଯୁବ ବିକାଶ ଯୋଜନାରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଅଧୀନ ସମାଜସେବା କାର୍ଯ୍ୟକ୍ରମରେ ସଚେତନତା ଶୋଭାଯାତ୍ରା ସହିତ ସଚେତନତାମୂଳକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଅରୁନ୍ଧତୀ ଦାସ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସଚେତନତା ଅଭିଯାନକୁ ଉଦ୍‌ଘାଟନ କରିଥିଲେ। ନୋଡାଲ ଅଫିସର ଅଧ୍ୟାପିକା ଡ. ମୀନତି ଦାସ ଏବଂ ସଂଘମିତ୍ରା ଧଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସାମଜିକ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ରୀମାନେ ଜଳଦା ପଞ୍ଚାୟତର ବିଭିନ୍ନ ଗ୍ରାମ ଏବଂ ବସ୍ତିରେ ଭ୍ରମଣ କରି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାଧ୍ୟମରେ ଜନ ସଚେତନତା କରିଥିଲେ। ନିଶା ନିବାରଣ, ପ୍ଲାଷ୍ଟିକ୍ ବ୍ୟବହାର ବର୍ଜନ, ସାକ୍ଷରତା ଅଭିଯାନ, ସ୍ୱଚ୍ଛତା, ସଫେଇ ଆଦି କାର୍ଯ୍ୟଗୁଡ଼ିକୁ ନୃତ୍ୟ, ସଙ୍ଗୀତ ଏବଂ ପଥପ୍ରାନ୍ତ ନାଟକ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ପରିବେଶିତ ବିଭିନ୍ନ ନାଟକ ଏବଂ ନୃତ୍ୟକୁ ଦେଖିବାକୁ ବହୁ ସଂଖ୍ୟାରେ ଗ୍ରାମବାସୀ ରୁଣ୍ଡ ହୋଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ପରିବେଶିତ ଏହି ସଚେତନତା କାର୍ଯ୍ୟକ୍ରମକୁ ଜଳଦା ସରପଞ୍ଚ, ସମିତି ସଭ୍ୟ ଏବଂ ଗୋଷ୍ଠୀ ସଦସ୍ୟମାନେ ଉଚ୍ଚ ପ୍ରଶଂସା କରିଥିଲେ। ଏହି କ୍ଲବର ଅନ୍ୟତମ ସଦସ୍ୟ ଅଧ୍ୟାପିକା ଡକ୍ଟର ସୁରଭି ଦାସ, ପ୍ରୀତି ମହାକୁଡ, ମୀନା ମହନ୍ତ, ଛାତ୍ରୀ ସୀମାରାଣୀ ବିଶ୍ୱାଳ, ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ ଏହି ସାମାଜିକ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

# ପିକ୍‌ଅପ୍ ଜାଳିଦେଲେ ଲୋକେ

**ସୁନ୍ଦରଗଡ଼, ୭।୧୨(ସମିସ):** ହେମଗିର ଥାନା ବେହେରାମୁଣ୍ଡା ନିକଟରେ ଏକ ଗୋରୁ ବୋଝେଇ ପିକଅପ୍‌କୁ ଲୋକେ ପୋଡ଼ି ଦେଇଛନ୍ତି। ବୁଧବାର ରାତିରେ ଉକ୍ତ ଘଟଣା ଘଟିଛି। ଉକ୍ତ ପିକ୍‌ଅପ୍‌ଟି ଝାରସୁଗୁଡା ଜିଲ୍ଲା କନକତୁରା ଅଞ୍ଚଳରୁ ଗୋରୁ ନେଇ ହେମିଗର ପଟେ ଯାଉଥିବାବେଳେ ଏପରି କାଣ୍ଡ ଘଟିଥିବା କୁହାଯାଉଛି। ସେମାନେ ଗୋରୁ ଗୁଡିକୁ ଓହ୍ଲାଇ ଗାଡ଼ିକୁ ପୋଡି ଦେଇଥିବା ଚର୍ଚ୍ଚା ହେଉଛି। ତେବେ ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ।

# ଘର ସମ୍ମୁଖରୁ ବାଇକ୍ ଚୋରି

**ରାଉରକେଲା, ୭।୧୨(ସମିସ):** ଘର ସମ୍ମୁଖରୁ ବାଇକ୍ ଚୋରି ହୋଇଥିବା ନେଇ ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବିଶ୍ରା ଡ଼ାହାର ରୋଡସ୍ଥିତ ପଣ୍ଡା କଲୋନୀଠାରେ ରୋସନ ସୋନି ରୁହନ୍ତି। ଗତ ୫ ଡିସେମ୍ବର ରାତିରେ ସେ ନିଜ ଘର ସମ୍ମୁଖରେ ବାଇକ୍ ପାର୍କିଂ କରିଥିଲେ। ୬ ତାରିଖ ସକାଳେ ଉଠି ଦେଖିଲା ବେଳକୁ ତାଙ୍କ ବାଇକ ନ ଥିବା ଜାଣିପାରି ଥିଲେ।

# ସରକାରୀ ମହିଳା ମହାବିଦ୍ୟାଳୟରେ କାଉନ୍‌ସେଲିଂ

**ସୁନ୍ଦରଗଡ଼, ୭।୧୨(ସମିସ):** ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ଚାଲିଥିବା ଦୁଇ ଦିନିଆ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆଇଆଇପିଏମ୍ କାଂସବାହାଲର ପ୍ରାଧ୍ୟାପକ ଶେଖ ଫରିଦ ଯୋଗଦେଇ ସଫଳ କ୍ୟାରିୟର ପାଇଁ ସମୟର ସୁପରିଚାଳନା ଓ ଉନ୍ନତ ଭବିଷ୍ୟତ ପାଇଁ କୌଶଳ ପରିଚାଳନା ଉପରେ ଛାତ୍ରୀମାନଙ୍କୁ କାଉନସେଲିଂ କରିଥିଲେ। ଏହାପରେ ମଲଟି କମୋଡିଟି ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ତରଫରୁ ବିଜୟ ପଟେଲ ଦ୍ରବ୍ୟ ଅବକଳନ ଉପରେ ଛାତ୍ରୀ ମାନଙ୍କୁ କଉଲସେଲିଂ କରିଥିବାବେଳେ ମହାବିଦ୍ୟାଳୟର ସହ ପ୍ରାଧ୍ୟାପିକା ପ୍ରେରଣା ପଣ୍ଡାଙ୍କ ଦ୍ୱାରା ଏହା ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଛାତ୍ରୀ ଯୋଗ ଦେଇଥିଲେ।

# ମଦ ଜବତ; ୬ ଗିରଫ

**ରାଉରକେଲା, ୭।୧୨(ସମିସ):** ରାଉରକେଲା ଅବକାରୀ ପୁଲିସ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ଲୁଙ୍ଗେଇ ବସ୍ତି ଓ ଅନ୍ୟାନ୍ୟ ସ୍ଥାନରେ ଚଢ଼ଉ କରି ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସେମାନେ ହେଲେ ମାଙ୍ଗି କୁଜୁର, ଆର୍ଶିତା କୁଜୁର, ପ୍ରେମଚାନ୍ଦ ଖାଖା, ଭୀନସର କୁଜୁର, ବିଟାନି ଖାକା ଓ ଭାଓ୍ୱା ଟପ୍ପା। ଏମାନଙ୍କ ନିକଟରୁ ମୋଟ୍ ୧୬୩ ଲିଟର ଦେଶୀ ମଦ ଜବତ ହୋଇଛି। ୪୦୦ କେଜି ମହୁଲପୋଚ୍ ଜବତ କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଚଢ଼ଉରେ ଏସ୍‌ଇ ଶ୍ରୀଧର ମହାନ୍ତି, ମାସନ ରଞ୍ଜନ ମୁଣ୍ଡା ଓ ଅନ୍ୟମାନେ ନେତୃତ୍ୱ ନେଇଥିଲେ।








ହେ ମୋର କଲମ! ଚିର ବିପ୍ଳବୀ, ହେ ଚିର ମୌନୀ କହ
ସାଥି ଥିଲ ଅବା ଜୀବନେ ଜୀବନେ ଯୁଗେ ଯୁଗେ ଅହରହ
-ଗୋଦାବରୀଶ ମହାପାତ୍ର

ସକାଳ
THE SAKALA

# ପାଞ୍ଚ ରାଜ୍ୟ ବିଧାନସଭା ନିର୍ବାଚନ: ସମୀକ୍ଷା ଓ ସଂକେତ



ଲଳିତ ମୋହନ ମିଶ୍ର
ଭୁବନେଶ୍ୱର, ମୋ: ୭୦୦୮୨୩୩୭୨୯

ଗଣତନ୍ତ୍ରର ମୂଳଦୁଆ ହେଉଛି ନିର୍ବାଚନ। ଜନତାଙ୍କର ମତପ୍ରକାଶ ଓ ସରକାର ନିର୍ବାଚିତ କରିବାର ଏହା ଏକମାତ୍ର ମାଧ୍ୟମ ହୋଇଥିବାରୁ ପ୍ରତ୍ୟେକ ଲୋକସଭା ଓ ବିଧାନସଭା ନିର୍ବାଚନ, ରାଜନୈତିକ ଦଳ, ଗଣମାଧ୍ୟମ, ନୀତି ନିର୍ଦ୍ଧାରଣ ସଂସ୍ଥା, ଅର୍ଥନୀତିଜ୍ଞ, ସାମାଜିକ ବିଜ୍ଞାନୀ, ବିଭିନ୍ନ ସାମାଜିକ ଗୋଷ୍ଠୀ, ବ୍ୟବସାୟିକ ସଂସ୍ଥା ପ୍ରଭୃତିଙ୍କ ପାଇଁ ଅନେକ ମହତ୍ତ୍ୱ ରଖେ। ଗତ ନଭେମ୍ବର ମାସରେ ଦକ୍ଷିଣ ଭାରତର ତେଲଙ୍ଗାନା, ମଧ୍ୟ ଓ ଉତ୍ତର ଭାରତର ହିନ୍ଦୀ ଭାଷାଭାଷୀ ଅଞ୍ଚଳର ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନ ଏବଂ ଉତ୍ତର-ପୂର୍ବ ରାଜ୍ୟ ମିଜୋରାମରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେଲା। ତେଲଙ୍ଗାନାରେ କଂଗ୍ରେସ, ତିନୋଟି ହିନ୍ଦୀ ଭାଷାଭାଷୀ ରାଜ୍ୟରେ ଭାରତୀୟ ଜନତାପାର୍ଟି ଓ ମିଜୋରାମରେ ଆଞ୍ଚଳିକ ଦଳ 'ଜୋରାମ ପିପୁଲସ୍ ମୁଭ୍‌ମେଣ୍ଟ' କୁ ସରକାର ଗଠନ କରିବା ପାଇଁ ଜନାଦେଶ ମିଳିଲା। ଏହି ପାଞ୍ଚଟି ରାଜ୍ୟର ନିର୍ବାଚନରୁ ମିଳିଥିବା କେତେକ ଶିକ୍ଷା ଉପରେ ଆଲୋଚନା ହେବା ଆବଶ୍ୟକ।

ପ୍ରଥମ ବିଷୟଟି ହେଲା 'ଆଣ୍ଟି -ଇନ୍‌କୁବେନ୍ସି' ବା 'ସରକାର ବିରୋଧୀ ଜନାଦେଶ'। ପ୍ରତ୍ୟେକ ନିର୍ବାଚନରେ ବିରୋଧୀ ଦଳମାନେ କ୍ଷମତାସୀନ ଦଳ ବା ସରକାର ବିରୋଧୀ ବାତାବରଣ ସୃଷ୍ଟି କରେ ଓ ସରକାର ଗଢ଼ିଥିବା ରାଜନୈତିକ ଦଳ ବିଭିନ୍ନ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରୁଥିବା ପ୍ରଚାର କରିବା ସହିତ ଶାସନ କାଳରେ ହୋଇଥିବା ତ୍ରୁଟି ବିଚ୍ୟୁତି ସଂଶୋଧନ, ନିଜର ଭଲ କାମକୁ ପ୍ରଚାର କରିବା ଏବଂ ସଠିକ୍ ଢଙ୍ଗରେ ନିର୍ବାଚନ ପରିଚାଳନା କରି ସରକାର ବିରୋଧୀ ହାୱାକୁ ପ୍ରତିହତ କରିବାକୁ ଚେଷ୍ଟା କରେ। ସରକାରୀ ଦଳ ଆଉ ଥରେ ନିର୍ବାଚନ ଜିତିଗଲେ ଏହାକୁ 'ପ୍ରୋ- ଇନ୍‌କ୍ୟୁବେନ୍ସି' ବା 'ସରକାରୀ ସପକ୍ଷରେ ଜନମତ' ବୋଲି ଗ୍ରହଣ କରାଯାଏ। ସରକାର ଗଠନ ଏକ ଜଟିଳ ବ୍ୟବସ୍ଥା ହୋଇଥିବାରୁ ଶତକଡ଼ା ଶହେରୁ ଶହେ ଭାଗ ଉତ୍ତମ ପ୍ରଶାସନ ପ୍ରଦାନ କରିବା ସମ୍ଭବ ନୁହେଁ। ତେବେ କେତେ ଥରର ଶାସନ ପରେ ଶାସକଦଳ ପାଇଁ ସରକାର-ବିରୋଧୀ ଜନାଦେଶ ଆସିଥାଏ, ତାହାର ନିର୍ଦ୍ଦିଷ୍ଟ ସମୟ ସୀମା ନଥାଏ। ଗୁଜୁରାଟରେ ୧୯୯୮ରୁ ଭାରତୀୟ ଜନତା ପାର୍ଟିକୁ ଏବଂ ଓଡ଼ିଶାରେ ୨୦୦୦ ମସିହାରୁ ବିଜୁ ଜନତା ଦଳକୁ ପ୍ରତ୍ୟେକ ବିଧାନସଭା ନିର୍ବାଚନରେ ସରକାର ସପକ୍ଷବାଦୀ ଜନାଦେଶ ମିଳୁଥିବା ଦେଖାଯାଉଥିବା ବେଳେ ରାଜସ୍ଥାନ ଓ ମିଜୋରାମ୍‌ର ଲୋକେ ପ୍ରତି ପାଞ୍ଚବର୍ଷରେ ଶାସକ ଦଳକୁ ବଦଳାଇବା ଦେଖାଯାଉଛି।

ଏହି ବିଧାନସଭା ନିର୍ବାଚନରେ ରାଜସ୍ଥାନ ଓ ମିଜୋରାମର ଲୋକ ପାଞ୍ଚ ବର୍ଷ ପରେ ସରକାର ବଦଳାଇଛନ୍ତି। ତେବେ ମିଜୋରାମରେ ପ୍ରତି ପାଞ୍ଚବର୍ଷରେ କଂଗ୍ରେସ ଓ ମିଜୋନ୍ୟାସନାଲ ଫ୍ରଣ୍ଟ ମଧ୍ୟରେ ଯେପରି ପୂର୍ବରୁ ସରକାର ବଦଳୁଥିଲା ଏବେ ତାହା ନହୋଇ ମିଜୋନ୍ୟାସନାଲ୍ ଫ୍ରଣ୍ଟକୁ ବଦଳାଇ ଲୋକେ ଅନ୍ୟ ଏକ ଆଞ୍ଚଳିକ ଦଳ 'ଜୋରାମ ପିପୁଲସ୍ ମୁଭମେଣ୍ଟ' କୁ ଶାସନ ଭାର ଅର୍ପଣ କରିଛନ୍ତି। ରାଜସ୍ଥାନରେ କଂଗ୍ରେସକୁ ଛାଡ଼ି ଲୋକେ ଭାରତୀୟ ଜନତା ପାର୍ଟିକୁ ରାଜ୍ୟ ଶାସନ ଭାର ପ୍ରଦାନ କରିଛନ୍ତି। ତେଲଙ୍ଗାନାରେ ୨୦୧୪ ମସିହାରୁ ତଥା ନୂଆ ରାଜ୍ୟ ଗଠନ ବେଳରୁ ଶାସନରେ ଥିବା ତେଲଙ୍ଗନା ରାଷ୍ଟ୍ରୀୟ ସମିତି (ଟି.ଆର୍.ଏସ୍) କୁ ଲୋକେ ଗାଦିଚ୍ୟୁତ କରି କଂଗ୍ରେସ ସରକାରକୁ କ୍ଷମତାକୁ ଆଣିଛନ୍ତି। ଛତିଶଗଡ଼ରେ ପାଞ୍ଚବର୍ଷର କଂଗ୍ରେସ ସରକାର, ଭାରତୀୟ ଜନତା ପାର୍ଟି ନିକଟରେ ପରାଜୟ ସ୍ୱୀକାର କରିଛି। ଏସବୁ ଆଣ୍ଟି-ଇନ୍‌କୁବେନ୍ସି ଜନାଦେଶର ଉଦାହରଣ। ତେବେ ମଧ୍ୟପ୍ରଦେଶରେ 'ପ୍ରୋ-ଇନକୁବେନ୍ସି' ଜନାଦେଶ ଦେଖିବାକୁ ମିଳିଛି। ସେଠାରେ ୨୦୦୫ରୁ କ୍ଷମତାରେ ଥିବା (ଡିସେମ୍ବର ୨୦୧୮ ରୁ ମାର୍ଚ୍ଚ ୨୦୨୦ ମଧ୍ୟରେ ସ୍ୱଳ୍ପ କାଳର କଂଗ୍ରେସ ସରକାର ବ୍ୟତୀତ) ଭାରତୀୟ ଜନତା ପାର୍ଟିକୁ ଲୋକେ ପୁଣିଥରେ କ୍ଷମତାକୁ ଆଣିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଲୋକେ ଏଥରକ ସମସ୍ତ ନିର୍ବାଚନରେ ସ୍ପଷ୍ଟ ଓ ନିର୍ଣ୍ଣୟକ ଜନାଦେଶ ଦେଇଥିବା ଯୋଗୁଁ କେଉଁଠାରେ ଝୁଲା ବିଧାନସଭା ସ୍ଥିତି ଉତ୍ପନ୍ନ ହୋଇନାହିଁ।

ଦ୍ୱିତୀୟ ଚିନ୍ତାଜନକ ବିଷୟଟି ହେଲା ନିର୍ବାଚନୀ ସଂସ୍କାର ସମ୍ବନ୍ଧୀୟ। ନିର୍ବାଚନ କମିଶନ୍‌ଙ୍କ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ସତ୍ତ୍ୱେ ନିର୍ବାଚନରେ ବେଆଇନ୍ ଟଙ୍କା ଓ ଜିନିଷ ପତ୍ର ବଣ୍ଟନ ବନ୍ଦ ହୋଇପାରୁନାହିଁ। ଏପରିକି ମାଦକ ଦ୍ରବ୍ୟ ବଣ୍ଟନ ମଧ୍ୟ ଦେଖିବାକୁ ମିଳିଛି। ନିର୍ବାଚନ କମିଶନ୍‌ଙ୍କ ସୂତ୍ରରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଗତ ପାଞ୍ଚଟି ରାଜ୍ୟର ନିର୍ବାଚନ ବେଳେ ୧୭୬୦ କୋଟି ଟଙ୍କାର ନଗଦ ଓ ସାମଗ୍ରୀ ଜବତ ହୋଇଛି, ଯାହା ଏକ ସର୍ବକାଳୀନ ରେକର୍ଡ। ଏଥିମଧ୍ୟରେ ରହିଛି ୩୭୨.୯ କୋଟି ଟଙ୍କାର ନଗଦ, ୨୧୪.୮ କୋଟି ଟଙ୍କାର ମଦ, ୨୪୫.୩ କୋଟି ଟଙ୍କାର ଡ୍ରଗ୍ସ, ୩୭୧.୦୨ କୋଟି ଟଙ୍କାର ସୁନା ଓ ରୁପା ଏବଂ ୫୫୬.୦୨ କୋଟି ଟଙ୍କାର ବିଭିନ୍ନ ସାମଗ୍ରୀ। ତେଲଙ୍ଗନାରୁ ସର୍ବାଧିକ ୬୫୯.୧ କୋଟି ଟଙ୍କାର ନଗଦ ଓ ବିଭିନ୍ନ ସାମଗ୍ରୀ ଜବତ ହୋଇଥିବା ବେଳେ ରାଜସ୍ଥାନରେ ୬୫୦.୭ କୋଟି, ମଧ୍ୟପ୍ରଦେଶରେ ୩୨୭.୦୭ କୋଟି, ଛତିଶଗଡ଼ରେ ୭୬.୯୬ କୋଟି ଓ ମିଜୋରାମରେ ୪୯.୬ କୋଟି ଟଙ୍କାର ନଗଦ ଓ ବିଭିନ୍ନ ସାମଗ୍ରୀ ଜବତ ହୋଇଛି। ମିଜୋରାମରୁ କୌଣସି ଟଙ୍କା ଓ ମାଗଣା ଜିନିଷ ଜବତ ହୋଇନଥିବା ବେଳେ ୪.୬୭ କୋଟି ଟଙ୍କାର ମଦ ଓ ୨୯.୮୨ କୋଟି ଟଙ୍କାର ଡ୍ରଗ୍ସ ଜବତ ହୋଇଛି। ସବୁଠାରୁ କମ୍ ମଦ ଓ ଡ୍ରଗ୍ସ ଜବତ ହୋଇଛି ଛତିଶଗଡ଼ରୁ। ନିର୍ବାଚନ କମିଶନଙ୍କ ଏହି କାର୍ଯ୍ୟ ପ୍ରଶଂସନୀୟ ହୋଇଥିବା ବେଳେ ଆଗକୁ କିପରି ନିର୍ବାଚନଗୁଡ଼ିକୁ ଅଧିକ ସ୍ୱଚ୍ଛ କରାଯାଇପାରିବ ସେ ଦିଗରେ ଅଧିକ ନିର୍ବାଚନୀ ସଂସ୍କାରର ଆବଶ୍ୟକତା ରହିଛି।

ତୃତୀୟ ଶିକ୍ଷଣୀୟ ବିଷୟଟି ହେଲା ଏହିସବୁ ନିର୍ବାଚନରେ ସାମାଜିକ ଗଣମାଧ୍ୟମ ଓ ଡିଜିଟାଲ ଗଣମାଧ୍ୟମର ବ୍ୟାପକ ବ୍ୟବହାର। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଆଗକୁ 'ଡିପ୍‌ଫେକ୍' ଭିଡିଓର ନିର୍ବାଚନୀ ବ୍ୟବହାର ଉପରେ ଜନତାକୁ ସତର୍କ କରାଇଦେଇଛନ୍ତି। ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପାଇଁ ନିର୍ବାଚନ ବେଳେ ବିଭିନ୍ନ କଟକଣା ଜାରି କରାଯାଇ ପାରୁଥିବା ବେଳେ ସାମାଜିକ ତଥା ଡିଜିଟାଲ ଗଣମାଧ୍ୟମ ପାଇଁ ସେହିପରି କଟକଣା ନଥିବା ପରିଲକ୍ଷିତ ହେଉଛି। ମିଛ ପ୍ରଚାର ଓ 'ଏକଜିଟ୍- ପୋଲ୍' ବା 'ବୁଥ ବାହୁଡ଼ା ମତ'କୁ ମଧ୍ୟ ସେମାନେ ସର୍ଭେ କରି ଗୋଟିଏ ନିର୍ବାଚନ ପରେ ପ୍ରଚାର କରୁଥିଲେ। ତେବେ ନିର୍ବାଚନ କମିଶନ୍‌ଙ୍କ ଦୃଷ୍ଟିକୁ ଯାହା ଆସୁଥିଲା ତାହା ଉପରେ କମିଶନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ଦେଖାଯାଉଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ପ୍ରଚାର-ବିରତି କଟକଣାକୁ ଉଲ୍ଲଙ୍ଘନ କଲେ। ରାଜସ୍ଥାନ ନିର୍ବାଚନ ପୂର୍ବରୁ ତାଙ୍କର ଏକ୍ସ(ଟ୍ୱିଟର) ପୃଷ୍ଠାରୁ ଏକ ଭୋଟ ଭିକ୍ଷା ପୋଷ୍ଟ ଉପସ୍ଥାପିତ ହୋଇଥିଲା। ଏହା ଉପରେ ନିର୍ବାଚନ କମିଶନ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ନୋଟିସ୍ ପଠାଇବା ସହିତ ତାଗିଦ୍ କରିଥିଲେ। ଆସନ୍ତା ଲୋକସଭା ନିର୍ବାଚନ ବେଳକୁ ସାମାଜିକ ଓ ଡିଜିଟାଲ ଗଣମାଧ୍ୟମ ଉପରେ ନିର୍ବାଚନୀ କଟକଣା ଲାଗିବା ଆବଶ୍ୟକ।

ଚତୁର୍ଥ ଚର୍ଚ୍ଚିତ ବିଷୟଟି ହେଲା 'ଏକଜିଟ୍ ପୋଲ୍' ବା 'ବୁଥ୍ ବାହୁଡ଼ା' ସର୍ଭେର ବିଫଳତା। ନିର୍ବାଚନ ବେଳେ ଜନମତ ସର୍ଭେ ସଂସ୍ଥାମାନେ ଭୋଟଦାନ କେନ୍ଦ୍ର (ବୁଥ୍) ବାହାରେ ଠିଆହୋଇ ଭୋଟ ଦେଇ ଫେରୁଥିବା ମତଦାତାମାନଙ୍କୁ ସେମାନେ ମତଦାନ କରିଥିବା ଦଳ ଉପରେ ପଚାରି ତଥ୍ୟ ସଂଗ୍ରହ କରିଥାଆନ୍ତି। ସେହି ତଥ୍ୟଗୁଡ଼ିକୁ ଏକାଠି କରି ସେମାନେ କେଉଁଦଳ କେତେ ପ୍ରତିଶତ ଭୋଟ ଓ କେତେ ଆସନ ପାଇବ ତାହା ଭୋଟ୍ ଗଣତି ପୂର୍ବରୁ ପ୍ରକାଶ କରିଥାଆନ୍ତି। ତେବେ ସମସ୍ତ ରାଜ୍ୟର ମତଦାନ ନ ସରିବା ପର୍ଯ୍ୟନ୍ତ ସେମାନେ କୌଣସି ରାଜ୍ୟର ସର୍ଭେ ଫଳାଫଳ ପ୍ରକାଶ କରିପାରିବେ ନାହିଁ ବୋଲି ନିର୍ବାଚନ କମିଶନ୍‌ଙ୍କ କଟକଣା ରହିଛି। ଏଥରକ ସର୍ଭେ ସଂସ୍ଥାମାନେ ନିର୍ବାଚନ ଫଳାଫଳର ଠିକ୍ ପୂର୍ବାନୁମାନ କରିପାରିଲେ ନାହିଁ। ଏହାର ପ୍ରଭାବରେ ସେମାନଙ୍କର 'ଓପିନିଅନ୍-ପୋଲ୍' ବା 'ଜନମତ ସର୍ଭେ'ର ଆଗକୁ ବିଶ୍ୱାସନୀୟତା ହରାଇବାର ଆଶଙ୍କା ସୃଷ୍ଟି ହୋଇଛି। ବଡ଼ସଂସ୍ଥା ଦ୍ୱୟ ଆକସିସ୍ ଓ ସି- ଭୋଟର୍ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ମିଜୋରାମ କ୍ଷେତ୍ରରେ ପରସ୍ପର ବିପରୀତ ନିର୍ବାଚନୀ ଫଳାଫଳର ପୂର୍ବାନୁମାନ କରିଥିଲେ। ଛତିଶଗଡ଼ରେ ୧୦ଟି ରୁ ୯ଟି ପ୍ରମୁଖ ସର୍ଭେ ସଂସ୍ଥା କଂଗ୍ରେସ ଜିତିବା କଥା ପୂର୍ବାନୁମାନ କରିଥିବା ବେଳେ ମଧ୍ୟପ୍ରଦେଶରେ ୫ଟି ସଂସ୍ଥା କଂଗ୍ରେସ ଓ ୫ଟି ସଂସ୍ଥା ଭାରତୀୟ ଜନତା ପାର୍ଟି ଜିତିବ ବୋଲି କହିଥିଲେ। ଏହାବ୍ୟତୀତ ପ୍ରମୁଖ ସଂସ୍ଥାମାନେ ଅଧିକ ରେଞ୍ଜର ପୂର୍ବାନୁମାନ କରୁଥିଲେ। ଆକସିସ୍ ରାଜସ୍ଥାନରେ ଭାରତୀୟ ଜନତା ପାର୍ଟିକୁ ୮୦-୧୦୦ ଆସନ (୨୦ ବ୍ୟବଧାନ) ଓ ସି-ଭୋଟର କଂଗ୍ରେସକୁ ମଧ୍ୟପ୍ରଦେଶରେ ୧୧୩-୧୩୭ (୨୪ ବ୍ୟବଧାନ) ଆସନ ଆକଳନ କରିଥିଲେ। ସାଧାରଣତଃ ବୁଥ-ବାହୁଡ଼ା ମତ ସର୍ଭେରେ ୧-୩% ତ୍ରୁଟି ଥାଏ, ଯାହା ଏଥରକ ଅଧିକ ହୋଇଥିଲା। ଅନୁମାନ ଭୁଲ୍ ହେବାର କାରଣଗୁଡ଼ିକ ହେଲା ଲୋକେ ଖୋଲା ମତାମତ ନଦେବା, ଭୁଲ୍ ପଦ୍ଧତି, ଜାତି ଓ ଅର୍ଥନୈତିକ ତଥ୍ୟର ଅଭାବରୁ ନମୁନା ସଂଗ୍ରହରେ ତ୍ରୁଟି, ମହିଳାଙ୍କଠାରୁ ମତ ସଂଗ୍ରହ, ନିରପେକ୍ଷତାର ଅଭାବ ଇତ୍ୟାଦି। ଆଗକୁ ତ୍ରୁଟିର ସଂଶୋଧନ ହେବାର ଆବଶ୍ୟକତା ରହିଛି।

ଏଥର ନିର୍ବାଚନରେ ଅନ୍ୟ ଏକ ଚିନ୍ତାଜନକ ବିଷୟ ଦେଖିବାକୁ ମିଳିଲା, ଯାହା ଥିଲା ସମସ୍ତ ରାଜନୈତିକ ଦଳଙ୍କର 'ଫ୍ରିବିଜ୍' ବା ମାଗଣା- ସରକାରୀ ଯୋଜନା ଦେବାର ପ୍ରତିଶ୍ରୁତି। ଦେଶରେ ଗରିବୀ ହଟାଇବାକୁ ହେଲେ ଅର୍ଥ ବ୍ୟବସ୍ଥାରେ ପରିବର୍ତ୍ତନ, ନିଯୁକ୍ତିଭିତ୍ତିକ ଆର୍ଥିକ ଅଭିବୃଦ୍ଧି, ଶିଳ୍ପାୟନର ବିକେନ୍ଦ୍ରୀକରଣ, ଶିକ୍ଷା ଓ ଦକ୍ଷତା ବୃଦ୍ଧି ଇତ୍ୟାଦି ଦୀର୍ଘମିଆଦୀ ସରକାରୀ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ତେବେ ସ୍ୱଳ୍ପମିଆଦୀ ଜନମଙ୍ଗଳ କାର୍ଯ୍ୟକ୍ରମରେ ରିହାତି ଦରରେ ବା ମାଗଣାରେ କେତେକ ଅତ୍ୟାବଶ୍ୟକୀୟ ଦ୍ରବ୍ୟ ବା ସେବା ଗରୀବ ଲୋକଙ୍କୁ ପ୍ରଦାନ କରାଯିବାର ମଧ୍ୟ ଆବଶ୍ୟକତା ରହିଛି। କିନ୍ତୁ ଏହା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କର ବଜେଟ୍‌ରେ ଆୟକୁ ଦେଖି ବ୍ୟୟବରାଦ ହେବା ଆବଶ୍ୟକ। ଏଫ୍.ଆର.ବି.ଏମ୍. ଆଇନ୍ ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ସରକାରମାନେ ବିତ୍ତୀୟ ଶୃଙ୍ଖଳା ଭିତରେ ରହି ଋଣ କରିବା ଆବଶ୍ୟକ। ଦେଖାଯାଉଛି ଯେ ଜନମଙ୍ଗଳ କାର୍ଯ୍ୟକ୍ରମ ପାଇଁ ସରକାରମାନେ ମଧ୍ୟ 'ଅଫ୍-ବଜେଟ୍' ବା ବଜେଟ ବାହାରେ ବିଭିନ୍ନ ସଂସ୍ଥା ଦ୍ୱାରା ଋଣ କରୁଛନ୍ତି, ଯାହାକୁ ଅର୍ଥ କମିଶନ ବାରଣ କରୁଛନ୍ତି। କିନ୍ତୁ ଗତ ନିର୍ବାଚନରେ ବିଭିନ୍ନ ମାଗଣା ଯୋଜନାର ପ୍ରତିଶ୍ରୁତି ଦେବା ବେଳେ ଦଳମାନେ ରାଜ୍ୟର ଆର୍ଥିକସ୍ଥିତିକୁ ଧ୍ୟାନ ଦେବା ଦେଖାଯାଉ ନ ଥିଲା। ଫଳରେ ଏହାର ଭରଣା ପାଇଁ ଲୋକଙ୍କ ଉପରେ ଅଧିକ ଟିକସ ଓ ଋଣ ଭାର ପଡ଼ିବା ସ୍ୱାଭାବିକ। କେନ୍ଦ୍ର ସରକାରଙ୍କର ସୂତ୍ର ଅନୁଯାୟୀ ୨୮ ରାଜ୍ୟର ଋଣଭାର ମାର୍ଚ୍ଚ ୨୦୨୦ରୁ ମାର୍ଚ୍ଚ ୨୦୨୩ ମଧ୍ୟରେ ୪୩% ବୃଦ୍ଧି ପାଇଛି। ୨୦୨୨-୨୩ରେ ତାମିଲନାଡୁର ଋଣ ଭାର ସର୍ବାଧିକ ୭, ୫୩, ୮୬୦ କୋଟି ଟଙ୍କା ଥିବା ବେଳେ ରାଜସ୍ଥାନର ଋଣଭାର ୫, ୩୭, ୦୫୩ କୋଟି ଟଙ୍କା ଓ ତେଲଙ୍ଗାନାର ଋଣଭାର ୩, ୬୬, ୩୦୬ କୋଟି ଟଙ୍କା ଥିଲା। କେବଳ ଓଡ଼ିଶାର ବିତ୍ତୀୟ ଶୃଙ୍ଖଳା ବହୁତ ଭଲ ଅଛି। ତେଣୁ ଆଗକୁ 'ଫ୍ରିବିଜ୍' ଉପରେ ମାର୍ଗଦର୍ଶିକା ଜାରି କରାଯିବା ଆବଶ୍ୟକ।

ସେହିପରି ସୁପ୍ରିମକୋର୍ଟଙ୍କ ଦ୍ୱାରା ୫୦%ରୁ ସର୍ବାଧିକ ଆରକ୍ଷଣ ସୀମା ନିର୍ଦ୍ଧାରିତ ହୋଇଥିଲେ ବି କଂଗ୍ରେସ ଏଥରକ ନିର୍ବାଚନରେ ପଛୁଆବର୍ଗ କାର୍ଡ ଖେଳି ପ୍ରତ୍ୟାଖ୍ୟାତ ହେଲା। ଏହାକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଲେ ଯେ ଦେଶରେ ଚାରୋଟି ଜାତି ଅଛି, ଯାହା ହେଲା- ଗରିବ, ଯୁବବର୍ଗ, କୃଷକ ଓ ମହିଳା। ଭାରତୀୟ ଜନତା ପାର୍ଟିର କେନ୍ଦ୍ର ସରକାର ୨୦୨୪ ନିର୍ବାଚନ ବଜେଟ୍‌ରେ ଏହି ଚାରି ବର୍ଗକୁ ନେଇ ଜନମଙ୍ଗଳ କାର୍ଯ୍ୟକ୍ରମକୁ ସ୍ଥାନ ଦେବାର ସମ୍ଭାବନା ଅଛି। ଭାରତୀୟ ଜନତା ପାର୍ଟି ବିରୋଧ 'ଇଣ୍ଡିଆ' ମେଣ୍ଟ ମଧ୍ୟ ନିର୍ବାଚନରେ ବିଫଳ ହେବା ଦେଖାଗଲା। ଏହିପରି ଅନେକ ବିଷୟ ଗତ ବିଧାନସଭା ନିର୍ବାଚନରେ ଦେଖିବାକୁ ମିଳିଲା।

ତେବେ ପ୍ରତ୍ୟେକ ରାଜ୍ୟର ରାଜନୈତିକ ସ୍ଥିତି ସ୍ୱତନ୍ତ୍ର ହୋଇଥିବାରୁ ଏହି ବିଧାନସଭା ନିର୍ବାଚନଗୁଡ଼ିକର ପ୍ରଭାବ ଯେ ଅନ୍ୟ ରାଜ୍ୟରେ ପଡ଼ିବ ତାହା ଭାବିବା ଠିକ୍ ନୁହେଁ। ସେହିପରି ବିଧାନସଭା ନିର୍ବାଚନ ଓ ଲୋକସଭା ନିର୍ବାଚନର ପ୍ରସଙ୍ଗଗୁଡ଼ିକ ଅଲଗା ଅଲଗା ହୋଇଥିବାରୁ ଏହି ବିଧାନସଭା ନିର୍ବାଚନଗୁଡ଼ିକର ଟ୍ରେଣ୍ଡ ଯେ ଲୋକସଭା ନିର୍ବାଚନରେ ପ୍ରତିଫଳିତ ହେବ ତାହା ଏବେଠାରୁ ଆକଳନ କରିହେବ ନାହିଁ।

## ଜାତୀୟ ଧାନ ଗବେଷଣା କେନ୍ଦ୍ରର ଅଭିନବ ଉଦ୍ୟମ

# ଓଡ଼ିଶାରେ ବାସନା ଧାନର ଜୈବିକ ଚାଷ ପ୍ରକଳ୍ପ

ଓଡ଼ିଶା ସରକାରଙ୍କ ନିରନ୍ତର ଉଦ୍ୟମ ଫଳରେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ରାଜ୍ୟ ଖାଦ୍ୟ ଶସ୍ୟ ଉତ୍ପାଦନରେ ବଳକା ହୋଇପାରିଛି। ଚାଉଳ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାର ସେ ସ୍ଥିତି ବହୁଦିନରୁ ଆଉ ନାହିଁ। ଚାଷୀମାନଙ୍କର ନିରଳସ ଉଦ୍ୟମ ତଥା ରାଜ୍ୟ ସରକାରଙ୍କ ସାହାଯ୍ୟ ସହଯୋଗ ଯୋଗୁଁ ଆଜି ଏହି ସଫଳତା ଆମକୁ ମିଳିଛି। ଧାନ ଓଡ଼ିଶାର ପ୍ରଧାନ ଚାଷ। ତେଣୁ ଭାତ ଲୋକଙ୍କର ମୁଖ୍ୟ ଖାଦ୍ୟ। ଏବେ ଉଭୟ ଖରିଫ ଓ ରବି ଋତୁରେ ରାଜ୍ୟରେ ଏତେ ପ୍ରଚୁର ଧାନ ଅମଳ ହେଉଛି ଯେ ସେ ସବୁକୁ ଚାଷୀ ସରକାରୀ ଧାର୍ଯ୍ୟ ମୂଲ୍ୟରେ ମଧ୍ୟ ବିକିବା ସମ୍ଭବ ହେଉନାହିଁ। ଭାରତୀୟ ଖାଦ୍ୟ ନିଗମର ଧାର୍ଯ୍ୟ କୋଟା ଅନୁସାରେ ଚାଷୀଙ୍କଠାରୁ ଧାନ କିଣା ଯାଉଥିବାରୁ ବେଳେବେଳେ ଉତ୍ପାଦିତ ବଳକା ଧାନକୁ କିଣିବାକୁ ରାଜ୍ୟ ସରକାର ଯଥାସାଧ୍ୟ ଉଦ୍ୟମ କରୁଛନ୍ତି ଚାଷୀଙ୍କୁ ଅଭାବୀ ବିକ୍ରିରୁ ରକ୍ଷା କରିବା ପାଇଁ। ତେଣୁ ଆବଶ୍ୟକତା ଅନୁସାରେ ଧାନ ଚାଷ କରି ଅନ୍ୟାନ୍ୟ ଅର୍ଥକରୀ ଫସଲ ଉତ୍ପାଦନରେ ମନୋନିବେଶ କରିବାକୁ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଏବେ କଟକସ୍ଥିତ ଜାତୀୟ ଧାନ ଗବେଷଣାକେନ୍ଦ୍ର (ଏନ୍‌ଆର୍‌ଆର୍‌ଆଇ) ପକ୍ଷରୁ ଓଡ଼ିଶାରେ ସୁବାସିତ ଧାନ ଚାଷକୁ ଉତ୍ସାହିତ କରିବାକୁ ଯେଉଁ ପ୍ରୟାସ ଆରମ୍ଭ ହୋଇଛି ତାହା ସ୍ୱାଗତଯୋଗ୍ୟ।

ଆମ ଧାନଚାଷୀମାନେ ବାସନା ଧାନ ଅତି ଚାଷ ବହୁତ କମ୍ କରିଥା'ନ୍ତି। ବାସନା ଚାଉଳର ବଜାର ଚାହିଦା କିନ୍ତୁ ଅତି ଅଧିକ। ବ୍ୟବସାୟୀ ଓ ରପ୍ତାନିକାରୀମାନେ ଏହାକୁ ଆଗ ସଂଗ୍ରହ କରିନିଅନ୍ତି ଏବଂ ଏ ଧାନ ଓ ଚାଉଳ ବଜାର ମୂଲ୍ୟ ମଧ୍ୟ ଅଧିକ। ବିଡ଼ମ୍ବନା ହେଉଛି ଆମ ଚାଷୀ ଏହା ଉପରେ ଅଧିକ ଗୁରୁତ୍ୱ ଦେଇନଥା'ନ୍ତି। କୃଷି ବିଭାଗର ପ୍ରୋତ୍ସାହନ ସତ୍ତ୍ୱେ ଏହି କିସମର ଧାନ ଚାଷ ରାଜ୍ୟରେ ସେତେ ଉତ୍ସାହଜନକ ନୁହେଁ। ଧାନ ଉତ୍ପାଦନରେ ଓଡ଼ିଶା ଭାରତରେ ଅଷ୍ଟମ ସ୍ଥାନରେ ରହିଛି। କିନ୍ତୁ ବାସନା ଧାନ ଚାଷ କ୍ଷେତ୍ରରେ ଏହାର ସ୍ଥାନ ବହୁ ତଳେ। ବାସନା ଧାନ ସୁକୁମାରିଆ ଓ କମ୍ ଅମଳକ୍ଷମ ତଥା ଅଧିକ ଯତ୍ନ ଖୋଜୁଥିବାରୁ ଆମ ଓଡ଼ିଆ ଚାଷୀ ବୋଧହୁଏ ଏହାର ବ୍ୟାବସାୟିକ ଚାଷ ପ୍ରତି ବିଶେଷ ଆଗ୍ରହୀ ନୁହନ୍ତି।

ଭାରତରେ ବାସୁମତୀ (ବାସ୍‌ମତୀ) ଓ ଅଣବାସ୍‌ମତୀ ସୁଗନ୍ଧିତ ଧାନ ଚାଷ ଉତ୍ତର ପ୍ରଦେଶ, ବିହାରର ହିମାଳୟ ସଂଲଗ୍ନ ଅଞ୍ଚଳ ଓ ଉତ୍ତରାଖଣ୍ଡରେ ଅଧିକ ହୁଏ। ଏହାଛଡ଼ା ପଶ୍ଚିମବଙ୍ଗ, ପଞ୍ଜାବ ଓ ହରିଆଣାରେ ଏହି ଧାନଚାଷ ଆଜିକାଲି ହେଉଛି। ସେଠାକାର ଚାଷୀ ଏହି ରପ୍ତାନିଯୋଗ୍ୟ ଓ ସୁବାସିତ ଧାନ ଅମଳ କରି ବିଶେଷ ଲାଭବାନ ହେଉଛନ୍ତି। କଳାଜିରା, କଳାଲୁଣ, ସୋନା ମସୁରୀ, ତେଜମତି, କଳାମୂଚ, ଚିନିଗୁଡ଼ା, ଗୋବିନ୍ଦଭୋଗ ଓ ତୁଳସୀମାଳା ଆଦି ଅଣବାସୁମତୀ ଅଥଚ ବାସନାଯୁକ୍ତ ଧାନ ଆମ ରାଜ୍ୟ ପାଇଁ ନୂଆ ନୁହେଁ। ବିଭିନ୍ନ ଅଞ୍ଚଳରେ ଏହା କିନ୍ତୁ ସୀମିତ ଭାବେ ଚାଷ ହୋଇଥାଏ। କିଛି ଚାଷୀ ମଧ୍ୟ ବାସୁମତୀ ଓ ଜସ୍ମିନ ଧାନ ଚାଷ କରନ୍ତି। ଏକର ପିଛା ଉତ୍ପାଦନ ଦୃଷ୍ଟିରୁ ଏସବୁ ବାସନାଧାନ ଅଣବାସନାଧାନ ଭଳି ଅଧିକ ଅମଳକ୍ଷମ ନୁହେଁ। କିନ୍ତୁ ମୂଲ୍ୟ ଓ ଚାହିଦା ଦୃଷ୍ଟିରୁ ଏହା ସବା ଆଗରେ। ସରୁ ସଫା ଚାଉଳ, ବାସନାଯୁକ୍ତ ଓ ମିଠା ସ୍ୱାଦର ଏହି ଚାଉଳ ଖାଇବାକୁ ସମସ୍ତେ ଭଲ ପାଆନ୍ତି। ତେବେ ଓଡ଼ିଆଙ୍କ ପଖାଳ ଆବଶ୍ୟକତା ମେଣ୍ଟାଇବାକୁ ଏହା ଉପଯୁକ୍ତ ନୁହେଁ।

ତେବେ ସେ ଯା'ହେଉ କଟକର ଜାତୀୟ ଧାନ ଗବେଷଣାଗାର (ଏନ୍‌ଆର୍‌ଆର୍‌ଆଇ) ସୁବାସିତ ଧାନ ଚାଷ ପାଇଁ ରାଜ୍ୟର ଚାଷୀଙ୍କୁ ଉତ୍ସାହିତ କରିବାକୁ ଯେଉଁ ପ୍ରକଳ୍ପ ଆରମ୍ଭ କରିଛି, ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ। ଏହି କେନ୍ଦ୍ରର ନିର୍ଦ୍ଦେଶକଙ୍କ ସୂଚନା ଅନୁସାରେ ଯେ ପ୍ରଥମ ପର୍ଯ୍ୟାୟରେ ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ଏହି ଧାନର ପରୀକ୍ଷାମୂଳକ ଚାଷ କରାଯିବ। ଏନ୍‌ଆର୍‌ଆର୍‌ଆଇ ଏଥିପାଇଁ ଉପଯୁକ୍ତ ବିହନ କୃଷକ-ଉତ୍ପାଦକ ସଂଗଠନ (ଏଫପିଓ) ମାଧ୍ୟମରେ ଚାଷୀଙ୍କୁ ଯୋଗାଇବା ସହିତ ଏହାର ଚାଷ ପାଇଁ ନିୟମିତ ପରାମର୍ଶ ଯୋଗାଇବ। ଆହୁରି ମଧ୍ୟ ଉତ୍ପାଦିତ ଧାନ ଓ ଚାଉଳ ସଂଗ୍ରହ କରି ତାହାର ବିକ୍ରିବଟା ଏବଂ ରପ୍ତାନିକାମ ଦେଖିବାକୁ ଏକ ରପ୍ତାନକାରୀ ସଂସ୍ଥା ସହ ଏହି କେନ୍ଦ୍ର ତ୍ରିପାକ୍ଷିକ ଚୁକ୍ତି କରିଛି। ଚାଷର ବୈଷୟିକ ସହାୟତା, ଉନ୍ନତ ଫସଲ କିସମ ନିର୍ବାଚନ, ଚାଷ ପଦ୍ଧତି, ଉତ୍ପାଦନ, କ୍ରୟ, ପ୍ୟାକେଜିଂ ଓ ବିପଣନ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ। ଏନ୍‌ଆରଆରଆଇ ଏସବୁ ଦାୟିତ୍ୱ ନିଜେ ବହନ କରିଛି।

ଅଣବାସୁମତୀ ବାସନା ଧାନ ଚାଷକୁ ନେଇ ଏନ୍‌ଆରଆରଆଇର ଏହି ପରୀକ୍ଷାମୂଳକ ପ୍ରକଳ୍ପ ଯଦି ସଫଳ ହୁଏ ତେବେ ଓଡ଼ିଶାର କୃଷକମାନଙ୍କ ପାଇଁ ଭବିଷ୍ୟତରେ ବହୁତ ଲାଭଦାୟକ ହୋଇପାରିବ। ଓଡ଼ିଶାର ନିଜସ୍ୱ କେତେକ ଧାନ ପ୍ରଜାତିକୁ ନେଇ ଏହି ନୂତନ ପଦ୍ଧତିରେ ଚାଷ କରାଗଲେ ଏବଂ ସେଥିରୁ ଉତ୍ପାଦିତ ଚାଉଳକୁ ବିଶେଷ ପ୍ରକ୍ରିୟାକରଣ ମାଧ୍ୟମରେ ଦେଶ ବିଦେଶରେ ବିକ୍ରି ପାଇଁ ବହୁଳ ସୁଯୋଗ ମିଳିବ। ଆମ ରାଜ୍ୟରେ ମିଶନ୍ ଶକ୍ତି ଅଭିଯାନ ମାଧ୍ୟମରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ପ୍ରତି ଅନେକ ଖାଦ୍ୟ ପ୍ରକ୍ରିୟାକରଣ କାମ ହାତକୁ ନେଉଛନ୍ତି। ତେଣୁ ରାଜ୍ୟରେ ଉତ୍ପାଦିତ ଏହି ବିରଳ ଚାଉଳ କିସମ, ବିଶେଷକରି ଜୈବିକ ଚାଷ ପ୍ରକ୍ରିୟା ଦ୍ୱାରା କରାଯାଉଥିବାରୁ, ଉପଯୁକ୍ତ ପ୍ରମାଣପତ୍ର ସହ ଏଥିରୁ ପ୍ରକ୍ରିୟାକୃତ ବିଭିନ୍ନ ଉତ୍ପାଦ ବଜାରକୁ ଛଡ଼ାଯାଇପାରିବ। ଭାରତ ଯଦି ଭିଏତ୍‌ନାମ ଓ ଅନ୍ୟ ଦକ୍ଷିଣ-ପୂର୍ବ ଏସିଆ ଦେଶମାନଙ୍କରୁ ପ୍ରକ୍ରିୟାକୃତ ଧାନ, ଚାଉଳ ଭିତ୍ତିକ ଉତ୍ପାଦ ଆମଦାନୀ କରିପାରୁଛି ତେବେ ଆମ ରାଜ୍ୟରୁ ପ୍ରସ୍ତୁତ ଜୈବିକ ଚାଷ ଭିତ୍ତିରେ ଉତ୍ପାଦିତ ବିରଳ ଚାଉଳ ପ୍ରଜାତିର ମଧ୍ୟ ପ୍ରକ୍ରିୟାକରଣ ଉତ୍ପାଦନର ବେଶ୍ ଚାହିଦା ରହିବ। ଏନ୍‌ଆରଆରଆଇ ଏ ଦିଗରେ ରାଜ୍ୟ ସରକାରଙ୍କ ସହ ମିଳିତ ଭାବରେ ବଜାର ବ୍ୟବସ୍ଥା ପ୍ରସ୍ତୁତ କଲେ ଉଭୟ ଚାଷୀ ଓ ମିଶନ୍ ଶକ୍ତିର ସ୍ୱୟଂ ସହାୟିକା ଗୋଷ୍ଠୀ ସମ୍ପୃକ୍ତ ଜିଲ୍ଲାମାନଙ୍କରେ ବହୁ ଲାଭବାନ୍ ହେବେ। ଆମ ଆଶା କରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ସହଯୋଗର ହାତ ମିଳାଇବେ।

ଏହା ଏକ ପରୀକ୍ଷାମୂଳକ ପ୍ରକଳ୍ପ। ଗୋଟିଏ ଗୋଟିଏ ଛୋଟ ଛୋଟ ପରୀକ୍ଷା ନିରୀକ୍ଷା ବେଳେବେଳେ ଐତିହାସିକ ସଫଳତା ଆଣି ସମଗ୍ର ଧାରା ବଦଳାଇବାରେ ସହାୟକ ହୋଇଥାଏ। ଏହି ପରୀକ୍ଷା ଜୈବିକ ଚାଷ ପ୍ରଣାଳୀରେ କରାଯାଉଥିବାରୁ ଏହାର ଗୁରୁତ୍ୱ ଅଧିକ। ଏହି ପରୀକ୍ଷା ଯଦି ସଫଳ ହୁଏ, ଏହା ଓଡ଼ିଶା ଚାଷୀଙ୍କ ଭାଗ୍ୟ ବଦଳାଇ ଦେବ। ଏଭଳି ପ୍ରୟାସକୁ ସବୁମନ୍ତେ ଉତ୍ସାହିତ କରିବା ସମସ୍ତଙ୍କର ଦାୟିତ୍ୱ।

# ମହାତ୍ମା ଗାନ୍ଧୀଙ୍କ କଲମ



ଡ. ସୁଜିତ କୁମାର ପୃଷେଠ୍
ସମ୍ବଲପୁର, ମୋ: ୯୮୬୮୭୬୬୭୦୫

୧୯୩୨ ମସିହାର ମେ' ମାସ। ସାରା ଭାରତବର୍ଷରେ ବ୍ରିଟିଶ ଶାସନର ଅରାଜକତା ବିରୋଧରେ ଜନଆକ୍ରୋଶ ଏକ ନିର୍ଣ୍ଣାୟକ ରୂପ ନେବା ଆରମ୍ଭ କରୁଥିଲା। ଗାନ୍ଧିଜୀ ତାଙ୍କର 'ଲବଣ ସତ୍ୟାଗ୍ରହ'ର ସଫଳତାକୁ ଆଧାର କରି ବ୍ରିଟିଶ ଶାସନ ବିରୋଧରେ ଭାରତୀୟମାନଙ୍କ ପ୍ରତିବାଦର ସ୍ୱରକୁ ଶାଣିତ କରିବା ଆରମ୍ଭ କରିଥିଲେ। କହିବାକୁ ଗଲେ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ବ୍ରିଟିଶ ଶାସନ ବିରୋଧରେ ବହୁଥିବା ପବନଟି ଉତ୍ତାଳ ହେବାକୁ ଆରମ୍ଭ କରିଥିଲା। ଏହି ସମୟରେ ଗାନ୍ଧିଜୀଙ୍କ ଅନୁଗାମୀ ମୀରାବେନ୍ ଗାନ୍ଧିଜୀଙ୍କଠାରୁ ଖଣ୍ଡେ ଚିଠି ପାଇଲେ। ଗାନ୍ଧିଜୀଙ୍କଠାରୁ ଚିଠି ଖଣ୍ଡେ ପାଇବା କୌଣସି ଦେବାର୍ଶୀବାଦଠାରୁ କମ୍ ନଥିଲା। ମୀରାବେନ୍ ଥିଲେ ଗାନ୍ଧିଜୀଙ୍କ ଦତ୍ତ କନ୍ୟା। ମୀରାବେନ୍‌ଙ୍କ ଜନ୍ମ ହୋଇଥିଲା ଇଂଲଣ୍ଡରେ। ତାଙ୍କ ବାପା ଥିଲେ ବ୍ରିଟିଶ ନୌସେନାର ସର୍ବୋଚ୍ଚ ପଦାଧିକାରୀ। ତାଙ୍କର ଏକମାତ୍ର ଅଲିଅଳ କନ୍ୟା ଥିଲେ ମୀରାବେନ୍। ବ୍ରିଟିଶ ନୌସେନାର ସର୍ବୋଚ୍ଚ ଅଧିକାରୀଙ୍କ ଏହି ଝିଅଙ୍କର ମୂଳ ନାମ ଥିଲା ମାଡ୍ରେଲିନ୍ ସ୍ଲେଡ୍। ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରେ ପହଞ୍ଚିବା ପରେ ସ୍ଲେଡ୍‌ଙ୍କ ପ୍ରଣମ୍ୟ ପୁରୁଷ ମହାତ୍ମା ଗାନ୍ଧୀ ତାଙ୍କୁ ଗ୍ରହଣ କରି ନେଇଥିଲେ ନିଜ ଝିଅ ଭାବରେ ଏବଂ ନାମିତ ହୋଇଥିଲେ ମୀରାବେନ୍ ନାମରେ।

ଗାନ୍ଧିଜୀଙ୍କ ଚିଠି ପାଇବା ଜନିତ ଖୁସିରେ ଆତ୍ମହରା ହୋଇ ଉଠିଥିଲେ ମୀରାବେନ୍। ପୁଣି ବେଶୀ ପୁଲକିତ ହୋଇଥିଲେ ଚିଠିର ବିଷୟବସ୍ତୁ ଉପରେ। ମୀରା ବେନ୍‌ଙ୍କୁ ଗାନ୍ଧିଜୀ ଲେଖିଥିଲେ, 'ତମେ ଯଦି ତମର ଝର କଲମ (ଫାଉଣ୍ଟେନ୍ ପେନ୍)ରେ ଲେଖିବା ବନ୍ଦ କରିଦେବ, ତେବେ ତାହା ଖୁବ୍ ଭଲ ହେବ'। ମୀରାବେନ୍ ଲେଖିଥିବା ଅନେକ ଚିଠିରେ ବ୍ୟବହୃତ କାଳି ଏବଂ ଅକ୍ଷର ଦେଖି ଗାନ୍ଧିଜୀ ସଠିକ୍ ଅନୁମାନ କରିଥିଲେ ଯେ ମୀରାବେନ୍ ଝର କଲମ (ଫାଉଣ୍ଟେନ୍ କଲମ) ବ୍ୟବହାର କରନ୍ତି।

ଗାନ୍ଧିଜୀ ଥିଲେ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଏବଂ ଲେଖକ। ପତ୍ରିକାର ସମ୍ପାଦକ ହେବା ଯୋଗୁଁ ସମ୍ପାଦକୀୟ ଏବଂ ଅନ୍ୟ ଲେଖା ଓ ଚିଠିପତ୍ର ଗାନ୍ଧିଜୀ ନିଜ ହାତରେ ଲେଖୁଥିଲେ। ଗାନ୍ଧିଜୀ ଥିଲେ ଝର କଲମ (ଫାଉଣ୍ଟେନ୍ ପେନ୍)ର ଦୃଢ଼ ବିରୋଧୀ। ଗାନ୍ଧିଜୀ ପକ୍ଷଧର ଥିଲେ କାଳି ବୋତଲରେ କଲମ ମୁନକୁ ଭିଜେଇ ଲେଖିବାକୁ ପଡୁଥିବା ପରକଲମର। ଗାନ୍ଧିଜୀ ଥିଲେ ବ୍ୟାବହାରିକ ଏବଂ ମୌଳିକ ଚିନ୍ତନର ମଣିଷ। ରାଜନୈତିକ ଚିନ୍ତନ ସହ ଅର୍ଥନୈତିକ ଚିନ୍ତନରେ ମଧ୍ୟ ଗାନ୍ଧିଜୀ ଥିଲେ ଭିନ୍ନ ଏବଂ ଅନନ୍ୟ। ଭାରତ ସ୍ୱାଧୀନ ହେବାର କିଛିଦିନ ପୂର୍ବରୁ ୨୮ ଏପ୍ରିଲ ୧୯୪୭ରେ ଗାନ୍ଧିଜୀ ଲେଖିଥିଲେ ଏକ ଲେଖା। ଲେଖାର ଶୀର୍ଷକ ଥିଲା 'ଛାତ୍ରମାନଙ୍କୁ ଉପଦେଶ'। ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଗାନ୍ଧିଜୀ ଲେଖିଥିଲେ - '(୧) ସକାଳୁ ଉଠିଲା ପରେ ନିଜ ବିଛଣାକୁ ମୋଡ଼ି ରଖ, (୨) ତମ ମା' ସକାଳ ଜଳଖିଆ ତିଆରି କଲାବେଳେ ତାଙ୍କୁ ସାହାଯ୍ୟ କର, (୩) ଘରକୁ ଝାଡୁ କର ଓ ପୋଛ, (୪) ନିଜ ବହିଗୁଡ଼ିକୁ ସଫା ଓ ଯତ୍ନରେ ରଖ, (୫) ପଚାଶ ଟଙ୍କାର ଝର କଲମ (ଫାଉଣ୍ଟେନ୍ ପେନ୍) ବଦଳରେ ମାତ୍ର ଦୁଇ ଅଣା ଦାମର ପରକଲମ ଏବଂ ସାହି (କାଳି) ବୋତଲ ବ୍ୟବହାର ନିଶ୍ଚୟ କର'।

ଗାନ୍ଧିଜୀଙ୍କ ଅର୍ଥନୈତିକ ଚିନ୍ତନରେ 'ସ୍ୱଦେଶୀ' ଏବଂ 'ଆତ୍ମନିର୍ଭର' ପ୍ରମୁଖ ବିନ୍ଦୁ ଥିଲା। ତାଙ୍କ ଦୃଷ୍ଟିରେ ଜନବହୁଳ ଦେଶରେ ସମସ୍ତଙ୍କୁ ଜୀବିକା ଦରକାର। ତେଣୁ ସେ ଛୋଟ ଉଦ୍ୟମ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସେ ଭିତରେ ଥିଲା ଝରକଲମ (ଫାଉଣ୍ଟେନ୍ ପେନ୍)ର ବ୍ୟବହାର ବର୍ଜନ। କାରଣ ସେ ସମୟରେ ଝରକଲମ ଦେଶ ବାହାରେ ନିର୍ମିତ ହୋଇ ଆମଦାନୀ ହେଉଥିଲା। କିନ୍ତୁ ପରକଲମ ଓ ଦୁଆତ (କାଳି ବୋତଲ) ଭାରତରେ ତିଆରି ହେଉଥିଲା। ପରକଲମ ଓ ଦୁଆତର ବ୍ୟବହାର ସ୍ୱଦେଶୀ ଅର୍ଥନୀତିକୁ ସବଳ କରିବା ନେଇ ଗାନ୍ଧିଜୀ ଦୃଢ଼ ନିଶ୍ଚିତ ଥିଲେ।

ପରକଲମ ଏବଂ ଦୁଆତ ବ୍ୟବହାର ଉପରେ ଗାନ୍ଧିଜୀଙ୍କ ମୌଳିକ ଚିନ୍ତନ ଦେଖିବାକୁ ମିଳେ ତାଙ୍କର 'ଝରକଲମ (ଫାଉଣ୍ଟେନ୍ ପେନ୍) ବନାମ ପରକଲମ' ଶୀର୍ଷକ ଏକ ଲେଖାରେ। ଗାନ୍ଧିଜୀ ଲେଖିଥିଲେ 'ଝରକଲମ (ଫାଉଣ୍ଟେନ ପେନ୍) କିଛିଲୋକଙ୍କ ଜୀବିକା ନେଇଯିବ... ଯେମିତିକି କେଲିଗ୍ରାଫିଷ୍ଟ (ଝରକଲମରେ ସୁନ୍ଦର ହସ୍ତାକ୍ଷର ଲେଖୁଥିବା ବ୍ୟକ୍ତି)... ପୁଣି ଧାତୁରେ ତିଆରି ନିବ୍‌ର ବ୍ୟବହାର କାମ ଗ୍ରାମ୍ୟ ଅର୍ଥନୀତିକୁ ଧ୍ୱଂସ କରିଦେବ।

ଗାନ୍ଧିଜୀ ପ୍ରତିଦିନ କିଛି ନା କିଛି ଲେଖୁଥିଲେ। ଲେଖିବା ଥିଲା ତାଙ୍କ ଜୀବନ ଚର୍ଚ୍ଚାର ପ୍ରମୁଖ ଅଂଶବିଶେଷ। ଗାନ୍ଧିଜୀ ବ୍ୟବହାର କରୁଥିଲେ ଏକ ସ୍ୱଦେଶୀ ନିର୍ମିତ କଲମ। ଯେହେତୁ ତାହା ସ୍ୱଦେଶୀ ଥିଲା ଏବଂ ଯଦିଓ ତାହା ଫାଉଣ୍ଟେନ୍ ପେନ୍ ବା ଝର କଲମ ଥିଲା ଗାନ୍ଧିଜୀ ତା'ର ବ୍ୟବହାରକୁ ଅନୁମତି ଦେଇଥିଲେ। ସେଇଟା ଥିଲା 'ରତ୍ନମ୍ କଲମ' ଯାହାକୁ ୧୯୩୨ ମସିହାରେ କେ ଭି ରତ୍ନମ୍ ନାମକ ଜଣେ ବ୍ୟକ୍ତି ରାଜମହେନ୍ଦ୍ରୀଠାରେ ସ୍ୱଦେଶୀ ଭାବରେ ତିଆରି କରୁଥିଲେ। ଯେହେତୁ 'ରତ୍ନମ କଲମ' ସ୍ୱଦେଶୀ ଭାବରେ ତିଆରି ହୋଇଥିଲା ସେଥିରୁ ଦୁଇଟି କଲମ ଗାନ୍ଧିଜୀଙ୍କ ନିକଟକୁ ପଠାଯାଇଥିଲା। ଗାନ୍ଧିଜୀ ସ୍ୱଦେଶୀ କଲମ ପାଇବା ପରେ 'ରତ୍ନମ କଲମ'ର ମାଲିକଙ୍କୁ ୧୯୩୫ରେ ଏକ ଚିଠି ଲେଖିଥିଲେ - 'ମୁଁ ତମ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କଲମ ପାଇଛି, ଯାହା ବିଦେଶୀ ଝର କଲମର ଏକ ବଳିଷ୍ଠ ବିକଳ୍ପ।'

ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ, ଗାନ୍ଧିଜୀ ହିଁ ଥିଲେ ସ୍ୱଦେଶୀ ଭାବରେ ନିର୍ମିତ ହେଉଥିବା କଲମ ତିଆରି ପ୍ରକ୍ରିୟା ପୃଷ୍ଠଭୂମିର ମୁଖ୍ୟ ପରାମର୍ଶଦାତା। ୧୯୨୧ ବେଳକୁ ଗାନ୍ଧିଜୀ ଥିଲେ ତାଙ୍କ ୱାର୍ଦ୍ଧା ଆଶ୍ରମରେ। ସେତେବେଳେ କେ ଭି ରତ୍ନମ୍ ନାମକ ଜଣେ ସଫଳ ଓ ପ୍ରତିଷ୍ଠିତ ସୁନା ବ୍ୟବସାୟୀ ଗାନ୍ଧିଜୀଙ୍କୁ ଦେଖା କରିଥିଲେ। ଦେଖା ହେଲା ସମୟରେ ଗାନ୍ଧିଜୀ କେ ଭି ରତ୍ନମଙ୍କୁ ସବୁ ଭାରତୀୟଙ୍କ ବ୍ୟବହାର ଉପଯୋଗୀ ଏବଂ ଅତି କମ୍ ଦାମ୍‌ରେ ମିଳିପାରୁଥିବା କିଛି ଜିନିଷ ତିଆରି କରିବାକୁ କହିଥିଲେ। ସ୍ୱୟଂ ଗାନ୍ଧିଜୀଙ୍କଠାରୁ ପ୍ରେରଣା ପାଇ କେ ଭି ରତ୍ନମ୍ ଆରମ୍ଭ କରିଥିଲେ ୧୯୩୨ ମସିହାରେ ରତ୍ନମ ପେନ୍ ୱାର୍କସ। ସେଠାରେ ସ୍ୱଦେଶୀ ଭାବରେ ତିଆରି ରତ୍ନମ ପେନ୍ ବା 'ରତ୍ନମ କଲମ' ପହଞ୍ଚିଥିଲା ଗାନ୍ଧିଜୀଙ୍କଠାରେ। ଅର୍ଥନୀତିଜ୍ଞ ଜେ ସି କୁମାରପ୍ପା ୧୯୩୫ ମସିହାରେ ଗାନ୍ଧିଜୀଙ୍କୁ 'ରତ୍ନମ ପେନ୍' ନେଇ ଦେଇଥିଲେ। ତା' ପୂର୍ବରୁ ଗାନ୍ଧୀ କିଛି ପରକଲମ ଓ ଦୁଆତ ରଖିଥିଲେ। ଦୁଆତରେ ପରକଲମକୁ ବୁଡ଼େଇ ଲେଖିବାରେ ଖୁବ୍ ଆନନ୍ଦିତ ହେଉଥିଲେ ଗାନ୍ଧିଜୀ। କହୁଥିଲେ ପରକଲମକୁ ଦୁଆତରେ ବୁଡ଼େଇ ଲେଖିଲେ ଲେଖା ସମୟରେ ବିରକ୍ତି ଭାବଟା ପୂରା ଦୂରେଇ ଯାଏ।

ଗାନ୍ଧିଜୀ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ପୁରୋଧା। ତଥାପି ଛୋଟ ଛୋଟ କଥାକୁ ପ୍ରାଧାନ୍ୟ ଦେଇ ସେଥିରେ ତାଙ୍କର ମୌଳିକ ତଥା ବ୍ୟବହାରିକ ଚିନ୍ତନର ପ୍ରତିଫଳନ ଘଟଉଥିଲେ। ସେଇ ଛୋଟ କଥା ଭିତରେ ଥିଲା କଲମ। ଆଶ୍ଚର୍ଯ୍ୟ ହେବାକୁ ପଡ଼େ ଯେ ସାଧାରଣ କଲମର ବ୍ୟବହାରରେ ମଧ୍ୟ ଗାନ୍ଧିଜୀ ତାଙ୍କ ମୌଳିକ ଅର୍ଥନୈତିକ ଚିନ୍ତନକୁ ପୂରେଇ ଦେଇଥିଲେ।

ଗାନ୍ଧିଜୀ ଏବଂ କଲମର ସମ୍ପର୍କ ଥିଲା ନିଆରା। ଏ ସମ୍ପର୍କରେ ଏକ ସୁନ୍ଦର ଏବଂ ଛୋଟ ବହି ଆଖି ସାମ୍ନାକୁ ଆସେ। ସେବାଗ୍ରାମ ଦ୍ୱାରା ପ୍ରକାଶିତ 'ବେସିକ୍ ପେନ୍: ସର୍ଟ ଷ୍ଟୋରିଜ୍ ଫର ଏଭରିୱାନ୍, ଇନ୍‌ସ୍ପାରିଙ୍ଗ ଇନ୍‌ସିଡେଣ୍ଟସ୍ ଫ୍ରମ୍ ଗାନ୍ଧିଜୀ'ସ ଲାଇଫ୍' ଶୀର୍ଷକ ବହିରେ ଉଲ୍ଲିଖିତ ହେଇଛି, ... ଦୁଆତକୁ କାଠ ଟେବୁଲରେ ଯୋଡ଼ି ରଖିବା ଗାନ୍ଧିଜୀଙ୍କ ମୌଳିକ ଉଦ୍ଭାବନ... ଗୋଟିଏ ଛୋଟ ମଲମ ବୋତଲର ବ୍ୟବହାର ପରେ ତାକୁ ସଫା କରି ସେଥିରେ ସାହି ବା କାଳି ପୁରାଇ କାଠ ଟେବୁଲରେ ଯୋଡ଼ି ଦେଇଥିଲେ ଗାନ୍ଧିଜୀ... ପୁଣି କଲମ ଆଉ ପେନ୍‌ସିଲ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲେ କାଠ ଟେବୁଲଟିରେ ଗାନ୍ଧିଜୀ'।

ଗାନ୍ଧିଜୀ ଥିଲେ ଅନନ୍ୟ ସମ୍ପାଦକ। ପୁଣି ମୌଳିକ ଚିନ୍ତାକୁ ଅତି ସରଳ ଭାବରେ ଲେଖି ପରଷି ଦେଇପାରୁଥିବା ଲେଖକ ଥିଲେ ଗାନ୍ଧିଜୀ। ପୁଣି ତାଙ୍କ ନିକଟକୁ ଆସୁଥିବା ଚିଠିମାନଙ୍କ ପ୍ରତ୍ୟୁତ୍ତର ମଧ୍ୟ ହାତରେ ଲେଖି ଦେଉଥିଲେ ଗାନ୍ଧିଜୀ। ଏ ସବୁ କାମକୁ ସୂଚାରୁ ରୂପେ ସମ୍ପାଦନ କରୁଥିଲେ ସ୍ୱଦେଶୀ କଲମର ପ୍ରବର୍ତ୍ତକ ଗାନ୍ଧୀ ମହାତ୍ମା।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

## ଯୁବଗୋଷ୍ଠୀ ଆମର...

ପଦବୀରେ ରହି ଦେଶକୁ ଗୌରବମଣ୍ଡିତ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ କିଛି ବର୍ଷ ହେଲା ମ୍ୟାନେଜମେଣ୍ଟ ପାଠ୍ୟକ୍ରମର ଚାହିଦା ବହୁତ ବୃଦ୍ଧି ପାଇଛି। ଆଇଆଇଏମ୍ ପରି ସରକାରୀ ମ୍ୟାନେଜମେଣ୍ଟ ଅନୁଷ୍ଠାନ ସହିତ ଘରୋଇ ମ୍ୟାନେଜମେଣ୍ଟ ଅନୁଷ୍ଠାନର ଏଥିରେ ବଡ଼ ଯୋଗଦାନ ରହିଛି। ନିକଟ ଅତୀତରେ ଓଡ଼ିଶା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସୂଚକାଙ୍କରେ ବେଶ୍ ଉଲ୍ଲେଖନୀୟ ପ୍ରଦର୍ଶନ କରିଛି। ବର୍ତ୍ତମାନ ଆମ ରାଜ୍ୟ ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିରେ ପରିଣତ ହୋଇଛି। ରାଜ୍ୟର ଏହି କ୍ରମବର୍ଦ୍ଧିଷ୍ଣୁ ଅର୍ଥନୀତି ଭାରତ ଏବଂ ବିଦେଶରୁ ପ୍ରତିଭାବାନ୍ ବୃତ୍ତିଧାରୀଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଛି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ୨୦୦୦ ମସିହା ପରଠାରୁ ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତର ଆସିଛି। ରାଜ୍ୟରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହିତ ନୂଆ ପାଠ୍ୟକ୍ରମର ସମ୍ପ୍ରସାରଣ ଏବଂ ପ୍ରତ୍ୟେକ ଶିକ୍ଷା ସୋପାନରେ ଭିତ୍ତିଭୂମି ସୁଦୃଢ଼ ହୋଇଛି। ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି। ଓଡ଼ିଶାର ଉଚ୍ଚଶିକ୍ଷା ବ୍ୟବସ୍ଥା ନୂଆ ଯୁଗର ଆୟମାରମ୍ଭ ହୋଇଛି। ଆଜି ଭିତ୍ତିଭୂମି ପ୍ରତିଷ୍ଠା ହୋଇଥିବା ଏହି ଅନୁଷ୍ଠାନ କାର୍ଯ୍ୟକ୍ଷମ ହେଲେ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଆହୁରି ଋଦ୍ଧିମନ୍ତ କରିବା ସହିତ ସାମାଜିକ ବିକାଶରେ ସାମିଲ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ଭିଲେ ପାର୍ଲେ କଳାଭଣି ମଣ୍ଡଳ ଟ୍ରଷ୍ଟ ପକ୍ଷରୁ ଏହି ମ୍ୟାନେଜମେଣ୍ଟ ଅନୁଷ୍ଠାନ ପ୍ରତିଷ୍ଠା କରିବା ଲାଗି ରାଜ୍ୟ ସରକାର ୪୦ ଏକର ଜମି ଯୋଗାଇ ଦେଇଛନ୍ତି। ଦେଶର ଏହି ଖ୍ୟାତନାମା ମ୍ୟାନେଜମେଣ୍ଟ ଅନୁଷ୍ଠାନରେ ଓଡ଼ିଶାର ଛାତ୍ରଛାତ୍ରୀଙ୍କ ପାଇଁ ୩୦% ଆସନ ସଂରକ୍ଷିତ ରହିବ।

ଏହି ଅବସରରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ଯୋଗୁ ଦେଶ ବିଦେଶର ଖ୍ୟାତନାମା ଶିକ୍ଷାନୁଷ୍ଠାନ ଓଡ଼ିଶାରେ କ୍ୟାମ୍ପସ୍ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ଅବସରରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଓ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଉପସ୍ଥିତ ଥିଲେ।

## ୪୮୦୪ କୋଟିରେ...

ବିନିଯୋଗ କରି ୨ ଲକ୍ଷ ୨୦ ହଜାର ମେଟ୍ରିକ୍ ଟନ୍ ଫେରୋକ୍ରୋମ୍ ଏବଂ ୨୦ ମେଗାୱାଟ୍ ଶକ୍ତି ଉତ୍ପାଦନ କରି ୧୧୯୦ ନିଯୁକ୍ତି ପ୍ରଦାନ କରିବ। ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ୧୫୦ କୋଟି ଟଙ୍କା ନିବେଶରେ ଯାଜପୁରରେ ଷ୍ଟିଲ୍ ସର୍ଭିସ୍ ସେଣ୍ଟର ସ୍ଥାପନ କରିବା ସହ ୩୧୫ ଜଣଙ୍କୁ ନିଯୁକ୍ତି ଦେବ। କ୍ରାକର୍ସ ଇଣ୍ଡିଆ ଆଲଏଜ୍ ଲିମିଟେଡ୍ ୧୦୧.୫୦ କୋଟି ବିନିଯୋଗରେ ବଡ଼ବିଲ୍‌ରେ ୫୨, ୮୦୦ ମେଟ୍ରିକ୍ ଟନ୍ ଇସ୍ପାତ କାଷ୍ଟିଂ ମିଲ୍ ଓ ରୋଲି ମିଲ୍ ପ୍ରତିଷ୍ଠା କରି ୨୪୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ।

ଆଜି ଅନୁମୋଦନ ପାଇଥିବା ଅନ୍ୟ ଶିଳ୍ପ ପ୍ରସ୍ତାବ ମଧ୍ୟରେ ଏନଭାଇରୋକେୟାର ଇନଫ୍ରା ସଲ୍ୟୁସନ୍ ୧୦୦ କୋଟି ନିବେଶ କରି ସୁନ୍ଦରଗଡ଼ରେ ମାଇଲ୍ଡ ଷ୍ଟିଲ୍ ଷ୍ଟ୍ରିପ୍ ଓ ପ୍ଲାଷ୍ଟିକ୍ ପାଇପ୍ କାରଖାନା ପ୍ରତିଷ୍ଠା କରିବ। କମ୍ପାନୀ ୨୯୫ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଛି। ଅପରପକ୍ଷେ ଢେଙ୍କାନାଳରେ ରୁଙ୍ଗଟା ପେଣ୍ଟସ୍ ପେଣ୍ଟସ୍, ଆଲଇଡ୍ ପ୍ରଡକ୍ଟସ୍ ଏବଂ ଇଣ୍ଟରମିଡିଏଟ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ୯ ୯୧ କୋଟି ବିନିଯୋଗ କରିବା ସହ ୭୦୦ ଲୋକଙ୍କୁ ନିଯୁକ୍ତି ଦେବ। ବାଲେଶ୍ୱରର ବାଲିଆପାଳ ଶିଳ୍ପାଞ୍ଚଳରେ ମୋଡୁଲୁସ୍ ଓଲିଓକେମ୍ ଆଣ୍ଡ ସଫେକ୍ଟାଣ୍ଟସ୍ ପ୍ରାଲି ରାସାୟନିକ ଉତ୍ପାଦନ ୟୁନିଟ୍ ପାଇଁ ୩୧୩ କୋଟି ଟଙ୍କା ବିନିଯୋଗ କରିବା ସହ ୩୦୦ ଜଣଙ୍କୁ ନିଯୁକ୍ତି ଦେବ। ସେହିପରି ଟ୍ରାନ୍ସନୋଭା ଏକ୍ସପ୍ରେସ୍ ଇଣ୍ଡିଆ ପ୍ରାଲି ଖୋର୍ଦ୍ଧାର ଏକ କେମିକାଲ ହବ୍ ପାଇଁ ୧୨୦ କୋଟି ନିବେଶ କରିବ ଏବଂ ୨୫୮ ଜଣଙ୍କୁ ନିଯୁକ୍ତି ଦେବ। ଗ୍ରୋ ମାକ୍ସ ଇଣ୍ଡିଆ ପ୍ରାଲି ଖୋର୍ଦ୍ଧାରେ ପ୍ଲାଷ୍ଟିକ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠାରେ ୫୪.୫୫ କୋଟି ଟଙ୍କା ନିବେଶ କରିବା ସହ ୧୫୨ ଜଣଙ୍କୁ ନିଯୁକ୍ତି ଦେବ। ଅନୁପମ୍ ପ୍ରଡକ୍ଟସ୍ ଲିମିଟେଡ୍ ଖୋର୍ଦ୍ଧାରେ ମେଟାଲ ଟିଣ କଣ୍ଟେନର୍ ପାଇଁ ୫୧ କୋଟି ଟଙ୍କାର କାରଖାନା ସ୍ଥାପନ କରି ୨୩୦ ଜଣଙ୍କୁ ନିଯୁକ୍ତି ଦେବ। ରାଜଶ୍ରୀ ପଲିପ୍ୟାକ୍ ଲିମିଟେଡ୍ ଏବଂ କେଶବ ପ୍ଲାଷ୍ଟଟେକ୍ ଖୋର୍ଦ୍ଧା ଓ ରେଙ୍ଗାଲିରେ ପ୍ଲାଷ୍ଟିକ୍ ଶିଳ୍ପ ପାଇଁ ୧୦୨.୨୫ କୋଟି ନିବେଶ କରିବା ସହ ୫୫୪ ଜଣଙ୍କୁ ନିଯୁକ୍ତି ଦେବ। ପିଏମ୍ ଗତିଶକ୍ତି ମଲ୍ଟିମୋଡାଲ ଟର୍ମିନାଲ ଯୋଜନା ଅଧୀନରେ ଢ଼ଂସର ଗ୍ରୁପ୍ ଏକ ଘରୋଇ ମାଲ ପରିବହନ ଟର୍ମିନାଲରେ ୧୯୦ କୋଟି ବିନିଯୋଗ କରିବ। ଏଠାରେ ୧୬୦ ଜଣଙ୍କୁ ନିଯୁକ୍ତି ମିଳିବ। ସେହିପରି କୈବଲ୍ୟ ଲଜିଷ୍ଟିକ୍ ପ୍ରାଲି କେନ୍ଦ୍ରାପଡ଼ାର ମହାକାଳପଡ଼ାରେ ଖାଦ୍ୟ ଉତ୍ପାଦନ, ରପ୍ତାନୀ ପ୍ରକ୍ରିୟାକରଣ ଓ ସୀମା ଶୁଳ୍କ କ୍ଲିଅରିଂ ସୁବିଧା ପାଇଁ ୧୧୦ କୋଟି ନିବେଶ କରିବା ସହ ୪୮୦ ଲୋକଙ୍କୁ ନିଯୁକ୍ତି ଦେବ। ସେହିପରି ଆଶୀର୍ବାଦ ଫୁଡ୍ ପ୍ରୋସେସିଂ ପ୍ରାଲି ଯାଜପୁରରେ ୫୬.୩୫ କୋଟି ଟଙ୍କା ବ୍ୟୟରେ ସ୍ୱୟଂଚାଳିତ ଅଟା କଳ ପ୍ରତିଷ୍ଠା କରିବା ସହ ୧୧୮ ଜଣଙ୍କୁ ନିଯୁକ୍ତି ଦେବ। ସୁମ୍ମା ରିୟଲ୍ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାରେ ୨୨୬.୫୭ କୋଟି ଟଙ୍କା ବ୍ୟୟରେ ଏକ ଆଇଟି ଭିତ୍ତିଭୂମି କମ୍ପ୍ଲେକ୍ସର ଶୁଭାରମ୍ଭ କରିଛି ଯେଉଁଠାରେ ୧୦ ହଜାର ଆଇଟି ପ୍ରଫେସନାଲ ନିଯୁକ୍ତି ପାଇବେ।

## ଜଳିଗଲା ଶିଶୁପୁତ୍ର...

ଶୁକ୍ରବାର ବ୍ୟବଚ୍ଛେଦ ପରେ ଶିଶୁର ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନାନୁଯାୟୀ, ଗୁରୁବାର ବଡ଼ପଡ଼ା ଦଳିତସାହିର ରତ୍ନାକର ମଳିକଙ୍କ ପୁଅ ରାକେଶଙ୍କ ବିବାହ ପାଇଁ ପ୍ରସ୍ତୁତି ଚାଲିଥିଲା। ନାହିଆଡିଆ ଗ୍ରାମକୁ ଶୋଭାଯାତ୍ରା ବହାରିବାକୁ ପୂର୍ବରୁ ବରଯାତ୍ରୀଙ୍କ ଗାଡ଼ିରେ ପେଟ୍ରୋଲ ଭରାଯାଉଥିବା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ତେବେ ଆଉ କିଛି ଲୋକ ଏହାକୁ ବିଦ୍ୟୁତ୍‌ଜନିତ ଅଗ୍ନିକାଣ୍ଡ ବୋଲି ମଧ୍ୟ କହିଛନ୍ତି। ତେଣୁ ପ୍ରକୃତ କାରଣ ସ୍ପଷ୍ଟ ହୋଇପାରିନାହିଁ। ଅଗ୍ନିକାଣ୍ଡରେ ଦୁଇ ବଖରା ଘର ମଧ୍ୟ ପୋଡ଼ି ଯାଇଛି। ପଟ୍ଟାମୁଣ୍ଡାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ମଦ ବ୍ୟବସାୟୀଙ୍କ...

ପ୍ରାରମ୍ଭିକ ଭାବେ ସୂଚନା ମିଳିଛି। ଗତକାଲି ବିପୁଳ ଅର୍ଥ ଜବତ ହୋଇଥିବାବେଳେ ଆଜି ଟଙ୍କା ଭର୍ତ୍ତି ଟ୍ରଙ୍କ୍ ଓ ଆଲମୀରା ଜବତ ହୋଇଛି। ଆୟକର ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ସ୍ପଷ୍ଟ ଭାବରେ କିଛି ସୂଚନା ଦିଆଯାଇ ନାହିଁ, ତଥାପି ଜବତ ଅର୍ଥ ପରିମାଣ ବଢ଼ିବା ପରେ ଦିଲ୍ଲୀରୁ ଆୟକର ବିଭାଗର ପ୍ରମୁଖ ନିର୍ଦ୍ଦେଶକ ଓଡ଼ିଶାରେ ଆସି ପହଞ୍ଚିଛନ୍ତି। ଏକ ଘରୋଇ ହୋଟେଲରେ ଆୟକର ବିଭାଗର ଏକ ବଡ଼ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି।

ମଦ ବେପାରୀ ସାହୁ ବ୍ରଦର୍ସ, ରାଜକିଶୋର ଜୟସ୍ୱାଲ ଓ ତାଙ୍କ ସହ ଜଡ଼ିତ ବ୍ୟକ୍ତିମାନଙ୍କ ଘର, କାରଖାନା ଓ ବ୍ୟବସାୟ ପ୍ରତିଷ୍ଠାନରେ ଗତକାଲିଠାରୁ ଆୟକର ବିଭାଗ ଚଢ଼ଉ ଜାରି ରଖିଛି। ଦ୍ୱିତୀୟ ଦିନରେ ଭୁବନେଶ୍ୱର କର୍ପୋରେଟ୍ ଅଫିସ ସମେତ ବଲାଙ୍ଗୀର, ସମ୍ବଲପୁର, ଟିଟିଲାଗଡ଼, ସୁନ୍ଦରଗଡ଼, ବୌଦ୍ଧ ଜିଲ୍ଲାରେ ଚଢ଼ଉ ଜାରି ରହିଛି। କେବଳ ବଲାଙ୍ଗୀରର ସୁଦପଡ଼ା ଭାଟିରୁ ଗତକାଲି ଆୟକର ବିଭାଗର ଅଧିକାରୀମାନେ ପ୍ରାୟ ୨୦୦ କୋଟି ନଗଦ ଟଙ୍କା ଜବତ କରିଥିବାବେଳେ ଆଜି ଆହୁରି ୧୦୦ କୋଟି ଟଙ୍କା ଜବତ ହୋଇଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ଏତେ ପରିମାଣର ନଗଦ ଟଙ୍କା ଅଧିକାରୀମାନଙ୍କ ହୋସ୍ ଉଡାଇ ଦେଇଛି। ୬ ଟି ମେସିନ୍ ସାହାଯ୍ୟରେ ଡର୍ଜନରୁ ଅଧିକ କର୍ମଚାରୀ ଟଙ୍କା ଗଣିବାରେ ଲାଗିଛନ୍ତି। ସୂଚନା ଅନୁଯାୟୀ ବଲାଙ୍ଗୀରରେ ସୁଦପଡ଼ା ଦେଶୀ ମଦ ଭାଟିରେ ଏକାଧିକ ଆଲମାରୀରେ ସେହି ଟଙ୍କାକୁ ଥାକ ମାରି ରଖାଯାଇଥିଲା। ବିଳମ୍ବିତ ରାତିରେ ଟଙ୍କାକୁ ଟ୍ରକ୍‌ରେ ବଲାଙ୍ଗୀରର ଷ୍ଟେଟ୍ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟକୁ ନିଆଯାଇଥିଲା। ଆଜି ସିଆଇଏଫ ଏବଂ ଓଡ଼ିଶା ପୁଲିସଙ୍କ ସୁରକ୍ଷା ବଳୟ ଭିତରେ ଏବଂ ଆୟକର ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ୬ ଟି ମେସିନ୍ ଯୋଗେ ୮ ଜଣ ବ୍ୟାଙ୍କ କର୍ମଚାରୀଙ୍କୁ ଟଙ୍କା ଗଣା କାମରେ ଲଗାଯାଇଛି। ଆଜି ପୁଣି ଶତାଧିକ କୋଟି ଟଙ୍କା ଜବତ ହୋଇଥିବାରୁ ଟଙ୍କା ଗଣା କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ୫/୬ ଦିନ ଲାଗିଯିବ ବୋଲି ଅନୁମାନ କରାଯାଉଛି। ଆଜି ଚଢଉର ଦ୍ୱିତୀୟ ଦିନରେ ଭୁବନେଶ୍ୱର ପଳାସପଲ୍ଲୀରେ ଥିବା ସାହୁ କମ୍ପାନୀର କର୍ପୋରେଟ୍ ଅଫିସ, ବଲାଙ୍ଗୀର ସୁଦପଡ଼ା ମଦଭାଟି, ସମ୍ବଲପୁର ଧନୁପାଲିରେ ଥିବା ଦେଶୀ ମଦ ଭାଟି, ବଡ଼ବଜାର ଅଞ୍ଚଳରେ ଥିବା ବଳଦେବ ସାହୁ ଆଣ୍ଡ ସନସ୍‌ର ଅଫିସ, ରାଉରକେଲା ସିଭିଲ ଟାଉନସିପ୍ ଅଞ୍ଚଳର ବ୍ୟବସାୟୀ କାମେଶ୍ୱର ତିୱାରୀଙ୍କ ଘର, ଅଫିସ ଓ ଦୋକାନ, ବୀରମିତ୍ରପୁରରେ ରାଜେଶ ସାହୁଙ୍କ ଦେଶୀ ମଦ ଭାଟି ଏବଂ ରାୟଗଡ଼ା ଗାନ୍ଧୀନଗରରେ ଥିବା ଅରବିନ୍ଦ ସାହୁଙ୍କ ଦେଶୀ ମଦ ଭାଟି ଉପରେ ଆୟକର ବିଭାଗ ରେଡ୍ କରି ବିପୁଳ ନଗଦ ଟଙ୍କା ଜବତ କରିଥିବା ସୂଚନା ମିଳିଛି। ଶହ ଶହ କୋଟି ଟଙ୍କା ରଖିଥିବା ଏହି ସାହୁ ବ୍ରଦର୍ସ କିଏ ବୋଲି ସମସ୍ତଙ୍କ ମନରେ ଉତ୍ସୁକତା ସୃଷ୍ଟି ହୋଇଛି। ଅବିଭକ୍ତ ବିହାର(ଝାଡ଼ଖଣ୍ଡ) ର ମଦ ବ୍ୟବସାୟୀ ତଥା ଜଣେ ରାଜନେତାଙ୍କର ଏମାନେ ସମ୍ପର୍କୀୟ ବୋଲି କୁହାଯାଉଛି। ଝାଡ଼ଖଣ୍ଡ, ଓଡ଼ିଶା, କୋଲକତାରେ ସେମାନଙ୍କର ସଂଖ୍ୟାଧିକ ଦେଶୀ ମଦ କାରଖାନା/ ଭାଟି ଅଛି। ଓଡ଼ିଶାରେ ତାଙ୍କର ଅଂଶୀଦାର ହେଉଛନ୍ତି ଭାଇ ବଳଦେବ ସାହୁ ଓ ଆଣ୍ଡ କୋ। ବଳଦେବ ସାହୁ ଆଣ୍ଡ ଗ୍ରୁପ୍ ଅଫ କମ୍ପାନୀ ନିୟନ୍ତ୍ରଣରେ ଶତାଧିକ ମଦ କାରଖାନା ଓ ଇଟାଭାଟି ଅଛି। ରାଜକିଶୋର ସାହୁ, ଦେବରାଜ ସାହୁ, ଦୀପକ ସାହୁ, ସଞ୍ଜୟ ସାହୁ ଏହି କାରଖାନାର ଜଣେ ଜଣେ ମାଲିକ। ରାୟଗଡ଼ାରୁ ବଲାଙ୍ଗୀର ପର୍ଯ୍ୟନ୍ତ ଏମାନଙ୍କ ଅକ୍ତିଆରରେ ସବୁ ଦେଶୀ ମଦ କାରଖାନା ଚାଲୁଥିବା କୁହାଯାଉଛି। ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ପାଇଁ ସେମାନେ ବିପୁଳ ପାଣ୍ଠି ଯୋଗାଇଥିବା କୁହାଯାଉଛି। ୨୦୧୯ରେ ମଧ୍ୟ ସମ୍ପୃକ୍ତ ସାଂସଦ ଆୟକର ଜାଲରେ ପଡ଼ିଥିଲେ। ଦିଲ୍ଲୀ ଯିବା ବେଳେ ରାଞ୍ଚି ବିମାନବନ୍ଦରରୁ ତାଙ୍କ ନିକଟରୁ ୩୮ ଲକ୍ଷ ଟଙ୍କା ଜବତ କରିଥିଲା ଆୟକର ବିଭାଗ।


**AFFIDAVIT**

I, Prachi Priyanka Das, D/o- Pravash Chandra Mohanty, resident of Flat No. B2-104, Panchamukhi Greens, Atala, Ps- Balianta, Near Astha School of Management, Bhubaneswar, Pin-752101, Odisha declared by this affidavit No.4209, dated-07/12/2023, that now onwards I shall be known as **PRACHI PRIYANKA MOHANTY** for all future purposes.

**AFFIDAVIT**

I, Manmohan Senpati, S/o-Late Igni Senapati, resident of AT-Gulipatna, Umerkote, Dist-Nabarangpur, Pin-764073, Odisha declared by this affidavit No.2161, dated-07/12/2023, that now onwards I shall be known as **MANAMOHAN SENAPATI** for all future purposes.

**AFFIDAVIT**

An Affidavit Before Executive Magistrate, Chilika, I Gajiendra Palei, s/o - Sachindra Palei, solemnly declared that I have changed my name by this Affidavit no-683 , dt-8/12/23 from Gadia Palai to Gajiendra Palei, s/o- Chhachi Palai to Sachindra Palei , Biribadi, Tangi, Khordha, Odisha is same and one person.

**OFFICE OF THE NOTIFIED AREA COUNCIL, DHAMNAGAR**

Pin:-756117 (Odisha) Tel.No-06786-236056 / E-mail: dhamnagar.nac@gmail.com

C-2026:

No.: 4440 / Date: 04.12.2023

1st Corrigendum Notice

The Call Notice No.3861/ Dated: 219.11.2023 & Bid Identification No: 05 /DNRNAC /2023-2024 for the 4 (Four) Nos. of projects has been partially modified due to some technical issue. Hence the critical dates has been changed as detailed below.

IMPORTANT DATES

| Procurement Officer | Bid Identification No. | Availability of Tender Online for bidding | | Last Date & Time seeking Tender Clarification | Last date of receipt of Original Documents | Date & time of Opening Tender |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Officer NAC Dhamnagar | 05 / DNR NAC / 2023-2024 | 11.12.2023 At 10.00 A.M. | 22.12.2023 up to 5.00 P.M. | 22.12.2023 up to 5.00 P.M. | 26.12.2023 Up to 5.00 P.M. | 27.12.2023 At 11.00 A.M. |

OIPR-13197/11/0007/2324

Sd/- Executive Officer
Dhamnagar NAC

B-1402

**OFFICE OF THE EXECUTIVE ENGINEER**
**BHUBANESWAR (R&B) DIVISION NO II**
**BHUBANESWAR**
eerb2_bbsr@yahoo.com

**INVITATIONS FOR BIDS THROUGH e-Procurement**

Bid Identification No- C.C. (R&B) - 02

e – Procurement Notice No.53 of 2023-24

The Executive Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for Three Number works to be received in online bidding, Single cover system as detailed in : https://tendersorissa.gov.in. The details of bid documents will be available in the above website from **11.12.2023 to 5.00 P.M of 18.12.2023**. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of **19.12.2023** in the Office of the Executive Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/-
Executive Engineer,
BBSR (R&B) Division No.II, BBSR

OIPR - 34088/11/0031/2324

**ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼**

ରେ: ନଂ: ୫୧/ ଏସ୍.ଏମ୍. ତା ୨୬/୦୬/୧୯୫୬

ବିଜ୍ଞପ୍ତି ସଂଖ୍ୟା ୪୭୨୦ / ତାରିଖ ୦୭.୧୨.୨୦୨୩

**ବାର୍ଷିକ ସାଧାରଣ ସଭା ବିଜ୍ଞପ୍ତି**

ଏତଦ୍ୱାରା ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୫୫ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା:୨୨.୧୨.୨୦୨୩ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ବରଗଡର ଏଲ.ଆଇ.ସି ଓଫିସ ନିକଟସ୍ଥ "ପ୍ରେମଶିଳା କରେଣ୍ଟ ପ୍ୟାଲେସ " ଠାରେ ଅନୁଷ୍ଠିତ ହେବ।

ଉକ୍ତ ସାଧାରଣ ସଭାରେ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ଯୋଗଦାନ କରି ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁସାରେ ଆଲୋଚନାରେ ଅଂଶଗ୍ରହଣ କରିବା ପାଇଁ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଅନୁରୋଧ।

ବି: ଦ୍ର: - ସାଧାରଣ ସଭାରେ ଯୋଗଦାନ କରିବା ପାଇଁ ସମିତିର କ୍ଷମତା ପ୍ରାପ୍ତ ପ୍ରତିନିଧି ସମିତି ନିର୍ଦ୍ଧାରଣର ଅବିକଳ ନକଲ ସଙ୍ଗରେ ଆଣିବାକୁ ଅନୁରୋଧ।

କାର୍ଯ୍ୟସୂଚୀ

୧. ପୂର୍ବ ସାଧାରଣ ସଭାର ବିବରଣୀ ପଠନ ଓ ଦୃଢ଼ୀକରଣ।
୨. ବ୍ୟାଙ୍କର ୨୦୨୨-୨୩ ବର୍ଷର ବାର୍ଷିକ ବିବରଣୀ ପଠନ ଓ ଅନୁମୋଦନ।
୩. ବ୍ୟାଙ୍କର ୨୦୨୨-୨୩ ବର୍ଷର ଅଡ଼ିଟ ରିପୋର୍ଟ ପଠନ ଓ ଗ୍ରହଣ।
୪. ୨୦୨୨-୨୩ ବର୍ଷର ଲାଭାଂଶ ବଣ୍ଟନ ସଂକ୍ରାନ୍ତରେ ନିଷ୍ପତ୍ତି ଗ୍ରହଣ।
୫. ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଉନ୍ନୟନ କାର୍ଯ୍ୟକାରୀ ଯୋଜନା (ଡି.ଏ.ପି) ଅନୁମୋଦନ।
୬. ଅନ୍ୟାନ୍ୟ ବିଷୟ (ସଭାପତିଙ୍କ ଅନୁମତି କ୍ରମେ)।

ପରିଚାଳନା ପରିଷଦଙ୍କ ଅନୁମୋଦନ କ୍ରମେ
ସ୍ୱା/-
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

**ଓଡିଶା ସରକାର**
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**
**ଘୋଷଣା**

X-15

ସଂଖ୍ୟା: ୨୫୭୩ / ୨୦୨୩ LA-XXIV-17/2023 ତାରିଖ: ୨୯.୧୧.୨୦୨୩

ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୧୯ ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କୋରାପୁଟଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା-ବାରି, ଥାନା-କାକିରିଗୁମା, ନଂ-୯୭, ଜିଲ୍ଲା-କୋରାପୁଟରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ତଥା କୋରାପୁଟ- ସିଙ୍ଗାପୁର ପୂର୍ବତଟ ରେଳପଥ ଦୋହରିକରଣ ନିମନ୍ତେ ପ୍ରାୟ ଏ. ୦.୨୦୪ ଜମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଜମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୭୯ ତା.୨୪.୦୩.୨୦୨୩ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା-ବାରି, ଥାନା-କାକିରିଗୁମା, ନଂ-୯୭, ଜିଲ୍ଲା-କୋରାପୁଟରେ ବିସ୍ଥାପିତ ପରିବାର ନ ଥିବାରୁ, ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥି ସହିତ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା, ଉପ-ଜିଲ୍ଲାପାଳ-ତଥା-ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.koraput.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମିର ନକ୍ସା ତହସିଲଦାର-ତଥା-ଭୂ-ଅର୍ଜନ ଅଧିକାରୀ, ଲକ୍ଷ୍ମୀପୁର, ଜିଲ୍ଲା-କୋରାପୁଟଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ସ୍ୱା/- ଜିଲ୍ଲାପାଳ, କୋରାପୁଟ

ତଫସିଲ- କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ମୌଜା- ବାରୀ ଗ୍ରାମ ପଞ୍ଚାୟତ- ଲିତଉଗଡ, ତହସିଲ- ଲକ୍ଷ୍ମୀପୁର ଥାନା– ଲକ୍ଷ୍ମୀପୁର ନଂ-୯୭, ଜିଲ୍ଲା- କୋରାପୁଟ

| ମୌଜା | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ଅଧିଗ୍ରହଣ ରକବା (ଏକରରେ) | କିସମ | ଅଭିଲିଖିତ ରୟତ ନାମ |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| ବାରି | ଗ୍ରାମାଞ୍ଚଳ | 8 | 95 | 0.320 | 0.084 | ଡଙ୍ଗର ତିନି | ଗୁଲାବୋଇ ପି:ବଣ୍ଡାବୋଇ |
| ବାରି | ଗ୍ରାମାଞ୍ଚଳ | 22 | 103 | 0.120 | 0.120 | ଡଙ୍ଗର ତିନି | ପଠାଣ ଯାନି ପି: ନିଡୋ ଯାନି, ଲେରୀ ଯାନି, ବାସୁ ଯାନି ପି: ନାଥ ଯାନି |

ସ୍ୱା/- ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ଲକ୍ଷ୍ମୀପୁର

OIPR-24386/14/0001/2324

ସ୍ୱା/- ଜିଲ୍ଲାପାଳ କୋରାପୁଟ

**ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା, ଗଜପତି,ପାରଳାଖେମୁଣ୍ଡି**
**DISTRICT PROJECT OFFICE, SAMAGRA SIKSHA, GAJAPATI**

No. 3304/TC/23 Date: 05/12/2023

**ADVERTISEMENT**

N-231: Applications are invited from the interested eligible female candidates for engagement as Warden on Girl's Hostel of Odisha Adarsha Vidyalaya, Lingipur under Gajapati district on contractual basis. The eligibility criteria, age limit, remuneration of the post and guideline for the same is uploaded in the district web portal www.gajapati.nic.in and displayed in the notice board of concerned OAV / all BEOs and Collectorate / DEO / SS, Gajapati for wide publication. The filled in application must be sent to the Principal, Odisha Adarsha Vidyalaya, Lingipur, Block Gosani under Gajapati district through Speed Post or Registered Post only. The last date of receipt of the application form is 20.12.2023.

(By the order of Collectorate cum Chairman, OAVs, Gajapati)

OIPR-27116/11/0004/2324

DEO-cum-DPC,
Samagra Siksha, Gajapati.

C-2032

**OFFICE OF THE NOTIFIED AREA COUNCIL, BALUGAON**

Balugaon, Khordha, Odisha, Pin-752030, Email Id.eonac.balugaon2013@gmail.com

No. 2492/- Dt. 07.12.2023

REQUEST FOR PROPOSA L (RFP)

Balugaon Notified Area Council proposes to undertake "Preparation of Storm Water Drainage Master Plan and DPR for Balugaon N.A.C. area".

Proposals are invited to conduct the assignment and submit the deliverables from Public Sector Undertakings/ Autonomous Bodies/ consulting registered architectural firms that have requisite experience in preparation of drainage/ pipeline/ sewerage network plan and infrastructure.

The details may be accessed and the RFP/Application forms can be downloaded from the website- **www.khordha.nic.in**

The completed application as per the instructions in the EOI document, should reach the following address by Speed Post/ Registered Post/ Courier & by hand latest by **5 pm on-21.12.2023.**

Balugaon NAC reserves the sole right to accept or reject any or all proposals without assigning any reason whatsoever.

OIPR - 13148/11/0013/2324

Sd/- Executive Office
Balugaon NAC

O-1725

E-mail : rwdmohana@gmail.com

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISON MOHANA**

NATIONAL COMPETITIVE BIDDING THROUGH e-Procurement

Identification No. Online Tender 11/MOHANA/2023-24

1. Name of the work : Building works
2. Total No. Work : 2 (Two) Nos.
3. Estimated Cost : Rs 46.16 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details:-

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Mohana | Online Tender 11/MOHANA /2023-24 | 2 (Two) Nos. | 16.12.2023 from 11.00 AM | 29.12.2023 upto 5.00 PM | 30.12.2023 upto 5.00 PM | 26.12.2023 at 11.00 AM |

Further details can be seen from the Website www.tenderodisha.gov.in

Executive Engineer
R.W. Division, Mohana

OIPR - 25148/11/0018/2324

O-1726

Tel. 06766-258094(O)
Mail: eerw1_kjr@yahoo.com

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**
"e" Procurement Notice for Building Works
Identification No Online NCB - 11/2023-24.

1. Name of the Work : 03 No. Building Work
2. Total Number of Work : 03 No.
3. Estimated Cost : Rs.
4. Class of Contractor : D.C & B Class
5. Period of Completion : As per annexure of e-Procurement Notice No.11/2023-24.
6. Other Details :

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-I, Keonjhar. |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Building Online NCB No.11 | Dt.08.12.2023 at 11.00 A.M. | Dt.18.12.2023 up to 5.00 P.M. | Dt.16.12.2023 up to 5.00 P.M. | Dt.19.12.2023 at 11.00 A.M. |

Further details can be seen from the Website www.tenderorissa.gov.in

Sd/- Superintending Engineer
R.W.Division-I, Keonjhar

OIPR - 25110/11/0022/2324

**GOVERNMENT OF ODISHA, DEPARTMENT OF WATER RESOURCES,**
**OFFICE OF THE SUPERINTENDING ENGINEER**
**LOWER INDRA CANAL DIVISION, KHARIAR'**
Dist:-Nuapada, Odisha, PIN:-766107
e-Procurement Notice No. SELICD-05/2023-24, Dt.06.12.2023 (online)
E-mail ID: eelicd.kha@gmail.com

A-969

1. Type/Nature of work: Civil Works
2. Total No. of works: 05 (Five) Nos.
3. Approx. value of works: Rs.12.28 Lakh to Rs.21.54 Lakh (Excluding GST).
4. Period of completion: 3 Months
5. Classification of bidders: 'D', 'C' & 'B' Class Contractors only. Other details as follows:

| Procurement Officer. | e-Procurement Notice No. | Availability & Submission of bids in online. | | Date & time of opening of tender. |
|---|---|---|---|---|
| | | From | To | |
| 1 | 2 | 3 | 4 | |
| Superintending Engineer, Lower Indra Canal, Division, Khariar, Dist:- Nuapada, Odisha. | SELICD-05/2023-24, Dt.06.12.2023 for 05(Five) No. of works. | 11.12.2023 At 10.00 A.M | 21.12.2023 Up to 5.00P.M. | 22.12.2023 At 11.30A.M |

N.B: Further details can be seen from the e-procurement portal https://www.tendersodisha.gov.in Any addendum/ Corrigendum/ Cancellation to the above notice will be published in the Govt. website www.tendersodisha.gov.in

Sd/- Er. Soumya Kishore Jaipuria
Superintending Engineer, Lower jndra Canal Division, Khariar

OIPR - 32206/11/0007/2324

OFFICE OF THE
**NOTIFIED AREA COUNCIL**
KODALA, GANJAM
Phone No:-06810-260335 E-mail Id:-nackodala@gmail.com

Letter No. 1652/NAC Date. 07.12.2023

Sealed quotation are invited from the intending authorized dealers having GST,PAN,ELBO certified Electrical MV license and up to date deposit of GST 3B with latest deposit 3month GST 3B challen for supplying LED street light in respect of notified area council, kodala. The bidder should quote the rate including all applicable tax and transporting charges. It will be received by the Notified area council, Kodala in good condition and specification as detailed in Annexure -1.The quotations should reach in the office of the undersigned by 18.12.2023 at 1.00 P.M. through Regd./ speed post /By Hand. No quotation should be entertained after the stipulated time period. the bidder should submit RS.3000/- IN shape of Demand Draft/Money Receipt as paper cost which is non-refundable and RS.10000/- as EMD duly pledged in favour of Executive Officer, Kodala NAC from any nationalized bank along with quotation .The supply shall complete within 2 days after receiving of the work Order by the Authorize dealer .The quotation will open on 19.12.2023 at 3.00 P.M in the presence of bidders or their authorized representatives in the office of NAC, Kodala.

The undersigned reserve the right to reject any or all quotation without assigning any reason thereof.

Executive Officer
Notified Area Council, Kodala

**OFFICE OF THE PANCHAYAT SAMITI, BAHALDA**

i-518

At/P.o.- Bahalda, Dist.- Mayurbhanj, Odisha,
E-Mail: ori-bahalda@nic.in

Notice No: 4576 Date: 06.12.2023

Sealed Tenders are invited from interested "D, C & B " Class Contractors registered with the Govt. for execution of Civil work under Panchayat Samiti,Bahalda, Mayurbhanj. The eligible criteria and the details of the tender documents which can be downloaded from the website www.mayurbhanj.nic.in. Interested bidders fulfilling the eligibility criteria may submit their proposals to the O/o: BDO Bahalda only Through Courier/ Speed Post/ Registry Post only. Other mode of communication will not be entertained.

1. Sale of Tender Papers: - **08.12.2023 to 22.12.2023 up to 4.00 PM.**
2. Last Date of receipt of tender paper: - **22.12.2023 up to 4.00 PM.**
3. Date of opening of tender papers at Conference Hall, Bahalda Block, Bahalda, Mayurbhanj,:-**27.12.2023** at **11.00**AM.
4. Mode of receipt: Through Courier/speed post/Registry post only to O/o: BDO BahaldaAt/P.o.-Bahalda, Dist.- Mayurbhanj.
5. The delivery personal must be a courier company authorised person with valid identity, postman or any authorised personal of postal dept. in case of registry post/ speed post
6. Envelop should be super-scribed with the name of the works for which tender paper is being submitted otherwise will be rejected.
7. The tender paper received after due date or time will liable for rejection.

Authority reserves the right to reject all or any of the tender without assigning any reasons thereof. Again the authority will not be held responsible for any postal delay.

Sd/-
Block Development Officer, Bahalda
Mayurbhanj

OIPR - 19101/11/0005/2324

ସକାଳ
THE SAKALA



## ସୁନ୍ଦରଗଡ଼ ଅତିରିକ୍ତ ଦୌରାଜଜ୍‌ଙ୍କ ଐତିହାସିକ ରାୟ

# ସପ୍ତାହରେ ୪ ହତ୍ୟା ମାମଲାର ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

**ସୁନ୍ଦରଗଡ଼, ୭ ।୧୨(ସମିସ):**

ସୁନ୍ଦରଗଡ଼ ଅତିରିକ୍ତ ଦୌରାଜଜ୍ ରାଜେଶଙ୍କ ଦାଶ ଐତିହାସିକ ରାୟ କ୍ରମେ ୭ଦିନ ମଧ୍ୟରେ ୪ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ତିନି ବର୍ଷତଳେ ଲେଫ୍ରିପଡ଼ା ଥାନା ଅଧୀନ ଦନାର୍ଦ୍ଦନପୁର ଗ୍ରାମରେ ଘଟି ଯାଇଥିବା ଶ୍ୱଶୁର ହତ୍ୟା ମାମଲାର ଅଭିଯୁକ୍ତ ଲଳିତ ଓରାମ (୩୫)ଙ୍କୁ ଆଜୀବନ ଜେଲ ଆଦେଶ ଦେଇଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଥିବାବେଳେ ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ ଦଣ୍ଡର ରାୟ ଶୁଣାଇଛନ୍ତି।

ଦନାର୍ଦ୍ଦନପୁର ଗ୍ରାମର ବିଶେଶ୍ୱର ନାଗ ଓ ତାଙ୍କ ପତ୍ନୀ ତାରାମଣି ନାଗ ସାବିତ୍ରୀ ଓରାମଙ୍କୁ ପାଳିତା କନ୍ୟା କରିଥିଲେ। ସାବିତ୍ରୀଙ୍କୁ ସୁନ୍ଦରଗଡ଼ ସଦର ଥାନା ଅଧୀନ ଲଙ୍କାହୁଡ଼ା ଗ୍ରାମର ଲଳିତଙ୍କୁ ବିବାହ ଦେଇଥିଲେ। ଲଳିତଙ୍କ ପୂର୍ବରୁ ପତ୍ନୀ ଓ ପିଲା ଛୁଆ ରହିଥିଲେ ହେଁ ସେମାନେ ଜାଣି ନ ଥିଲେ। ଲଳିତଙ୍କ ଔରସରୁ ସାବିତ୍ରୀଙ୍କ ତିନି ପୁତ୍ର ସନ୍ତାନ ଜାତ ହୋଇଥିଲେ। ତାଙ୍କ ବୈବାହାରିକ ଜୀବନ ସୁଖମୟ ହୋଇ ପାରି ନ ଥିଲା। ସାବିତ୍ରୀ ତାଙ୍କ ଶ୍ୱଶୁର ଘରେ ପ୍ରାୟ ଦେଢ଼ବର୍ଷ ରହିବାପରେ ନିଜ ଧର୍ମପିତା ବିଶେଶ୍ୱରଙ୍କ ଘରେ ରହୁଥିଲେ। ଲଳିତ ମଧ୍ୟ ସେଠାରେ ରହୁଥିଲେ। ୨୦୨୦ ଜାନୁୟାରୀ ଶେଷସପ୍ତାହରେ ସେ ଶ୍ୱଶୁର ଘର ଛାଡ଼ି ଚାଲି ଯାଇଥିଲେ। ଏପ୍ରିଲ ୯ ରାତି ପ୍ରାୟ ୧୧ଟା ସମୟରେ ସେ ଶ୍ୱଶୁର ଘରକୁ ଆସି ଘର କବାଟ ଭାଙ୍ଗି ପାଟିତୁଣ୍ଡ କରିଥିଲେ। ଶ୍ୱଶୁର ବିଶେଶ୍ୱର ଏହାର ବିରୋଧ କରିବାରୁ ସେ ତାଙ୍କୁ କାଠ ଫାଳିଆରେ ନିସ୍ତୁକ ମାଡ଼ ମାରିଥିଲେ। ଏଥିରେ ସାବିତ୍ରୀ ଓ ବିଶେଶ୍ୱରଙ୍କ ପତ୍ନୀ ଭୟଭୀତ ହୋଇ ତିନି ଛୁଆଙ୍କୁ ନେଇ ଗାଁ ଭିତରକୁ ପଳାଇ ଥିଲେ। ସେମାନେ ଗ୍ରାମର ସୁରେଶ ଟିଗା ଓ କାର୍ତ୍ତିକ ସାଙ୍କୁ ଘଟଣା ସମ୍ପର୍କରେ ଜଣାଇବାରେ ସେମାନେ ତାଙ୍କ ଘରକୁ ଆସିଥିଲେ। ସୁରେଶ ଏବଂ କାର୍ତ୍ତିକ ତାଙ୍କୁ ଉଦ୍ଧାର କରି ତାଙ୍କ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇବାକୁ ଆମ୍ବୁଲାନ୍ସ ଡକାଇ ଥିଲେ। ଆମ୍ବୁଲାନ୍ସ କର୍ମଚାରୀ ଘଟଣାସ୍ଥଳକୁ ଆସି ବିଶେଶ୍ୱର ମରି ପଡ଼ିଥିବା ଜାଣିବା ପରେ ଫେରି ଯାଇଥିଲେ। ଗ୍ରାମବାସୀ ଅଭିଯୁକ୍ତଙ୍କୁ କାବୁ କରି ପୁଲିସକୁ ଜିମା ଦେଇଥିଲେ। ଓାର୍ଡସଭ୍ୟ କାର୍ତ୍ତିକ ସାଙ୍କ ଏତଲା କ୍ରମେ ପୁଲିସ ହତ୍ୟା ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରାଇ ଥିଲା। ସେହିପରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବାବେଳେ ସେ ଅଦ୍ୟାବଧି ସୁନ୍ଦରଗଡ଼ ବିଚାର ବିଭାଗୀୟ ଜେଲ ହାଜତରେ ରହିଛନ୍ତି। ୧୮ ଜଣ ରାଜ ସାକ୍ଷୀଙ୍କ ବୟାନ, ପାରିପାର୍ଶ୍ୱିକ ଅବସ୍ଥିତି ଓ ସରକାରୀ ଓକିଲଙ୍କ ଯୁକ୍ତି ଆଧାରରେ ବିଚାରପତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

### ଭାଉଜ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ଗତ ୬ ତାରିଖରେ ବିଚାରପତି ୨୦୧୭ ଅଗଷ୍ଟ ୨୯ ତାରିଖରେ ସୁନ୍ଦରଗଡ଼ ସଦର ଥାନା ଅଧୀନ ସୁବଳୟା ଜୟସିରିଆ ପଡ଼ାର ଏକ ଫାର୍ମ ହାଉସରେ ଘଟି ଯାଇଥିବା ଭାଉଜ ହତ୍ୟା ମାମଲାର ଅଭିଯୁକ୍ତ ଭଷ୍ମା ଥାନା ଅଧୀନ ବାମୁଣ୍ଡିଆଡିହି ଗ୍ରାମର କୃଷ୍ଣଚନ୍ଦ୍ର କିସାନ (୪୮)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଓ ଭାଉଜ ଲତାଙ୍କ ଘର ସଂସାର ରହିଥିଲେ ହେଁ ସେମାନେ ଘରୁ ଚାଲି ଆସି ଉକ୍ତ ଫାର୍ମ ହାଉସରେ ରହିବା ସହ କ୍ଷେତବାଡ଼ି କାମ କରୁଥିଲେ। ଘଟଣା ଦିନ ଅଭିଯୁକ୍ତ ତାଙ୍କ ଭାଉଜଙ୍କୁ ପିଟି ପିଟି ମାରି ଦେବାପରେ ଫେରାର ହୋଇ ଯାଇଥିଲେ। ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ଟେଲିଫୋନ ଭବନ ନିକଟରେ ରହୁଥିବା ଉକ୍ତ ଫାର୍ମ ହାଉସର ପୂର୍ବ ମାଲିକ ଇକବାଲ ସିଂଙ୍କ ଏତଲା କ୍ରମେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଉକ୍ତ ସମସ୍ତ ମାମଲାକୁ ସରକାରୀ ଓକିଲ ପ୍ରଶାନ୍ତ କୁମାର ପଟେଲ ପରିଚାଳନା କରୁଥିଲେ।

### ● ଶ୍ୱଶୁର ହତ୍ୟାକାରୀଙ୍କୁ ଆଜୀବନ ଜେଲ, ୫ ଲକ୍ଷ କ୍ଷତିପୂରଣ

ଅନୁରୂପ ଭାବେ ଗତ ୧ ତାରିଖରେ ଏହି ଅଦାଲତର ବିଚାରିପତି ଅନ୍ୟ ଜଣେ ଶ୍ୱଶୁର ହତ୍ୟାକାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାଲାର ଅଭିଯୁକ୍ତ ରାଜଗାଙ୍ଗପୁର ଥାନା ଗୁଠେନବେର୍ଣ୍ଣା ଗ୍ରାମର ସୁଜିତ ମାଝୀ (୪୦) ଗୁଠେନବେର୍ଣ୍ଣା ଜଙ୍ଗଲିଆ ପାଦଚଲା ରାସ୍ତାରେ ତାଙ୍କ ଶ୍ୱଶୁର ବୁଢ଼ାଆମ ଗ୍ରାମର ଗାନ୍ଧୁର ସିଂ (୬୯)ଙ୍କୁ ୨୦୨୦ ମସିହା ସେପଟେମ୍ବର ୨୨ ତାରିଖ ଅପରାହ୍ନରେ ପଥରରେ ଛେଚି ହତ୍ୟା କରିଥିଲେ। ମୃତ ଗାନ୍ଧୁରଙ୍କ ପୁଅ ଗଙ୍ଗା ସିଂଙ୍କ ଏତଲା କ୍ରମେ ଏ ନେଇ ପୁଲିସ ହତ୍ୟା ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାରେ ବିଚାରପତି ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଓ ୫ ହଜାର ଟଙ୍କା ଜରିମାନା କରିଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ମୃତକଙ୍କ ପତ୍ନୀଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ● ଡବଲ ମର୍ଡର, ଅଭିଯୁକ୍ତ ନାତିକୁ ଆଜୀବନ ଜେଲ୍

ଗତ ୪ ତାରିଖରେ ଲେଫ୍ରିପଡ଼ା ଥାନା ସିଆକଛାର ଗ୍ରାମରେ ଘଟି ଯାଇଥିବା ଡବଲ ମର୍ଡର ଘଟଣାର ଅଭିଯୁକ୍ତ ପଦ୍ମଲୋଚନ ପ୍ରଧାନ (୩୨)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦୧୬ ମସିହା ଡିସେମ୍ବର ୨ ତାରିଖ ସକାଳ ପ୍ରାୟ ୬ଟା ସମୟରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା। ଅଭିଯୁକ୍ତ ପଦ୍ମଲୋଚନ ତାଙ୍କ ଘରବାଡି ପଟେ ଅଜା ଅର୍ଜୁନ ପ୍ରଧାନ ଓ ଆଇ ଫୁଲ ପ୍ରଧାନଙ୍କୁ ଠେଙ୍ଗାରେ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଆଈ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଦମ୍ପତିଙ୍କ ପୁଅ ଶୁକଦେବ ପ୍ରଧାନଙ୍କ ଏତଲା କ୍ରମେ ଏ ନେଇ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଲେଫ୍ରିପଡ଼ା ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର



**ସୁନ୍ଦରଗଡ଼, ୭।୧୨(ସମିସ):** ଓଡ଼ିଶା ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅଧୀନରେ ଲେଫ୍ରିପଡ଼ା ଡିଗ୍ରୀ କଲେଜ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଲେଫ୍ରିପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଡୋଷି ପରିଡ଼ା ଏହାକୁ ଉଦ୍‌ଘାଟନ କରିବା ସହ ଛାତ୍ର ଛାତ୍ରୀମାନଙ୍କ ଶାରୀରିକ ବିକାଶ ଓ ସୁସ୍ଥତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବିନୋଦ କୁମାର ଦାସ ଛାତ୍ରଛାତ୍ରୀ ମାନଙ୍କୁ ଶୃଙ୍ଖଳିତ ଏବଂ ଆଦର୍ଶଗତ ଜୀବନ ବଞ୍ଚିବାକୁ ପରାମର୍ଶ ଦେଇଥିଲେ। ସାମାଜିକ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅକ୍ଷୟ କୁମାର ମହାନ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ, କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିବା ସହ ସୁସ୍ଥ ସମାଜ ଗଠନ ନିମନ୍ତେ ଯୁବ ଶକ୍ତିର ଭୂମିକା ଉପରେ ଆଲୋଚନା କରିଥିଲେ। ଡାକ୍ତର ସୁଜିତ ନାଏକ ଛାତ୍ର ଛାତ୍ରୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ସଚେତନତା କରିବାକୁ ଯାଇ ବିଡ଼ି, ସିଗାରେଟ୍, ଗୁଟଖା, ମଦ ଆଦି ନିଶାଦ୍ରବ୍ୟର ଅପକାରିତା ଓ ଏଥିରୁ ଦୂରେଇ ରହିବା ନେଇ ସଚେତନ କରାଇଥିଲେ। ନୂଆଁ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ପାଇଁ ଅକ୍ଷୟ କୁମାର ମହାନ୍ତି ସରକାରଙ୍କୁ ଧନ୍ୟବାଦ ଦେଇଥିଲେ। ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଯୁବରାଜ ସା, ରାଜନୀତି ବିଜ୍ଞାନର ଅଧ୍ୟାପକ ସ୍ୱର୍ଣ୍ଣ ବିକାଶ ପଣ୍ଡା, ମୁଖ୍ୟ କିରାଣୀ ରୀନା ହୋତା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏଲୋପେଥି ବିଭାଗର ଡା. ସୁଜିତ ନାଏକ, ଡା. ଅନିତା ସାହୁ ଓ ଆୟୁର୍ବେଦିକ ବିଭାଗର ଡା ନନ୍ଦିନୀ ପଟେଲ, ଡା. ରିନି ପଟେଲ ତଥା ହୋମିଓପ୍ୟାଥି ବିଭାଗର ଅରୁନ୍ଧତୀ ବାଗ ଯୋଗଦେଇ ଆବଶ୍ୟକୀୟ ଔଷଧ ବିତରଣ କରିଥିଲେ।

## ନାବାଳିକାକୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ସୁନ୍ଦରଗଡ଼, ୭।୧୨(ସମିସ):** ଧରୁଆଡିହି ଥାନା ପୁଲିସ ଜଣେ ନାବାଳିକା ଅସଦାଚରଣକାରୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସ୍ଥାନୀୟ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ବୁଧବାର ସନ୍ଧ୍ୟାରେ ମାଝାପଡ଼ା ଗ୍ରାମରେ ଆୟୋଜିତ ଏହ ଜନ୍ମଦିନ ଉତ୍ସବରେ ଯୋଗ ଦେବାକୁ ଜଣେ ୭ ବର୍ଷୀୟା ନାବାଳିକା ଯାଇଥିଲା। ଉକ୍ତ ନାବାଳିକାକୁ ତା ଘରେ ଛାଡ଼ି ଦେବାକୁ କହି ଯୋଗେଶ୍ୱର ରଣା ଫୁସୁଲାଇ ଥିଲେ। ତେବେ ବାଟରେ ସେ ତାକୁ ଦୁଷ୍କର୍ମ ଉଦ୍ଦେଶ୍ୟରେ ଅସଦାଚରଣ କରିଥିଲେ। ନାବାଳିକା ଜଣକ ଘଟଣା ସମ୍ପର୍କରେ ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ସେମାନେ ଏନେଇ ଥାନାରେ ଏତଲା ଦେଇଥିଲେ। ଫଳରେ ପୁଲିସ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଡାଲମିଆ ମହାବିଦ୍ୟାଳୟରେ 'ନୂଆ-ଓ ଯୁବ ଓଡ଼ିଶା' କାର୍ଯ୍ୟକ୍ରମ

**କୁତ୍ରା, ୭ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡ଼ାଠାରେ ଥିବା ଡାଲମିଆ ମହାବିଦ୍ୟାଳୟରେ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ +୩ ସାମାଜିକ କାର୍ଯ୍ୟକ୍ରମରେ ଯୌତୁକ ବିରୋଧୀ ସଚେତନତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିରନ ଲୁଗୁନ ଅଧ୍ୟକ୍ଷତା କରି ଯୌତୁକ ବ୍ୟାଧିର ମୁଲୋତ୍ପାଟନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଝାରବେଡାର ସମସ୍ତ ଗ୍ରାମବାସୀ ଯୋଗଦେଇ ଥିଲେ। ସେହିପରି ଅନ୍ୟ ଏକ ସଭାରେ +୨ ସାମାଜିକ କାର୍ଯ୍ୟକ୍ରମରେ 'ଶିକ୍ଷା ଅଭିଯାନ' ସମ୍ପର୍କିତ ଆଲୋଚନା କରାଯାଇଥିଲା। ଏହି ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହିରନ ଲୁଗୁନ ସାକ୍ଷରତା ଉପରେ ନିଜସ୍ୱ ମତବ୍ୟକ୍ତ କରିଥିଲେ।



## ଲଗାଣ ବର୍ଷା; ଚିନ୍ତାରେ ଧାନ ଓ ପନିପରିବା ଚାଷୀ



**କ୍ଷତିପୂରଣ ଦାବି**

**କୁତ୍ରା, ୭ ।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ସମଗ୍ର କୁତ୍ରା ଅଞ୍ଚଳରେ ୪ଦିନ ହହେବ ଲବଣ ବର୍ଷା ଲାଗି ରହିଥିବାରୁ କୁତ୍ରା ବ୍ଲକ ଅଞ୍ଚଳର ଧାନ ସମେତ ପନିପରିବା ଚାଷୀ ଚିନ୍ତାଗ୍ରସ୍ତ ରହୁଥିବାବେଳେ ବୀମା କମ୍ପାନୀମାନେ କ୍ଷତିପୂରଣ ପାଇଁ କେବଳ କ୍ରପ କଟିଙ୍ଗକୁ ନୁହେଁ ଗଜା ମରୁଡ଼ି ଓ ବର୍ଷା ଦ୍ୱାରା ହେଉଥିବା କ୍ଷତିକୁ ଆକଳନ କରି କ୍ଷତି ବୀମା ରାଶି ପ୍ରଦାନ ପାଇଁ ଚାଷୀ ସମୂହ ଦାବି କରିଛନ୍ତି। ପ୍ରତିବର୍ଷ ପରି ଚାଷୀ ଏବର୍ଷ ମଧ୍ୟ ଧାର୍ କରଜ କରି ଧାନ, ମାଣ୍ଡିଆ, ଡାଲିଜାତୀୟ ଫସଲ ସାଙ୍ଗକୁ ପନିପରିବା ଚାଷ କରି ଦିପଇସା ରୋଜଗାର କରିବା ପାଇଁ ଅଣ୍ଟା ଭିଡିଥିଲେ। ହେଲେ ବର୍ଷା ଅଭାବରୁ ଚାଷୀ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ପଛୁଆ ବର୍ଷା ପରେ ମଧ୍ୟ ଚାଷୀ ଚାଷ କାମକୁ ଆଗେଇ ଦେଇଥିଲେ। ହେଲେ ବିଗତ ୪ଦିନ ଧରି ଲଗାଣ ବର୍ଷା ଯୋଗୁ ଧାନ ବିଲରେ ପାଣି ଜମି ରହିଥିବାରୁ ଅମଳ ଧାନ ଫସଲ କ୍ଷେତରେ ଗଜା ହେବାର ସମ୍ଭାବନା ଥିବା ବେଳେ ଧାନ ଗୁମି ଯିବାର ସମ୍ଭାବନା ରହିଅଛି। ଏହାଛଡ଼ା ପନିପରିବା ଚାଷ ମଧ୍ୟ ଉଜୁଡି ଯିବାର ସମ୍ଭାବନା ରହିଛି। ଏଣୁ କୁତ୍ରା ବ୍ଲକ ଅଞ୍ଚଳରେ ଚାଷୀ ଚାପଗ୍ରସ୍ତ ରହୁଛନ୍ତି। ଚାଷୀମାନଙ୍କ କ୍ଷତି ଆକଳନ କରି କ୍ଷତିପୂରଣ ଦେବା ସାଙ୍ଗକୁ ବୀମା କମ୍ପାନୀମାନେ କେବଳ କ୍ରପ୍ କଟିଂ କରି କ୍ଷତିପୂରଣ ପ୍ରଦାନ କରୁଥିବା ବେଳେ ଗଜା ମରୁଡ଼ି ଓ ବର୍ଷା ଯୋଗୁ ହେଉଥିବା କ୍ଷତିକୁ ମଧ୍ୟ ମାନଦଣ୍ଡ କରି କ୍ଷତିପୂରଣ ପ୍ରଦାନ କରିବା ପାଇଁ ପଦକ୍ଷେପ ନେବାକୁ କୁତ୍ରା ବ୍ଲକର ଚାଷୀ ସମୂହ ଦାବି କରିଛନ୍ତି।

## ପଞ୍ଚାୟତ ସମିତି କଲେଜର ନୂତନ ଗୃହ ନିର୍ମାଣ ପ୍ରସ୍ତୁତି

**ହେମଗିର, ୭।୧୨(ସମିସ):** ହେମଗିରି ଠାରେ ୩୦ ବର୍ଷ ଧରି ଚାଲିଛି କଲେଜ। ପ୍ରଥମରୁ ତାହା ବିଶ୍ୱଛାତ୍ରବାସରେ ଚାଲୁଥିଲା, ଯାହାକି ମଝିରେ ମଝିରେ ବିଭିନ୍ନ ଅନୁଦାନରୁ ଲକ୍ଷାଧିକ ଟଙ୍କାରେ ଉନ୍ନତିକରଣ କରାଯାଉଥିଲା। ପରେ ନୂତନ ଛାତ ଘର ମାନ ତିଆରି ହୋଇ ସେଥିରେ ଚାଲିଥିଲା ପାଠପଢ଼ା। ୫-ଟି ଅଧୀନରେ ସ୍ମାର୍ଟ କ୍ଲାସରେ ରୂପାନ୍ତର କରିବା ତଥା ନୂତନ ରୁମ୍ ତିଆରି ପାଇଁ ୫୦ ଲକ୍ଷ ଟଙ୍କା ଚଳିତବର୍ଷ ସରକାର ସିଏମ୍‌ଏଏସ ଯୋଜନାରେ ପ୍ରଦାନ କରିଛନ୍ତି। ଡିଏମ୍‌ଏଫ୍ ପାଣ୍ଠିରୁ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ପୁଣି ୩୦ ଲକ୍ଷ ଅଟକଳ ମଞ୍ଜୁର ହୋଇଛି। ସେହି ନୂତନ ଗୃହ ନିର୍ମାଣ ପାଇଁ ପୁରାତନ ଐତିହ ବିଶିଷ୍ଟ ବିଶ୍ୱଛାତ୍ରାବାସ ଯାହାକି ରାଜା ବିଶ୍ୱମ୍ବର ସିଂ ଙ୍କ ନାମରେ ନାମିତ ଥିଲା ଏବେ ଧ୍ୱଂସ ହୋଇଗଲାଣି। ଭଙ୍ଗା ଯାଇଥିବା ଗୃହରେ ବ୍ୟବହାର ହୋଇଥିବା ପୁରୁଣା ଇଟା, ଆଜବେଷ୍ଟର, ଲୁହା ଟ୍ରଷ୍ଟ, କବାଟ ଝରକା ଇତ୍ୟାଦି ଜିନିଷ କୁଆଡେ ଏବଂ କେଉଁ ପ୍ରକ୍ରିୟା ରେ ଓ କିଏ ନେଲେ ତାହା ସର୍ବସାଧାରଣରେ ପ୍ରଶ୍ନ ଉଠିଛି।



## ଆଗଉନି ପୁଲିସ ତଦନ୍ତ, ବୁଲୁଛନ୍ତି ଅଭିଯୁକ୍ତ

**ସୁନ୍ଦରଗଡ଼, ୭।୧୨(ସମିସ):** କିଞ୍ଜିରକେଲା ଥାନା ଅଧୀନ ଗିଦପାହାଡ଼ି ଗ୍ରାମର ଗ୍ରାମରକ୍ଷୀଙ୍କ ଘର ଠାରୁ ମାତ୍ର ୧୦୦ ମିଟର ଦୂରରୁ ତାଙ୍କ ବିବାହିତା ଝିଅଙ୍କ ଗଳିତ ଶବ ଉଦ୍ଧାର ମାମଲାର ଇତିମଧ୍ୟରେ ୨୪ ଦିନ ବିତି ଯାଇଥିଲେ ହେଁ ପୁଲିସ ତଦନ୍ତରେ ଅଗ୍ରଗତି ଘଟୁନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇ ନ ଥିବା ଦର୍ଶାଇ ପୁଲିସ ହାତ ବାନ୍ଧି ବସି ରହିଛି। ପାରିପାର୍ଶ୍ୱିକ ଅବସ୍ଥିତିରୁ ଏହା ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ବାରି ହେଉଥିଲେ ହେଁ ଶବ ବ୍ୟବଚ୍ଛେଦ ରିପୋର୍ଟ ଆଳରେ ପୁଲିସ ସନ୍ଦିଗ୍ଧ ଗ୍ରାମରକ୍ଷୀଙ୍କ ପରିବାରବର୍ଗଙ୍କୁ ସୁରକ୍ଷା ଯୋଗାଉଥିବା ଚର୍ଚ୍ଚା ହେଉଛି। ଗ୍ରାମରକ୍ଷୀ ପବିତ୍ର କାକ ତାଙ୍କ ଝିଅ ରୀନା କାକ (୨୫)ଙ୍କୁ ଧରୁଆଡିହି ଥାନା ଅନ୍ତର୍ଗତ ବାବୁ କର୍ଲା ଗ୍ରାମରେ ବିବାହ ଦେଇଥିଲେ। ତେବେ ଅନେକ ଦିନ ତଳୁ ରୀନା ତାଙ୍କ ବାପଘରେ ରହି ଆସୁଥିଲେ। ସ୍ୱାମୀ ମଝି ମଝିରେ ଯିବା ଆସିବା କରୁଥିଲେ। ଗତ ମାସ ୧୩ ତାରିଖରେ ରୀନାଙ୍କ ଗଳିତ ଶବ ଘର ଠାରୁ ମାତ୍ର ୧୦୦ ମିଟର ଦୂର ଏକ ବୁଦାଳିଆ ସ୍ଥାନରେ ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତ ପରେ ଅପମୃତ୍ୟୁ ମାମଲା ରୁଜୁ କରି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ଥିଲା। ପରିବାର ଲୋକଙ୍କୁ ପଚରାଉଚୁରା କରିବାରୁ ନଭେମ୍ବର ୭ ତାରିଖରୁ ରୀନା ନିଖୋଜ ଥିବା ପୁଲିସକୁ କହିଥିଲେ। ଉଦ୍ଧାର ହୋଇଥିବା ରୀନାଙ୍କ ଗଳିତ ଶବ ଘର ଠାରୁ ଅତି ନିକଟରେ ପଡ଼ି ଦୁର୍ଗନ୍ଧ ହେଉଥିଲେ ହେଁ ପରିବାର ଲୋକେ ଜାଣି ନ ପାରିବା କି ନିଖୋଜ ନେଇ ଥାନାରେ ଅଭିଯୋଗ ନ କରିବା ଘଟଣାକୁ ନେଇ ଲୋକେ ମାମଲାରେ ପରିବାରବର୍ଗଙ୍କ ସମ୍ପୃକ୍ତି ସନ୍ଦେହ କରୁଛନ୍ତି। ପୁଲିସ ମଧ୍ୟ ଏପରି ସନ୍ଦେହକୁ ଅସ୍ୱୀକାର କରୁନାହିଁ। ତଥାପି ନିଜ ଅଧସ୍ତନ ଗ୍ରାମରକ୍ଷୀଙ୍କ ପରିବାର ପ୍ରତି କୋହଳ ମନୋଭାବ ପୋଷଣ କରି ତନାଘନା କରୁନାହିଁ। ବ୍ୟବଚ୍ଛେଦ ରିପୋର୍ଟକୁ ଆଳ କରୁଛି। ଏହା ସନ୍ଦିଗ୍ଧ ଅଭିଯୁକ୍ତଙ୍କୁ ବେଶ ସୁହାଉଛି। ସେମାନେ ନିର୍ବିଘ୍ନରେ ବୁଲୁଥିବା କୁହା ଯାଉଛି। ଅପରପକ୍ଷରେ, ଶବ ବ୍ୟବଚ୍ଛେଦର ୩ ସପ୍ତାହ ପରେ ବି ସୁନ୍ଦରଗଡ଼ ସରକାରୀ ଡାକ୍ତରଖାନାରୁ ବ୍ୟବଚ୍ଛେଦ ରିପୋର୍ଟ ନ ଆସିବା ସନ୍ଦେହଜନକ ମନେ ହେଉଛି। ଏଣୁ ଏଥିପ୍ରତି ଜିଲ୍ଲା ପୁଲିସ ମୁଖିଆ ଦୃଷ୍ଟିଦେଇ ମାମଲା ଉପରୁ ତୁରନ୍ତ ପରଦା ଉଠାଇବାକୁ ଦାବି ହେଉଛି।

**ଘର ନିକଟରୁ ମହିଳାଙ୍କ ଗଳିତ ଶବ ଉଦ୍ଧାର ମାମଲା**

## ଜୋନ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସରଗି ଫୁଲ୍' ଉଦ୍‌ଘାଟିତ





**ସୁନ୍ଦରଗଡ଼, ୭।୧୨(ସମିସ):**

ଓଡ଼ିଶାର ଜନଜାତି ବର୍ଗର ସ୍କୁଲ ଛାତ୍ରଛାତ୍ରୀଙ୍କ ଭିତରେ ରହିଥିବା ପ୍ରତିଭାକୁ ଚିହ୍ନଟ ଓ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଉଛି ବାର୍ଷିକ ଶିଶୁ ମହୋତ୍ସବ 'ସରଗି ଫୁଲ୍'। ଏ କ୍ରମରେ ଗୁରୁବାର ଦିନ ସୁନ୍ଦରଗଡ଼ ଜିଲ୍ଲା ସଂସ୍କୃତି ଭବନଠାରେ ଉତର ଓଡ଼ିଶା ଜୋନସ୍ତରୀୟ 'ସରଗି ଫୁଲ୍' କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହାକୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜନଜାତି ସମ୍ପ୍ରଦାୟ ହେଉଛନ୍ତି ରାଜ୍ୟର ଗର୍ବ। ଏହି ବର୍ଗର ଛାତ୍ରଛାତ୍ରୀଙ୍କ ଭିତରେ ଅନେକ ଅନନ୍ୟ ପ୍ରତିଭା ରହିଛି। ସରଗି ଫୁଲ୍ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ବିଶେଷ ସୁଯୋଗ ଦିଆଯାଉଛି। ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ଦ୍ୱାରା ପିଲାମାନଙ୍କ ଭିତରେ ସୃଜନାନାତ୍ମକ ପ୍ରତିଭାର ବିକାଶ ସହ ପ୍ରତିଯୋଗିତାମୂଳକ ମନୋଭବ, ଯୋଗାଯୋଗ ଦକ୍ଷତା ଏବଂ ନେତୃତ୍ୱ ବିକାଶ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଚଳିତବର୍ଷ ପ୍ରଥମଥର ପାଇଁ ଜୋନସ୍ତରୀୟ ସରଗି ଫୁଲ୍ କାର୍ଯ୍ୟକ୍ରମ ଆୟୋଜନ କରା ଯାଉଥିବା ସୂଚନା ଦେଇଛନ୍ତି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରୁ ଉତୀର୍ଣ୍ଣ ହୋଇ ଆସିଥିବା ଛାତ୍ରଛାତ୍ରୀମାନେ ଏଥିରେ ଭାଗ ନେଇଛନ୍ତି। ପରେ ସେମାନେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ନିଜର ପ୍ରତିଭା ଦେଖାଇବାର ସୁଯୋଗ ପାଇବେ। ସରଗି ଫୁଲ୍ ଭଳି ଆମ ଜନଜାତି ପିଲାମାନଙ୍କର ସ୍ୱପ୍ନ, ପ୍ରତିଭା ଓ ଦକ୍ଷତାକୁ ଆକଶଛୁଆଁ କରିବା ଲାଗି ସୁଯୋଗ ଦେବା ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି କହିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରାଜଗାଙ୍ଗପୁରର ବିଧାୟକ ଡାକ୍ତର ସିଏସ୍ ରାଜେନ୍ ଏକ୍କା, ସୁନ୍ଦରଗଡ଼ ଜିଲ୍ଲାପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ଜିଲ୍ଲାପାଳ ଡା. ପରାଗ ହର୍ଷଦ ଗାଭାଲି ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଭାଗନେଇ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ସରକାରୀ ହାଇସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଆକର୍ଷଣୀୟ କ୍ୟାରିଅର ବିଷୟରେ ସୂଚନା ଦେବାପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଏକ ଭିଡିଓ ସିରିଜ ପ୍ରସ୍ତୁତ କରାଯାଇଛି। ଏଥିରେ ସଫଳତା ହାସଲ କରିଥିବା ବିଭିନ୍ନ ବର୍ଗର ଲୋକଙ୍କର ସାକ୍ଷାତକାର ରହିଛି। ସରଗି ଫୁଲ୍ ଉଦ୍‌ଘାଟନୀ ଅବସରରେ ଏହି ଭିଡିଓ ସିଡି ଉନ୍ମୋଚନ କରାଯାଇଥିଲା। ଏହି ଭିଡିଓକୁ ଜିଲ୍ଲାରେ ଚାଲିଥିବା ଭର୍ଚୁଆଲ କ୍ଲାସ ବ୍ୟବସ୍ଥା ମାଧ୍ୟମରେ ଏକ ସମୟରେ ୩୧୫ ସ୍କୁଲରେ ପ୍ରସାରଣ କରାଯିବ। ଫଳରେ ୧୫ ହଜାରରୁ ଅଧିକ ପିଲାଙ୍କ ପାଇଁ ଏହା ଉପାଦେୟ ହେବ ।ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ତଥା ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଆୟୋଜିତ ଏହି ତିନିଦିନିଆ ଜୋନସ୍ତରୀୟ କାର୍ଯ୍ୟକ୍ରମରେ ୧୫ଟି ଜିଲ୍ଲାର ୬୩୮ ଜଣ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ସୁନ୍ଦରଗଡ଼ ସଦର ବ୍ଲକ ଅନ୍ତର୍ଗତ ଭବାନିପୁରସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ସୃଜନାତ୍ମକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା କରାଯାଉଛି। ଗୁରୁବାର ଦିନ ପିଲାମାନଙ୍କ ଭିତରେ ବକ୍ତୃତା, କୁଇଜ୍, ଏକକ ସଙ୍ଗୀତ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରାଯାଇଥିବା ବେଳେ ଏହା ଆସନ୍ତା ୯ ତାରିଖରେ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି।

**ଭାଗ ନେଇଛନ୍ତି ୬୩୮ ଜନଜାତି ବର୍ଗ ଛାତ୍ରଛାତ୍ରୀ**

## ହୃଦ୍‌ଘାତରେ ଯୁବକଙ୍କ ମୃତ୍ୟୁ

**ଫିରିଙ୍ଗିଆ, ୭।୧୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ ସଦର ମହକୁମାର ଯୁବକ ସୁରେଶ ସାହୁ(୩୫)ଙ୍କ ହୃଦଘାତରେ ପରଲୋକ ହୋଇଥିବାରୁ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେ ବନ୍ଧଗଡ଼ରେ ଏକ ଜନସେବା କେନ୍ଦ୍ର ଖୋଲି ପରିବାରର ପୋଷଣ କରୁଥିଲେ। ହୃଦଘାତରେ ଆକ୍ରାନ୍ତ ହେବା ପରେ ତାଙ୍କୁ ସାରଙ୍ଗଡ଼ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବ୍ରହ୍ମପୁର ବଡ ମେଡିକାଲ ଓ ଶେଷରେ ଭୁବନେଶ୍ୱର ସ୍ଥିତ କେୟାର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ଚିକିତ୍ସା ଅବସ୍ଥାରେ ତାଙ୍କର ପରଲୋକ ହୋଇଛି। ସୁରେଶଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି।

### ଆବାସ ଯୋଜନାରେ ମିଳୁନି ଘର

# ଟିଣ ଛପର ଘରେ ବିତୁଛି ଜୀବନ

**ଭଞ୍ଜନଗର, ୭ ।୧୨(ସମିସ)**



ରାଜ୍ୟ ସରକାର ବିଭିନ୍ନ ଜନହିତକାରୀ ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅସହଯୋଗ ଯୋଗୁଁ ବହୁ ହିତାଧିକାରୀ ସେସବୁ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଦୁଃଖ କଷ୍ଟରେ ଦିନ କାଟୁଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଜଗନ୍ନାଥପ୍ରସାଦ ବ୍ଲକ କୁଡୁତାଇ ଗ୍ରାମର ଉଲ୍ଲାସ ଚନ୍ଦ୍ର ନାୟକ ଓ ପତ୍ନୀ କାମିନୀ ନାୟକଙ୍କ କ୍ଷେତ୍ରରେ। ତାଙ୍କର ତିନି ପୁଅ ଥିଲେ ମଧ୍ୟ ପାଖରେ କେହି ରହୁ ନାହାନ୍ତି। ଭୁବନେଶ୍ୱରରେ ରହି ପୁଅମାନେ କାମ କରି ନିଜ ପେଟ ପୋଷୁଛନ୍ତି। ହେଲେ ଘର ବିଷୟରେ ସେମାନେ କୌଣସି କଥା ବୁଝୁନାହାନ୍ତି। ଫଳରେ ବାପା, ମା' କୁଡୁତାଇରେ ଏକ ଟିଣ ଛପର ଘରେ ଦିନ କାଟୁଛନ୍ତି। ଦୁଇ ବଖରା ଅଳ୍ପ ଉଚ୍ଚ ଘର ଯାହାକି ଖରା ହେଲେ ଅସହ୍ୟ ତାତି କାରଣରୁ ଭିତରେ ରହିବା ଅସମ୍ଭବ ହୋଇପଡୁଛି। ସେହିପରି ବର୍ଷାରେ ଘରେ ପାଣି ଗଳୁଛି। ଯେଉଁଥି ପାଇଁ ଟିଣ ଉପରେ ନଡ଼ିଆ ଡାଳ ପକାଇ ରହୁଛନ୍ତି ଦମ୍ପତି। ବାରମ୍ବାର ଘରଟିଏ ପାଇଁ କୁଡୁତାଇ ପଞ୍ଚାୟତ ଓ ଜଗନ୍ନାଥପ୍ରସାଦ ବ୍ଲକ ଅଫିସକୁ ଦୌଡିଛନ୍ତି ହେଲେ ଫଳ ଶୁନ। ଆବାସ ଯୋଜନାରେ ଘର ଘଣ୍ଟେ ପାଇଲେ ସେମାନେ ଉପକୃତ ହୋଇପାରିବେ ବୋଲି ଆଶା କରି ସେହି ସୁଦିନକୁ ଚାହିଁ ରହିଛନ୍ତି।

## ସ୍କୁଲ ବନ୍ଦ ଘଟଣାର ତଦନ୍ତ କଲେ ବିଇଓ

**ଦାରିଙ୍ଗବାଡ଼ି, ୭।୧୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଡିଡ୍ରବାଡ଼ି ସ୍କୁଲ ବନ୍ଦ ରହିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଇକିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ) ହାଡ଼ିବନ୍ଧୁ ବେହେରା ବୁଧବାର ସ୍କୁଲରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ବାଡାବାଙ୍ଗା ପଞ୍ଚାୟତ ଅନ୍ତର୍ଗତ ଡ଼ିଡ୍ରବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସୋମବାର ବନ୍ଦ ରହିଥିଲା। ଶିକ୍ଷକ ନ ଆସିବା ଫଳରେ ଛାତ୍ରଛାତ୍ରୀ ସ୍କୁଲ ଗେଟ୍ ସାମ୍ନାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିଲେ। ଶେଷରେ ନିରାଶ ହୋଇ ଘରକୁ ଫେରିଥିଲେ। ଉକ୍ତ ସ୍କୁଲରେ ୩ ଜଣ ଶିକ୍ଷକ ନିଯୁକ୍ତି ହୋଇଥିଲେ ମଧ୍ୟ ସମସ୍ତେ ଅନୁପସ୍ଥିତ ଥିଲେ। କେବଳ ଗୋଟିଏ ଦିନ ନୁହେଁ ଅନେକ ସମୟରେ ସ୍କୁଲ ବନ୍ଦ ରହୁଥିବା ବେଳେ ଠିକ୍ ଭାବେ ଶିକ୍ଷକ ସ୍କୁଲକୁ ଆସୁ ନ ଥିବା ଛାତ୍ରଛାତ୍ରୀ ସମେତ ଅଭିଭାବକ ଅଭିଯୋଗ କରିଛନ୍ତି।

## ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

**ତୁମୁଡିବନ୍ଧ, ୭।୧୨(ସମିସ):** ତୁମୁଡିବନ୍ଧ ବ୍ଲକ ସ୍ଥିତ ନେତାଜୀ ସୁଭାଷ ବୋଷ ଜୁନିଅର କଲେଜରେ ଆମ ଓଡ଼ିଶା ଯୁବ ଓଡ଼ିଶା ଯୋଜନା ମାଧ୍ୟମରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଚାଲୁରହିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ନିଜର ଅନ୍ତର୍ନିହିତ ପ୍ରତିଭାକୁ ସର୍ବସମ୍ମୁଖରେ ପରିପ୍ରକାଶ କରିପାରୁଛନ୍ତି। କବାଡି, ଖୋ ଖୋ, କ୍ରିକେଟ, ଫୁଟବଲ, ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରାଙ୍କନ ଓ ନୃତ୍ୟ ପ୍ରତିଯୋଗିତା ଏପରି ଅନେକ କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ଡ଼. ସୁନୀଲ ପାତ୍ରଙ୍କ ନେତୃତ୍ୱରେ ଚାଲୁରହିଛି। ଶତାଧିକ ଛାତ୍ରଛାତ୍ରୀ ପ୍ରାଚୀରପତ୍ର ଓ ଚିତ୍ରପଟ୍ଟ ଧରି କଲେଜ ପରିସରରୁ ତୁମୁଡିବନ୍ଧ ମୁଖ୍ୟ ବଜାର ଅଭିମୁଖେ ବିଭିନ୍ନ ପ୍ରକାରର ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରାରେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣ ଶିକ୍ଷା କର୍ମଚାରୀ ସାମିଲ ହେଇଥିଲେ। ଶୋଭାଯାତ୍ରା ତୁମୁଡିବନ୍ଧ ମୁଖ୍ୟ ବଜାରର ଏକାଧିକ ଗଳିରେ ସାଧାରଣ ଲୋକଙ୍କୁ ସଚେତନ କରିଥିଲା। ମଦ୍ୟପାନ ଏବଂ ବିଭିନ୍ନ ପ୍ରକାରର ନିଶା ସେବନ ଦ୍ୱାରା କେଉଁ କେଉଁ ସବୁ କ୍ଷତି ସହିବାକୁ ପଡେ ସେ ସମ୍ପର୍କରେ ସଚେତନ କରାଯାଇଥିଲା।

## ଲକ୍ଷ୍ମୀନାରାୟଣ କଲେଜ ପକ୍ଷରୁ ସଚେତନତା



**କୋଦଳା, ୭ ।୧୨(ସମିସ):** 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ପକ୍ଷରୁ କୋଦଳା ଲକ୍ଷ୍ମୀ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପକ୍ଷରୁ 'ସଡ଼କ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଦତ୍ତରାମ ବିଶୋଇଙ୍କ ନିର୍ଦ୍ଦେଶ କ୍ରମେ ନୋଡାଲ ଅଫିସର ପ୍ରାଧ୍ୟାପକ ହୃଷୀକେଶ ପ୍ରହରାଜ, ପ୍ରୋଗ୍ରାମ ଅଫିସର ସୁଦର୍ଶନ ପ୍ରଧାନ, ଅଧ୍ୟାପକ ସରୋଜ କୁମାର ଆଚାର୍ଯ୍ୟ, ଆଦିତ୍ୟ ପ୍ରସନ୍ନ ମହାପାତ୍ର, କାଳନ୍ଦୀ ଚରଣ ଦାଶ, ଅଧ୍ୟାପିକା ମୌସୁମୀ ମିଶ୍ର, ସାଗରିକା ମୁନୀ, ସୁନିତା ପାଣ୍ଡୀ, ସମୀର ପରିଡ଼ା ପ୍ରମୁଖ ଛାତ୍ରଛାତ୍ରୀ ରାଲି କରି ଜନସାଧାରଣଙ୍କୁ ସଚେତନ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଭଞ୍ଜନଗର, ୭ ।୧୨(ସମିସ):** ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ କେଏସ୍‌ୟୁବି କଲେଜ ଏନସିସି, ଏନ୍‌ଏସ୍‌ଏସ୍, ଯୁବ ରେଡକ୍ରସ ମିଳିତ ଉଦ୍ୟମରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କଲେଜ ଅଧ୍ୟକ୍ଷ ରାଜେନ୍ଦ୍ର ଦାସ ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗତବର୍ଷ ଅପେକ୍ଷା ଚଳିତବର୍ଷ ଭଞ୍ଜନଗର ଉପଖଣ୍ଡରେ ଦୁର୍ଘଟଣା ଜନିତ ମୃତ୍ୟୁହାର କମିଛି ବୋଲି କହିଥିଲେ। ୨୦୨୨ ଜାନୁୟାରୀ ପହିଲାରୁ ଡିସେମ୍ବର ୩୧ ତାରିଖ ସୁଧା ଭଞ୍ଜନଗର ଉପଖଣ୍ଡରେ ୧୨୦ ଜଣ ବିଭିନ୍ନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ଚଳିତ ବର୍ଷ ଆଜି ସୁଦ୍ଧା ମାତ୍ର ୭୯ ଜଣ ମୃତ୍ୟୁବରଣ କରିଛନ୍ତି। ରାଜ୍ୟ ସରକାରଙ୍କ ଉଚିତ ପଦକ୍ଷେପ, ବିଭିନ୍ନ ବିଭାଗର ସହଯୋଗ ଏବଂ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଯୋଗୁଁ ମୃତ୍ୟୁ ହାର କମିଛି ବୋଲି ଶ୍ରୀ ରାୟ କହିଥିଲେ। ସାମାଜିକ କର୍ମୀ ଶୂଳପାଣି ସତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୀତ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଡକ ସୁରକ୍ଷା ଉପରେ ସଚେତନତା କରାଇଥିଲେ। ପ୍ରାଧ୍ୟାପକ ବିଭାସ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଶେଫାଳି ପଟ୍ଟନାୟକ, ସୁଧାଶ୍ରୀ ନାୟକ ସଂଯୋଜନା କରିଥିଲେ। ପ୍ରଶାସନିକ ଅଧିକାରିଣୀ ଆରତିବାଳା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ସୁନିତା ଖଣ୍ଡୁଆଳ, ଅନୀତା ମହାପାତ୍ର, ସସ୍ମିତା ଦାସ, କଳ୍ପନା ଷଣ୍ଢ, ଅଧ୍ୟାପକ ସନାତନ ବେହେରା, ହରିଶ ଭଟ୍ଟର, ଦୁର୍ଗାପ୍ରସାଦ ସାହୁ, ଡଃ ରବୀନ୍ଦ୍ର ମିଶ୍ର, ବିଦେଶୀ ରାଉତ, ବାବୁଲା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**କୁକୁଡ଼ାଖଣ୍ଡି, ୭ ।୧୨(ସମିସ):** ଯୁବ ଓଡ଼ିଶା-ନବୀନ ଓଡ଼ିଶା ଆନୁକୂଲ୍ୟରେ କୁକୁଡାଖଣ୍ଡି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି ଶିବ ପ୍ରସାଦ ପାତ୍ରଙ୍କ ଦ୍ୱାରା ସାଂସ୍କୃତିକ ଉତ୍ସବ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ସଭାପତି ତଥା ଅଧ୍ୟକ୍ଷ ମନୋରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବରେ ପୂର୍ବତନ ବିଡିଏ ଅଧ୍ୟକ୍ଷ କୈଳାସ ରଣା, ଅଶୋକ ଦାସ, ସାଂସ୍କୃତିକ କାର୍ଯ୍ୟକ୍ରମ ଅଧିକାରୀ ବସନ୍ତ କୁମାର ଜେନା, ଉପଦେଷ୍ଟା ଡ଼ଃ ଭାବଶିଷ ମହାପାତ୍ର, ଏନ. ପୀତବାସ ମଞ୍ଚାସୀନ ଥିଲେ। ଅତିଥି ଗଣ ଛାତ୍ରଛାତ୍ରୀ ମାନଙ୍କୁ ପାଠପଢ଼ା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ମନୋନିବେଶ କରି ଭବିଷ୍ୟତ ଗଠନ କରିବା ଦିଗରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ପଦାର୍ଥ ବିଜ୍ଞାନ ଅଧ୍ୟାପକ ବିଭୁପ୍ରସଦ ପାତ୍ର ସଂଯୋଜନା କରିଥିବାବେଳେ ବସନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ପଞ୍ଚାୟତ ସମିତିର ସାଧାରଣ ବୈଠକ

## ନୂତନ ଭତ୍ତା ଓ ପ୍ରୋତ୍ସାହନ ରାଶି ବଣ୍ଟନ

**ଫୁଲବାଣୀ, ୭।୧୨(ସମିସ):** ଫୁଲବାଣୀ ପଞ୍ଚାୟତ ସମିତି ସଭାଗୃହରେ ପଞ୍ଚାୟତ ସମିତିର ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, କୃଷି, ଉଦ୍ୟାନ କୃଷି ଆଦି ବିଷୟରେ ଆଲୋଚନା ହୋଇଥିଲା। ଏଥିସହିତ ମଧୁବାବୁ ପେନସନ ଯୋଜନାରେ ନୂତନ ଭାବେ ୧୧ ପଞ୍ଚାୟତର ୬୮ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତିନି ମାସ ଭିତରେ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ୪୫୧ ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ତେବେ ମୋ ଘର ଯୋଜନା ପାଇଁ ଏକ ମାସରେ ସମୁଦାୟ ୩ ଜଣଙ୍କୁ ଋଣ ପ୍ରଦାନ କରାଯାଇଥିଲା। ୩ ମାସ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର କାମ ସାରି ୨୦ ହଜାର ଟଙ୍କା ସହାୟତାର ଫାଇଦା ନେବା ପାଇଁ ହିତାଧିକାରୀଙ୍କୁ ଉକ୍ତ ବୈଠକରେ ସୂଚନା ଦିଆଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଫୁଲବାଣୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା କହଁର, ଉପାଧ୍ୟକ୍ଷ ଶ୍ରୀନିବାସ ମଲିକ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ରଣଜିତ, ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କୁମାର ସାହୁ, ସହକାରୀ କାର୍ଯ୍ୟ ନିର୍ବାହୀଯନ୍ତ୍ରୀ ସୁବ୍ରତ କୁମାର ମାଝି, ପଞ୍ଚାୟତ ସମ୍ପ୍ରସାରଣ ଦାୟିତ୍ୱରେ ଥିବା ଅଧିକାରୀ ଉଷାରାଣୀ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ।



## ଲଗାଣ ବର୍ଷା ଯୋଗୁ ଚିନ୍ତାରେ ଚାଷୀ

**ଆସିକା, ୭ ।୧୨(ସମିସ):** ଆସିକା ବ୍ଲକର କୃଷି ବିଭାଗ ଅଧୀନସ୍ଥ ସବୁରି ଗ୍ରାମ ପଞ୍ଚାୟତର ଚାଷ ଜମିରେ କଟା ଧାନ ଥିବା ବେଳେ ଗତ ଦୁଇ ଦିନର ଲଗାଣ ବର୍ଷାରେ ଚାଷୀର ଚିନ୍ତା ବଢ଼ାଇଛି। ଧାର କରଜ କରି ଆଣି ଚାଷୀ ଚଳିତ ବର୍ଷ ଚାଷୀ ବିଳମ୍ବରେ ରୁଆ ବେଉଷଣ କରିଥିଲା। ଠିକଣା ସମୟରେ ବର୍ଷା ନ ହେବାରୁ ଡ଼ିପ ଜମିର ଫସଲ ନଷ୍ଟ ହୋଇଥିଲା। ଖାଲ ଜମିର ଫସଲ ଯାହା କଷ୍ଟରେ ଅମଳ ହେବାର ଥିଲା। ତାହା ମଧ୍ୟ ଲଗାଣ ବର୍ଷାରେ ନଷ୍ଟ ହେବାକୁ ବସିଛି। ଚାଷୀ ଧାର କରଜ କରି ଆଣିଥିବା ଚାଷୀ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ପୁଣି ଦୁଇ ଦିନର ଲଗାଣ ବର୍ଷାରେ ହେକ୍ଟର ହେକ୍ଟର ଜମିରେ ଥିବା ଅମଳ କଟା ଧାନ ବର୍ଷା ପାଣିରେ ଭିଜି ପଡ଼ିଥିବା ବେଳେ ଚାଷୀ ଏବେ ଚିନ୍ତାରେ। ଚାଷ ଜମିକୁ ଯାଇ ଓଦା ଧାନକୁ ଦେଖିଲେ ଚାଷୀ ମୁଣ୍ଡକୁ ହାତ ମାରି ଘରକୁ ଫେରୁଛି।

## ବାଇକ୍ ଦୁର୍ଘଟଣାରେ ଜ୍ୱାଇଁଙ୍କ ମୃତ୍ୟୁ

### ଶାଳୀ ବାହାଘରରେ ଯୋଗଦେଇପାରିଲେନି

**ଧରାକୋଟ, ୭ ।୧୨(ସମିସ):** ଆଉ କିଛି ସମୟ ପରେ ଶାଳୀ ବାହାଘରରେ ଯୋଗଦେଇଥାନ୍ତେ। ହେଲେ ବାଟରେ ଛକି ରହିଥିଲା ମୃତ୍ୟୁ। ଶାଳୀଘରେ ପହଞ୍ଚିବା ପୂର୍ବରୁ ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଜ୍ୱାଇଁଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୋଦଳା ଥାନା ରେଙ୍ଗିଡ଼ିପଲ୍ଲୀ ଗାଁର ମୁନା ବେହେରା। ପୁଲିସ ଶବ ଜବତ କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବାନ୍ଧଗୁଡା ଗ୍ରାମର ବୃନ୍ଦାବନ ବେହେରାଙ୍କ ପୁଅ ମଙ୍ଗୁଲୁ ବେହେରା ଏବଂ ଜ୍ୱାଇଁ ମୁନା ବେହେରା ଏକ ବାଇକ ଯୋଗେ ଆସିକାକୁ ଶାଳୀ ବାହାଘର ଜିନିଷ କିଣିବା ପାଇଁ ଆସିଥିଲେ। ଜିନିଷ ପତ୍ର କିଣା ସରିବା ପରେ ଶଳା ମଙ୍ଗୁଲୁ ଜିନିଷ ଗାଡ଼ିରେ ବାହାରିଥିଲା। ଏହାପରେ ମୁନା ବାଇକ ଧରି ଆସିକାରୁ ବାନ୍ଧଗୁଡା ଅଭିମୁଖେ ବାହାରିଥିଲେ। ହଠାତ ଧରାକୋଟ ଥାନା ବାହାଡାଗୁଡା ଛକରେ ଛିଡା ହୋଇଥିବା ଏକ ଟ୍ରକ କୁ ଏହି ବାଇକ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ମୁନା ରାସ୍ତା କଡ଼ରେ ଛିଟିକି ପଡ଼ିଥିଲା। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୁନାଙ୍କ ବାହାଘର ଦୁଇ ବର୍ଷ ତଳେ ବାହାଘର ହୋଇଥିଲା ଏବଂ ତାଙ୍କର ଗୋଟିଏ ଦେଢ଼ ବର୍ଷର ଝିଅ ଅଛି।

## ବ୍ଲକ୍‌ସ୍ତରୀୟ ଚୟନ ଓ ପରାମର୍ଶ ଶିବିର

**ସୋରଡ଼ା, ୭ ।୧୨(ସମିସ):** ସୋରଡ଼ା ବ୍ଲକ ସ୍ଥିତ ସଭାଗୃହରେ ପଞ୍ଚାୟତିରାଜ୍ ଓ ପାନୀୟ ଜଳ ପକ୍ଷରୁ ଓରମାସ ଓ ବସୁଧା ପକ୍ଷରୁ ବ୍ଲକସ୍ତରୀୟ ଚୟନ ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଛି। ଶିବିର ମାଧ୍ୟମରେ ସୋରଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ମହିଳା ଗ୍ରୁପର ସିଆରପି ସଦସ୍ୟାଙ୍କ ଦ୍ୱାରା ଆହୁତ ଯୁବକ ଯୁବତୀଙ୍କ ଆତ୍ମନିର୍ଭରଶିଳ ହେବା ନିମନ୍ତେ ଆଲୋଚନା ହୋଇଥିଲା। ଅଞ୍ଚଳର ବହୁ ଯୁବକ ଯୁବତୀଙ୍କ ସହ ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ ସଦାଶିବ ସେଠୀ ଏବଂ ଓରମାସର ଜିଲ୍ଲା ସଂଯୋଜକ ସୁଶାନ୍ତ କୁମାର ପଲେଇ, ମହିଳା ଗୋଷ୍ଠୀର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ। ଶିବିର ମାଧ୍ୟମରେ ବ୍ଲକର ଜଳର ସଠିକ ଓ ସୁଧାର ଆସିବା ଉଦ୍ଦେଶରେ ଜଳ ଯୋଗାଣ ଯନ୍ତ୍ରୀ ଗୁରୁଦେବ ଗୌଡ଼, କେ ରବୀନ୍ଦ୍ର ପାତ୍ର ପ୍ରମୁଖ ପସ୍ଥିତ ଥିବା ବେଳେ ଓରମାସ ଓ ଓଡ଼ିଶା ଜୀବିକା ମିଶନ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରାୟ ୧୮ ଜଣ ଆଶାୟୀ ଶିବିରରେ ମନୋନୀତ ହୋଇଛନ୍ତି।

## ଶ୍ରେଷ୍ଠ ହୋମଗାର୍ଡ ଭାବେ ସୋମନାଥ ସମ୍ବର୍ଦ୍ଧିତ



**ଗଞ୍ଜାମ, ୭ ।୧୨(ସମିସ):** ଗଞ୍ଜାମ ଥାନା ଅଧିକାରୀଙ୍କ ଡ୍ରାଇଭର ଭାବେ କାର୍ଯ୍ୟରତ ଆର.ସୋମନାଥ ରେଡି ଓ ହୋମଗାର୍ଡ ଏସ. ଲୋକେୟା ରେଡିଙ୍କୁ ଶ୍ରେଷ୍ଠ ହୋମଗାର୍ଡ ଭାବେ ଗଞ୍ଜାମ ପୁଲିସ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଛତ୍ରପୁର ସ୍ଥିତ ଏସପି କାର୍ଯ୍ୟାଳୟରେ ଆରକ୍ଷୀ ଅଧୀକ୍ଷକ ଜଗନ ମୋହନ ମିନା ଉଭୟଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରିଛନ୍ତି। ତାଙ୍କର କାର୍ଯ୍ୟ ଦକ୍ଷତା ଓ ପୁଲିସ ପ୍ରଶାସନ ପ୍ରତି ତାଙ୍କର ନିର୍ବିଚ୍ଛିନ୍ନ ସେବା ପାଇଁ ତାଙ୍କୁ ସମ୍ମାନିତ କରାଯାଇଛି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଶେରଗଡ଼, ୭ ।୧୨(ସମିସ):** ଶେରଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶିବାଶିଷ ବରାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରକୁ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଉଦଘାଟନ କରିଥିଲେ। ଶିବିରରେ ସମୁଦାୟ ୨୪୮ ଜଣ ଭିନ୍ନକ୍ଷମ ପଞ୍ଜିକୃତ ହୋଇଥିଲେ। ସେଥିମଧ୍ୟରୁ ଶାରୀରିକ ଭିନ୍ନକ୍ଷମ ୧୨୪, ମାନସିକ ଅନଗ୍ରସର ୨୧, ଶ୍ରବଣ ବାଧିତ ୫୪, ଦୃଷ୍ଟି ଶକ୍ତି ବାଧିତ ୪୯ ଜଣ ପଞ୍ଜିକୃତ କରିଥିଲେ। ସେମାନଙ୍କୁ ବିଭିନ୍ନ ପ୍ରକାର ସହାୟତାରେ ଉପକୃତ ହେବା ପାଇଁ ଚିହ୍ନଟ କରାଯାଇଥିଲା। ସହାୟତା ସହ ଜରୁରୀ ଉପକରଣ ପ୍ରଦାନ ନିମନ୍ତେ ୧୬୭ ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। ଅତିଥି ମାନେ ୩୦ ଜଣ ଭିନ୍ନକ୍ଷମ ଙ୍କୁ ତିନି ଚକିଆ ସାଇକେଲ ଏବଂ ୮ ଜଣଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସଏସଏସଓ ଭଞ୍ଜନଗର ଏସିଓ ଶବର, ଫିଜିଓଲୋଜିଷ୍ଟ ଡକ୍ଟର ରୋଜାଲିନ ପଟ୍ଟନାୟକ, ଡକ୍ଟର ଅକ୍କି ରେଡି ନନ୍ଦିନୀ, ଡକ୍ଟର ବି.ମିଲନ କୁମାର, ଡକ୍ଟର ଅଶୋକ ମହାପାତ୍ର, ଡକ୍ଟର ସୁଶାନ୍ତ କୁମାର ବେହେରା, ଡକ୍ଟର ଅରୁନ୍ଧତୀ ପାଣିଗ୍ରାହୀ, ଏବିଡିଓ ଏସଏସ ତରାଇଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଆରଏସଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## କଳା ସାଂସ୍କୃତିକ ମଞ୍ଚର ପ୍ରସ୍ତୁତି ବୈଠକ



**ଗଞ୍ଜାମ, ୭ ।୧୨(ସମିସ):** ଗଞ୍ଜାମ କଳା ସାଂସ୍କୃତିକ ମଞ୍ଚ ପକ୍ଷରୁ ଆଗାମି ଜାନୁୟାରୀ ୨୬ରେ ପରିବେଷଣ ହେବାକୁ ଥିବା ନାଟକକୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ଶବର କୁମାର ତରାଇଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଉତ୍ତମ ପାରିବାରିକ ନାଟକ ଚୟନ କରିବା ସହ ଯୁବ କଳାକାରଙ୍କୁ ବିଭିନ୍ନ ଚରିତ୍ରରେ ଅଭିନୟ କରିବାର ସୁଯୋଗ ଦେବା ନେଇ ଆଲୋଚନା ହୋଇଥିଲା। ନାଟକ କିପରି ମନୋରଞ୍ଜନ ଧର୍ମୀ ହୋଇ ଦର୍ଶକଙ୍କ ମନକୁ ଛୁଇଁ ପାରିବ ସେ ସମ୍ପର୍କରେ ମତ ପ୍ରକାଶ ପାଇଥିଲା। ଏଥିରେ ସୁଧୀର କୁମାର ପାଢ଼ୀ, ଉମାକାନ୍ତ ବେହେରା, ରାକେଶ କୁମାର ଦାସ, ବିଦ୍ୟାଧର ସାହୁ, ପ୍ରଦୀପ କୁମାର ପଣ୍ଡା, ନୀଳାଞ୍ଚଳ ବାରିକି, ନିରଞ୍ଜନ ପରିଡ଼ା, ଅକ୍ଷୟ କୁମାର ସ୍ୱାଇଁ, ବଟକୃଷ୍ଣ ରାଉଳ, ଅକ୍ଷୟ ପ୍ରଧାନ, ଅରୁଣ ରାଉଳ, ମୁଥୁନ ବାରିକି, ଟୋନି ପଣ୍ଡା ପ୍ରମୁଖ ମଞ୍ଚ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

## ପୂଜ୍ୟ ପୂଜା ସମିତି ପକ୍ଷରୁ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ



**ବ୍ରହ୍ମପୁର, ୭ ।୧୨(ସମିସ):** ବିଶ୍ୱରତ୍ନ ବାବାସାହେବ ଆମ୍ବେଦକରଙ୍କ ୬୮ତମ ମହାପରିନିର୍ବାଣ ଦିବସ ପୂଜ୍ୟ ପୂଜା ସମିତି ପକ୍ଷରୁ ପାଳନ ହୋଇଯାଇଛି। ସମିତିର ସଭାପତି ବଂଶୀଧର ଭୂୟାଁ, ମୁଖ୍ୟଅତିଥି ଭାବେ ବିକାଶ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନେତା ନଳିନୀ କୁମାର ବେହେରା ଯୋଗଦେଇ ସମ୍ବିଧାନ ପ୍ରଣେତା ଡ଼. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଡା. ଗୋପବନ୍ଧୁ ବେହେରା, ଅଶୋକ ଦଳାଇ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ସୁରେନ୍ଦ୍ର ନାଥ ପଣ୍ଡା, ସୁବାଷ ଚନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ସ୍ମୃତି ସଭାରେ କବିରାଜ ସାହୁ, ଉଗ୍ରସେନ ବେହେରା, ମହେନ୍ଦ୍ର ଚୌଧୁରୀ, ମନୋଜ ତରାଇ, ଗୋବିନ୍ଦ, ସୁଶାନ୍ତ ବିଷୋୟୀ, ବିପ୍ର ନାୟକ, ନରସିଂହ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ନାତକ ମହାବିଦ୍ୟାଳୟରେ ଯୋଗ ଶିବିର

**ଫିରିଙ୍ଗିଆ, ୭।୧୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦର ମହକୁମା ସ୍ଥିତ ସ୍ନାତକ ମହା ବିଦ୍ୟାଳୟରେ ଅଧ୍ୟକ୍ଷ ନବଘନ ସାହୁଙ୍କ ଅଧ୍ୟକ୍ଷତାରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଯୋଗଗୁରୁ ନିରଞ୍ଜନ ପାଣ୍ଡେ ଯୋଗଦେଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବଜ୍ରାସନ, ପଦ୍ମାସନ, ଶସକାସନ, ମୟୂରାସନ, ବୃକ୍ଷାସନ, ତାଡାସନ ଓ ଅନ୍ୟାନ୍ୟ ଆସନ ସବୁ ଅଭ୍ୟାସ କରାଇବା ସହିତ ତାର ଉପକାରିତା ଉପରେ ପ୍ରାଞ୍ଜଳ ଭାବେ ବୁଝେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଡ଼. ସନ୍ଧ୍ୟାରାଣୀ ପାଢ଼ୀ, ଅଧ୍ୟାପକ ଡ଼. ବିରଞ୍ଚି ନାରାୟଣ ସାହୁ, ଅଧ୍ୟାପକ ସୁଦାମ ବେହେରା, ଅଧ୍ୟାପିକା ସୁଷୁପ୍ତି ପଟ୍ଟନାୟକ, ଏନ. ଶ୍ରୀନିବାସ ରାଓ, ବବିତା ପଣ୍ଡା, ଶର୍ମିଷ୍ଠା ପ୍ରଧାନ, ରଞ୍ଜିତ ଦୀପ, ହରିପ୍ରିୟା ମିଶ୍ର, ଗ୍ରନ୍ଥାଗାରିକ ପ୍ରଦୀପ ମହାପାତ୍ର, ରଘୁନାଥ ମଲ୍ଲିକ, ବିପୁନ ମୁଖୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



### ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରଥମ ଏକାଡେମିକ୍ କାଉନସିଲ ବୈଠକ

# ସିଣ୍ଡିକେଟ୍‌କୁ ମନୋନୀତ ହେଲେ ଦୁଇ ପ୍ରାଧ୍ୟାପକ

**ବ୍ରହ୍ମପୁର, ୭ ।୧୨(ସମିସ)**



ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରଥମ ଏକାଡେମିକ କାଉନସିଲ ବୈଠକ କୁଳପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ଼. ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ମମତା ପଣ୍ଡା, ବିଶ୍ୱବିଦ୍ୟାଳୟର କୁଳସଚିବ ସୁଶ୍ରୀ ଶାନ୍ତିସୁଧା ପାତ୍ର, ପିଜି କାଉନସିଲ ଅଧ୍ୟକ୍ଷା ଡ. ପଦ୍ମିନୀ ସାହୁ, ଏମକେସିଜି ମେଡିକାଲ ଚକ୍ଷୁବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼ା. ପ୍ରଜ୍ଞା ପଣ୍ଡା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ. ବିଦ୍ୟୁତପ୍ରଭା ସାହୁଙ୍କ ସହ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ ଉପସ୍ଥିତ ଥିଲେ। ବୈଠକରେ କୁଳପତି ପ୍ରଥମେ ସ୍ୱାଗତ ଭାଷଣ ଦେଇଥିଲେ। ପରେ ବୈଠକର ବାଣିଜ୍ୟ ଅଧିବେଶନ ଆରମ୍ଭ ହୋଇଥିଲା। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଥିବାବେଳେ ଅନୁଷ୍ଠିତ ଏକାଡେମିକ କାଉନସିଲ ବୈଠକର ନିଷ୍ପତ୍ତି ସମ୍ପର୍କରେ ଏଠାରେ ଆଲୋଚନା କରାଯାଇଥିଲା। ବିଶ୍ୱବିଦ୍ୟାଳୟର ନିୟମିତ କ୍ରୀଡ଼ା ପ୍ରଶିକ୍ଷକ ନିଯୁକ୍ତ, ଛାତ୍ରୀନିବାସରେ ମହିଳା ମାଟ୍ରନ ନିଯୁକ୍ତି କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାପରେ ବୋର୍ଡ ଅଫ୍ ଷ୍ଟଡିଜ୍ ପ୍ରସ୍ତାବ ଉପରେ ବିଚାର ବିମର୍ଷ କରାଯାଇଥିଲା। ବିଦ୍ୟାର୍ଥୀଙ୍କ ଗ୍ରେଡ୍ ସିଟ୍ (ମାର୍କର ଶତକଡ଼ା ଗ୍ରେଡକୁ ରୂପାନ୍ତର) ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ସେଲ୍ଫ ଫାଇନାନ୍ସ ଅଧୀନରେ କମ୍ପ୍ୟୁଟର ସାଇନ୍ସ ପାଠ୍ୟକ୍ରମରେ ଚଳିତ ବର୍ଷ ୧୬ଟି ସିଟ୍ ମଧ୍ୟରୁ କେବଳ ୭ଜଣ ବିଦ୍ୟାର୍ଥୀ ନାମ ଲେଖାଇଛନ୍ତି। ଏଣୁ ଉକ୍ତ ପାଠ୍ୟକ୍ରମ ନିମନ୍ତେ ଆର୍ଥିକ କାର୍ଯ୍ୟକ୍ଷମତାକୁ ବିଚାର କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ସେହିପରି ବିଶ୍ୱବିଦ୍ୟାଳୟରେ ସେଲଫ ଫାଇନାନ୍ସିଂ ମୋଡ ପ୍ରଚଳିତ ଏମଏଫଏ (ମାଷ୍ଟର ଇନ ଫାଇନାନ୍ସ) ପାଠ୍ୟକ୍ରମର ନାମ ପରିବର୍ତ୍ତନ କରାଯାଇ ଏମଏବିଏ (ମାଷ୍ଟର ଇନ ବିଜିନେସ ଆଡମିନିଷ୍ଟ୍ରେସନ) କରାଯିବ ବୋଲି ଆଲୋଚନା ହୋଇଥିବା ବେଳେ ତାହା ସିଣ୍ଡିକେଟ ବୈଠକରେ ଆଲୋଚନା ନିମନ୍ତେ ପରାମର୍ଶ ଦିଆଯିଥିଲା। ଏଭଳି ଭାବରେ ବୈଠକରେ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମ ସମ୍ପର୍କୀୟ ଅନେକ କିଛି ପରିବର୍ତ୍ତନ କରିବାକୁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏକାଡେମିକ କାଉନସିଲର ପ୍ରଥମ ବୈଠକରେ ସିଣ୍ଡିକେଟ ପାଇଁ ୨ଜଣ ବରିଷ୍ଠ ପ୍ରାଧ୍ୟାପକଙ୍କୁ ସର୍ବବସମ୍ମତି କ୍ରମେ ମନୋନୀତ କରାଯାଇଛି। ମନୋନୀତ ଦୁଇ ପ୍ରାଧ୍ୟାପକ ହେଲେ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଡ. ଦୀପକ କୁମାର ମିଶ୍ର ଓ ଡ. ମନୋଜ କୁମାର ପଟ୍ଟନାୟକ। ୨୦୨୧ମସିହା ଅଗଷ୍ଟରୁ ଏହି ବିଶ୍ୱବିଦ୍ୟାଳୟ ଗଠନ ହୋଇଥିଲେ ମଧ୍ୟ ଏକାଡେମିକ କାଉନସିଲ ବୈଠକ ହୋଇପାରି ନଥିଲା। ଫଳରେ ସିଣ୍ଡିକେଟ ପାଇଁ ଆବଶ୍ୟକ ହେଉଥିବା ଏକାଡେମିକ କାଉନସିଲର ୨ଜଣ ପ୍ରତିନିଧିଙ୍କୁ ମନୋନୀତ କରାଯାଇ ପାରିନଥିଲା। ବର୍ତ୍ତମାନ ସେହି କାର୍ଯ୍ୟ ସମ୍ପନ୍ନ ହୋଇଛି। ଖୁବ୍ଶୀଘ୍ର ବିଶ୍ୱବିଦ୍ୟାଳୟର ପ୍ରଥମ ସିଣ୍ଡିକେଟ ବୈଠକ ବସିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ସିଣ୍ଡିକେଟ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଜୟନ୍ତ କୁମାର ମହାପାତ୍ର, ପ୍ରଫେସର ଡଃ ପୁଷ୍ପାଞ୍ଜଳୀ ସାମନ୍ତରାୟ ଓ ପ୍ରଫେସର ଡଃ ମାନସ ରଞ୍ଜନ ପାତ୍ରଙ୍କୁ ମନୋନୀତ ହୋଇ ସାରିଥିବା ବେଳେ ଓ ରାଜ୍ୟପାଳ ତଥା କୁଳାଧିପତିଙ୍କ ପକ୍ଷରୁ ପ୍ରତିନିଧି ଚୟନ ପରେ ପୂର୍ଣ୍ଣାଙ୍ଗ ସିଣ୍ଡିକେଟ ବୈଠକ ବସିବ ବୋଲି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ମହାପ୍ରୟାଣ ଦିବସରେ ଆମ୍ବେଦକରଙ୍କ ସ୍ମୃତିଚାରଣ



**ଜଗତସିଂହପୁର, ୭ ।୧୨(ସମିସ)**

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଭାରତୀୟ ସମ୍ବିଧାନର ପ୍ରଣେତା ଡ. ବି ଆର ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ ହୋଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଜିଲ୍ଲାପାଳ ପାରୁଲ ପଟାୱରୀ, ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ପୌରପରିଷଦ ମୁଖ୍ୟ ସହାୟକ ଦୀପକ ପଟ୍ଟନାୟକ ଏବଂ ପୌର ପରିଷଦର କର୍ମକର୍ତ୍ତା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ।

**କେନ୍ଦ୍ରାପଡ଼ା:** ବିଶ୍ୱର ମହାନ୍ ନେତା ତଥା ଭାରତର ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ. ଭୀମରାଓ ଆମ୍ବେଦକରଙ୍କ ୬୭ତମ ପରିନିର୍ବାଣ ଦିବସ ପାଳିତ ହୋଇଛି। ଆମ୍ବେଦକର ପ୍ରତିମୂର୍ତ୍ତି ସ୍ଥାପନା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ସୁଧିର ମଲିକ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଶଶି ଭୂଷଣ ବେହେରା, କେନ୍ଦ୍ରାପଡ଼ା ପୌରାଧ୍ୟକ୍ଷା ସରିତା ସାହୁ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୌର ପରିଦେ ଉପାଧ୍ୟକ୍ଷା ଆକବରୀ ଖାତୁନ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ଜିଲ୍ଲା ଓକିଲ ସଂଘ ସଭାପତି ବିଚିତ୍ରାନନ୍ଦ ମହାନ୍ତି, ପୂର୍ବତନ ସଭାପତି ଦେବଦାସ ମହାନ୍ତି, ନଗର ମହିଳା ବିଜେଡି ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା କର, ପୂର୍ବତନ କାଉନସିଲର ବାହାଲି ଟୁଡୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବାବା ସାହେବଙ୍କ ଜୀବନୀ, ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଆମ୍ବେଦକର ସାହେବ ସେ ସମୟର ଜାତିପ୍ରଥା ଓ ଅସ୍ପୃଶ୍ୟତା ବିଚାରର ସାମାଜିକ ଭେଦଭାବର ସମ୍ମୁଖୀନ ହୋଇ ଦୃଢ ନିଷ୍ଠା, ଅଧ୍ୟବସାୟ ବଳରେ ଦେଶ ଓ ବିଦେଶରେ ଉଚ୍ଚଶିକ୍ଷା ଲାଭ କରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଭାରତର ସମ୍ବିଧାନ ପ୍ରଣୟନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଶୋକ ବରାଳ, ଆଇନଜୀବୀ ଅପୂର୍ବ ରଞ୍ଜନ ସେଠୀ, ନିର୍ମଳ ମଲିକ, ଟୁନି ମଲିକ, ପୂର୍ଣ୍ଣିମା ହାଲଦାର, ଲକ୍ଷ୍ମୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।



**ପାରାଦୀପ:** ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ପାରାଦୀପ ବନ୍ଦର ଅଫିସର୍ସ ଆସୋସିଏସନ ନିକଟସ୍ଥ ଆମ୍ବେଦକର ପାର୍କଠାରେ ଆମ୍ବେଦକରଙ୍କ ତିରୋଧାନ ବା ମହାପରିନିର୍ବାଣ ଦିବସ ପାଳିତ ହୋଇଛି। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଯୋଗଦେଇ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବନ୍ଦର ସଚିବ ଡ. ପି.ଏନ. ବାହେକର, ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ. ସୋନ୍ଧୀ, ଟ୍ରାଫିକ ମ୍ୟାନେଜର ଜି.ଏଡିସନ ଏବଂ ବହୁ ପଦସ୍ଥ ଅଧିକାରୀ ଓ କର୍ମଚାରୀ ମାନେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ।

## ଚାଷୀ ପଞ୍ଜୀକରଣ ପାଇଁ ୧୫ ଶେଷ ତାରିଖ

**ଜଗତସିଂହପୁର, ୭ ।୧୨(ସମିସ):** ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀ ପଞ୍ଜୀକରଣ ଜାରି ରହିଛି। ଡିସେମ୍ବର ୧୫ ତାରିଖ ମଧ୍ୟରେ ଜିଲ୍ଲାର କୃଷକମାନେ ସେମାନଙ୍କ ୬ଟି ଫସଲର ବୀମା ପଞ୍ଜିକରଣ କରିନେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। କୃଷକମାନଙ୍କ କଲ୍ୟାଣ ନିମନ୍ତେ ଭାରତ ସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ପ୍ରାଣୟନ କରିଛନ୍ତି। ଏହି ଯୋଜନାରେ ଫସଲ ନଷ୍ଟ ହେଲେ ବୀମା ରାଶି ଯୋଗାଇ ଦିଆଯାଏ। ଏହି ଯୋଜନା ଚାଷୀର ଆର୍ଥିକ ଓ ସାମାଜିକ ମେରୁଦଣ୍ଡକୁ ସୁଦୃଢ଼ କରିଥାଏ। ଚଳିତ ବର୍ଷ ରବି ଫସଲରେ ୨ ହେକ୍ଟର ପର୍ଯ୍ୟନ୍ତ ବୀମା ପ୍ରିମିୟମ ସରକାର ବହନ କରୁଛନ୍ତି। ଏହି ଯୋଜନା ଅଧୀନ ରବି ଋତୁ ପାଇଁ ଜଗତସିଂହପୁର ଜିଲ୍ଲା ପାଇଁ ଧାନ, ଚୀନା ବାଦାମ, ଆଖୁ, ମୁଗ, ବିରି ଏବଂ ଆଳୁ ଫସଲରେ ବୀମା ହୋଇପାରିବ। ଏହି ଯୋଜନାରେ ପଞ୍ଜୀକରଣ ଲାଗି ୧୫ ତାରିଖ ଶେଷ ଦିନ ରହିଛି। ତେଣୁ ଜଗତସିଂହପୁର ଜିଲ୍ଲାର ସମସ୍ତ ଋଣୀ ଓ ଅଣଋଣୀ ଚାଷୀଙ୍କୁ ନିଜ ଫସଲର ସୁରକ୍ଷା ହେତୁ ନିକଟସ୍ଥ ବ୍ୟାଙ୍କ, ଜନସେବା କେନ୍ଦ୍ର, ବ୍ଲକ ଇନସୁରାନ୍ସ ଏଜେଣ୍ଟ ବା କୃଷି ବିଭାଗକୁ ଯୋଗାଯୋଗ କରି ପଞ୍ଜୀକରଣ କରାଇଇବା ପାଇଁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

## ବିକଶିତ ଭାରତ ସମ୍ପର୍କ ଯାତ୍ରାକୁ ସ୍ୱାଗତ

**ବିରିଡି, ୭ ।୧୨(ସମିସ):** ବାଲିଆ ଗୋପିନାଥପୁର ପଞ୍ଚାୟତର ଭଗବତୀ ପୀଠ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ବିକଶିତ ଭାରତ ସମ୍ପର୍କ ଯାତ୍ରା ରଥକୁ ସ୍ୱାଗତ କରାଯାଇଛି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ପ୍ରଦୀପ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମମତା ପାତ୍ର, ଜିଲ୍ଲା ମହାଜ୍ୟୋତି ସଭାନେତ୍ରୀ ସରୋଜିନୀ ବେହେରା, ସରପଞ୍ଚ କାହ୍ନୁଚରଣ ବେହେରା, ପୂର୍ବତନ ସରପଞ୍ଚ ଅଜୟ ଭୋଇ, ସିଡିପିଓ ଦେବକୀ ପଟେଲ, ସୁପରଭାଇଜର କୁନିଲତା ମହାନ୍ତି, ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ସ୍ମୃତିରେଖା ମହାନ୍ତି, ବାଲିଆ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସସ୍ମିତା ଦାସ, ଶରତ ଚନ୍ଦ୍ର ଗୋଛାୟତ ପ୍ରମୁଖ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବଡ ପରଦା ମାଧ୍ୟମରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଲୋକଙ୍କୁ ଅବଗତ କରାଯାଇଥିଲା। ପରେ ପରେ କୁନି କୁନି ପିଲାଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିକଶିତ ଭାରତ ସଂକଳ୍ପ ଯାତ୍ରାର ଜିଲ୍ଲା ସଂଯୋଜକ ଶୁଭମ୍ ରାଉତରାୟ ଓ ଏମବିକେ ପ୍ରଲିପ୍ତା ମହାନ୍ତି, ସିଆରପି ବନ୍ଦନା ରାଣୀ ସାହୁ, ତପତି ବେହେରା, ଅନୁଆରୀ ବେଗମ୍, ଶାନ୍ତିଲତା ବେହେରା, ଜ୍ୟୋସ୍ନାମୟୀ ମୁଦୁଲି, ସୁଚିତ୍ରା ଦାସ, ବ୍ୟାଙ୍କ ମିତ୍ର ଅନୁରାଧା ପ୍ରିୟଦର୍ଶିନୀ ସାହୁ, ରୂପଶ୍ରୀ ଜେନା ପରିଚାଳନା କରିଥିଲେ। ସମସ୍ତ ଅଙ୍ଗନବାଡି କର୍ମୀ, ସହାୟିକା, ଆଶା କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ।

## ଚିତ୍ରଶିଳ୍ପୀ ସୌମ୍ୟରଞ୍ଜନ ସମ୍ମାନିତ



**କେନ୍ଦ୍ରାପଡ଼ା, ୭ ।୧୨(ସମିସ):** କେନ୍ଦ୍ରାପଡ଼ା ସହରର ସରକାରୀ ପୌରପାଳିକା ମହିପାଳ ହାଇସ୍କୁଲର ଚିତ୍ରକଳା ଶିକ୍ଷକ ତଥା କ୍ରିଷ୍ଣା ଆର୍ଟ ସ୍କୁଲର ନିର୍ଦ୍ଦେଶକ ସୌମ୍ୟରଞ୍ଜନ ପଟ୍ଟନାୟକ ସମ୍ମାନିତ ହୋଇଛନ୍ତି। ଦିଲ୍ଲୀରେ ଥିବା ଲଳିତକଳା ଏକାଡେମୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜୀବନୀକୁ ନେଇ ଅନୁଷ୍ଠିତ ହୋଇଥିବା ଜାତୀୟ ଚିତ୍ର ପ୍ରଦର୍ଶନୀରେ ତାଙ୍କୁ ସମ୍ମାନିତ କରାଯାଇଛି। ଏହି ଉତ୍ସବ ସୁଭଦ୍ରା ଆର୍ଟ ଗ୍ୟାଲେରୀ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ସହଭାଗିତାରେ ଏହା ଆୟୋଜିତ ହୋଇଥିଲା। ଭାରତର ସବୁ ରାଜ୍ୟରୁ ଶ୍ରେଷ୍ଠ ୨ଶହ ଶିଳ୍ପୀଙ୍କୁ ଚୟନ କରାଯାଇଥିଲା। ୩ଶହରୁ ଅଧିକ ଚିତ୍ର ସ୍ଥାନିତ ହୋଇଥିଲା। ଏଥିରେ ସୌମ୍ୟରଞ୍ଜନଙ୍କ ୩ଟି କାନ୍‌ଭାସ ଅଙ୍କିତ ଚିତ୍ର ଦର୍ଶକ ଓ ଅତିଥି ତଥା ଭାରତର ସଂସ୍କୃତି ମନ୍ତ୍ରୀ ଅରୁଣ ରାମ ମେଘୱାଲ, ଶ୍ରୀମତୀ ବାନ୍‌ସୁରୀ ସ୍ୱରାଜ, ସୂର୍ଯ୍ୟ ରଥ, ଶଙ୍କର ପରିଡ଼ା, ପ୍ରସନ୍ନ ପାଟଶାଣୀ ଓ ଅନ୍ୟ ଅତିଥିଙ୍କ ଦ୍ୱାରା ବହୁ ପ୍ରଶଂସିତ ହୋଇଥିଲା। ସୁଭଦ୍ରା ଆର୍ଟ ଗ୍ୟାଲେରୀର ଚେୟାରମ୍ୟାନ ସୂର୍ଯ୍ୟ ରଥ ଓ ନିର୍ଦ୍ଦେଶକ ଅଶୋକ ନାୟକ ପ୍ରମୁଖ ପ୍ରଦର୍ଶନୀ ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀକୁ ପଦ୍ମଭୂଷଣ ଜତିନ୍ ଦାସ, ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ଜଗନ୍ନାଥ ପଣ୍ଡା, ପ୍ରଫେସର ରଞ୍ଜନ ମଲ୍ଲିକ, ଚିତ୍ରଶିଳ୍ପୀ ଅଭିପ୍‌ସା ପ୍ରଧାନ, ଚିତ୍ରଶିଳ୍ପୀ ପ୍ରଦୋଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

● **ବ୍ଲକସ୍ତରୀୟ ମିଶନଶକ୍ତି ଋଣମେଳା**

## ୮ କୋଟି ୨୨ ଲକ୍ଷ ଟଙ୍କାର ଋଣ ପ୍ରଦାନ



**ନାଉଗାଁ, ୭।୧୨(ସମିସ):** ନାଉଗାଁ ବ୍ଲକସ୍ଥିତ ମିଶନଶକ୍ତି କାର୍ଯ୍ୟାଗୟ ପରିସରରେ ମିଶନଶକ୍ତି ଋଣମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକର ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ମୋଟ ୮ କୋଟି ୨୨ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ବ୍ଲକ ଶିଶୁ ବିକାଶ ଅଧିକାରୀ ବାସନ୍ତି ମାଇନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ନାଉଗାଁ ବିଡିଓ ତପନ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ମମତା ପରିଡ଼ା, ଅମିତା ସ୍ୱାଇଁ ଏବଂ ବ୍ୟାଙ୍କ ମିତ୍ରମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ମୋଟ ୨୦୮ଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ।

## ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

**ଗରଦପୁର, ୭ ।୧୨(ସମିସ):** ଗରଦପୁର ବ୍ଲକ ବଙ୍ଗାଳପୁର ପଞ୍ଚାୟତର ବଙ୍ଗାଳପୁର ଗ୍ରାମର ଗ୍ରାମଦେବତୀ ମା' କ୍ଷେତ୍ରପାଳିକାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମହିଳାମାନେ ସ୍ଥାନୀୟ ଚିତ୍ରୋତ୍ପଳା ନଦୀରୁ ୧୦୦୮ କଳସରେ ପାଣି ଆଣିବା ପରେ ମା'ଙ୍କ ଷୋଡ଼ଷ ଉପଚାରରେ ପୂଜାବିଧି ଆରମ୍ଭ ହୋଇଥିଲା। ଶୁକ୍ରବାର ମା'ଙ୍କ ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ସମ୍ପୂର୍ଣ୍ଣ ହେବ। କର୍ତ୍ତା ପ୍ରଦୀପ ଲେଙ୍କାଙ୍କ ସମେତ ସରପଞ୍ଚ ଅମୀୟ ଜେନା, ମାଗୁଣି ଚରଣ ଲେଙ୍କା, ପ୍ରଶାନ୍ତ ଲେଙ୍କା, ଶୁଭେନ୍ଦୁ ଲେଙ୍କା, ଡା. ପ୍ରମୋଦ ଲେଙ୍କା, ବ୍ରଜକିଶୋର ସ୍ୱାଇଁ, ଦେବବ୍ରତ ଲେଙ୍କା, ଶ୍ୟାମସୁନ୍ଦର ଲେଙ୍କା, ଅକ୍ଷୟ ସାହୁ, ଧୀରେନ୍ଦ୍ର ଲେଙ୍କା, ସୁରେନ୍ଦ୍ର ରଣା, ପ୍ରଶାନ୍ତ ବିଶ୍ୱାଳ, ଧ୍ରୁବ ଚରଣ ସୂତାର, ରୁଦ୍ର ନାରାୟଣ ତ୍ରିପାଠୀ, ରବୀନ୍ଦ୍ର ମହାରଣା ପ୍ରମୁଖ ପରିଚାଳନା କରୁଥିବା ବେଳେ ଗ୍ରାମବାସୀ ସହଯୋଗ କରୁଛନ୍ତି।



## ୨ ଅଗ୍ନିବିପନ୍ନ ପରିବାରକୁ ସହାୟତା



**ଡେରାବିଶ, ୭।୧୨(ସମିସ)**

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଦୁମୁକାହାଟ (ରଥପଡ଼ିଆ) ଗ୍ରାମରେ ଅଗ୍ନିକାଣ୍ଡ ଘଟି ମୃତ୍ୟୁଞ୍ଜୟ ରାଉତ ଓ ତାଙ୍କ ପଡୋଶୀ ଗୋବିନ୍ଦ ରାଉତଙ୍କ ୬ବଖରା ଚାଳ ଛପର ଘର ପୋଡି ଯାଇଥିଲା। ଏହି ଅଗ୍ନିକାଣ୍ଡରେ ଉଭୟ ପରିବାର ସଦସ୍ୟମାନେ ପିନ୍ଧିଥିବା ବସ୍ତ୍ର ବ୍ୟତୀତ ଅନ୍ୟ ସମସ୍ତ ଆସବାବପତ୍ର, ଦରକାରୀ କାଗଜପତ୍ର, ଧାନ ଚାଉଳ, ଆଲମିରାରେ ଥିବା ଲକ୍ଷାଧିକ ଟଙ୍କାର ସୁନାଗହଣା ଏବଂ ନଗଦ ଟଙ୍କା ପୋଡି ପାଉଁଶ ହୋଇଯାଇଛି। ତେବେ ଏହି ଦୁଇ ଅଗ୍ନିବିପନ୍ନ ପରିବାରଙ୍କ ନିକଟରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି। ଶ୍ରୀ ସାମଲ ଉଭୟ ପରିବାରର ମୁଖ୍ୟଙ୍କୁ ଭେଟିଛନ୍ତି। ସେମାନଙ୍କ ସମସ୍ୟା ବାବଦରେ ଆଲୋଚନା କରି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶ୍ରୀ ସାମଲଙ୍କ ସହିତ ଗୋଲରାହାଟ ସରପଞ୍ଚ କାଶିନାଥ କାଣ୍ଡି ଉପସ୍ଥିତ ଥିଲେ।

## ବାତ୍ୟାଜନିତ ବର୍ଷା ପାଇଁ ଚିନ୍ତାରେ ଚାଷୀ

**ଡେରାବିଶ, ୭।୧୨(ସମିସ)**

ମିଗ୍‌ଜୋମ୍ ବାତ୍ୟା ସ୍ଥଳଭାଗ ଛୁଇଁଲା ପରେ ଓଡ଼ିଶା ଉପକୂଳରେ ବର୍ଷା ଚାଷୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ପାଣିପାଗ ବିଭାଗ ସ୍ଥାନୀୟ ଅଞ୍ଚଳରେ କମ୍ ପରିମାଣରେ ବର୍ଷା ହେବ ବୋଲି ସୂଚନା ଦେଇଥିଲା; କିନ୍ତୁ ଝିପିଝିପି ବର୍ଷା ଚାଷୀଙ୍କୁ ଦ୍ୱନ୍ଦ୍ୱରେ ପକାଇ ଦେଇଥିଲା। ସ୍ଥାନୀୟ ଅଞ୍ଚଳରେ ଅଳ୍ପକିଛି ବିଳମ୍ବ କିସମର ଧାନ ବ୍ୟତୀତ ପ୍ରାୟ ସମସ୍ତ କିସମର ଧାନ ପାଚି ଯାଇଛି। ଏବେ ଏହି ବର୍ଷା ଓ ସାମାନ୍ୟ ପବନ ଫଳରେ ପାଚିଲା ଧାନ ଗଛ ଶୋଇପଡ଼ିବା ସହ ପେଣ୍ଡି ଛିଣ୍ଡାଇ ଦେବାର ଆଶଙ୍କା ଉପୁଜିଛି। ଏପରିକି ଚାଷଜମି ଶୁଖିବା ପରେ ଧାନ କାଟିବା ବେଳକୁ ଧାନ ଶତପ୍ରତିଶତ ଖଳାକୁ ଯିବାକୁ ନେଇ ସନ୍ଦେହ ଉପୁଜିଛି। ଏହାସହ ଅଞ୍ଚଳର ଚାଷୀ କରୁଥିବା ପନିପରିବା ଚାଷ ମଧ୍ୟ ପ୍ରଭାବିତ ହୋଇଛି। ପରିବା ଚାରା ମାଡ଼ ଖାଇବା ସହ ଲଗାଯାଇଥିବା ଚାରା ପଚିଯିବାର ଆଶଙ୍କା ରହିଛି। ଆହୁରି ଅଧିକ ବର୍ଷା ହେଲେ ଚାଷୀ ସମସ୍ତ ଚାରା ହରାଇବ ବୋଲି ଗହଗା ଅଞ୍ଚଳର ଚାଷୀ ତ୍ରିଲୋଚନ ସ୍ୱାଇଁ, ରବୀନ୍ଦ୍ର ଦାସ ଓ ଦାନପୁର ଅଞ୍ଚଳର ଉତ୍ତମ ସ୍ୱାଇଁ, ଦିଲ୍ଲୀପ ଦାସ, ଭରତ ବଳ ପ୍ରମୁଖ ପ୍ରକାଶ କରିଛନ୍ତି।



## ୨୫ ୟୁନିଟ୍ ରକ୍ତ ସଂଗ୍ରହ



**ଏରସମା, ୭ ।୧୨(ସମିସ):** ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ସୋଇଯାଇଛି। ଶିବିରରେ ୨୫ ୟୁନିଟ୍ ରକ୍ତ ସଂଗହ ହୋଇଛି। ବୁଧବାର ଶହିଦ ଚାରିଟବଲ ଟ୍ରଷ୍ଟ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଓ ଇଂ ଶ୍ୟାମସୁନ୍ଦର ସେଠିଙ୍କ ତତ୍ତ୍ୱାବଧାନରେ ଜଗତସିଂହପୁର ଉପଜିଲ୍ଲାପାଳ ପ୍ରଦୀପ ସାହୁ ଏହାର ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ ଜେନା, କୃଷ୍ଣଚନ୍ଦ୍ରପୁର ପଞ୍ଚାୟତ ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଦଳାଇ, ପୂର୍ବତନ ସରପଞ୍ଚ ସରୋଜ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଲୋକନାଥ ମହାପାତ୍ର ଶିବିର ପରିଚାଳନା କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶିବିରରେ ସହାୟତା ପ୍ରଦାନ କରାଯାଇଥିଲା।

## ୧୫ରୁ ଆଜାଦ ବ୍ୟାଡ୍‌ମିଣ୍ଟନ ଲିଗ୍

**କେନ୍ଦ୍ରାପଡ଼ା, ୭ ।୧୨(ସମିସ)**




ଆଜାଦ କ୍ଲବର ୭୫ତମ ପ୍ରତିଷ୍ଠା ଦିବସ ତଥା ଭାରତୀୟ ସେନାର ବିଜୟ ଦିବସ ଉପଲକ୍ଷେ ୧୫ ତାରିଖରୁ ଆଜାଦ କ୍ଲବ୍ ଓ ଜାବିର ବିନ କବିର ଏଜୁକେସନାଲ ଟ୍ରଷ୍ଟ ତରଫରୁ ଆଜାଦ ବ୍ୟାଡମେଣ୍ଟନ ଲିଗ୍ ଆୟୋଜିତ ହେବ। ଏହି ଲିଗରେ ୧୬ଟି ଟିମ୍ ଅଂଶ ଗ୍ରହଣ କରିବେ। ୧୪ ଦିନ ଧରି ଏହି ବ୍ୟାଡମେଣ୍ଟନ ଟୁର୍ଣ୍ଣାମେଣ୍ଟ ଚାଲିବ। ୧୧୩ଟି ମ୍ୟାଚ ଖେଳାଯିବ ବୋଲି ଆଜାଦ କ୍ଲବର ସଭାପତି ହିବିଜୁର ରହେମାନ ଓ ସମ୍ପାଦକ ସେକ ଲିୟାକତ ଅଲି ପ୍ରକାଶ କରିଛନ୍ତି। ଅବଦୁଲା ମାଜିଦ, ସେକ ଅମୀର ଅହମଦ, ନଫିସ ଅହମଦ, ନୂର ଖାନ, ଆଜିହାରୁଦ୍ଦିନ ଖାନ, ସେକ ତନଯା, ସେକ ଅଖତାର, ନିରଞ୍ଜନ ବେହେରା, ଟିକା ଖାନ, ସେକ ସମଶେର ସାଇ, ସେକ ମେହବୁବ, ସେକ ଚାନ୍ଦ, ପଦ୍ମନାଭ ସାହୁ, ଅହମଦ ଖାନ, ସେକ ନିୟାଯୁଦ୍ଦିନ, ସେକ ତୋସିଫ, ଛୋଟୁ ଯାଦବ, ବାସୁ ଖାନ, ସେକ ନିନୁ, ସେକ ଟିଟୁନ, ମିର ମାହେର, ସେକ ଉମରାନ ପ୍ରମୁଖ ପରିଚାଳନା କରିବେ।

## ଏସ୍‌ଭିଏମ୍ ଛାତ୍ରଛାତ୍ରୀଙ୍କ ପରିଚ୍ଛନ୍ନତା ବାର୍ତ୍ତା

**ଜଗତସିଂହପୁର, ୭ ।୧୨(ସମିସ)**



ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଦ୍ୱାରା ଆୟୋଜିତ 'ନୂଆ-ଓ' କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବୁଧବାର ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ (ଏସ୍‌ଭିଏମ୍) ପରିସରରେ ସାମାଜିକ ସେବା ଅଭିଯାନ ଆୟୋଜିତ ହୋଇଛି। କଲେଜ ଅଧ୍ୟକ୍ଷ ବିଜୟ ପାତ୍ର ଏଥିରେ ଅଧକ୍ଷତା କରିଥିଲେ। ପାଠପଢ଼ା ସହ ସାମାଜିକ କାର୍ଯ୍ୟରେ ସାମିଲ ହେଲେ ଛାତ୍ରଛାତ୍ରୀ ନିଜକୁ ଶୃଙ୍ଖଳିତ ଭାବେ ଗଢିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ସଭାରେ ଅତିଥି ଭାବେ ଜଗତସିଂହପୁର ପୌର ପରିଷଦର ପାରିଷଦ ମନୋଜ ମହାନ୍ତି, କିରଣକାନ୍ତି ଦାସ ଓ ସୋନାଲି ସିଂହ ଯୋଗ ଦେଇଥିଲେ। ଡ.ଜ୍ୟୋତିରଞ୍ଜନ ସାମଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଶୁଭେନ୍ଦୁମୌଳି ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅଦରକାରୀ ସାମଗ୍ରୀ, ପ୍ଲାଷ୍ଟିକ୍ କପ୍ ସାମଗ୍ରୀକୁ ବ୍ୟବହାର କରି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସୁନ୍ଦର ଘର ସଜ୍ଜା ଉପକରଣ ପ୍ରଦର୍ଶିତ କରାଯାଇଥିଲା। ସଭା ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା କଲେଜ ପରିସରରେ ସଫେଇ ଅଭିଯାନ କରାଯାଇଥିଲା।



# ଜଟିଳତା ସୃଷ୍ଟି କରେ ରକ୍ତରେ ୟୁରିକ୍ ଏସିଡ୍ ବୃଦ୍ଧି




**ମନୁଷ୍ୟ ଗ୍ରହଣ କରୁଥିବା ଖାଦ୍ୟ ଶରୀର ଭିତରେ ବିଭିନ୍ନ ପ୍ରକାରରେ ପରିବର୍ତ୍ତିତ ହୋଇ ଶକ୍ତିରେ ପରିଣତ ହୋଇଥାଏ। ଏହି ପ୍ରକ୍ରିୟାରେ ଆମ ଶରୀରରେ ୟୁରିକ୍ ଏସିଡ୍ ମଧ୍ୟ ତିଆରି ହୋଇ ରକ୍ତ ସାଙ୍ଗରେ ମିଶିଥାଏ। ସାଧାରଣତଃ ଶରୀରରୁ ୟୁରିକ୍ ଏସିଡ୍ ମୂତ୍ରଗ୍ରନ୍ଥି ମାଧ୍ୟମରେ ବାହାରି ଯାଇଥାଏ। ମାତ୍ର ବେଳେ ବେଳେ କୌଣସି କାରଣ ଯୋଗୁଁ ରକ୍ତରେ ୟୁରିକ୍ ଏସିଡ୍‌ର ମାତ୍ରା ହ୍ରାସ କିମ୍ବା ବୃଦ୍ଧି ପାଇ ସ୍ୱାସ୍ଥ୍ୟଗତ ଜଟିଳତା ବଢ଼ିଯାଇଥାଏ। ତେବେ ୟୁରିକ୍ ଏସିଡ୍‌ର କୁ-ପ୍ରଭାବ ଓ ତା'ର ଉପଚାର ବିଷୟରେ ଜାଣିରଖନ୍ତୁ।**

**କାରଣ:** ସାଧାରଣତଃ ଏହି ସମସ୍ୟା ବଂଶଗତ। ହଠାତ୍ ଶରୀରରେ ଅତ୍ୟଧିକ ଓଜନ ବୃଦ୍ଧି ପାଇଲେ କିମ୍ବା ବେଶୀମାତ୍ରାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଇଲେ, ଅତ୍ୟଧିକ ମଦ୍ୟପାନ, ଯକୃତ୍ ବେଶୀମାତ୍ରାରେ ୟୁରିକ୍ ଏସିଡ୍ ତିଆରି କରିବା, କେତେକ ଔଷଧ ସେବନ କରିବାଦ୍ୱାରା କିମ୍ବା ଟ୍ୟୁମର୍ ବା କର୍କଟ ଆଦି ରୋଗଥିଲେ ୟୁରିକ୍ ଏସିଡ୍ ବୃଦ୍ଧି କିମ୍ବା ହ୍ରାସର କାରଣ ପାଲଟିଥାଏ।

**ଲକ୍ଷଣ:** ୟୁରିକ୍ ଏସିଡ୍ ବୃଦ୍ଧିରେ ଗଣ୍ଠିବାତ ସମସ୍ୟା ଦେଖାଦିଏ। ବାରମ୍ବାର ଜ୍ୱର ହେବା, ଅସ୍ୱାଭାବିକ ଝାଳ ବୋହିବା, ଅଣ୍ଟା କିମ୍ବା ପିଠିରେ ଯନ୍ତ୍ରଣା ଅନୁଭବ କରିବା, ପାଦର ବୁଢ଼ାଆଙ୍ଗୁଳିର ମୂଳ ଅସ୍ୱାଭାବିକ ଫୁଲିବା, ମୂତ୍ରଗ୍ରନ୍ଥିରେ ସମସ୍ୟା ଦେଖାଦେବା, ପେଟରେ ଗୋଟିଏ ପାଖରେ ଯନ୍ତ୍ରଣା ଅନୁଭବ କରିବା ଆଦି ଦେଖାଯାଇପାରେ। ୟୁରିକ୍ ଏସିଡ୍ ପ୍ରଭାବରେ ଗଣ୍ଠିବାତ, ମୂତ୍ରଗ୍ରନ୍ଥିରେ ପଥର, ହୃଦ୍‌ରୋଗ, ମଧୁମେହ, ମୂତ୍ରନଳୀରେ ପଥର, ମାନସିକ ଅବସାଦ, ଶାରୀରିକ ଦୁର୍ବଳତା ଆଦି ପ୍ରମୁଖ ରୋଗ ସୃଷ୍ଟି ହୋଇଥାଏ।

**ଉପଚାର:** ବଂଶଗତ ୟୁରିକ୍ ଏସିଡ୍ ସମସ୍ୟା ଥିଲେ, ବହୁଦିନ ଧରି ଗଣ୍ଠି ଫୁଲି ଦରଜ ହେବା, ଲାଲ୍ ପଡ଼ିବା କିମ୍ବା ବାରମ୍ବାର ଜ୍ୱରହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ସନ୍ତୁଳିତ ଆହାର ଗ୍ରହଣ କରିବା ସହ ସଠିକ୍ ପରିମାଣର ପାଣି ପିଇବା ଜରୁରି। ମଦ୍ୟପାନ କିମ୍ବା ଧୂମପାନ ଠାରୁ ଦୂରେଇ ରହିବା ସ୍ୱାସ୍ଥ୍ୟ ପାଇଁ ହିତକର। ଚର୍ବିଜାତୀୟ କିମ୍ବା ପ୍ରୋଟିନ ଖାଦ୍ୟ କମ୍ ପରିମାଣରେ ଖାଇବା ଜରୁରି। ଡାକ୍ତରଙ୍କ ପରାମର୍ଶ ନେଇ ପରୀକ୍ଷାନିରୀକ୍ଷା କରିବା ପରେ ୟୁରିକ୍ ଏସିଡ୍ କମ୍ କରିବା ପାଇଁ ଔଷଧ ଖାଇବା ଜରୁରି।

# ଗର୍ଭାବସ୍ଥାରେ ଗ୍ୟାସ୍ ସମସ୍ୟା'ର ଘରୋଇ ଉପଚାର



**ଗର୍ଭାବସ୍ଥାରେ ମହିଳାଙ୍କର ହର୍ମୋନ ପରିବର୍ତ୍ତନ ଓ ଗର୍ଭରେ ଶିଶୁ ବୃଦ୍ଧି ଯୋଗୁଁ ଶାରୀରିକ ଓ ମାନସିକ ସମସ୍ୟା ଦେଖାଯାଏ। ତନ୍ମଧ୍ୟରୁ ଖାଦ୍ୟ ଅରୁଚି ଲାଗିବା, ଖାଦ୍ୟର ଗନ୍ଧରେ ବାନ୍ତି ଲାଗିବା ଆଦି ଅନେକ ସମସ୍ୟା ଦେଖାଯାଏ। ଗର୍ଭାବସ୍ଥାରେ ଗ୍ୟାସ୍ ସମସ୍ୟା ଓ ଛାତି ଜଳାପୋଡ଼ା ଏକ ସାଧାରଣ ସମସ୍ୟା। ଏହାଦ୍ୱାରା ଶାରୀରିକ ଦୁର୍ବଳତା ଅନୁଭବ ହୁଏ। ତେଣୁ ଗର୍ଭାବସ୍ଥାରେ ଗ୍ୟାସ୍ ସମସ୍ୟାରୁ ଆରାମ ପାଇବା ପାଇଁ, ଘରୋଇ ଉପଚାର ଆପଣାନ୍ତୁ। -**

- ଔଷଧୀୟ ଗୁଣରେ ଭରପୂର ଅଦା ଗର୍ଭାବସ୍ଥାରେ ଗ୍ୟାସ୍ ସମସ୍ୟା ଦୂର କରିଥାଏ। ଛାତି ଜଳାପୋଡ଼ାରୁ ମଧ୍ୟ ଏହା ଆରାମ ଦିଏ। ତେଣୁ ଗର୍ଭାବସ୍ଥାରେ ଗ୍ୟାସ୍ ସମସ୍ୟା ଦୂର କରିବା ପାଇଁ ଅଦା ଚା' ପିଇବା ସ୍ୱାସ୍ଥ୍ୟପକ୍ଷେ ହିତକର। ଭୋଜନ ଆଗରୁ ଖଣ୍ଡେ ଅଦା ଆଉ ସୈନ୍ଧବ ଲବଣ ମିଶାଇ ଖାଇବା ସ୍ୱାସ୍ଥ୍ୟପ୍ରଦ।
- ସ୍ୱାସ୍ଥ୍ୟ ପାଇଁ ପୁଦିନାଚା' ବେଶ୍ ଲାଭକାରୀ। ପୁଦିନା ଚା' ପିଇବା ଦ୍ୱାରା ବଦହଜମୀ ସମସ୍ୟା ରୁହେ ନାହିଁ। ଆମେରିକା ପ୍ରେଗ୍ନାସି ଆସୋସିଏସନ ଅନୁସାରେ ଗରମ କ୍ଷୀରରେ ଏକ ଚାମଚ ମହୁ ମିଶାଇ ପିଇବା ସ୍ୱାସ୍ଥ୍ୟପକ୍ଷେ ହିତକର। ନିୟମିତ ଆଲମଣ୍ଡ ଖାଇବା ଦ୍ୱାରା ଛାତି ଜଳାପୋଡ଼ା ସମସ୍ୟା କମ୍ ହୁଏ। ଗ୍ୟାସ୍ ସମସ୍ୟା ରୁହେ ନାହିଁ। ତେଣୁ ଏ ସମୟରେ କଫି, ସପୁରୀ ଏବଂ ଅମୃତଭଣ୍ଡା ଖାଇବା ଅନୁଚିତ।
- ସ୍ୱାସ୍ଥ୍ୟ ଅଧ୍ୟୟନ ଅନୁସାରେ, ସୁଗାର ଫ୍ରି ଗମ୍‌କୁ ପ୍ରାୟ ୩୦ ମିନିଟ୍ ଚୋବାଇବା ଦ୍ୱାରା ଏହା ଗ୍ୟାସ୍ ସମସ୍ୟା ନିୟନ୍ତ୍ରଣ କରେ। ଶୋଇବାର ପ୍ରାୟ ୨ ଘଣ୍ଟା ପୂର୍ବରୁ ରାତ୍ରିଭୋଜନ ଗ୍ରହଣ କରିବା ଭଲ।
- ଗର୍ଭସ୍ଥ ଶିଶୁର ମାନସିକ ଓ ଶାରୀରିକ ବିକାଶ ପାଇଁ ପୌଷ୍ଟିକ ଯୁକ୍ତ ଖାଦ୍ୟ ଖାଇବା ସହିତ ଅଧିକ ରାଗ ଓ ମସଲାଯୁକ୍ତ ଖାଦ୍ୟଠାରୁ ଦୂରେଇ ରହିବା ଉଚିତ। ଖାଇବା ପୂର୍ବରୁ ଜୁସ୍ ପି ପାରିବେ।
- ଗର୍ଭାବସ୍ଥାରେ ଛାତି ଜଳାପୋଡ଼ା ସମସ୍ୟାକୁ ଦୂର କରେ ହର୍ବାଲ ଚା'। ପାକସ୍ଥଳୀ ଏବଂ ସ୍ନାୟୁ ପାଇଁ ଏହି ଘରୋଇ ଚା' ବେଶ୍ ଫଳପ୍ରଦ।
- ପଇଡ଼ପାଣିରେ ଅନେକ ପ୍ରକାର ଭିଟାମିନ୍ ଏବଂ ମିନେରାଲ ମିଳୁଥିବାରୁ ଏହାକୁ ଗର୍ଭାବସ୍ଥାରେ ପିଇବା ଦ୍ୱାରା ନାନା ସମସ୍ୟା ଦୂର ହୋଇଥାଏ। ପଇଡ଼ ପାଣି ପେଟ ଥଣ୍ଡା ରଖିବା ସହ ଗ୍ୟାସ୍ ସମସ୍ୟାକୁ ଦୂର କରେ। ଅଧିକାଂଶ ମହିଳାମାନେ ଗର୍ଭାବସ୍ଥା ସମୟରେ ସକାଳୁ ଦୁର୍ବଳ ଅନୁଭବ କରିବା ସହ ସେମାନଙ୍କର ବାନ୍ତି ସମସ୍ୟା ଦେଖାଯାଏ। ଏହି ସମୟରେ ପଇଡ଼ ପାଣି ପିଇବା ସ୍ୱାସ୍ଥ୍ୟପ୍ରଦ। କୋଷ୍ଠକାଠିନ୍ୟ ସମସ୍ୟାକୁ ମଧ୍ୟ ଦୂର କରେ ପଇଡ ପାଣି।
- ମେଥି ଦାନା ବେଶ୍ ସ୍ୱାସ୍ଥ୍ୟପ୍ରଦ। ମେଥି ପାଣି ପେଟ ଜନିତ ସମସ୍ୟା ଦୂର କରେ। ତେଣୁ ମେଥିର କିଛି ଦାନାକୁ ରାତିସାରା ଭିଜାଇ ଏହାକୁ ଛାଣି ପିଇବା ଦ୍ୱାରା ଗର୍ଭାବସ୍ଥାରେ ଗ୍ୟାସ୍ ସମସ୍ୟା ରୁହେ ନାହିଁ।

# ଏମ୍‌ଏସ୍ ଇଚିଂ



ଶରୀରରେ ରୋଗପ୍ରତିରୋଧକ ଶକ୍ତି ଅନେକ ରୋଗକୁ ପ୍ରତିହତ କରିବାରେ ସାହାଯ୍ୟ କରିଥାଏ। କିନ୍ତୁ ଯେତେବେଳେ ରୋଗପ୍ରତିରୋଧକଶକ୍ତି ଶରୀରକୁ ସୁରକ୍ଷା ଦେବା ବଦଳରେ ଓଲଟା ଫଳଦିଏ, ସେତେବେଳେ ସ୍ନାୟୁଗତ ରୋଗ ମଲ୍ଟିପୁଲ ସ୍କେଲେରୋସିସ୍ ସୃଷ୍ଟି ହୁଏ। ଏହା କେବଳ ସ୍ନାୟୁଗତ ନୁହେଁ; ବରଂ ଅଟୋଇମ୍ୟୁନ୍ ମଧ୍ୟ। ଏହି ରୋଗ ହେବା ଦ୍ୱାରା ସ୍ନାୟୁରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଥାଏ। ଶରୀରର ବିଭିନ୍ନ ସ୍ଥାନରେ ଛୁଞ୍ଚି ଫୋଡିବା, ଅଙ୍ଗ ପୋଡ଼ାଜଳା, କୁଣ୍ଡାଇ ହେବା ଆଦି ଅନୁଭବ ହୋଇଥାଏ। ଏହା ରୋଗୀକୁ କଷ୍ଟ ଦେଇଥାଏ। ଏହାଏକ ଦୀର୍ଘକାଳୀନ ରୋଗ। ଏହାଦ୍ୱାରା ମସ୍ତିଷ୍କ, ଆଣ୍ଠୁଗଣ୍ଠି, ଆଖି, ନାକ, ଗଳା ସମସ୍ୟା ଦେଖାଯାଏ। ଏହି ରୋଗ ଶରୀର ଉପରେ କେଉଁପରି ପ୍ରଭାବ ପକାଏ, ତାହା ଜାଣିବା କଠିନ ହୋଇଥାଏ। ନ୍ୟାସ୍‌ନାଲ ଇନଷ୍ଟିଚ୍ୟୁଟ୍ ଫର୍ ନ୍ୟୁରୋଲଜିକାଲ ଡିଜଅର୍ଡର ଆଣ୍ଡ ଷ୍ଟ୍ରୋକ୍ (ଏନ୍‌ଆଇଏନଡିଏସ୍) ଅନୁସାରେ, ଆମେରିକାରେ ଅଢ଼େଇରୁ ସାଢ଼ େ ତିନି ଲକ୍ଷ ଲୋକ ଏହି ଏମ୍‌ଏସ୍ ଇଚିଂରେ ପୀଡ଼ିତ। କିଛି ଜଣକଙ୍କଠାରେ ରୋଗର ସାମାନ୍ୟ ଲକ୍ଷଣ ଦେଖାଯାଉଥିବାବେଳେ ମସ୍ତିଷ୍କ ଏବଂ ଶରୀରର ଅନ୍ୟ ଅଙ୍ଗ ମଧ୍ୟରେ ଚଳପ୍ରଚଳ କରିପାରି ନ ଥାଏ। ଏହାଦ୍ୱାରା ରୋଗୀ ଦେଖିବା, ଲେଖିବା, କହିବା କିମ୍ବା ଚାଲିବା କ୍ଷମତା ହରାଇଥାନ୍ତି। ଏହି ରୋଗ ଆଲର୍ଜି କାରଣରୁ ହେଉଥିବା କୁଣ୍ଡିଆଠାରୁ ଭିନ୍ନ ହୋଇଥାଏ। ମାଂସପେଶୀ କମ୍‌ଜୋର ହେବାର ଆଶଙ୍କା ବୃଦ୍ଧି ପାଏ। ରୋଗର ଆରମ୍ଭରୁ ଚେହେରା, ହାତ, ପାଦକୁ ପ୍ରଭାବିତ କରେ। ବେକ ବୁଲାଇବା ଦ୍ୱାରା ବିଦ୍ୟୁତ୍ ପରି ଅନୁଭୂତ ହୋଇଥାଏ। ପରିସ୍ରାରେ ସମସ୍ୟା କିମ୍ବା ହଠାତ୍ ପରିସ୍ରା ଲାଗିବା ପରି ଅନୁଭବ ହୁଏ। ଅଧିକାଂଶ ୨୦-୪୦ ବର୍ଷ ବୟସର ମହିଳାଙ୍କଠାରେ ଏହି ରୋଗ ଅଧିକ ଦେଖାଯାଏ। ତେଣୁ ଏପରି ଲକ୍ଷଣ ଦେଖିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ରୋଗୀର ସ୍ୱାସ୍ଥ୍ୟ ସମସ୍ୟାକୁ ଦେଖି ଔଷଧ କିମ୍ବା ଥେରାପି ଦେବା ଆବଶ୍ୟକ। ଧୂମପାନ ଛାଡ଼ିବା, ଶରୀରର ଓଜନ ନିୟନ୍ତ୍ରିତ ରଖିବା ସହ ଖାଦ୍ୟପେୟ ପ୍ରତି ସତର୍କତା, ପର୍ଯ୍ୟାପ୍ତ ଭିଟାମିନ୍ ଡି ଖାଇବା, ଶାରୀରିକ ଭାବେ ସକ୍ରିୟ ରହିବା, ଚିନ୍ତାମୁକ୍ତ ତଥା ସୁସ୍ଥ ଜୀବନଶୈଳୀ ଅନୁସରଣ କରିବା ଦ୍ୱାରା ଏହି ରୋଗରୁ ଉପଶମ ମିଳେ।

# ଭାଇରାଲ୍ ଜ୍ୱର ପାଇଁ ଡାଏଟ୍ ଚାର୍ଟ



**ପରିବର୍ତ୍ତିତ ଋତୁ ଅନୁଯାୟୀ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦେଖାଯାଇଥାଏ। ସେଥିମଧ୍ୟରୁ ପ୍ରମୁଖ ସମସ୍ୟା ସୃଷ୍ଟି କରେ ଥଣ୍ଡାଦିନିଆ ଭାଇରାଲ୍ ଜ୍ୱର। ଏହି ଜ୍ୱର ଦ୍ୱାରା ଶରୀର କମ୍‌ଜୋର ହୁଏ। ଥକ୍କା ଲାଗିଥାଏ। ଫିଟ୍ ରହିବାକୁ ଡାକ୍ତର ଭିଟାମିନ୍, ଜିଙ୍କ୍, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଅନ୍ତି। ତେଣୁ ଶରୀରରୁ ଦୁର୍ବଳତା ଦୂର କରିବା ପାଇଁ ଡାଏଟ୍‌ରେ ଡ୍ରାଏଫ୍ରୁଟ୍ସ ସାମିଲ କରିବା ସ୍ୱାସ୍ଥ୍ୟପ୍ରଦ। ଏହାଦ୍ୱାରା ଶରୀର ସୁସ୍ଥ ରହିବା ସହ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ। ତେଣୁ ଭାଇରାଲ୍ ଜ୍ୱରରେ ପୀଡ଼ିତ ବ୍ୟକ୍ତି କମ୍‌ଜୋର ଏବଂ ଥକ୍କାପଣ ଦୂର କରିବାକୁ ଡାଏଟ୍‌ରେ କ'ଣ ଖାଇବା ଜରୁରି ଜାଣି ରଖନ୍ତୁ।**

**ଡ୍ରାଏ ଫ୍ରୁଟ୍‌ସ:** ଡ୍ରାଏ ଫ୍ରୁଟ୍‌ସରେ ବିଭିନ୍ନ ପ୍ରକାର ଭିଟାମିନ୍, ଫାଇବର, ଜିଙ୍କ୍, ଆଇରନ, କ୍ୟାଲସିୟମ, ପଟାସିୟମ୍, ପ୍ରୋଟିନ୍ ଆଦି ଭରପୂର ମାତ୍ରାର ରହିଥାଏ। ତେଣୁ ଡାଏଟ୍‌ରେ ଡ୍ରାଏଫ୍ରୁଟ୍ ସାମିଲ କରିବା ଭଲ। ଏହା ସହ ବାଦାମ, କିସ୍‌ମିସ୍, କାଜୁ ଏବଂ ଅଖରୋଟ୍ ଆଦି ନିୟମିତ ଖାଇ ପାରିବେ।

**ସବୁଜ ପନିପରିବା:** ଖଣିଜ ପୋଷକତତ୍ତ୍ୱରେ ଭରପୂର ସବୁଜ ପନିପରିବା ଶରୀରକୁ ଫିଟ୍ ଓ ସତେଜ ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ତେଣୁ ଥଣ୍ଡାଦିନିଆ ଭାଇରାଲ ଜ୍ୱର ହୋଇଥିଲେ, ଡାଏଟ୍‌ରେ ସବୁଜ ପନିପରିବା ତଥା ପାଳଙ୍ଗ, କୋବି, ମଟର, ବଥୁଆ ଶାଗ, ମେଥିଶାଗ, ଗାଜର ଜୁସ୍ ଆଦି ସାମିଲ କରିପାରିବେ।

**ଅଦା, ତୁଳସୀ, ଗିଲୋୟ କାଢ଼ା :** ସାଧାରଣତଃ ଅଦା, ତୁଳସୀ, ଗିଲୋୟ ଆଦି ଅନେକ ରୋଗରୁ ରକ୍ଷା କରିଥାଏ। ଏହାକୁ ରୋଗପ୍ରତିରୋଧକ ବୁଷ୍ଟ କୁହାଯାଏ। ତେଣୁ ଭାଇରାଲ ଜ୍ୱରକୁ ପ୍ରତିହତ କରିବା ପାଇଁ ନିୟମିତ ସକାଳୁ ତୁଳସୀ, ଗିଲୋୟ ଏବଂ ଅଦାର କାଢ଼ା ସେବନ କରିପାରିବେ। ମଧ୍ୟାହ୍ନରେ ଚିକେନ୍ ସିଝା କିମ୍ବା ସୁପ୍ ପିଇପାରିବେ।

**ତଟକା ଫଳ:** ଭାଇରାଲ ଜ୍ୱର, ଡେଙ୍ଗୁ, ମଲେରିଆ କିମ୍ବା ଥଣ୍ଡା ଜନିତ ସମସ୍ୟାରୁ ତୁରନ୍ତ ଆରୋଗ୍ୟ ପାଇଁ ଡାକ୍ତର ତଟକା ଫଳ ସେବନ କରିବାକୁ ପରାମର୍ଶ ଦିଅନ୍ତି। ତେଣୁ ନିଜର ଡାଏଟ୍‌ରେ ନିୟମିତ ସେଓ, ଡାଳିମ୍ବ, କମଳା ଆଦି ଖାଇପାରିବେ। ଏହାଦ୍ୱାରା ଶରୀରିକ ଦୁର୍ବଳତା ରୁହେ ନାହିଁ। ସେହିପରି ଓଟ୍‌ସ, ଖିଚିଡି, ଦହି, ମଲ୍ଟିଗ୍ରେନ ଦଲିଆ, ଗହମ ଦଲିଆ ସେବନ କରିପାରିବେ। ସ୍ୱାସ୍ଥ୍ୟ ପାଇଁ ବେଶ୍ ଭଲ। ଏହା ଶରୀରକୁ ଶକ୍ତ ବନାଏ।



ସ୍ୱାସ୍ଥ୍ୟ ବିଜ୍ଞାନ




ମଧୁମେହ ଦ୍ୱାରା ଶରୀରର ଗୁରୁତ୍ୱପୂର୍ଣ୍ଣ ଆକ୍ରାନ୍ତ ହୋଇଥାଏ। ରକ୍ତ ଶର୍କାର ବୃଦ୍ଧି ପାଉଥିବାରୁ ରୋଗୀଙ୍କୁ ନାନା ପରୀକ୍ଷା କରିବାକୁ ପଡ଼ିଥାଏ। କିନ୍ତୁ ଏବେ ଶବ୍ଦ ଉଚ୍ଚାରଣ ଦ୍ୱାରା କିଛି ସେକେଣ୍ଡ ମଧ୍ୟରେ ମଧୁମେହ ଚିହ୍ନଟ କରିହେବ। କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ସହିତ ଭଏସ ଟେକ୍ନୋଲୋଜି ସଂଯୋଗରେ ରୋଗୀ ସ୍ମାର୍ଟଫୋନରେ ଶବ୍ଦ ଉଚ୍ଚାରଣ କରି ମଧୁମେହ ଚିହ୍ନଟ କରିପାରିବେ। ଯୁକ୍ତରାଷ୍ଟ୍ରର କ୍ଲିକ୍‌ଲ୍ୟାବ୍‌ର ବୈଜ୍ଞାନିକମାନେ ଏକ ଏଆଇ ମଡେଲ ତିଆରି କରିବା ପାଇଁ ବ୍ୟକ୍ତିର ବୟସ, ଲିଙ୍ଗ, ଉଚ୍ଚତା ଏବଂ ଓଜନ ସହିତ ମୌଳିକ ସ୍ୱାସ୍ଥ୍ୟ ତଥ୍ୟ ସହିତ ଛଅରୁ ୧୦ ସେକେଣ୍ଡ ପର୍ଯ୍ୟନ୍ତ ଲୋକଙ୍କ ସ୍ୱର ବ୍ୟବହାର କରି ସମ୍ପୃକ୍ତ ବ୍ୟକ୍ତିଙ୍କୁ ଟାଇପ୍-୨ ମଧୁମେହ ହୋଇଛି କି ନାହିଁ ଚିହ୍ନଟ କରିବାକୁ ଅଧ୍ୟୟନରେ ୨୬୭ଜଣଙ୍କୁ ସାମିଲ କରିଥିଲେ। ଏହି ମଡେଲରେ ମହିଳାଙ୍କ କ୍ଷେତ୍ରରେ ୮୯ ପ୍ରତିଶତ ସଠିକତା ଏବଂ ପୁରୁଷଙ୍କ ପାଇଁ ୮୬ ପ୍ରତିଶତ ସଠିକତା ରହିଛି। ଟାଇପ୍-୨ ମଧୁମେହରେ ଆକ୍ରାନ୍ତ କି ନୁହଁନ୍ତି, ତାହା ଜାଣିବା ପାଇଁ ଦୁଇ ସପ୍ତାହ ପାଇଁ ଦିନକୁ ୬ ଥର ସେମାନଙ୍କୁ ନିଜ ସ୍ମାର୍ଟଫୋନରେ ଶବ୍ଦ ରେକର୍ଡ କରିବାକୁ କୁହାଯାଇଥିଲା। ୧୮,୦୦୦ରୁ ଅଧିକ ରେକର୍ଡିଂରୁ ବୈଜ୍ଞାନିକମାନେ ୧୪ ଟି ବୈଶିଷ୍ଟ୍ୟ ବିଶ୍ଳେଷଣ କରି ମଧୁମେହରେ ପୀଡ଼ିତ ନ ଥିବା ରୋଗୀ ଏବଂ ଟାଇପ-୨ ମଧୁମେହ ରୋଗୀଙ୍କୁ ପୃଥକ କରିବାକୁ ପ୍ରୟାସ କରିଥିଲେ। ଅଧ୍ୟୟନର ମୁଖ୍ୟ ଗବେଷକ ୟାନ ଫୋସେଟ କହିଛନ୍ତି, ସ୍ୱଳ୍ପ ସମୟରେ ଜଣେ ବ୍ୟକ୍ତି ଘରେ ବସି ଏହି ପରୀକ୍ଷା କରିପାରିବେ। ଏହାଦ୍ୱାରା ବହୁ ସଂଖ୍ୟକ ଲୋକ ରୋଗକୁ ଚିହ୍ନଟ କରିପାରିବେ।

# ସ୍ୱାସ୍ଥ୍ୟପ୍ରଦ ସୁନୁସୁନିଆ ଶାଗ



**ଗାଁ ଗହଳିରେ ନଈକୂଳ, ପୋଖରୀକୂଳ କିମ୍ବା ସନ୍ତସନ୍ତିଆ ଜମିମାନଙ୍କରେ ସୁନୁସୁନିଆ ଶାଗ ହୋଇଥାଏ। ଏହି ଶାଗ ବେଶ୍ ସ୍ୱାଦିଷ୍ଟ। ସାଧାରଣତଃ ଅଧିକ ନିଦ ହେବା ପାଇଁ ଲୋକେ ସୁନୁସୁନିଆ ଶାଗ ଖାଆନ୍ତି। ଏହାବାଦ୍ ନିୟମିତ ସୁନୁସୁନିଆ ଖାଇବା ବେଶ୍ ସ୍ୱାସ୍ଥ୍ୟପ୍ରଦ।**

- ଏହା ନିଦ୍ରା, ଶୁକ୍ରବର୍ଦ୍ଧକ, ରସାୟକ, ଜ୍ୱର ଓ କୋଷ୍ଠକାଠିନ୍ୟ ଆଦି ରୋଗପାଇଁ ବେଶ୍ ହିତକର।
- ନିଦ ହେଉନଥିବା ବ୍ୟକ୍ତି ପ୍ରତିଦିନ ସୁନୁସୁନିଆ ଶାଗ ଭାଜି ଖାଇଲେ ଭଲ ନିଦ ହୋଇଥାଏ। ସେହିପରି ସୁନୁସୁନିଆ ଶାଗ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ହୁଏ।
- ପିଲାମାନଙ୍କର ଝାଡ଼ା ହେଉଥିଲେ, ଏହି ଶାଗର ରସ ସହିତ ମରିଚଗୁଣ୍ଡ ମିଶାଇ ତିନିଥର ଖାଇବାକୁ ଦେଲେ ଉପଶମ ମିଳେ।
- ସୁନୁସୁନିଆ କ୍ୱାଥରେ ଅଦାରସ ଓ ମହୁ ମିଶାଇ ଦିନରେ ତିନିଥର ଖାଇଲେ ଜ୍ୱର ଏବଂ ତାପ କରିଥାଏ।
- ସୁନୁସୁନିଆ ପତ୍ର ରସ ସାଥିରେ ଅଦା ମହୁ ଓ ମିଶ୍ରିଗୁଣ୍ଡ ମିଶାଇ ଦିନକୁ ସାତଥର ଖାଇଲେ ଅନିଦ୍ରା ସମସ୍ୟା ଓ ଝାଡ଼ା ଦୂର ହୁଏ। ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଏହି ଶାଗ ବେଶ୍ ଲାଭପ୍ରଦ।



**ସମ୍ପ୍ରତି ହଜାର ହଜାର ଟଙ୍କା ଖର୍ଚ୍ଚ କରି ଲୋକେ ମଲ୍ କିମ୍ବା ପାର୍ଲରରେ ଫିଶ୍ ସ୍ପା କରାଇବାକୁ ପସନ୍ଦ କରୁଛନ୍ତି। ଫିଶ୍ ସ୍ପା ବହୁତ ଲୋକପ୍ରିୟ। ଏହାଦ୍ୱାରା ରକ୍ତସଞ୍ଚାଳନ ଭଲ ହୁଏ। ମଧୁମେହ ରୋଗୀଙ୍କ ରୋଗ ପ୍ରତିରୋଧକ ଶକ୍ତି କମ୍‌ଜୋର ଥିବାରୁ ସେମାନେ ଫିଶ୍ ସ୍ପା ନ କରାଇବା ଭଲ। କାରଣ ଏପରି କରିବା ଦ୍ୱାରା ନାନା ରୋଗ ହେବାର ଆଶଙ୍କା ରହିଥାଏ। ତେଣୁ ଫିଶ୍ ସ୍ପା କରାଇବାକୁ ଯାଉଥିଲେ, ସତର୍କ ରହିବା ନିହାତି ଜରୁରି......**

# ଫିଶ୍ ସ୍ପା କରୁଥିଲେ...

ଶରୀରକୁ ଆରାମ ପ୍ରଦାନ କରିବା ପାଇଁ ଅଧିକାଂଶ ବିଭିନ୍ନ ପ୍ରକାର ସ୍ପା ନିଅନ୍ତି। ଆୟୁର୍ବେଦ ଅନୁସାରେ ସ୍ପାର ଭିନ୍ନ ଭିନ୍ନ ତରିକା ଶରୀରରୁ ଥକ୍କାପଣ ଓ ଯନ୍ତ୍ରଣା ଦୂର କରିଥାଏ। ବିଭିନ୍ନ ସ୍ପା ମଧ୍ୟରୁ ଫୁଟ୍ ସ୍ପା, ବଡି ସ୍ପା, ଆଇ ସ୍ପା ଆଦି କରିବାକୁ ପସନ୍ଦ କରନ୍ତି। ପାଦ ଦରଜ ହେଉଥିଲେ ବା ପାଦର ମସାଜ ପାଇଁ ଫିଶ୍ ସ୍ପା ସବୁଠୁ ଗୁରୁତ୍ୱ ବହନ କରେ। ଏହି ସ୍ପାରେ ଗରୋ ରୁଫା ପ୍ରଜାତିର ଛୋଟ ଛୋଟ ମାଛ ପାଦରୁ ଜୀବାଣୁ ବା ଶୁଷ୍କ ମୃତ ଚର୍ମକୁ ସଫା କରିଥା'ନ୍ତି। ଫୁଟ୍ ସ୍ପା କିମ୍ବା ଫିଶ୍ ସ୍ପା କରିବା ଦ୍ୱାରା ରକ୍ତ ସଞ୍ଚାଳନ ଭଲ ହୋଇଥାଏ। ତେବେ ଫିଶ୍ ସ୍ପା କରାଉଥିଲେ ସଂକ୍ରମଣର ଆଶଙ୍କା ଅଧିକ ଥାଏ।

- ମାଛରେ ଥିବା ବ୍ୟାକ୍ଟେରିଆରୁ ସଂକ୍ରମଣ କିମ୍ବା ନିମୋନିଆ ହେବାର ସମ୍ଭାବନା ଅଧିକ ଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ଫିଶ ସ୍ପା କରାଇବା ଦ୍ୱାରା ଏଡ୍‌ସ, ଏଚଆଇଭି, ସୋରିୟାସିସ୍, ଏକ୍‌ଜିମା ସମେତ ଅନେକ ଗମ୍ଭୀର ରୋଗ ହେବାର ଆଶଙ୍କା ଅଧିକ ଥାଏ। ସଠିକ୍ ଢଙ୍ଗରେ ଫିଶ୍ ସ୍ପା କରାନଗଲେ ତ୍ୱଚା ରୁକ୍ଷ ହୋଇଥାଏ। କେବେ କେବେ ମାଛ କାମୁଡ଼ିବା ଦ୍ୱାରା ଘା' ହେବାର ଭୟ ଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଫିଶ୍ ସ୍ପା ପାଇଁ କାଚ ଭିତରେ ରଖାଯାଉଥିବା ପାଣି ଯଦି ବହୁ ଦିନ ଧରି ବଦଳାନଯାଏ, ଏହା ଶରୀରରେ ନାନା ରୋଗ ସୃଷ୍ଟି କରିଥାଏ।
- ପ୍ରତି ମାସରେ ଯଦି ଫିଶ୍ ସ୍ପା କରାଉଥାନ୍ତି, ଏହି ସମୟରେ କୌଣସି କାରଣରୁ ଯଦି ପାଦରୁ ରକ୍ତ ବାହାରୁଛି, ତୁରନ୍ତ ଜାର୍‌ରୁ ପାଦକୁ ବାହାରକୁ କାଢ଼ି ଦେବା ଉଚିତ।
- ଯଦି ପାଦରେ କ୍ଷତାକ୍ତ ଥାଏ ବା କଟିଯାଇଥାଏ, ତେବେ ଫିଶ୍ ସ୍ପା ନକରାଇବା ଭଲ। ସେହିପରି ଫିଶ୍ ସ୍ପାରେ ମାଛଗୁଡିକ ପାଦର ନଖକୁ କାମୁଡ଼ିବା ଦ୍ୱାରା ନଖ ଖରାପ ହେବାର ଅଧିକ ସମ୍ଭାବନା ଥାଏ।



# ତମନ୍ନାଙ୍କ ପ୍ରଶଂସାରେ ଶତମୁଖ ବିଜୟ

ବଲିଉଡ୍ ଅଭିନେତା ବିଜୟ ବର୍ମା ତାଙ୍କ ଅଭିନୟ ଓ ଫିଲ୍ମ କ୍ୟାରିୟର ସହ ବ୍ୟକ୍ତିଗତ ଜୀବନକୁ ନେଇ ମଧ୍ୟ ଚର୍ଚ୍ଚାରେ ରହିଛନ୍ତି । ଅଭିନେତ୍ରୀ ତମନ୍ନା ଭାଟିଆଙ୍କ ସହ ଡେଟିଂ ଖବରକୁ ନେଇ ସେ ଏବେ ଚର୍ଚ୍ଚାରେ । ନିକଟରେ ବିଜୟ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ତମନ୍ନାଙ୍କ ସହ ତାଙ୍କ ସମ୍ପର୍କକୁ ନେଇ ଖୋଲାଖୋଲି ଆଲୋଚନା କରିଥିଲେ । ବିଜୟ କହିଥିଲେ ଯେ, 'ଆମ ଅଲଗା ଅଲଗା ସିନେମା ଇଣ୍ଡଷ୍ଟ୍ରୀରୁ ଆସିଥିଲେ ସୁଦ୍ଧା ଆମ ଭିତରେ ଅନେକ ସାମଞ୍ଜସ୍ୟ ରହିଛି । ମତେ ତାଙ୍କଠାରୁ ବହୁତ ଜିନିଷ ଶିଖିବାର ଅଛି । କିଛି ଏଭଳି ଜିନିଷ ଅଛି, ଯାହାକୁ ସେ ପୂରାପୂରି ଅଲଗା ଭାବେ ଦେଖନ୍ତି ଓ ବୁଝନ୍ତି । ଲୋକଙ୍କୁ ଲାଗୁଛି ଦୁଇଟି ଅଲଗା ଦୁନିଆରୁ ଆସିଥିବା ମଣିଷ କିପରି ଏକାଠି ହୋଇଛନ୍ତି । ଆମ ଭିତରେ ସେମିତି କିଛି ନାହିଁ । ଆମ ଦୁଇଜଣଙ୍କର ବିଚାରଧାରା, ସଂସ୍କାର ଓ ବିଶ୍ୱାସ ଏକାଭଳି । ଆମ ଦୁଇଜଣ ବହୁତ ପରିଶ୍ରମୀ । ଯେତେବେଳେ ଆମକୁ ସଫଳତା ମିଳେ, ଆମେ ପରସ୍ପର ମଧ୍ୟରେ ଖୁସି ବାଣ୍ଟିଥାଉ' । ଏହାସହ ବିଜୟ ତାଙ୍କ କ୍ୟାରିୟରରକୁ ନେଇ ମଧ୍ୟ ଆଲୋଚନା କରିଥିଲେ । ସେ କହିଥିଲେ ଯେ, 'ମୁଁ ଜୀବନରେ ବହୁତ କିଛି ହାସଲ କରି ନେଇଛି ସେକଥା ଭାବୁ ନାହିଁ । ଏବେ ବି ମୋତେ ବହୁତ କାର୍ଯ୍ୟ କରିବା ପାଇଁ ଅଛି । ଆଜି ମୁଁ ଯେଉଁ ସ୍ଥାନରେ ଅଛି, ସେଥିପାଇଁ ବହୁତ ପରିଶ୍ରମ କରିଛି ' ।



# ପୋଲରୁ ଡେଇଁ ଜୀବନ ହାରନ୍ତି କୁକୁର !

ପଶୁପକ୍ଷୀ କ'ଣ ଆତ୍ମହତ୍ୟା କରନ୍ତି! ଏକଥାକୁ ସମସ୍ତେ ନା କହିବେ । କିନ୍ତୁ ଏମିତି ବି ଗୋଟିଏ ବ୍ରିଜ୍ ଅଛି, ଯାହା ଉପରୁ ଡେଇଁ କେବଳ କୁକୁରମାନେ ଆତ୍ମହତ୍ୟା କରନ୍ତି । ସ୍କଟ୍‌ଲ୍ୟାଣ୍ଡର ଡର୍ବାଟନ୍‌ରେ ଅଛି ଓଭରଟନ୍ ନାମକ ଏକ ରହସ୍ୟମୟ ବ୍ରିଜ୍ । ଏହି ବ୍ରିଜ୍‌ର ଗଭୀରତା ୫୦ ଫୁଟ । ଏବେ ସୁଦ୍ଧା ଏହି ସ୍ଥାନରୁ ୬୦୦ରୁ ଅଧିକ କୁକୁର ଆତ୍ମହତ୍ୟା କରିଥିବା କୁହାଯାଇଛି । ସେହିପରି ଏହି ସ୍ଥାନରୁ କୁକୁରମାନେ କାହିଁକି ଆତ୍ମହତ୍ୟା କରନ୍ତି, ତାହାର କାରଣ ମଧ୍ୟ କେହି ଜାଣିପାରି ନାହାନ୍ତି । ୧୮୫୯ରେ ଏହି ବ୍ରିଜ୍‌ର ନିର୍ମାଣ କରାଯାଇଥିଲା । ତେବେ ୧୯୫୦ରେ ଏଠାକୁ କୁକୁରମାନେ ଆସି ଆତ୍ମହତ୍ୟା କରୁଥିବା ଲକ୍ଷ୍ୟ କରାଯାଇଥିଲା । କୁହାଯାଏ, ଏହି ବ୍ରିଜ୍ ଉପରୁ ଜଣେ ବ୍ୟକ୍ତି ରାକ୍ଷସର ଅବତାର ଭାବି ନିଜ ନବଜାତକକୁ ଫିଙ୍ଗି ଦେଇଥିଲା । ଏହାସହ ନିଜେ ମଧ୍ୟ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲା । ତେବେ ଏଠାକାର ସ୍ଥାନୀୟ ଲୋକଙ୍କ କହିବା କଥା, ଏହି ସ୍ଥାନରେ ପିଲାଟିର ଭୂତ ଦେଖି ଭୟରେ କୁକୁରମାନେ ଡେଇଁ ପଡ଼ନ୍ତି । ସେହିପରି ଥରେ ଡେଇଁବା ପରେ ଯଦି କୁକୁରଟି ବଞ୍ଚିଯାଉଥିଲା, ପୁଣିଥରେ ଡେଇଁ କୁକୁର ପ୍ରାଣ ହରାଉ ଥିଲା । ଅବଶ୍ୟ ଲଗାତାର କୁକୁରମାନେ ଆତ୍ମହତ୍ୟା ଖବର ସାମ୍ନାକୁ ଆସିବା ପରେ ଏଠାରେ ଏକ ସତର୍କ ସୂଚନା ଫଳକ ଲଗାଯାଇଛି । ତେବେ ବିଶେଷଜ୍ଞମାନେ ଭୂତ ଯୋଗୁଁ କୁକୁର ପ୍ରାଣ ହରାଉଥିବା କଥାକୁ ବିଶ୍ୱାସ କରନ୍ତି ନାହିଁ । ସେମାନଙ୍କ ଅନୁସାରେ, ଏହି ସ୍ଥାନରୁ ଏକପ୍ରକାର ତୀବ୍ର ଗନ୍ଧ ସୃଷ୍ଟି ହୋଇଥାଏ । ଯଦ୍ୱାରା କୁକୁର ଶିକାର କରିବା ପାଇଁ ଉତ୍ସାହିତ ହୋଇ ଏହି ସ୍ଥାନକୁ ଡେଇଁ ପଡୁଥିବା କୁହାଯାଉଛି ।

# ରେସ୍ତୋରାଁର ଅଦ୍ଭୁତ ବ୍ୟବସ୍ଥା

## ଆଗେ ପାହାର, ପଛେ ଆହାର



ରେସ୍ତୋରାଁରେ ଗ୍ରାହକଙ୍କୁ ସ୍ୱାଗତ ଜଣାଇବା ପାଇଁ ନିଆରା ତରିକା ଗ୍ରହଣ କରାଯାଉଥିବା ସମସ୍ତେ ଜାଣନ୍ତି । ମୁଖ୍ୟତଃ ରେସ୍ତୋରାଁ ପକ୍ଷରୁ ଫୁଲ ଦେଇ ଗ୍ରାହକଙ୍କୁ ସ୍ୱାଗତ କରାଯାଏ । ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବ ଯେ, ଏମିତି ବି ଗୋଟିଏ ରେସ୍ତୋରାଁ ଅଛି, ଯେଉଁଠାରେ ଗ୍ରାହକଙ୍କୁ ଚାପୁଡ଼ା ମାରି ସ୍ୱାଗତ କରାଯାଏ । ଆଉ ଏଥିଯୋଗୁଁ ଏହି ରେସ୍ତୋରାଁ ବି ବେଶ୍ ଲୋକପ୍ରିୟ ହୋଇଛି । ଜାପାନର ନାଗୋୟାରେ ଅବସ୍ଥିତ ଏହି ରେସ୍ତୋରାଁର ନାଁ ହେଉଛି 'ଶଚିହୋକୋ ୟା ।' ଏଠାକୁ ଆସୁଥିବା ଗ୍ରାହକଙ୍କର ସ୍ୱାଗତ ଅଭ୍ୟର୍ଥନା ଚାପୁଡ଼ା ମାରି କରାଯାଏ । ଅବଶ୍ୟ ରେସ୍ତୋରାଁର ମହିଳା କର୍ମଚାରୀ ହିଁ ଗ୍ରାହକଙ୍କୁ ଚାପୁଡ଼ା ମାରିବା କାମଟି କରିଥାନ୍ତି । ରୋଚକୀୟ କଥାଟି ହେଉଛି, ଏହି ଚାପୁଡ଼ା ମାଗଣାରେ ନୁହେଁ, ବରଂ ଏନେଇ ଗ୍ରାହକଙ୍କୁ ଟଙ୍କା ମଧ୍ୟ ଗଣିବାକୁ ପଡ଼େ । ଏବାବଦରେ ସେମାନେ ୧୭୦ ଟଙ୍କା ଦେଇଥାନ୍ତି । ସେହିପରି ନିଜ ପସନ୍ଦର ମହିଳା ୱେଟର୍‌ଙ୍କଠାରୁ ଚାପୁଡ଼ା ଖାଇବାକୁ ଚାହୁଁଥିଲେ, ଗ୍ରାହକଙ୍କୁ ଏନେଇ ଅଧିକ ଟଙ୍କା ଦେବାକୁ ପଡ଼ିଥାଏ । ମନକୁ ଆସୁଥିବ ଯେ, ମହିଳା ୱେଟର୍‌ମାନେ ଗ୍ରାହକମାନଙ୍କୁ ମୃଦୁ ବା କୋମଳ ଚଟକଣା ମାରୁଥିବେ, କିନ୍ତୁ ସେଭଳି କିଛି ନୁହେଁ । ବେଳେବେଳେ ସେମାନେ ଏତେ ଜୋର୍‌ରେ ଚାପୁଡ଼ା ମାରନ୍ତି ଯେ, ଗ୍ରାହକ ନିଜ ସିଟ୍‌ରୁ ତଳକୁ ଖସି ପଡ଼ନ୍ତି । ଅବଶ୍ୟ ଏହି ନିଆରା ସ୍ୱାଗତ ଶୈଳୀ ଯୋଗୁଁ ରେସ୍ତୋରାଁକୁ ମଧ୍ୟ ଫାଇଦା ହୋଇଛି । ପ୍ରଥମେ ଉକ୍ତ ରେସ୍ତୋରାଁରେ ଗ୍ରାହକଙ୍କ ପାଇଁ ଏଭଳି ବ୍ୟବହାର କରାଯାଉ ନ ଥିଲା । କିନ୍ତୁ ୨୦୧୨ରେ ରେସ୍ତୋରାଁ ବନ୍ଦ ହେବା ସ୍ଥିତିକୁ ଆସିଲା । ସେଇଠୁ ସ୍ୱାଗତ ପାଇଁ ଏହି ନିଆରା ତରିକା ରେସ୍ତୋରାଁ ଆପଣାଇଥିବା ଦେଖାଯାଇଛି । ଏହି ନିଆରା ସ୍ୱାଗତ ଶୈଳୀ ଯୋଗୁଁ ଗ୍ରାହକଙ୍କ ସଂଖ୍ୟା ବଢ଼ିବାରୁ ରେସ୍ତୋରାଁକୁ ଲାଭ ମିଳିଲା । ଏପରିକି ଚାପୁଡ଼ା ଖାଇବା ପାଇଁ ଗ୍ରାହକଙ୍କ ସଂଖ୍ୟା ଏତେ ଅଧିକ ବଢ଼ିଲା ଯେ, ରେସ୍ତୋରାଁରେ ଅଧିକ ୱେଟର୍‌ଙ୍କୁ ନିଯୁକ୍ତି କରାଗଲା । ଅବଶ୍ୟ ଚାପୁଡ଼ା ମାରିବା ପାଇଁ ଏଠାରେ କେବଳ ମହିଳାମାନଙ୍କୁ ନିଯୁକ୍ତି ମିଳିଥାଏ ।

# ସ୍କୁଲ ଶିଖାଏ ଦ୍ୱିହସ୍ତ ଲିଖନ କୌଶଳ



ସାଧାରଣତଃ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ବହୁତ କିଛି ଶିଖିଯାଏ । ପାଠପଢ଼ାଠୁ ଆରମ୍ଭ କରି ଖେଳକୁଦ, ନାଚ, ଗୀତ, ଚିତ୍ରାଙ୍କନ ସବୁକିଛି । ତେବେ କୌଣସି ସ୍କୁଲରେ ପିଲାଙ୍କୁ ଦୁଇ ହାତରେ ଲେଖିବା ପାଇଁ ଶିକ୍ଷା ପ୍ରଦାନ କରାଯାଉ ନ ଥିବ । ମଧ୍ୟପ୍ରଦେଶରେ ଏମିତି ଗୋଟିଏ ସ୍କୁଲ ଅଛି, ଯେଉଁଠାରେ ପିଲାଙ୍କୁ ଦୁଇ ହାତରେ ଲେଖିବାର କୌଶଳ ପ୍ରଦାନ କରାଯାଏ । ଏହି ସ୍କୁଲ ସିଙ୍ଗରୋଲି ଜିଲ୍ଲା ମୁଖ୍ୟାଳୟଠାରୁ ୧୫ କିଲୋମିଟର ଦୂରରେ ଅବସ୍ଥିତ । ଏହାର ନାଁ ବୀଣାବାଦିନୀ ପବ୍ଲିକ୍ ସ୍କୁଲ । ଏହି ସ୍କୁଲର ପିଲାମାନେ ଗୋଟିଏ ନୁହେଁ, ଦୁଇ ହାତରେ ଲେଖିପାରନ୍ତି । ସେ ପୁଣି ଗୋଟିଏ ନୁହେଁ, ବିଭିନ୍ନ ଭାଷାରେ । ଏଭଳି ଏକ ଭିନ୍ନ ପ୍ରତିଭା ଏଠାରେ ୧୦୦ରୁ ଅଧିକ ପିଲାଙ୍କଠାରେ ଦେଖିବାକୁ ମିଳେ । ୧୯୯୯ରେ ବିରଙ୍ଗତ ଶର୍ମା ନାମକ ଜଣେ ଶିକ୍ଷକ ଏହି ସ୍କୁଲ ଆରମ୍ଭ କରିଥିଲେ । ଦେଶର ପ୍ରଥମ ରାଷ୍ଟ୍ରପତି ଡା. ରାଜେନ୍ଦ୍ର ପ୍ରସାଦଙ୍କଠାରୁ ତାଙ୍କୁ ଦୁଇ ହାତରେ ଲେଖିବା ପାଇଁ ପ୍ରେରଣା ମିଳିଥିଲା । କାରଣ ରାଜେନ୍ଦ୍ର ପ୍ରସାଦ ଦୁଇ ହାତରେ ଲେଖୁଥିଲେ । ସେଇଠୁ ସେ ପିଲାଙ୍କୁ ଏହି କଳା କୌଶଳ ଶିଖାଇବାକୁ ଆରମ୍ଭ କଲେ । ଫଳରେ ଆଜି ଏହି ସ୍କୁଲର ପିଲାମାନେ ଦୁଇ ହାତରେ ଲେଖିବାରେ ସିଦ୍ଧହସ୍ତ । । ଅନ୍ୟପଟେ ଏହା ହେଉଛି ଦେଶର ପ୍ରଥମ ସ୍କୁଲ, ଯାହାର ଛାତ୍ରଛାତ୍ରୀ ଦୁଇ ହାତରେ ଲେଖିବା କଳାରେ ମାହିର୍ ।



# ମହିଳାଙ୍କ ଆହାର ବେବି ପାଉଡର

ଆଜିକାଲି ଲୋକମାନେ ଭିନ୍ନ ଭିନ୍ନ ପ୍ରକାର ଅଜବ ପ୍ରକାରର ଖାଦ୍ୟ ଖାଉଥିବା ଦେଖାଯାଉଛି । କିଏ ଗୋଡ଼ି ମାଟି ଖାଉଛି ତ ଆଉ କିଏ ଟଏଲେଟ୍ ପେପର ଖାଉଛନ୍ତି । ଏଭଳି ଅଭକ୍ଷ ଭକ୍ଷଣ ସେମାନଙ୍କୁ ଚର୍ଚ୍ଚାରେ ରଖିଥାଏ । ଏହି କ୍ରମରେ ଏବେ ଜଣେ ମହିଳା ବେବି ପାଉଡର ଖାଇ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ଆମେରିକାର ନ୍ୟୁ ଅରଲିନ୍ସରେ ରହୁଥିବା ଡ୍ରେକା ମାର୍ଟିନ ନାମ୍ନୀ ଜଣେ ମହିଳାଙ୍କ ନିଶା ହେଉଛି ପାଉଡର ଖାଇବା । ଏହି ଅଭ୍ୟାସ ଯୋଗୁଁ ଦିନକରେ ସେ ଡବାଏ ବେବି ପାଉଡର ଖାଇକି ଶେଷ କରି ଦିଅନ୍ତି । କେବଳ ସେତିକି ନୁହେଁ, ଏନେଇ ସେ ତିନି ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଡ୍ରେକା ପେସାରେ ଜଣେ ମେକ୍‌ଅପ୍ ଆର୍ଟିଷ୍ଟ । ତାଙ୍କୁ ପାଉଡର ସ୍ୱାଦ ଏତେ ପସନ୍ଦ ଯେ, ସେ ଖାଇବା ଛାଡ଼ିଦେବେ ସିନା ବେବି ପାଉଡରକୁ ଦୂରେଇ ଦେଇପାରିବେ ନାହିଁ । ୨୭ ବର୍ଷୀୟା ଡ୍ରେକାଙ୍କୁ ପିଲାବେଳେ ଗାଧୋଇବା ପରେ ଯେଉଁ ସ୍ୱତନ୍ତ୍ର ବ୍ରାଣ୍ଡର ପାଉଡର ତାଙ୍କ ଶରୀରରେ ଲଗାଯାଉଥିଲା, ସେ ତାହାକୁ ଚାଟିକି ସଫା କରି ଦେଉଥିଲେ । ଧୀରେ ଧୀରେ ଏହାର ସ୍ୱାଦ ତାଙ୍କୁ ଏତେ ବେଶି ପସନ୍ଦ ଆସିଲା ଯେ, ଯାହା ତାଙ୍କ ଖାଇବା ଅଭ୍ୟାସରେ ପରିଣତ ହୋଇଗଲା । ୧୦ ବର୍ଷ ହେବ ସେ ଏହାକୁ ଖାଇ ଆସୁଛନ୍ତି । ତେବେ ସେ ଗର୍ଭାବସ୍ଥା ସମୟରେ ପାଉଡର ଖାଇବା ଅଭ୍ୟାସରୁ ନିବୃତ୍ତ ରହିଥିଲେ । ଅବଶ୍ୟ ଏହା ପରେ ପୁଣିଥରେ ଏହାକୁ ଖାଇବା ଅଭ୍ୟାସ ଆରମ୍ଭ କରିଥିଲେ । ସେହିପରି ତାଙ୍କର ଏହି ଅଜବ ପାଉଡର୍ ଖାଦ୍ୟାଭାସ ଯେଭଳି ତାଙ୍କ ପୁଅ ଗ୍ରହଣ ନ କରୁ, ତାହାକୁ ନେଇ ଡ୍ରେକା ଏବେ ଚିନ୍ତାରେ ଅଛନ୍ତି । ଡ୍ରେକା କହନ୍ତି, ଯଦିଓ ଲୋକମାନେ ତାଙ୍କର ଏହି ଅଭ୍ୟାସ ଛଡ଼ାଇବା ପାଇଁ ଚେଷ୍ଟା କରିଛନ୍ତି, କିନ୍ତୁ ସେ ଏହାକୁ ଛାଡ଼ିପାରି ନାହାନ୍ତି । ଅନ୍ୟପଟେ ସେ 'ପିକା' ନାମକ ଏକ ରୋଗରେ ପୀଡ଼ିତ । ଏହିବର୍ଷ ସେ ତାଙ୍କର ଦୁଇଜଣ ନିଜର ଲୋକଙ୍କୁ ହରାଇବା ପରେ ଏହି ଅଭ୍ୟାସ ତାଙ୍କର ବଢ଼ି ଯାଇଛି ।

# ଧୂପ ଦେବାର ସଠିକ୍ ନିୟମ ଓ ଲାଭ



ହିନ୍ଦୁ ଧର୍ମରେ ପୂଜାପାଠ ଏକ ନିତିଦିନିଆ ପ୍ରଥା । ଧୂପ, ଦୀପ ବିନା ପୂଜାର୍ଚ୍ଚନାକୁ ଅଧୁରା ବୋଲି କୁହାଯାଏ । ପ୍ରତିଦିନ ଠାକୁରଙ୍କୁ ଧୂପ ଦେବା ଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇଥାଏ ବୋଲି କୁହାଯାଏ । ତେବେ ବିଭିନ୍ନ ପ୍ରକାର ଧୂପ ବିଭିନ୍ନ ସମସ୍ୟା ଦୂର କରିଥାଏ । ତେବେ ଆସନ୍ତୁ ଜାଣିବା ଧୂପ ଦେବାର କ'ଣ ସବୁ ନିୟମ ରହିଛି ।

- ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଧୂପ ଦେବା ଉଚିତ । ଯଦି ଏହା ସମ୍ଭବ ନ ହେଉଛି, ତେବେ ତ୍ରୟୋଦଶୀ, ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ପୂର୍ଣ୍ଣିମା ଦିନ ସକାଳେ ଓ ସନ୍ଧ୍ୟାରେ ଧୂପ ନିଶ୍ଚୟ ଦିଅନ୍ତୁ ।
- ଧୂପ ଦେବା ପୂର୍ବରୁ ଘରକୁ ସଫା କରନ୍ତୁ । ଏହାପରେ ନିଜେ ସ୍ନାନ ସାରି ଧୂପ ଦିଅନ୍ତୁ ।
- ସବୁବେଳେ ଧୂପଦାନିକୁ ଈଶାନ୍ୟ କୋଣରେ ରଖି ଧୂପ ଦିଅନ୍ତୁ ଏବଂ ରଖିବା ସମୟରେ ଈଶ୍ୱରଙ୍କୁ କୃପାଭିକ୍ଷା କରନ୍ତୁ ।
- ଘରେ ଝୁଣା ଧୂପ ଦେଲେ ନକାରାତ୍ମକ ଶକ୍ତି ଦୂର ହୋଇଥାଏ ।
- ଘରେ ବାସ୍ତୁଦୋଷ ଥିଲେ, ସପ୍ତାହରେ ଗୋଟିଏ କିମ୍ବା ଦୁଇଥର ନିମ୍ବପତ୍ରର ଧୂପ ଜଳାଇବା ଉଚିତ । ଏହାଦ୍ୱାରା ସ୍ୱାସ୍ଥ୍ୟ ହାନିକାରକ ଜୀବାଣୁ ନଷ୍ଟ ହେବା ସହ ବାସ୍ତୁଦୋଷ ଦୂର ହୋଇଥାଏ ।
- ପ୍ରତ୍ୟେକ ଶନିବାର ସନ୍ଧ୍ୟାରେ ଅଶ୍ୱତ୍ଥ ଗଛର ପୂଜା କରି ଧୂପ ଓ ଦୀପ ଦିଅନ୍ତୁ । ଏହି ଉପାୟ ଦ୍ୱାରା ଧନ ଓ ସମୃଦ୍ଧିର ମାର୍ଗ ଖୋଲିବା ସହ ଶନିଗ୍ରହ ଦୋଷ କଟିଥାଏ ।

# ଅଜବ ଫ୍ୟାଶନ: ତଉଲିଆ ସ୍କର୍ଟ

ଆଜିକାଲି ଫ୍ୟାଶନ୍ ନାଁରେ କମ୍ପାନୀମାନେ ଏପରି ଅଜବ ପୋଷାକ ସବୁ ଆଣୁଛନ୍ତି, ଯାହା ଲୋକଙ୍କୁ ଅନେକ ସମୟରେ ଦ୍ୱନ୍ଦ୍ୱରେ ପକାଉଛି । ଏବେ ଏଭଳି ଏକ ପୋଷାକ ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି । ଲଗଜୁରି ଫ୍ୟାଶନ ବ୍ରାଣ୍ଡ ବାଲେନ୍ସିଆଗାର ପୋଷାକଗୁଡ଼ିକ ବେଶ୍ ଦାମୀ ହୋଇଥାଏ । ଏହା ନିକଟରେ ଏପରି ଏକ ସ୍କର୍ଟ ଲଞ୍ଚ୍ କରିଛି, ଯାହାର ଦାମ୍ ଶୁଣି ଅନେକଙ୍କର ହୋସ୍ ଉଡ଼ିଯିବ । ତେବେ ଏହି ସ୍କର୍ଟ ଅବିକଳ ତଉଲିଆ ଭଳି ଦେଖାଯାଉଛି । ଏହାକୁ ପିନ୍ଧିଥିବା ମଡେଲ୍ ଜଣକ ଅବିକଳ ବାଥରୁମ୍‌ରୁ ତଉଲିଆ ପିନ୍ଧି ବାହାରିବା ଭଳି ଦେଖାଯାଉଛନ୍ତି । ଏହାକୁ ବାଲେନ୍ସିଆଗା ପକ୍ଷରୁ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରାଯାଇଛି । ଏହା ତାଙ୍କ କଲେକ୍ସନ୍ ସ୍ପ୍ରିଙ୍ଗ୍-୨୦୨୪ର ଅଂଶ ବୋଲି କୁହାଯାଇଛି । ଏହାକୁ ପ୍ୟାରିସ୍ ଶୋ'ରେ ପ୍ରଦର୍ଶିତ କରାଯାଇଥିଲା । ତେବେ ତଉଲିଆ ପରି ଦେଖାଯାଉଥିବା ଏହି ସ୍କର୍ଟର ମୂଲ୍ୟ ଭାରତୀୟ ମୁଦ୍ରାରେ ୭୭ ହଜାର ଟଙ୍କା । ତଉଲିଆକୁ ଗୋଲ କରି ଏହି ସ୍କର୍ଟ ତିଆରି ହେଲା ଭଳି ଲାଗୁଛି । କମ୍ପାନୀ ପକ୍ଷରୁ ଏପରି କପଡ଼ା ଲଞ୍ଚ୍ କରିବା ପ୍ରଥମ ଘଟଣା ନୁହେଁ, ଏହା ପୂର୍ବରୁ ମଧ୍ୟ ଏକ ଫଟା ସ୍ୱେଟରର ଦାମ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ତେବେ ସାମାଜିକ ଗଣମାଧ୍ୟମରେ ଲୋକେ ଏହି ସ୍କର୍ଟ୍ ଉପରେ ବେଶ୍ ମଜାଦାର ପ୍ରତିକ୍ରିୟା ରଖୁଥିବାର ଦେଖାଯାଇଛି ।



## ଆଜିର ଇତିହାସ

- ୧୮୮୧- ଭିଏନାର ଏକ ଥିଏଟର୍‌ରେ ନିଆଁ ଲାଗିବାରୁ ୮୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ।
- ୧୯୨୩- ଜର୍ମାନୀ ଓ ଆମେରିକା ମିତ୍ରତା ସନ୍ଧିରେ ସ୍ୱାକ୍ଷର କଲେ ।
- ୧୯୭୬- ଆମେରିକାର ନେଭାଡାରେ ପରମାଣୁ ପରୀକ୍ଷା କରାଗଲା ।
- ୧୯୯୮- ଅଲିମ୍ପିକ୍ ଇତିହାସରେ ପ୍ରଥମ ଥର ମହିଳା ଆଇସ୍ ହକିକୁ ସାମିଲ୍ କରାଗଲା ।
- ୨୦୦୩-ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭାବେ ବସୁନ୍ଧରା ରାଜେ ସିନ୍ଧିଆ ଶପଥ ନେଲେ ।
- ୨୦୦୪- ପାକିସ୍ତାନ ସାହିନ୍-୧ ମିସାଇଲ୍‌ର ସଫଳ ପରୀକ୍ଷା କଲା ।

# କନିଆ ହାତରେ ଚିକେନ୍ ଲେଗ୍‌ପିସ୍‌ର ପୁଷ୍ପଗୁଚ୍ଛ

ବିବାହ ଦିନଟି ସମସ୍ତଙ୍କ ପାଇଁ ବେଶ୍ ସ୍ୱତନ୍ତ୍ର ହୋଇଥାଏ । ଏହି ଦିନଟିକୁ ସ୍ମରଣୀୟ କରିବା ପାଇଁ ଏବେ ଯୁବକଯୁବତୀମାନେ ବେଶ୍ ନିଆରା ଢଙ୍ଗରେ ବିଭିନ୍ନ କାର୍ଯ୍ୟ ହାତକୁ ନେଉଥିବା ଦେଖାଯାଉଛି । କେହିକେହି କୌଣସି ସ୍ୱତନ୍ତ୍ର ଥିମ୍ ନେଇ ବିବାହ କରୁଥିବାବେଳେ ଆଉ କେହି କେହି ନିଜ ମନ ପସନ୍ଦ ସ୍ଥାନରେ ବିବାହ କରୁଛନ୍ତି । ଅବଶ୍ୟ ଏଭଳି ବିବାହ ପାଇଁ ସେମାନେ ବେଶ୍ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିଥାନ୍ତି । ଏଭଳି ଅଜବ ବିବାହର ଫଟୋ ଓ ଭିଡିଓଗୁଡ଼ିକ ମଧ୍ୟ ବେଳେବେଳେ ସୋସିଆଲ ମିଡିଆରେ ବେଶ୍ ଟ୍ରେଣ୍ଡ କରିଥାଏ । ଏବେ ସେହିଭଳି ଏକ ନିଆରା ବିବାହର ଦୃଶ୍ୟ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି । ସିଙ୍ଗାପୁରର ୩୨ ବର୍ଷୀୟା ଯୁବତୀ ଲାଙ୍ଗ ଲେ ୱଙ୍ଗ୍ କେଏଫ୍‌ସି ଥିମରେ ବିବାହ କରିବା ପାଇଁ ଇଚ୍ଛା ରଖିଥିଲେ । ଏଥିପାଇଁ ସେ ପ୍ରଥମେ କେଏଫ୍‌ସିକୁ ଏକ ମେଲ୍ କରି ଅନୁମତି ଆଣିବା ସହ ନିଜ ବିବାହକୁ ସେପରି ଢଙ୍ଗରେ କରିବାକୁ ନିଶ୍ଚିତ କରିଥିଲେ । ତା'ପରେ ତାଙ୍କ ବିବାହ ବେଦୀ ସହିତ ବାହାର ସାଜସଜ୍ଜା କେଏଫ୍‌ସି ଶୈଳୀରେ ଆରମ୍ଭ ହୋଇଥିଲା, ଯାହା ନିମନ୍ତ୍ରିତ ଅତିଥିମାନଙ୍କୁ ଖୁବ ଆଶ୍ଚର୍ଯ୍ୟ କରିଥିଲା । ଯେତେବେଳେ କେଏଫ୍‌ସିର ସ୍ଥାନୀୟ ଆଉଟ୍‌ଲେଟ୍‌ର ମ୍ୟାନେଜର ଦିବ୍ୟାଙ୍ଗ ଲାଙ୍ଗଙ୍କ ଇଚ୍ଛା ବିଷୟରେ ଜାଣିଥିଲେ ସେତେବେଳେ ସେ ଖାଦ୍ୟ ଠାରୁ ଆରମ୍ଭ କରି ସାଜସଜ୍ଜା ପର୍ଯ୍ୟନ୍ତ ବିଲ୍ ଉପରେ ୫୦ ପ୍ରତିଶତ ରିହାତି ପ୍ରଦାନ କରିଥିଲେ । ସବୁଠୁ ମଜା କଥା ହେଉଛି, ଏହି ବାହାଘରରେ କନିଆ ହାତରେ ପୁଷ୍ପଗୁଚ୍ଛ ବଦଳରେ କେଏଫ୍‌ସିର ଡିପ୍ ଫ୍ରାଏଡ୍ ଚିକେନ୍ ଲେଗ୍‌ପିସ୍ ଥିଲା । ଏହାକୁ ପୁଷ୍ପଗୁଚ୍ଛର ରୂପ ଦେବା ପାଇଁ କିଛି ସାଜସଜ୍ଜା ଜିନିଷରେ ସଜା ଯାଇଥିଲା । ତେବେ ଏହି ପ୍ରେମୀଯୁଗଳ କେଏଫ୍‌ସି ଥିମ୍‌ରେ ବିବାହ କରିବାର କାରଣ ହେଉଛି ଉଭୟ ପରସ୍ପରକୁ ପ୍ରଥମଥର କେଏଫ୍‌ସିରେ ଭେଟିଥିଲେ । ବିବାହରେ ଯୋଗ ଦେଇଥିବା ଅତିଥିଙ୍କୁ କେଏଫ୍‌ସିର ଖାଦ୍ୟ ପରଷା ଯାଇଥିଲା ।




## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ହସ ଖୁସିରେ ବିତିବ । ମାନସିକ ଚାପ ଅନୁଭବ କରିପାରନ୍ତି । ଦୂର ସ୍ଥାନ ଯାତ୍ରା କରିପାରନ୍ତି । ଅଭିଭାବକ ମାନେ ପିଲାମାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିବେ ।

**ବୃଷ:** ମାନସିକ ଅଶାନ୍ତି ଦେଖାଦେଇପାରେ । ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ଆଧ୍ୟାତ୍ମିକ ଭାବନା ଜୀବନର ସମସ୍ୟାକୁ ଦୂର କରିବାରେ ସହାୟକ ହେବ । ଜୀବନ-ସାଥୀଙ୍କଠାରୁ କିଛି ବିଶେଷ ଖବର ମିଳିବ ।

**ମିଥୁନ:** କରଜନେବାରୁ ଦୂରେଇ ରୁହନ୍ତୁ । ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ । ଗୁପ୍ତ କଥା ଅନ୍ୟ ଆଗରେ ପ୍ରକାଶ କରନ୍ତୁ ନାହିଁ । କର୍ମକ୍ଷେତ୍ରରେ ନିଜ ସୃଜନଶୀଳତାର ପରିଚୟ ଦେବେ ।

**କର୍କଟ:** ନିଜ ଚିନ୍ତାଧାରା ପରିବର୍ତ୍ତନ କରିବା ପାଇଁ ସାମାଜିକ ମିଳାମିଶା ବଢ଼ାନ୍ତୁ । ଆର୍ଥିକ ଅନଟନ ଦେଖାଦେବ । ପରିବାରବର୍ଗଙ୍କୁ ଅଧିକ ସମୟ ଦିଅନ୍ତୁ । ବୈବାହିକ ଜୀବନରେ ତିକ୍ତତା ଦେଖାଦେବ ।

**ସିଂହ:** ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ । ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ । କର୍ମମୟ ଜୀବନରୁ ବିରତି ନେବା ପାଇଁ ଚେଷ୍ଟା କରିବେ । ଜୀବନସାଥୀଙ୍କ ସହ ସମ୍ପର୍କରେ ମଧୁରତା ବଢ଼ିବ ।

**କନ୍ୟା:** ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଇବା ସହ, ଆର୍ଥିକ ଉନ୍ନତି ଦେଖାଦେଇ ପାରେ । ଭବିଷ୍ୟତ ପାଇଁ କରିଥିବା ଯୋଜନାକୁ ଗୁପ୍ତ ରଖନ୍ତୁ । ନିଜ ଭିତରେ କିଛି ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରିପାରନ୍ତି ।

**ତୁଳା:** କାର୍ଯ୍ୟକ୍ଷେତ୍ରରେ ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି । ଜୀବନସାଥୀଙ୍କ ସହ ଦୂରଯାତ୍ରାରେ ଯାଇପାରନ୍ତି । ବଢୁଥିବା ଖର୍ଚ୍ଚକୁ ରୋକିବାକୁ ଚେଷ୍ଟା କରନ୍ତୁ । ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ ।

**ବିଛା:** ପ୍ରିୟଜନଙ୍କ ସହ ଦୂରଯାତ୍ରା ଯାଇପାରନ୍ତି । ପୁରୁଣା ବନ୍ଧୁଙ୍କ ସହ ଅନ୍ତରଙ୍ଗତା ବୃଦ୍ଧି ପାଇବ । ହଠାତ ନୂତନ ସୂତ୍ରରୁ ଲାଭବାନ ହେବେ । ଗୁରୁଜନଙ୍କ ଆଶୀର୍ବାଦ ପ୍ରାପ୍ତ କରିପାରନ୍ତି ।

**ଧନୁ:** କୌଣସି ବଡ଼ ନିଷ୍ପତ୍ତି ନେଇପାରନ୍ତି । ପାରିବାରି ସୁଖସମୃଦ୍ଧି ବୃଦ୍ଧି ପାଇବ । ନୂତନ ନିବେଶ ପାଇଁ ଉତ୍ତମ ସୁଯୋଗ ପାଇବେ । ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ଆଗୁଆ ରହିବେ ।

**ମକର:** ସାମାଜିକ କାର୍ଯ୍ୟରେ ସମୟ ଅତିବାହିତ କରିବେ । କର୍ମକ୍ଷେତ୍ରରେ କାର୍ଯ୍ୟଭାର ଅଧିକ ରହିବ । ଗୁରୁଜନଙ୍କଠାରୁ ଆଶୀର୍ବାଦ ପାଇବେ । କୌଣସି କଥା ମନକୁ ବ୍ୟଥିତ କରିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କୁମ୍ଭ:** ବହୁ ଚେଷ୍ଟା କରି ସଫଳତା ପାଇବେ । ରାଜନୀତିରେ ଜନସେବାରେ ବ୍ରତୀ ହେବେ । ମହିଳାମାନେ ପରିଶ୍ରମୀ ହେବେ । ବାଣିଜ୍ୟରେ ସ୍ୱଳ୍ପ ଲାଭ ପାଇବେ । ଛାତ୍ରଛାତ୍ରୀମାନେ ଚଳଚଞ୍ଚଳ ରହିବେ ।

**ମୀନ:** ଉଚ୍ଚ ଆଶା ସଫଳ ହେବ । ରାଜନୀତିରେ ସୁନାମ ପାଇବେ । ଚାକିରିରେ ସ୍ୱାଧୀନତା ରହିବ । ମହିଳାମାନେ ଆତ୍ମନିର୍ଭରଶୀଳା ହେବେ । ବାଣିଜ୍ୟ ଓ ଶିକ୍ଷାକ୍ଷେତ୍ରରେ ଆଶାଜନକ ଫଳ ପାଇବେ ।

ମହିଳା ଲିଗ୍ ଫୁଟବଲ

# ସ୍ପୋର୍ଟସ ଓଡ଼ିଶାକୁ ହରାଇଲା ଓଜିପି



**କଟକ, ୭।୧୨(ସମିସ):** ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଓଡ଼ିଶା ମହିଳା ଲିଗ୍‌ର ବିଭିନ୍ନ ମ୍ୟାଚ୍ କଟକ ଓ ଭୁବନେଶ୍ୱରରେ ଖେଳାଯାଉଛି। ଗୁରୁବାର ଭୁବନେଶ୍ୱରର ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଜିପି କ୍ଲବ ବିଜୟୀ ହୋଇଛି। ସ୍ପୋର୍ଟସ ଓଡ଼ିଶା ବିପକ୍ଷରେ ଏହି ମ୍ୟାଚ୍ ଖେଳାଯାଉଥିଲା। ୪୩ତମ ମିନିଟରେ ସୁନୀତା ସୋରେନ ଗୋଲ ଦେଇ ଓଜିପି କ୍ଲବକୁ ପ୍ରଥମାର୍ଦ୍ଧରେ ଅଗ୍ରଣୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧର ୫୮ତମ ମିନିଟରେ ଶ୍ରୀଜନ ତମାଙ୍ଗ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଓଜିପି ୨-୦ ଗୋଲରେ ଏହି ମ୍ୟାଚ୍‌କୁ ଜିତିଥିଲା।

# ଆଜିଠାରୁ ନାଲକୋ କପ୍ ଟେନିସ

**ଭୁବନେଶ୍ୱର, ୭।୧୨ (ସମିସ)**

ଦୀର୍ଘ ୩ ବର୍ଷର ବ୍ୟବଧାନ ପରେ ନିଖିଳ ଓଡ଼ିଶା ନାଲକୋ କପ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୨ତମ ସଂସ୍କରଣ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଟେନିସ କମ୍ପ୍ଲେକ୍ସରେ ଶୁକ୍ରବାରଠାରୁ ଆରମ୍ଭ ହେବ। ଡିସେମ୍ବର ୧୦ ତାରିଖ ଯାଏ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭେଟେରାନଙ୍କ ସହ ମୋଟ ୯ଟି କାଟେଗୋରୀରେ ପ୍ରତିଯୋଗିତା ଆୟୋଜିତ ହେବ। ସମଗ୍ର ଓଡ଼ିଶାରୁ ପ୍ରାୟ ୩୦୦ ଖେଳାଳି ଏଥିରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଚଳିତବର୍ଷ ପୁରସ୍କାର ରାଶି ୨୫ ଶତକଡ଼ା ବୃଦ୍ଧି କରାଯାଇଛି। ଏହା ସହ ସମସ୍ତ କାଟାଗୋରୀର ଖେଳାଳି ସମାନ ପୁରସ୍କାର ଦିଆଯିବାର ବ୍ୟବସ୍ଥା ହୋଇଛି। ୯ଟି ବର୍ଗରେ ପ୍ରତିଯୋଗିତା ଆୟୋଜିତ ହେଉଥିଲାବେଳେ ସମସ୍ତ ବର୍ଗର ଚାମ୍ପିଅନ ଖେଳାଳିଙ୍କୁ ୧୮, ୦୦୦, ରନର୍ସ ଅପ୍‌କୁ ୧୨, ୦୦୦, ଦୁଇ ସେମିଫାଇନାଲିଷ୍ଟଙ୍କୁ ୧୦, ୦୦୦ ଓ ୪ କ୍ୱାର୍ଟରଫାଇନାଲିଷ୍ଟଙ୍କୁ ୮, ୦୦୦ ଟଙ୍କା ଲେଖାଏଁ ପୁରସ୍କାର ଦିଆଯିବ। ଏହି ପ୍ରତିଯୋଗିତାର ବାଳକ ବର୍ଗରେ ୧୪ ଓ ୧୮ ବର୍ଷରୁ କମ୍ ଏକକ, ବାଳିକା ବିଭାଗରେ ୧୪ ବର୍ଷରୁ କମ୍ ଓ ମହିଳା ଏକକ, ପୁରୁଷ ଓପନ, ପୁରୁଷ ଡବଲ୍ସରେ ମୁଖ୍ୟ ପ୍ରତିଯୋଗିତା ଆୟୋଜିତ ହେବ। ଏହା ବ୍ୟତୀତ ୪୦, ୫୦ ଓ ୬୦ ବର୍ଷରେ ୩ଟି ବିଭାଗରେ ଭେଟେରାନ ପ୍ରତିଯୋଗିତା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି।

# ରେକର୍ଡ ଲକ୍ଷ୍ୟ ନେଇ ଖେଳିବେ ନାଦାଲ

**ମେଲବୋର୍ଣ୍ଣ, ୭।୧୨(ଏଜେନ୍ସି)**

ସ୍ପେନ୍ ଟେନିସ ସୁପରଷ୍ଟାର ରାଫେଲ ନାଦାଲ ଦୀର୍ଘ ଏକ ବର୍ଷ ପରେ ଆଘାତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିବେ। ସେ ୨୦୨୪ରେ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ୍ ଖେଳିବେ। ନିଜର ୱେବସାଇଟ୍‌ରେ ଅଷ୍ଟ୍ରେଲିଆନ ଓପନ୍ ଆୟୋଜକମାନେ ଗୁରୁବାର ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ଓ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳିଙ୍କ ତାଲିକା ମଧ୍ୟ ଜାରି କରାଯାଇଛି।



## ଅଷ୍ଟ୍ରେଲିଆନ ଓପନ୍

### ଗତ ସଂସ୍କରଣରେ ଆହତ ହୋଇଥିଲେ ନାଦାଲ

୨୦୨୩ରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନ୍‌ର ଗତ ସଂସ୍କରଣରେ ନାଦାଲ ଆହତ ହୋଇଥିଲେ ଓ ପୁରୁଷ ଏକକ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ସେ ଆମେରିକାର ମ୍ୟାକେଞ୍ଜି ମ୍ୟାକଡୋନାଲ୍ଡଙ୍କଠାରୁ ୬-୪, ୬-୪, ୭-୫ ସେଟ୍‌ରେ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଥିଲେ। ସେବେଠାରୁ ସେ ଟେନିସରୁ ଦୂରେଇ ରହିଛନ୍ତି। ଅଷ୍ଟ୍ରେଲିଆନ ଓପନ୍ ପୂର୍ବରୁ ସେ ବ୍ରିସବେନ୍ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ଏହି ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୩୧ରୁ ଆରମ୍ଭ ହୋଇ ୭ରେ ଶେଷ ହେବ।

### ମା ହେବା ପରେ ପ୍ରଥମ ଗ୍ରାଣ୍ଡସ୍ଲାମ ଖେଳିବେ ଓସାକା

୪ଥର ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିବା ଜାପାନ ମହିଳା ତାରକା ନାଓମି ଓସାକା ୨୦୨୨ ସେପ୍ଟେମ୍ବର ପରେ କୌଣସି ମ୍ୟାଚ୍ ଖେଳିନାହାନ୍ତି। ସେ ୨୦୨୨ରେ ଟୋକିଓରେ ଅନୁଷ୍ଠିତ ପ୍ୟାନ ପାସିଫିକ୍ ଓପନ୍ ଖେଳିଥିଲେ। ଅସୁସ୍ଥ ହେବା କାରଣରୁ ସେ ଏହି ଟୁର୍ଣ୍ଣାମେଣ୍ଟର ମଝିରୁ ଓହରିଯାଇଥିଲେ। ୨୬ ବର୍ଷୀୟା ଓସାକା ଗତ ଜାନୁଆରୀରେ ମା ହେବେ ବୋଲି ଘୋଷଣା କରିଥିଲେ ଓ ଜୁଲାଇରେ ଝିଅ ସାଇଙ୍କୁ ଜନ୍ମ ଦେଇଥିଲେ। ସେ ୨୦୧୯ ଓ ୨୦୨୧ରେ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ ହାସଲ କରିଥିଲେ।

ଏହି ତାଲିକାରେ ନାଦାଲଙ୍କୁ ବାଦ ଦେଲେ ଜାପାନ ମହିଳା ଟେନିସ ତାରକା ନାଓମି ଓସାକା ମଧ୍ୟ ସାମିଲ ହୋଇଛନ୍ତି। ଓସାକା ଦୀର୍ଘଦିନ ହେବ ଟେନିସ କୋର୍ଟରୁ ଦୂରେଇ ରହିଛନ୍ତି। ଜାନୁଆରୀ ୧୪ରେ ଅଷ୍ଟ୍ରେଲିଆନ୍ ଓପନ୍ ଆରମ୍ଭ ହେବ ଓ ଫାଇନାଲ ମୁକାବିଲା ୨୮ ତାରିଖରେ ଖେଳାଯିବ।

### ଜୋକୋଭିଚ୍, ଆଲକାରାଜ, ସ୍ୱିଆଟେକ୍, ସାବାଲେଙ୍କା ସାମିଲ

ଅଷ୍ଟ୍ରେଲିଆନ୍ ଓପନ୍ ପାଇଁ ଘୋଷିତ ତାଲିକାର ପ୍ରାୟ ସବୁ ଶ୍ରେଷ୍ଠ ର୍‍ୟାଙ୍କର ଖେଳାଳି ସାମିଲ ହୋଇଛନ୍ତି। ପୁରୁଷ ଏକକରେ ସର୍ବିଆର ନୋଭାକ ଜୋକୋଭିଚ୍, ସ୍ପେନର କାର୍ଲୋସ ଆଲକାରାଜ, ରୁଷିଆର ଡାନିଲ ମେଦଭେଦେଭ, ଇଟାଲୀର ଜାନିକ ସିନ୍ନର, ରୁଷିଆର ଆନ୍ଦ୍ରେ ରୁବଲେଭ ଓ ଅନ୍ୟମାନେ ସାମିଲ ହୋଇଛନ୍ତି। ସେହିପରି ମହିଳା ତାଲିକାରେ ପୋଲାଣ୍ଡର ଇଗା ସ୍ୱିଆଟେକ୍, ବେଲାରୁଷର ଅରିନା ସାବାଲେଙ୍କା, ଆମେରିକାର କୋକୋ ଗଫ୍, କାଜାଖସ୍ତାନର ଏଲିନା ରିବାକିନା, ଆମେରିକାର ଜେସିକା ପେଗୁଲାଙ୍କ ଭଳି ଖେଳାଳି ସାମିଲ ହୋଇଛନ୍ତି।

# ପେନାଙ୍ଗ ଅନ୍ତର୍ଜାତୀୟ ଚେସ୍‌ରେ ଭାଗନେବେ ସୌମ୍ୟରଞ୍ଜନ

**ଭୁବନେଶ୍ୱର, ୭।୧୨ (ସମିସ):** ଓଡ଼ିଶାର ଫିଡ଼େ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର ମାଲେସିଆରେ ଖେଳାଯିବାକୁ ଥିବା ପେନାଙ୍ଗ ଅନ୍ତର୍ଜାତୀୟ ଚେସ୍ ଟୁର୍ଣ୍ଣାମେଣ୍ଟରେ ଭାଗନେବେ। ବିଶ୍ୱର ଏହି ସମ୍ମାନଜନକ ଚେସ୍ ଟୁର୍ଣ୍ଣାମେଣ୍ଟ ଡିସେମ୍ବର ୧୭ରୁ ଆରମ୍ଭ ହୋଇ ୨୩ରେ ଶେଷ ହେବ। ବିଶ୍ୱର ପ୍ରତିଷ୍ଠିତ ଦେଶ ରୁଷିଆ, ଚୀନ, ଆମେରିକା, ଫିଲିପାଇନ୍ସ, ଆମେରିକା, କାଜାଖସ୍ତାନ, ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ବ୍ରାଜିଲରୁ ଏକାଧିକ ଅନ୍ତର୍ଜାତୀୟ ମାଷ୍ଟର ଓ ଗ୍ରାଣ୍ଡମାଷ୍ଟର ଅଂଶଗ୍ରହଣ କରିବେ। ସୌମ୍ୟରଞ୍ଜନ ଓପନ କାଟାଗୋରୀରେ ଭାଗ ନେଉଥିଲାବେଳେ ଭଲ ପ୍ରଦର୍ଶନ କରିବାକୁ ଆଶା ରଖିଛନ୍ତି। ଏଥିରେ ଅଂଶଗ୍ରହଣ କରିବାକୁ ସୁଯୋଗ ଦେଇଥିବାରୁ ସୌମ୍ୟ ତାଙ୍କ ନିଯୁକ୍ତିଦାତା ଓଡ଼ିଶା ଡାକ ବିଭାଗ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗକୁ ଧନ୍ୟବାଦ ଦେଇଛନ୍ତି।



■ ରାଜ୍ୟ ଭଲିବଲ ଚାମ୍ପିଅନସିପ୍ ଆରମ୍ଭ

# ଭାଗନେଇଛନ୍ତି ୬୮ ଦଳର ୧୦୦୦ ଖେଳାଳି

**ଭୁବନେଶ୍ୱର, ୭।୧୨ (ସମିସ)**

ରାଜ୍ୟ ବରିଷ୍ଠ ଭଲିବଲ ଚାମ୍ପିଅନସିପର ୭୦ତମ ସଂସ୍କରଣ ଓଡ଼ିଶା ଭଲିବଲ ସଂଘ ଆନୁକୂଲ୍ୟରେ କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ୫ଟି ସ୍ଥାନରେ ଗୁରୁବାର ଆରମ୍ଭ ହୋଇଛି। ଏହା ସହ ପାରମ୍ପରିକ ସୁଟିଂ ଭଲିବଲ ମଧ୍ୟ ଖେଳାଯିବ। ପୁରୁଷ ବିଭାଗ ଖେଳ ଫୁଲବାଣୀ, ବାଲିଗୁଡ଼ା, ରାଇକିଆରେ, ବୌଦ୍ଧରେ ମହିଳା ଓ ଦାରିଙ୍ଗିବାଡ଼ିରେ ପାରମ୍ପରିକ ଭଲିବଲ ଏକସଙ୍ଗେ ଖେଳାଯାଉଛି। ଡିସେମ୍ବର ୧୦ ତାରିଖ ଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ମୋଟ ୬୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ବରିଷ୍ଠ ବିଭାଗରେ ୩୨ଟି ପୁରୁଷ ଓ ୨୦ଟି ମହିଳା ଦଳ ଭାଗ ନେଉଛନ୍ତି। ମୋଟ ଉପରେ ୧, ୦୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏହି ପ୍ରତିଯୋଗିତାରେ ନିଜର ଦକ୍ଷତା ପ୍ରଦର୍ଶନ ଲାଗି ସୁଯୋଗ ପାଇଛନ୍ତି। ୩୦ଟି ଜିଲ୍ଲା ଓ ୬ଟି ୟୁନିଟ୍‌ରୁ ମୋଟ ୧୦୦ ଜଣ କର୍ମକର୍ତ୍ତା ମଧ୍ୟ ଭାଗ ନେଇଛନ୍ତି।

ଏହି ପ୍ରତିଯୋଗିତାକୁ ଭାରତ ଓ ଓଡ଼ିଶା ଭଲିବଲ ମହାସଂଘ ସଭାପତି ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଓଡ଼ିଶା ଭଲିବଲ ସଂଘ କାର୍ଯ୍ୟକାରୀ ସଭାପତି କମଳାକାନ୍ତ ପାଣ୍ଡେ, ସମ୍ପାଦକ ଗଗନେନ୍ଦୁ ଦାଶ, ଜିଲ୍ଲା ଦୌଡ଼କୁଦ ସଂଘ ସମ୍ପାଦକ ଶିବପ୍ରସାଦ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର କେବଳ ପୁରୁଷ ବିଭାଗରେ ଖେଳ ହୋଇଛି। ଏହା ମଧ୍ୟରୁ ଫୁଲବାଣୀ ଭେନ୍ୟୁରେ ଖେଳାଯାଇଥିବା ମ୍ୟାଚ୍‌ରେ କିଟ୍ ୨-୦ରେ ଓଡ଼ିଶା ପୁଲିସ୍‌କୁ, କେନ୍ଦୁଝର ୨-୦ରେ ଭଦ୍ରକକୁ, ଦେବଗଡ଼ ୨-୦ରେ କନ୍ଧମାଳକୁ, ସମ୍ବଲପୁର ୨-୦ରେ ବରଗଡ଼କୁ, ସୁନ୍ଦରଗଡ଼ ୨-୦ରେ ବୌଦ୍ଧକୁ ଓ ଜଗତସିଂପୁର ୨-୦ରେ କଟକ ଜିଲ୍ଲାକୁ ପରାସ୍ତ କରିଛନ୍ତି। ରାଇକିଆରେ କୋରାପୁଟ ୨-୧ରେ କେନ୍ଦ୍ରାପଡ଼ା ଜିଲ୍ଲାକୁ, ଢେଙ୍କାନାଳ ୨-୦ରେ କେନ୍ଦ୍ରାପଡ଼ାକୁ, ନୟାଗଡ଼ ୨-୦ରେ ବଲାଙ୍ଗୀରକୁ ହରାଇଦେଇଛି। ବାଲିଗୁଡ଼ା ଭେନ୍ୟୁରେ ଖୋର୍ଦ୍ଧା ଜିଲ୍ଲା ୨-୦ରେ ସୁବର୍ଣ୍ଣପୁରକୁ ଓ ପୁରୀ ଜିଲ୍ଲା କଳାହାଣ୍ଡିକୁ ପରାସ୍ତ କରି ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି।



ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ

# ସେମିଫାଇନାଲ୍‌ରେ କୋଲକାତା




**ଭାପୁର, ୭।୧୨(ସମିସ)**

କୋଲକାତାର ଏ ଆଣ୍ଡ ଏସ୍ କ୍ରିକେଟ ଏକାଡେମୀ ୮୨ ରନରେ ଉତ୍ତରପ୍ରଦେଶର ଷ୍ଟାର ଇଲେଭେନ କ୍ରିକେଟ କ୍ଲବକୁ ପରାସ୍ତ କରି ଚତୁର୍ଦ୍ଦଶ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଛି। ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ମ୍ୟାଚରେ ଟସ ଜିତି ବ୍ୟାଟିଂ କରିଥିବା କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୧୭ ରନ କରିଥିଲା। ଜବାବରେ ଉତ୍ତରପ୍ରଦେଶର ଷ୍ଟାର ଇଲେଭେନ କ୍ଲବ ୧୭.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୫ ରନ କରିଥିଲା। ବିଜୟୀ ଦଳର ତ୍ରିପୁରେଶ ସିଂହ ୫ ଚୌକା ଓ ୪ ଛକା ମାରିବା ସହ ୨୧ ବଲରେ ୫୪ ରନ ଓ ଗୋଟିଏ ଉଇକେଟ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଜମ୍ମୁକାଶ୍ମୀର ଏକ୍ସପ୍ରେସ ସକ୍ଷମ ଶର୍ମା ୧୧ ରନରେ ୫ ଉଇକେଟ ନେଇ ଶ୍ରେଷ୍ଠ ବୋଲିଂ ପୁରସ୍କାର ପାଇଥିଲେ।

ଶୁକ୍ରବାର ଚତୁର୍ଥ କ୍ୱାର୍ଟର କଟକର ରାଇଜିଂ ଷ୍ଟୁଡେଣ୍ଟ ଓ କରିମ ସ୍ପୋର୍ଟସ ଏକାଡେମୀ ନାଗପୁର ମଧ୍ୟରେ ଖେଳାଯିବ। ଆଜିର ମ୍ୟାଚରେ ଅତିଥିଭାବେ ସମାଜସେବୀ ମନୋଜ କୁମାର ପ୍ରଧାନ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଖେଳ ପରିଚାଳନା କରିଥିଲେ ଓସିଏ ପ୍ୟାନେଲ ଅମ୍ପାୟାର ଆଶୁତୋଷ ପାଣି ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ।

ଭୁବନେଶ୍ୱର 'ଏ' ଡିଭିଜନ ଫୁଟବଲ ଲିଗ୍

# ଫାଇନାଲରେ କ୍ଲବ୍-୭୩

**ଭୁବନେଶ୍ୱର, ୭।୧୨(ସମିସ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏସନକୁ ୧-୦ ଗୋଲରେ ପରାସ୍ତ କରି ଭୁବନେଶ୍ୱରର ଅନ୍ୟତମ ପ୍ରତିଷ୍ଠିତ ଦଳ କ୍ଲବ୍-୭୩ ଭୁବନେଶ୍ୱର 'ଏ' ଡିଭିଜନ ଗତିକୃଷ୍ଣ ମେମୋରିଆଲ ଫୁଟବଲ ଫାଇନାଲରେ ପ୍ରବେଶ କରିଛି। ୟୁନିଟ୍-୧ରେ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଶୁକ୍ରବାର କିଶୋର କ୍ଲବ୍ ବନାମ ଏଜି ରିକ୍ରିଏସନ କ୍ଲବ୍ ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ସହ କ୍ଲବ୍-୭୩ ରବିବାର ଫାଇନାଲ ଖେଳିବ।

ଭୁବନେଶ୍ୱର ଆଥଲେଟିକ ଆସୋସିଏସନର ଫୁଟବଲ ଓ ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନର ସମ୍ପାଦକ ଦିଲୀପ ଦାସଙ୍କ ତତ୍ତ୍ୱାବଧାନରେ ଗଠିତ ୟୁନିଟ-୬ ଦଳ ଓ ବିଶିଷ୍ଟ କ୍ରୀଡ଼ାବିତ ଲଳିତେନ୍ଦୁ ମହାପାତ୍ର (ସଭାପତି)ଙ୍କ ପ୍ରୋତ୍ସାହନରେ କ୍ଲବ୍-୭୩ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଉଭୟ ଦର୍ଶକ ଓ ଭୁବନେଶ୍ୱର କ୍ରୀଡ଼ା ମହଲରେ ଏହି ମ୍ୟାଚ୍‌କୁ ନେଇ ବେଶ ଉତ୍କଣ୍ଠା ପ୍ରକାଶ ପାଇଥିଲା।



ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳରେ ମଧ୍ୟ କେହି କାହାରିକୁ ଗୋଲ ଦେଇ ନପାରି ଦମ୍ ଦେଖାଇଥିଲେ। କିନ୍ତୁ ଦ୍ୱିତୀୟାର୍ଦ୍ଧରେ କ୍ଲବ୍-୭୩ ବାଜି ମାରିନେଇଥିଲା। ଦଳର ଯୁବଖେଳାଳି ଚିଣ୍ଟୁ ସାମଲଙ୍କ ଏକ ଚମତ୍କାର ଗୋଲ କ୍ଲବ୍-୭୩କୁ ମ୍ୟାଚ୍ ଜିତିବା ଲାଗି ପର୍ଯ୍ୟାପ୍ତ ହୋଇଥିଲା। ଖେଳର ୬୮ତମ ମିନିଟ୍‌ରେ ଏହି ଗୋଲଟି ସ୍କୋର ହୋଇଥିଲା। ୟୁନିଟ-୬ ଗୋଲ ଶୁଝାଇବାକୁ ଯେତେ ଉଦ୍ୟମ କରିଥିଲେ ମଧ୍ୟ ସେଥିରେ ସଫଳ ହୋଇପାରି ନଥିଲା। ଶେଷରେ ଦଳ ହାର ମାନିଥିଲା। ଚିଣ୍ଟୁ ସାମଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଆୟୋଜକ ଭୁବନେଶ୍ୱର ଆଥଲେଟିକ ଆସୋସିଏସନର କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରିୟନାଥ ମିଶ୍ର ଅତିଥିଭାବେ ଯୋଗ ଦେଇ ଚିଣ୍ଟୁଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ। ରେଫରୀ ଚନ୍ଦ୍ରକାନ୍ତ ବାରିକ ଖେଳ ପରିଚାଳନା କରିଥିଲେ। ବିଜୟ ମଙ୍ଗରାଜ ଓ ଶିବ ସାମନ୍ତରାୟ ତାଙ୍କୁ ଲାଇନ୍‌ରେ ସହାୟତା ଦେଇଥିଲେ। ମ୍ୟାଚ୍ କମିଶନର ସୁଜିତ ପାତ୍ରଙ୍କୁ ଏହି ମ୍ୟାଚ୍‌ରେ ଚତୁର୍ଥ ରେଫରୀ ହେବାକୁ ପଡ଼ିଥିଲା।

ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍

# ଜଗା ୟୁନାଇଟେଡ୍ ଫାଇନାଲରେ

**ବାରଙ୍ଗ, ୭।୧୨(ସମିସ)**

ବାରଙ୍ଗ ନିକଟ କଲ୍ୟାଣପୁର ଗ୍ରାମପଞ୍ଚାୟତର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟର ୫ମ ଦିବସ ଖେଳ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ଗ୍ରାମାଞ୍ଚଳ ଓ ଦୁଇଟି ସହରାଞ୍ଚଳ ମ୍ୟାଚ୍ ଖେଳାଯାଇଥିଲା। ସହରାଞ୍ଚଳ ବିଭାଗର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଜଗା ୟୁନାଇଟେଡ୍ (ଭୁବନେଶ୍ୱର) ଓ ସଂଘର୍ଷ ସ୍ପୋର୍ଟିଂ କ୍ଲବ୍ (ଭୁବନେଶ୍ୱର) ମଧ୍ୟରେ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟରେ ଖେଳ ୧-୧ ଗୋଲରେ ବରାବର୍ ରହିଥିଲା। ଏହାପରେ ଟାଏବ୍ରେକର ଜରିଆରେ ଜଗା ୟୁନାଇଟେଡ୍ ୫-୦ ଗୋଲ୍‌ରେ ବିଜୟୀ ହୋଇ ଫାଇନାଲରେ ପହଞ୍ଚିଥିଲା। ସେହିଭଳି ସହରାଞ୍ଚଳ ଦ୍ୱିତୀୟ ମ୍ୟାଚ୍ ନାଇଜେରିଆ ଏକାଦଶ(କୋଲକାତା) ଓ ବକ୍ସର ବିହାର ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚରେ ନାଇଜେରିଆ ଏକାଦଶ ୨-୦ ଗୋଲ୍‌ରେ ବିଜୟୀ ହୋଇ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ଏହି ଦୁଇ ମ୍ୟାଚରେ ନାଇଜେରୀୟ ଖେଳାଳି ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲେ।





ପୂର୍ବରୁ ଗ୍ରାମାଞ୍ଚଳ ବିଭାଗର ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ବନମହାବୀର କ୍ଲବ୍ (ଜୟପୁର) ଟାଏବ୍ରେକର ଜରିଆରେ ୪-୩ ଗୋଲ୍‌ରେ ଉଷୁମା କ୍ଲବ୍‌କୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ନରଣପୁର କ୍ଲବ୍ (ବାରଙ୍ଗ) ସହିତ ପଦ୍ମକେଶରପୁର(ପଟିଆ) ମଧ୍ୟରେ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଟାଏବ୍ରେକର ଜରିଆରେ ନରଣପୁର ୫-୪ ଗୋଲ୍‌ରେ ଜିତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସେହିପରି ସ୍ୱର୍ଣ୍ଣଦେବୀ କ୍ଲବ୍ ବଉଲକୁଦ(କଟକ) ୩-୦ ଗୋଲ୍‌ରେ ସାଇଁଶକୁ ହରାଇ ସେମିଫାଇନାଲରେ ପହଞ୍ଚିଛି। ଅନ୍ୟ ଏକ ମ୍ୟାଚରେ ଘାଟିକିଆ କ୍ଲବ୍ ଟାଏବ୍ରେକରରେ ୫-୪ ଗୋଲ୍‌ରେ ମଇନ୍ଦପୁର କ୍ଲବ୍(ଜଗତସିଂହପୁର)କୁ ହରାଇ ଅନ୍ତିମ ୪ ପର୍ଯ୍ୟାୟକୁ ପ୍ରବେଶ କରିଛି।

ସହରାଞ୍ଚଳ ମ୍ୟାଚରେ ମୁଖ୍ୟ ଅତିଥି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ସମ୍ମାନିତ ଅତିଥି ଭାବରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମତ୍ସ୍ୟ ଉନ୍ନୟନ ନିଗମର ଅଧ୍ୟକ୍ଷ ସୁବାସ ପାତ୍ର, ସନ୍ତୋଷ କୁମାର ନାଥ, ଗ୍ରାମ୍ୟ କମିଟିର ସଭାପତି ଭାସ୍କର ଚନ୍ଦ୍ର ପଡ଼ିହାରୀ ଯୋଗଦେଇଥିଲେ। ଶୁକ୍ରବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ନରଣପୁର ସହିତ ତିନିଘରିଆ ଓ ଦ୍ୱିତୀୟ ମ୍ୟାଚ୍ ଜୟପୁର ସହିତ ଗୋଠପୁର ମଧ୍ୟରେ ମୁକାବିଲା ହେବ। ସେହିପରି ସହରାଞ୍ଚଳ ମ୍ୟାଚ୍ ବରଗଡ଼ ୟୁନାଇଟେଡ୍ ସହିତ ତାମିଲନାଡୁ ପୁଲିସ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ୍‌ର କ୍ରୀଡ଼ା ସମ୍ପାଦକ ପ୍ରଶାନ୍ତ ପଡ଼ିହାରୀ ଜଣାଇଛନ୍ତି।

■ ହାଡ଼ିବନ୍ଧୁ- ସତ୍ୟବାଦୀ ସ୍ମାରକୀ କ୍ରିକେଟ

# ଜେଏମ୍‌ଡି ଲିଜେଣ୍ଡସ, ବ୍ଲେଜିଂ ବ୍ଲାଷ୍ଟର୍ସ ବିଜୟୀ

**ଭୁବନେଶ୍ୱର, ୭।୧୨(ସମିସ):** ସ୍ଥାନୀୟ କପିଳପ୍ରସାଦ ସୁନ୍ଦରପଦା ପଡ଼ିଆଠାରେ ଚାଲିଥିବା ପଞ୍ଚଦଶ ହାଡିବନ୍ଧୁ- ସତ୍ୟବାଦୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଦୁଇଟି ଅନ୍ତିମ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଜେଏମ୍‌ଡି ଲିଜେଣ୍ଡସ ଓ ବ୍ଲେଜିଂ ବ୍ଲାଷ୍ଟର୍ସ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ କ୍ୟାପିଟାଲ ଏକାଦଶ ଓ ଜେଏମ୍‌ଡି ଲିଜେଣ୍ଡସ ପରସ୍ପରକୁ ଭେଟିଥିଲେ। ଲିଜେଣ୍ଡସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୬ ୱିକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା। ଜବାବରେ କ୍ୟାପିଟାଲ୍ ୧୦୦ ରନକରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଲିଜେଣ୍ଡସର ୬୧ ରନ କରିଥିବା ତାପସ ସ୍ୱାଇଁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ବ୍ଲେଜିଂ ବ୍ଲାଷ୍ଟର ଓ ବଜରଙ୍ଗ ଏକାଦଶ ପରସ୍ପରକୁ ଭେଟିଥିଲେ। ଉଭୟ ଦଳ ସମାନ ୧୨୫ ରନକରିବା ଫଳରେ ସୁପର ଓଭର ଖେଳାଯାଇଥିଲଶ। ଏଥିରେ ବ୍ଲେଜିଂ ବ୍ଲାଷ୍ଟର୍ସ ବିଜୟୀ ଘୋଷିତ ହୋଇଥିଲା। ବ୍ଲାଷ୍ଟର୍ସର ଗୌତମ ପ୍ରଧାନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।





ଦକ୍ଷିଣ ଆଫ୍ରିକାରେ ଭାରତୀୟ କ୍ରିକେଟ ଦଳ

# ଭାରତର ଟି-୨୦ ପ୍ରଦର୍ଶନ ଉଚ୍ଚକୋଟିର

ନୂଆଦିଲ୍ଲୀ, ୭ ।୧୨(ଏଜେନ୍ସି)

ଭାରତୀୟ କ୍ରିକେଟ ଦଳ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇଛି। ଡିସେମ୍ବର ୧୦ରେ ଭାରତ ଓ ଦକ୍ଷିଣ ଆଫ୍ରିକା ପ୍ରଥମ ଟି-୨୦ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ। ଏହି ଗସ୍ତରେ ଭାରତ ପ୍ରଥମ ୩ଟି ଟି-୨୦, ୩ଟି ଦିନିକିଆ ଓ ପରେ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଦକ୍ଷିଣ ଆଫ୍ରିକାରେ ଭାରତର ଟି-୨୦ ରେକର୍ଡ ଅତି ସୁନ୍ଦର ରହିଛି। ଭାରତ ୧୩ରୁ ୮ଟି ଟି-୨୦ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏଠାରେ ଭାରତ ତା'ର ୬୨ ପ୍ରତିଶତ ଟି-୨୦ ମ୍ୟାଚ୍ ଜିତିଛି। ଅର୍ଥାତ ଭାରତ ଦକ୍ଷିଣ ଆଫ୍ରିକାରେ ପ୍ରତି ଦୁଇଟି ମ୍ୟାଚ୍‌ରେ ଥରେ ବିଜୟୀ ହୋଇଛି। ଏଥିସହ ଭାରତ ତା'ର ଏକମାତ୍ର ଟି-୨୦ ବିଶ୍ୱକପ୍ ଏହି ଦେଶରେ ହିଁ ଜିତିଥିଲା। ୨୦୦୭ରେ ଅନୁଷ୍ଠିତ ପ୍ରଥମ ଟି-୨୦ ବିଶ୍ୱକପ୍‌ରେ ଭାରତ ରୋମାଞ୍ଚକ ମ୍ୟାଚ୍‌ରେ ପାକିସ୍ତାନକୁ ୫ ରନରେ ପରାସ୍ତ କରି ପ୍ରଥମଥର ପାଇଁ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଥିଲା। ମୋଟ୍ ଉପରେ ଟି-୨୦ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨୪ଟି ମ୍ୟାଚ୍ ଖେଳାଯାଇଥିବାବେଳେ ଭାରତ ୧୩ଟିରେ ଓ ଦକ୍ଷିଣ ଆଫ୍ରିକା ୧୦ଟିରେ ବିଜୟୀ ହୋଇଛି। ଟେଷ୍ଟ ଫର୍ମାଟକୁ ବିଚାର କଲେ ଭାରତର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଭାରତ ଏଠାରେ ମାତ୍ର ୧୭ ପ୍ରତିଶତ ଟେଷ୍ଟ ମ୍ୟାଚ୍ ଜିତିଛି।



### ପ୍ରତି ୩ ମ୍ୟାଚ୍‌ରୁ ଗୋଟିଏ ଜିତିଛି ଭାରତ

ଭାରତ ଦକ୍ଷିଣ ଆଫ୍ରିକାରେ ପ୍ରତି ୩ଟି ମ୍ୟାଚ୍‌ରୁ ଗୋଟିଏରେ ବିଜୟୀ ହୋଇଛି। ଦକ୍ଷିଣ ଆଫ୍ରିକାରେ ଭାରତ ଏପର୍ଯ୍ୟନ୍ତ ୯୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛି। ଏଥିରୁ ଭାରତ ୩୪ଟିରେ ହିଁ ବିଜୟୀ ହୋଇଛି ଓ ୪୫ଟି ମ୍ୟାଚ୍‌ରେ ପରାସ୍ତ ହୋଇଛି। ଦୁଇଟି ମ୍ୟାଚ୍ ଟାଇ ରହିଥିବା ବେଳେ ୭ଟି ଅମୀମାଂସିତ ଓ ୪ଟିରେ ଫଳାଫଳ ମିଳିପାରି ନାହିଁ। ଭାରତୀୟ ଦଳର ବିଜୟ ଓ ପରାଜୟର ଅନୁପାତ ୦.୭୫୫ ରହିଛି, ଅର୍ଥାତ ଏହା ୧ରୁ କମ୍ ରହିଛି।

**ଦକ୍ଷିଣ ଆଫ୍ରିକାରେ ଭାରତ**

| ଫର୍ମାଟ | ମ୍ୟାଚ୍ | ବିଜୟ | ପରାଜୟ |
|---|---|---|---|
| ଟି-୨୦ | ୧୩ | ୮ | ୩ |
| ଦିନିକିଆ | ୫୬ | ୨୨ | ୩୦ |
| ଟେଷ୍ଟ | ୨୩ | ୪ | ୧୨ |

### ଦିନିକିଆରେ ମଧ୍ୟ ଖରାପ ପ୍ରଦର୍ଶନ କରିଛି ଭାରତ

ଦକ୍ଷିଣ ଆଫ୍ରିକାରେ ଟେଷ୍ଟ ସମତେ ଭାରତ ଦିନିକିଆ ଫର୍ମାଟ୍‌ରେ ମଧ୍ୟ ଭଲ ପ୍ରଦର୍ଶନ କରିନାହିଁ। ଭାରତ ଏପର୍ଯ୍ୟନ୍ତ ସେଠାରେ କୌଣସି ଟେଷ୍ଟ ସିରିଜ ଜିତିବାରେ ସକ୍ଷମ ହୋଇନାହିଁ। ସେହିପରି ସେଠାରେ ଭାରତ ୮ଟି ଦିନିକିଆ ସିରିଜ ଖେଳି ମାତ୍ର ଗୋଟିଏରେ ବିଜୟୀ ହୋଇଛି। କିନ୍ତୁ ଭାରତ ଏଠାରେ ୪ଟି ଟି-୨୦ ସିରିଜ ଖେଳି ୩ଟିରେ ବିଜୟୀ ହୋଇ ଦମ୍‌ଦାର ପ୍ରଦର୍ଶନ କରିଛି। ଟି-୨୦ରେ ଦକ୍ଷିଣ ଆଫ୍ରିକା ତା'ର ଶ୍ରେଷ୍ଠ ଦଳ ଖେଳାଇ ନଥାଏ। ଯୁବ ଖେଳାଳିଙ୍କୁ ନେଇ ସାଧାରଣ ଦଳ ଭାରତ ବିପକ୍ଷରେ ଖେଳିଥାନ୍ତି। ଫଳରେ ଭାରତ ବିଜୟୀ ହେବାର ସୁଯୋଗ ପାଇଥାଏ। କିନ୍ତୁ ଟେଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ତା'ର ଦକ୍ଷ ତଥା ଶକ୍ତିଶାଳୀ ଦଳକୁ ଖେଳାଇଥାଏ। ଫଳରେ ଭାରତ ଟେଷ୍ଟରେ ସଂଘର୍ଷ କରିଥାଏ।

### ୨୩ରୁ ଭାରତ ଜିତିଛି ୪ ଟେଷ୍ଟ

ଦକ୍ଷିଣ ଆଫ୍ରିକାରେ ଭାରତ ୨୩ଟି ଟେଷ୍ଟ ଖେଳି ମାତ୍ର ୪ଟିରେ ବିଜୟୀ ହୋଇଛି। ସେହିପରି ୫୬ରୁ ୨୨ ଦିନିକିଆ ଓ ୧୩ରୁ ୮ଟି ଟି-୨୦ ମ୍ୟାଚ୍‌ରେ ବିଜୟୀ ହୋଇଛି। ଟେଷ୍ଟରେ ଭାରତ ଟେଷ୍ଟରେ ୧୭.୩୯ ପ୍ରତିଶତ, ଦିନିକିଆରେ ୩୯.୨୮ ପ୍ରତିଶତ ଓ ଟି-୨୦ରେ ୬୧.୫୩ ପ୍ରତିଶତ ମ୍ୟାଚ ଜିତିଛି। ଅପରପକ୍ଷରେ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତର ଟି-୨୦ ପ୍ରଦର୍ଶନ ଭଲ ରହିଛି। ଏହି ଦେଶ ବିପକ୍ଷରେ ଭାରତ ନିଜ ମାଟିରେ ୨୩ରୁ ୪ଟି ଟେଷ୍ଟ, ୩୭ରୁ ୧୦ ଦିନିକିଆ ଓ ୭ରୁ ୫ଟି ଟି-୨୦ ମ୍ୟାଚ୍ ଜିତିଛି। ଅର୍ଥାତ ଟେଷ୍ଟରେ ଭାରତ ୧୭.୩୯, ଦିନିକିଆରେ ୨୭.୦୨ ଓ ଟି-୨୦ରେ ୭୧.୪୨ ପ୍ରତିଶତ ମ୍ୟାଚ୍ ଜିତିଛି।

## ଭାରତୀୟ ଦଳକୁ ବର୍ଷାର ସ୍ୱାଗତ

**ଡର୍ବାନ, ୭ ।୧୨(ଏଜେନ୍ସି):** ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଇଥିବା ଭାରତୀୟ କ୍ରିକେଟ ଦଳ ଗୁରୁବାର ଡର୍ବାନରେ ପହଞ୍ଚିଛି। ବିମାନ ବନ୍ଦରରେ କ୍ରିକେଟରମାନେ ପହଞ୍ଚିବା ପରେ ବର୍ଷା ସେମାନଙ୍କୁ ସ୍ୱାଗତ କରିଥିଲା। କ୍ରିକେଟମାନେ ବର୍ଷାରୁ ରକ୍ଷା ପାଇବା ପାଇଁ ସେମାନଙ୍କ ଟ୍ରଲି ବ୍ୟାଗ୍‌କୁ ମୁଣ୍ଡରେ ଦେଇ ବସ ଉପରକୁ ଚଢିଥିଲେ। ଏହାପରେ ସେମାନଙ୍କୁ ବିମାନ ବନ୍ଦର ବାହାରେ ଓ ଟିମ୍ ହୋଟେଲରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କ୍ରିକେଟରଙ୍କ ସହ ପ୍ରଶଂସକମାନେ ସେଲ୍‌ଫି ନେଇଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସାମାଜିକ ଗଣମାଧ୍ୟମ ଏକ୍ସ (ଟୁଇଟର)ରେ ଏହାର ଭିଡିଓ ପୋଷ୍ଟ କରିଛି। ଏଥିରେ ହୋଟେଲ କର୍ମଚାରୀମାନେ କ୍ରିକେଟରଙ୍କୁ ତାଳିମାରି ଜୋରଦାର ସ୍ୱାଗତ କରୁଥିବା ଦେଖାଯାଇଛି। କର୍ମଚାରୀମାନେ ଭାରତୀୟ ପାରମ୍ପରିକ ପୋଷାକ ପିନ୍ଧିଥିଲେ ଓ ଦେଶୀ ଢଙ୍ଗରେ ଖେଳାଳିଙ୍କୁ ସ୍ୱାଗତ କରିଥିଲେ।

■ ପୁରୁଷ କନିଷ୍ଠ ହକି ବିଶ୍ୱକପ୍

## ସ୍ପେନଠାରୁ ହାରିଲା ଭାରତ

**କ୍ୱାଲାଲାମ୍ପୁର, ୭ ।୧୨ (ଏଜେନ୍ସି):** ମାଲେସିଆରେ ଚାଲିଥିବା ପୁରୁଷ କନିଷ୍ଠ ହକି ବିଶ୍ୱକପ୍‌ରେ ଭାରତ ଏହାର ଦ୍ୱିତୀୟ ମ୍ୟାଚରେ ସ୍ପେନ ନିକଟରୁ ୪-୧ ଗୋଲରେ ପରାସ୍ତ ହୋଇଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚର ୪ଟି ଯାକ କ୍ୱାର୍ଟରରେ ସ୍ପେନ ଗୋଟିଏ ଲେଖାଏ ଗୋଲ୍ ଦେବାରେ ସଫଳ ହୋଇଥିଲା। ବିଶ୍ୱକପ୍‌ରେ ଭାରତର ଏହା ପ୍ରଥମ ପରାଜୟ। ଉତ୍ତମ ସିଂହଙ୍କ ନେତୃତ୍ୱାଧୀନ ଭାରତ ପୂର୍ବରୁ ପ୍ରଥମ ମ୍ୟାଚରେ ୪-୨ ଗୋଲରେ ଦକ୍ଷିଣ କୋରିଆକୁ ହରାଇ ଅଭିଯାନ ଆରମ୍ଭ କରିଥିଲା। ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ଭାରତ ୩ ପଏଣ୍ଟ ପାଇ ପୁଲ୍-ସି'ରେ ୩ୟ ସ୍ଥାନରେ ରହିଛି। ଭାରତ ପରବର୍ତ୍ତୀ ମ୍ୟାଚରେ ଶନିବାର କାନାଡାକୁ ଭେଟିବ।

■ ଲିଜେଣ୍ଡସ ଲିଗ୍ କ୍ରିକେଟ

## ଚର୍ଚ୍ଚାରେ ଗମ୍ଭୀର-ଶ୍ରୀସନ୍ତ୍ ଝଗଡ଼ା

**ସୁରଟ, ୭ ।୧୨(ଏଜେନ୍ସି):** ଭାରତରେ ଚାଲିଥିବା ଏଲ୍‌ଏଲ୍‌ସିରେ ପୂର୍ବତନ ଓପନର ଗୌତମ ଗମ୍ଭୀର ଓ ଦ୍ରୁତ ବୋଲର ଏସ୍ ଶ୍ରୀସନ୍ତ୍‌ଙ୍କ ମଧ୍ୟରେ କଥା କଟାକଟି ଓ ଝଗଡ଼ା ହୋଇଛି। ବୁଧବାର ଖେଳାଯାଇଥିବା ଏଲିମିନେଟର ମ୍ୟାଚ୍ ଅବସରରେ ଦୁଇଜଣ ପରସ୍ପରକୁ କଟୁ ଭାଷାରେ ଗାଳି କରିଥିଲେ। ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ଗମ୍ଭୀର ଶ୍ରୀସନ୍ତ୍‌ଙ୍କୁ 'ଫିକ୍ସର' ବୋଲି ସମ୍ବୋଧନ କରିଥିଲେ। ମ୍ୟାଚ୍‌ରେ ଶ୍ରୀସନ୍ତ୍ ଇନଷ୍ଟାଗ୍ରାମ୍‌ରେ ଭିଡିଓ ପୋଷ୍ଟ କରି ଗମ୍ଭୀରଙ୍କୁ ଫାଇଟର ବା କଳହପ୍ରିୟ ବ୍ୟକ୍ତି ବୋଲି କହିଛନ୍ତି। ସେ ମୋତେ ଫିକ୍ସର ବୋଲି ସମ୍ବୋଧନ କରିଥିଲେ। କ୍ରିକେଟରେ ଏଭଳି ଶବ୍ଦର ବ୍ୟବହାର ହୁଏନାହିଁ ବୋଲି ସେ କହିଛନ୍ତି।

## ଫାଓ ଯୁଥ୍ ଲିଗ: ରାଇଜିଂ ଷ୍ଟାର, ଆରଡୋର ଏକାଡେମୀ ବିଜୟୀ

କଟକ, ୭।୧୨(ସମିସ): ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଯୁଥ୍ ଲିଗ ଖେଳାଯାଉଛି। ବିଭିନ୍ନ ବୟସ ବର୍ଗରେ ମ୍ୟାଚ ଅନୁଷ୍ଠିତ ହେଉଛି। ସତ୍ୟବ୍ରତ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ରାଇଜିଂ ଷ୍ଟାର କ୍ଲବ ୨-୦ ଗୋଲରେ ଫାଓ ଏକାଡେମୀକୁ ପରାସ୍ତ କରିଥିଲା। ରାଇଜିଂ ଷ୍ଟାର ପକ୍ଷରୁ ଶୁଭମ ଦାସ ଏବଂ ସୁନୀଲ କୁମାର ଦାସ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିଡାନାସୀ ଗ୍ରାଉଣ୍ଡରେ ଆରଡୋର ଫୁଟବଲ ଏକାଡେମୀ ୪-୦ ଗୋଲରେ କିଟ ଓ କିସ୍‌କୁ ପରାସ୍ତ କରିଥିଲା। ଆରଡୋର ଏକାଡେମୀ ଅଧିନାୟକ ଶ୍ରୀଜଲ କିସ୍କୁ ହ୍ୟାଟ୍ରିକ ଗୋଲ ସ୍କୋର କରିଥିଲେ। ମେହୁଲ ଭରଦ୍ୱାଜ ଅନ୍ୟତମ ଗୋଲଟି ଦେଇଥିଲେ। ଉପରୋକ୍ତ ଦୁଇ ମ୍ୟାଚ୍ ୧୩ବର୍ଷରୁ କମ୍ ବୟସ ବର୍ଗରେ ଖେଳାଯାଇଥିଲା। ୧୫ବର୍ଷରୁ କମ୍ ବୟସ ବର୍ଗରେ ଆରଡୋର ଏକାଡେମୀ ଏବଂ କିଟ୍ ଓ କିସ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା।



## ଟି-୨୦ ବିଶ୍ୱକପ୍ ଲୋଗୋ ଉନ୍ମୋଚିତ

**ଦୁବାଇ, ୭ ।୧୨ (ଏଜେନ୍ସି):** ଆସନ୍ତାବର୍ଷ ଖେଳାଯିବାକୁ ଥିବା ପୁରୁଷ ଓ ମହିଳା ଟି-୨୦ ବିଶ୍ୱକପ୍ ଲାଗି କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ଗୁରୁବାର ଲୋଗୋ ଉନ୍ମୋଚନ କରାଯାଇଛି। ବ୍ୟାଟ୍, ବଲ୍ ଓ ଶକ୍ତିର ଏକ ସୃଜନଶୀଳ ମିଶ୍ରଣକୁ ନେଇ ବିଶ୍ୱକପ୍‌ର ଲୋଗୋକୁ ଏକ ଭିନ୍ନ ଶୈଳୀରେ ପ୍ରସ୍ତୁତ କରାଯାଇଛି। ଲୋଗୋରେ ଲେଖା ଯାଇଥିବା ଟି୨୦ ଶବ୍ଦ ବ୍ୟାଟରେ ବଲ୍ ବାଜୁଥିବାରୁ ଦର୍ଶାଉଛି। ବଲ୍ ମଧ୍ୟରେ ଏକ ସ୍ୱତନ୍ତ୍ର ଡିଜାଇନରେ ଟି୨୦ ଲେଖାଯାଇଛି, ଯାହା ଏକ ବ୍ୟାଟର ଛବିକୁ ପ୍ରତୀୟମାନ କରୁଛି। ପ୍ରକାଶଯୋଗ୍ୟ, ୨୦୨୪ ପୁରୁଷ ଟି-୨୦ ବିଶ୍ୱକପ୍ ମିଳିତ ଭାବେ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଆୟୋଜିତ ହେବ। ଜୁନ ୪ରୁ ଏହି ମେଗା ଇଭେଣ୍ଟ ଆରମ୍ଭ ହୋଇ ଜୁନ ୩୦ରେ ଫାଇନାଲ ଖେଳାଯିବ।

ଇଂଲଣ୍ଡର ପ୍ରତ୍ୟାବର୍ତ୍ତନ

## ୬ ୱିକେଟରେ ୱେଷ୍ଟଇଣ୍ଡିଜ ପରାସ୍ତ

ଆଣ୍ଟିଗୁଆ ୭ ।୧୨(ଏଜେନ୍ସି): ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ଭ୍ରମଣକାରୀ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ମ୍ୟାଚ୍‌ରେ ବିଜୟ ହାସଲ କରିଛି। ହାଇସ୍କୋରିଂ ପ୍ରଥମ ଦିନିକିଆରେ ୪ ୱିକେଟରେ ବିଜୟୀ ହୋଇଥିବା ୱେଷ୍ଟଇଣ୍ଡିଜ ଦ୍ୱିତୀୟ ମ୍ୟାଚ୍‌ରେ ଇଂଲଣ୍ଡଠାରୁ ୧୦୩ଟି ବଲ ବାକି ଥାଇ ୬ ୱିକେଟରେ ପରାଜୟ ବରଣ କରିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ ୧-୧ ବରାବର ସ୍ଥିତିରେ ପହଞ୍ଚିଛି। ତୃତୀୟ ତଥା ଅନ୍ତିମ ଦିନିକିଆ ୯ ତାରିଖ ଶନିବାର ବ୍ରିଜଟାଉନ୍‌ରେ ଖେଳାଯିବ। ଇଂଲଣ୍ଡ ୨୫ ବର୍ଷୀୟ ବାମହାତୀ ଦ୍ରୁତ ବୋଲର ସାମ କୁରାନ ୭ ଓଭର ବୋଲିଂ କରି ୩୩ ରନ ବିନିମୟରେ ୩ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ନଭେମ୍ବରର ଶ୍ରେଷ୍ଠ ଖେଳାଳି

## ଦୌଡ଼ରେ ସାମି, ମ୍ୟାକ୍ସୱେଲ, ହେଡ୍

**ଦୁବାଇ, ୭ ।୧୨ (ଏଜେନ୍ସି):** କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ନଭେମ୍ବର ମାସର ଶ୍ରେଷ୍ଠ ଖେଳାଳି ଲାଗି ୩ଜଣ କ୍ରିକେଟର୍‌ଙ୍କ ନାମ ସୁପାରିସ କରାଯାଇଛି। ଏହି ସମ୍ମାନଜନକ ପୁରସ୍କାର ଦୌଡ଼ରେ ରହିଥିବା ୩ଜଣ ଖେଳାଳି ହେଲେ ଭାରତର ମହମ୍ମଦ ସାମି ଏବଂ ଦୁଇ ଅଷ୍ଟ୍ରେଲୀୟ ଗ୍ଲେନ ମ୍ୟାକ୍ସୱେଲ ଓ ଟ୍ରାଭିସ୍ ହେଡ୍। ଭୋଟିଂ ଆଧାରରେ ଏହି ସଂକ୍ଷିପ୍ତ ତାଲିକାରୁ ନଭେମ୍ବର ମାସର ଶ୍ରେଷ୍ଠ ଖେଳାଳି ବିଜେତା ଘୋଷଣା କରାଯିବ।

ନିକଟରେ ଶେଷ ହୋଇଥିବା ଦିନିକିଆ ବିଶ୍ୱକପ୍‌ରେ ମହମ୍ମଦ ସାମି ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ରହିଥିଲେ। ଏହି ଭେଟେରାନ ଦ୍ରୁତ ବୋଲରଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଭାରତ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଅଳ୍ପକେ ଚାମ୍ପିଅନ ହେବାରୁ ବଞ୍ଚିତ ହୋଇଥିଲା। ସାମି ବିଶ୍ୱକପ୍‌ରେ ୭ ପାଳିରୁ ୨୪ ୱିକେଟ୍ ଅକ୍ତିଆର କରିଥିଲେ। ସେହିଭଳି ଆଘାତଜନିତ ସମସ୍ୟା ଲାଗି ବିଶ୍ୱକପ୍‌ର ପ୍ରାରମ୍ଭିକ ମ୍ୟାଚ୍ ଖେଳିପାରି ନ ଥିବା ଟ୍ରାଭିସ ହେଡ୍‌ଙ୍କ ନିକଟରୁ ଶେଷ ଭାଗରେ କିନ୍ତୁ ବେଶ୍ ପ୍ରଭାବୀ ବ୍ୟାଟିଂ ଦେଖିବାକୁ ମିଳିଥିଲା। ନଭେମ୍ବରରେ ସେ ୫ଟି ଦିନିକିଆ ମ୍ୟାଚରୁ ୨୨୦ ରନ କରିଥିଲେ। ଯେଉଁଥିରେ ଗୋଟିଏ ଶତକ ଓ ଅର୍ଦ୍ଧଶତକ ରହିଛି। ଏପରିକି ବିଶ୍ୱକପ୍‌ର ସେମିଫାଇନାଲ ଓ ଫାଇନାଲରେ ତାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ବାଂଲା-କିୱି ଦ୍ୱିତୀୟ ଟେଷ୍ଟ

## ବର୍ଷାରେ ଧୋଇଗଲା ଦ୍ୱିତୀୟ ଦିବସ

**ଢାକା, ୭ ।୧୨ (ଏଜେନ୍ସି):** ଘରୋଇ ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ସ୍ଥାନୀୟ ଶେର୍ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ଚାଲିଥିବା ଅନ୍ତିମ ତଥା ୨ୟ ଟେଷ୍ଟର ଦ୍ୱିତୀୟ ଦିବସ ଖେଳ ଗୁରୁବାର ବର୍ଷା ଲାଗି ଧୋଇଯାଇଛି। ଲଗାଣ ବର୍ଷା କାରଣରୁ ଦିବସରେ ୯୦ ଓଭର ମଧ୍ୟରୁ ଗୋଟିଏ ମଧ୍ୟ ବଲ୍ ପଡ଼ିପାରି ନ ଥିଲା। ପୂର୍ବରୁ ପ୍ରଥମ ଦିବସରେ ୧୫ ୱିକେଟ୍ ପତନ ସହ ବୋଲର୍‌ଙ୍କ ରାଜ ଦେଖିବାକୁ ମିଳିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ପ୍ରଥମ ପାଳିରେ ୧୭୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ନ୍ୟୁଜିଲାଣ୍ଡ ବୁଧବାର ଷ୍ଟମ୍ପ ସୁଦ୍ଧା ୫ ୱିକେଟ୍‌ରେ ମାତ୍ର ୫୫ ରନ କରିଥିଲା।

ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଯୋଗେଶ୍ୱରଙ୍କୁ ୪ ୱିକେଟ୍

## ଓଡ଼ିଶା ବିଜୟର ନିକଟତର

**କଟକ, ୭।୧୨(ସମିସ):** ଆସାମର ମାଙ୍ଗଲଡୋଇ ସ୍ପୋର୍ଟସ ଆସୋସିଏସନ ଷ୍ଟାଡିୟମରେ ଚାଲିଥିବା ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ତ୍ରିପୁରା ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଇନିଂସ୍ ବିଜୟ ନିକଟତର ହୋଇଛି। ତ୍ରିପୁରାର ପ୍ରଥମ ଇନିଂସ୍ ୮୨ରନ ଜବାବରେ ବୁଧବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୫ ୱିକେଟ ହରାଇ ୯୧ରନ କରିଥିଲା। ଗୁରୁବାର ମ୍ୟାଚ୍‌ର ଦ୍ୱିତୀୟ ଦିବସରେ ଅବଶିଷ୍ଟ ୫ ୱିକେଟ ବିନିମୟରେ ଦଳ ୧୩୩ରନ ଯୋଡ଼ିଥିଲା। ଓଡ଼ିଶାର ଇନିଂସ୍ ୨୨୪ରନରେ ସୀମିତ ରହିଥିଲା। ରେହାନ ଖାନ ୫୭ରନ ଏବଂ ରୁଦ୍ର ମଲ୍ଲିକ ୪୬ରନ କରିଥିଲେ। ତ୍ରିପୁରାର ରିୟାଦ ହୁସେନ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ଦ୍ୱିତୀୟ ଇନିଂସ୍‌ରେ ମଧ୍ୟ ତ୍ରିପୁରା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦଳ ୮ ୱିକେଟ ହରାଇ ୬୮ ରନ କରିଛି। ଦୁଇ ୱିକେଟ ବଳକା ଥିବା ବେଳେ ତ୍ରିପୁରା ୭୪ରନ ପଛରେ ରହିଛି। ଓଡ଼ିଶାର ଯୋଗେଶ୍ୱର ବାଗ ୪ଟି ୱିକେଟ ହାସଲ କରିଛନ୍ତି। ଶୁକ୍ରବାର ମ୍ୟାଚ୍‌ର ତୃତୀୟ ଦିବସର ପ୍ରଥମ ସେସନ୍‌ରେ ଅବଶିଷ୍ଟ ଦୁଇ ୱିକେଟ ଦଖଲ କରି ଇନିଂସ୍ ବିଜୟ ଲକ୍ଷ୍ୟରେ ରହିଛି ଭ୍ରମଣକାରୀ ଓଡ଼ିଶା ଦଳ।



## କିଶୋର ଓ ଜୟପ୍ରକାଶ ପରାମର୍ଶଦାତା

କଟକ, ୭।୧୨(ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ବିଭିନ୍ନ କମିଟି ଗଠନ କରାଯାଇଛି। ସଂଘର ଗତ ସାଧାରଣ ପରିଷଦ ବୈଠକରେ ସଭାପତି ପ୍ରଣବ ପ୍ରକାଶ ଦାସ ଏବଂ ସମ୍ପାଦକ ସଞ୍ଜୟ ବେହେରା କମିଟି ଗଠନ ନେଇ ଘୋଷଣା କରିଥିଲେ। ଗୁରୁବାର ଏ ନେଇ ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

### ଗଠନ ହେଲା ଓସିଏର ବିଭିନ୍ନ କମିଟି

ଓସିଏର ଅର୍ଥ କମିଟିରେ ଉପେନ୍ଦ୍ର ଦାସ, ସୌର୍ଯ୍ୟ ରଞ୍ଜନ ପରିଜା, ରବି ଶଙ୍କର ପ୍ରତିହାରୀ, ସରୋଜ କୁମାର ସାହୁ, ଶୁଭାଶିଷ ସାହୁ ରହିଛନ୍ତି। ଟୁର୍ଣ୍ଣାମେଣ୍ଟ କମିଟିରେ ବିରେନ୍ଦ୍ର କୁମାର ବେହେରା, ସୁଶାନ୍ତ ମହାନ୍ତି, ପ୍ରଦୀପ ସେଠୀ, ଶିବବ୍ରତ ମଲ୍ଲିକ, ଗୌତମ ଗଜପତି, ସମ୍ବିଧାନ ଓ ଅନୁବନ୍ଧନ କମିଟିରେ ଜନାର୍ଦ୍ଦନ ଦାସ, ନଳିନୀକାନ୍ତ ଦାସ, ଦୁଲାଲ ଚନ୍ଦ୍ର ପ୍ରଧାନ, ବିଜୟ ଦାସ, ସଚ୍ଚିଦାନନ୍ଦ ଖାଡାଙ୍ଗା, ଶୃଙ୍ଖଳା କମିଟିରେ ଜଗମୋହନ ପଟ୍ଟନାୟକ, ମେହତାବ ଖାନ, ଯୁଗଳ କିଶୋର ସାମଲ, ସଂଗ୍ରାମ କିଶୋର ଗୁମାନସିଂହ, ସୁଧାଂଶୁ ଭୂଷଣ ମିଶ୍ର ରହିଛନ୍ତି। ସେହିପରି ଟୁର୍, ମ୍ୟାଚ୍‌ସୂଚୀ ଓ ବୈଷୟିକ କମିଟିରେ ଶୁଭାଶିଷ ସେନାପତି, ରବୀନ୍ଦ୍ର କୁମାର ଦାସ, ଗଗନେନ୍ଦୁ ଦାଶ, ସୁଜିତ କୁମାର ପ୍ରଧାନ, ସତବୀର ସିଂହ ରହିଛନ୍ତି। ଆର୍ବିଟେସନ କମିଟିରେ ବଙ୍କିମ ଦାସ, ଶିବ ପ୍ରସାଦ ତ୍ରିପାଠୀ, ତଡିତ କୁମାର ରାଉତ, ଅର୍ଜୁନ ତ୍ରିପାଠୀ, ରଘୁନନ୍ଦନ ପାଢ଼ୀ, କ୍ରିକେଟ ପରାମର୍ଶଦାତା କମିଟିରେ କିଶୋର ମାଣିଆ, ଅଜିତ ଜୟପ୍ରକାଶ, ଚିନ୍ମୟାନନ୍ଦ ଜେନା ରହିଛନ୍ତି। ଓସିଏ କ୍ଲବ କମିଟିରେ ଆଶୀର୍ବାଦ ବେହେରା, ଅଧୀପ ଦାସ, ଧୀରେନ ପଲାଇ, ଅନୁପ ପାତ୍ର, ଓସିଏ ଏକାଡେମୀ କମିଟିରେ ବିଜୟ ଦାସ, ନିର୍ବାଣ ରାୟ, ନୃସିଂହ ଚରଣ ଚୌଧୁରୀ, ସନ୍ତୋଷ ଦାସ, ଭିତ୍ତିଭୂମି କମିଟିରେ ଧୀରେନ ପଲାଇ, ରବି ନାରାୟଣ ପଣ୍ଡା, ଅମିତ ବେହେରା, କ୍ୟାମ୍ପ ଆଡମିନ ମ୍ୟାନେଜମେଣ୍ଟ କମିଟିରେ ଦେବାଶିଷ ପାଢ଼ୀ, ଅନୀଲ ବିଶ୍ୱାଳ ଓ ବିସିସିଆଇ ଟୁର୍ ଏବଂ ଫିକ୍ସଚର କମିଟିରେ ହରି ନାରାୟଣ ପୂଜାରୀ ରହିଛନ୍ତି।

VAJIRAO IAS ACADEMY
India's Premier Coaching Institute for Civil Services (IAS/OAS)
We congratulate
The IAS Topper -2022
KASTURI PANDA
AIR - 67
UPSC CSE - 2022
From Bhubaneswar Branch
Attend Daily Quiz Competition at Odisha State Bookfair
STALL No. Q1
at Exhibition Ground, Bhubaneswar
From 1st Dec to 10th Dec | 6pm - 9pm
To Win
Up to 90%
*T & C Apply
Scholarship On
IAS / OAS Full Course
120+ SELECTIONS in OCS-2021
CONTACT US
7682823980 / 81
www.vajiraoiasacademy.com

ADMISSION OPEN - 2023 -24
Last Date of On Line Choice Filing
Dt : 11th Dec. 2023
DIVINE INSTITUTE OF MEDICAL SCIENCE & RESEARCH DIMSAR
AT - PODA ASTIA, BARIPADA, MAYURBHANJ
UNDER DIVINE INSTITUTE OF ENGINEERING AND TECHNOLOGY (A PUBLIC CHARITABLE TRUST)
B.SC. NURSING 4 Years Eligibility +2 Science with Biology
G.N.M. 3 Years Eligibility ANM / +2 Science / Arts / Com.
Affiliated with Odisha Nurses & Midwives Examination Board (ONMEB) and Odisha University of Health & Science.
100% Placement
Avail Free Coaching for AIMS / OSSC / Nursing Officer Exam
Stipend Available for SC & ST Students
7008261824, 8249299161, 8917596017, 7873763825, 7008102151

manishri
Refractories & Ceramics Pvt. Ltd.
50+ YEARS
OUR PRODUCTS:
• Bricks • Monolithic • Special Refractories • Accessories
INDUSTRY APPLICATIONS:
• Iron & Steel • Aluminium • Cement
• Glass & Ceramic • Zinc & Copper
• Petroleum & Petrochemicals
• Fertilizer & Chemicals
We provide the following services in the field of refractory.
• Refractory Lining Design • Turnkey Installation • Application and Maintenance of Refractory Lining Jobs
• Hot Repairs and Remedies • Inspection and Testing • Product Development
Works & Registered Office
Madhupatna, Cuttuck- 753010, Odisha, India
Phone: 91-671-2344544, 2344728, 2344390
E-mail: mohantysatyajit@hotmail.com/info@manishri.com
Website: www.manishri.com

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର